# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ପୁରୀ ଦଳାଚକଟା ଘଟଣାରେ ମର୍ମାହତ | ୬



ପିଲାଦିନର କଷ୍ଟ ବଖାଣିଲେ ଶ୍ରୀଲୀଳା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୯୦ Vol. 22 No-90 30 JUNE 2025 MONDAY, BHUBANESWAR ସୋମବାର, ୩୦ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ସ୍ଥଗିତ

ଭୁବନେଶ୍ୱର, ୨୯।୬(ଭାସ୍କର ନ୍ୟୁଜ): ଚଳିତ ମାସ ୩୦ ତାରିଖ ସୋମବାର ୟୁନିଟ୍-୨ ଅଶୋକନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନିର୍ବାଯ୍ୟ କାରଣବଶତଃ ସ୍ଥଗିତ ରଖାଯାଇଛି। ପରବର୍ତ୍ତୀ ଶୁଣାଣିର ତାରିଖ ଓ ସମୟ ସଂପର୍କରେ ପରେ ଜଣାଇ ଦିଆଯିବ। ଅନଲାଇନରେ ପଞ୍ଜିକରଣ କରିଥିବା ଜନସାଧାରଣଙ୍କ ଅଭିଯୋଗ ପରବର୍ତ୍ତୀ ଶିବିରରେ ଗ୍ରହଣ କରାଯିବ।


### ଶାଶ୍ୱତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ

ଭୁବନେଶ୍ୱର, ୨୯।୬(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ରବିବାର ବରିଷ୍ଠ ଆଇଏଏସ୍ ଅଧିକାରୀ ଶାଶ୍ୱତ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ଦେଇଛନ୍ତି। ଶ୍ରୀ ମିଶ୍ର ଅର୍ଥ ବିଭାଗର ପ୍ରମୁଖ ସଚିବ ସହ ଇଡ୍‌କୋର ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ଅତିରିକ୍ତ ଭାବେ ତୁଲାଇବେ। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୯୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଶ୍ରୀ ମିଶ୍ର ଢେଙ୍କାନାଳ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ। ଶ୍ରୀ ମିଶ୍ର ଓଡ଼ିଶା କ୍ୟାଡରର ଆଇଏଏସ୍ ହେବାପରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। କ୍ରୀଡ଼ା ଓ ଯୁବସେବା ବ୍ୟାପାର, ଶକ୍ତି, ଏମଏସଏମଇ ଓ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଭାବେ ମଧ୍ୟ ସେ ଦାୟିତ୍ୱ ନିର୍ବାହ କରିଛନ୍ତି। ଗତବର୍ଷ ତାଙ୍କୁ ଅର୍ଥ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଥିଲା।

ସେନ୍‌ସେକ୍ସ: ୮୪,୦୫୮.୯୦
ସର୍ବାଧିକ: ୨୯.୪ ଡିଗ୍ରୀ
ସର୍ବନିମ୍ନ: ୨୫.୮ ଡିଗ୍ରୀ

### ୨୯।୬।୨୦୨୫ ର ମତାମତ

ଚଳିତବର୍ଷ ରଥଯାତ୍ରାରେ ବିଶୃଙ୍ଖଳା ପାଇଁ କାହାକୁ ଦାୟୀ କରାଯିବା ଠିକ୍ କି?




### ଆଜିର ପ୍ରସଙ୍ଗ

ଶରଧାବାଲିରେ ଅଘଟଣ ପାଇଁ ପ୍ରଶାସନିକ କଳକୁ ଦାୟୀ କରାଯିବା ଠିକ୍ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଶରଧାବାଲିରେ ଶ୍ରୀଜିଉଙ୍କୁ ଦର୍ଶନବେଳେ ଅଘଟଣ

# ଦଳାଚକଟାରେ ୩ ଶ୍ରଦ୍ଧାଳୁ ମୃତ





- ଉନ୍ନୟନ କମିଶନରଙ୍କୁ ତଦନ୍ତ ଦାୟିତ୍ୱ
- ବଦଳିଲେ ପୁରୀ ଜିଲ୍ଲାପାଳ, ଏସ୍‌ପି
- ଚଞ୍ଚଳ ରାଣା, ପିନାକ ମିଶ୍ର ନୂଆ ଜିଲ୍ଲାପାଳ, ଏସ୍‌ପି
- ଡିସିପି, କମାଣ୍ଡାଣ୍ଟ ନିଲମ୍ବିତ
- ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ରଥ ପରିଚାଳନା ଦାୟିତ୍ୱ
- ପୋଲିସ ପରିଚାଳନା ଦାୟିତ୍ୱରେ ସୌମେନ୍ଦ୍ର ପ୍ରିୟଦର୍ଶୀ
- ଦୋଷୀଙ୍କୁ ଦଣ୍ଡ ବିଧାନ କରାଯିବ: ଆଇନମନ୍ତ୍ରୀ
- ଗଜପତିଙ୍କ ଦୁଃଖପ୍ରକାଶ, ତୁରନ୍ତ ତଦନ୍ତପାଇଁ ପରାମର୍ଶ
- ମୃତକଙ୍କ ପରିବାର ପିଛା ୨୫ଲକ୍ଷ ଲେଖାଏଁ ସହାୟତା ଘୋଷଣା
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଦୁଃଖ ପ୍ରକାଶ

ପୁରୀ/ଭୁବନେଶ୍ୱର, ୨୯।୬(ଭାସ୍କର ନ୍ୟୁଜ): ରବିବାର ଭୋର୍ ସମୟରେ ପୁରୀ ଶରଧାବାଲିରେ ଦଳାଚକଟାରେ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ଏବଂ ବହୁ ଲୋକ ଆହତ ହେବା ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାର ତଦନ୍ତ ଦାୟିତ୍ୱ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ପ୍ରଦାନ କରାଯାଇଛି । ସେ ମାସକ ମଧ୍ୟରେ ତାଙ୍କର ରିପୋର୍ଟ ପ୍ରଦାନ କରିବେ। ରଥଯାତ୍ରା ସମୟରେ ବାରମ୍ବାର ବିଭ୍ରାଟ ଘଟୁଥିବାରୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରାଜ୍ୟ ସରକାର ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲଙ୍କୁ ବଦଳି କରିଛନ୍ତି। ସେମାନଙ୍କ ସ୍ଥାନରେ ଚଞ୍ଚଳ ରାଣା ନୂଆ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିବାବେଳେ ନୂତନ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ପିନାକ ମିଶ୍ର। ଅନ୍ୟପକ୍ଷରେ ଡିସିପି ଦାୟିତ୍ୱରେ ଥିବା ବିଷ୍ଣୁଚରଣ ପତି ଏବଂ କମାଣ୍ଡାଣ୍ଟ ଅଜୟ କୁମାର ପାଢୀଙ୍କୁ ଦାୟିତ୍ୱରୁ ନିଲମ୍ବିତ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ରଥ ପରିଚାଳନାର ଦାୟିତ୍ୱ ଦିଆଯାଇଥିବାବେଳେ ପୋଲିସ ପରିଚାଳନା ଦାୟିତ୍ୱ ବରିଷ୍ଠ ଆଇପିଏସ୍ ତଥା ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ପ୍ରଦାନ କରାଯାଇଛି। ତଦନ୍ତ ରିପୋର୍ଟରେ ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ତେବେ ରାଜ୍ୟ ସରକାର ମୃତକଙ୍କ ନିକଟ ସଂପର୍କୀୟଙ୍କ ପାଇଁ ୨୫ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ଅଘଟଣ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ରଥଯାତ୍ରା ଆମ ଓଡ଼ିଆ ଜାତିର ଗର୍ବ ଓ ଗୌରବ। ଏଥିରେ ସାମାନ୍ୟ ଅବହେଳାକୁ ବରଦାସ୍ତ କରାଯିବ ନାହିଁ । ସମସ୍ତ ଦାୟୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହି ଦଳାଚକଟାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଗଜପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ ରବିବାର ଭୋର ସମୟରେ ଶରଧାବାଲିରେ ଦଳାଚକଟା ଘଟି ୩ଜଣ ଭକ୍ତଙ୍କ ମୃତ୍ୟୁ ଘଟଣା ମୋତେ ବ୍ୟଥିତ କରିଛି। ଶୋକସନ୍ତପ୍ତ ପରିବାରକୁ ଗଜପତି ମହାରାଜା ସମବେଦନା ଜଣାଇବା ସହ ଏହି ଦୁର୍ଭାଗ୍ୟଜନକ ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେ ନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ ରବିବାର ଭୋର ସମୟରେ ଶରଧାବାଲିରେ ରଥ ସମ୍ମୁଖରେ ପ୍ରବଳ ଦଳାଚକଟା ହେବାରୁ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି। ଦୁଇଜଣ ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। ମୃତ୍ୟୁବରଣ • ପୃଷ୍ଠା ୫ ଦେଖନ୍ତୁ

### କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ, ସରକାର

ଭୁବନେଶ୍ୱର, ୨୯।୬(ଭାସ୍କର ନ୍ୟୁଜ): ରବିବାର ଭୋର ସମୟରେ ପୁରୀ ଶରଧାବାଲିରେ ରଥ ସମ୍ମୁଖରେ ଦଳାଚକଟାରେ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିପାଇଁ ରାଜ୍ୟବାସୀଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। ଏହି ଅବହେଳା ଅକ୍ଷମଣୀୟ ବୋଲି ଶ୍ରୀ ମାଝୀ କହିଛନ୍ତି। ସେ କହିଛନ୍ତି, ସୁରକ୍ଷା ଅବହେଳାର ତ୍ୱରିତ ତଦନ୍ତ କରାଯିବ। ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ପୁଣି କହିଥିଲେ ଯେ ମୁଁ ଓ ମୋ ସରକାର ଜଗନ୍ନାଥପ୍ରେମୀଙ୍କ ନିକଟରେ ଏଭଳି ଅକ୍ଷମଣୀୟ ଅବହେଳା ପାଇଁ କ୍ଷମା ପ୍ରାର୍ଥନା କରୁଛୁ। ଯେଉଁ ଶ୍ରଦ୍ଧାଳୁମାନଙ୍କ ଜୀବନଦୀପ ଲିଭିଯାଇଛି ସେମାନଙ୍କ ପରିବାରକୁ ସମବେଦନା ଜଣାଇବା ସହ ଏଭଳି ଏକ ଦାରୁଣ ଦୁଃଖକୁ ସହିବା ନିମନ୍ତେ ମହାପ୍ରଭୁ ଜଗନ୍ନାଥ ଶକ୍ତି ଦେବାପାଇଁ ପ୍ରାର୍ଥନା କରୁଛୁ ବୋଲି ଶ୍ରୀ ମାଝୀ କହିଥିଲେ।

## ■ ମୋଦୀଙ୍କ ମନ୍ କି ବାତ୍ ■

# ଯୋଗ ଏକ ସ୍ଲୋଗାନ ନୁହେଁ, ଏକ ଦିଗ



ନୂଆଦିଲ୍ଲୀ, ୨୯।୬: ଯୋଗ କେବଳ ଏକ ସ୍ଲୋଗାନ ନୁହେଁ। ଏହା ଏକ ଦିଗ। ଏହା ଆମକୁ ବସୁଧୈବ କୁଟୁମ୍ବକମ୍‌ର ଅନୁଭୂତି ପ୍ରଦାନ କରିଥାଏ। ଯୋଗ ଦିବସର ଭବ୍ୟତା ଲୋକଙ୍କୁ ପ୍ରେରଣା ଯୋଗାଇବ। ଆମ ମନର ଧାର୍ମିକ ଭାବନା ଯାତ୍ରାଗୁଡ଼ିକର ଆତ୍ମା ବୋଲି ରବିବାର ୧୨୩ତମ ମନ୍ କି ବାତ୍‌ରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମୋଦୀ କହିଥିଲେ, ତୀର୍ଥଯାତ୍ରାଗୁଡ଼ିକ ଶରୀରର ଅନୁଶାସନର, ମନର ପବିତ୍ରତାର, ପାରସ୍ପରିକ ପ୍ରେମ ଏବଂ ଭାଇଚାରାର, ଭଗବାନଙ୍କ ସହିତ ଯୋଡ଼ି ହେବାର ଏକ ମାଧ୍ୟମ। ଧାର୍ମିକ ଯାତ୍ରାଗୁଡ଼ିକ ସେବା କରିବାର ସୁଯୋଗର ଏକ ମହା ଅନୁଷ୍ଠାନ ମଧ୍ୟ ପାଲଟିଥାଏ ବୋଲି ମୋଦୀ କହିଥିଲେ। ସେ କହିଥିଲେ, ସଫଳତାରେ ନୂତନ ବିଶ୍ୱାସ ସୃଷ୍ଟି ହୁଏ। ଜନଭାଗିଦାରୀର ଶକ୍ତିଦ୍ୱାରା ବଡ଼ ବଡ଼ ବିପଦର ମୁକାବିଲା କରାଯାଇପାରେ। ମୋଦୀ ତାଙ୍କ ମନ କି ବାତରେ ଜରୁରିକାଳୀନ ପରିସ୍ଥିତି ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଜରୁରିକାଳୀନ ପରିସ୍ଥିତି ଲାଗୁ କରିଥିବା ଲୋକ କେବଳ ସମ୍ବିଧାନର ହତ୍ୟା କରିନଥିଲେ ବରଂ ନ୍ୟାୟପାଳିକାକୁ ନିଜର ଦାସ କରି ରଖିଥିଲେ। ସେତେବେଳେ ଲୋକଙ୍କୁ ବହୁତ ନିର୍ଯାତନା ଦିଆଯାଇଥିଲା ଯାହାକୁ କେବେ ବି ଭୁଲି ହେବ ନାହିଁ । ହଜାର ହଜାର ଲୋକଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ଉପରେ ଅମାନବୀୟ ଅତ୍ୟାଚାର ମଧ୍ୟ କରାଯାଇଥିଲା। ଇତିମଧ୍ୟରେ ଜରୁରିକାଳୀନ ସ୍ଥିତିର ୫୦ବର୍ଷ ପୂରଣ ହୋଇଛି। ଦେଶବାସୀ ସମ୍ବିଧାନ ହତ୍ୟା ଦିବସ ମଧ୍ୟ ପାଳନ କରିଛନ୍ତି। ମୋଦୀ ଆହୁରି କହିଥିଲେ ଯେ ସକାଳର • ପୃଷ୍ଠା ୫ ଦେଖନ୍ତୁ

## ଆଡପମଣ୍ଡପରେ ତିନି ଠାକୁର

# ଆଜିଠୁ ମିଳିବ ଆଡପ ଅବଢ଼ା







ପୁରୀ, ୨୯।୬ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିର ଛାଡି ବଡଦାଣ୍ଡରେ ମାନବୀୟ ଲୀଳାଖେଳା କଲେ ମହାପ୍ରଭୁ । ଶନିବାର ନିର୍ଦ୍ଧାରିତ ସମୟ ରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା ତିନି ରଥ । ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀତିକାନ୍ତି ପରେ ଆଜି ଆଡ଼ପମଣ୍ଡପ ବିଜେ ନୀତି ଅନୁଷ୍ଠିତ ହୋଇଯାଇଛି । ରତ୍ନସିଂହାସନରେ ଦର୍ଶନ ଦେଉଥିବା ମହାବାହୁ ଜନ୍ମବେଦୀରେ ଦର୍ଶନ ଦେବେ ଶ୍ରଦ୍ଧାଳୁଙ୍କୁ । ସଂଧ୍ୟାରେ ଚତୁର୍ଦ୍ଧାମୂର୍ତ୍ତି ଜନ୍ମବେଦୀକୁ ପହଣ୍ଡିରେ ବିଜେ କରିଥିଲେ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ହୋଇଥିଲା ଅପୂର୍ବ ମିଳିନ । ରଥାରୁଢ଼ ଶ୍ରୀଜିଉମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡପମଣ୍ଡପକୁ ବିଜେ କରିଛନ୍ତି । ରବିବାର ୨. ୪୫ରେ ସନ୍ଧ୍ୟା ଧୂପ ସରିବା ପରେ ୩. ୨୫ରେ ଘୋଡାଫିଟା, ଚାରମାଳ ବନ୍ଧା ହୋଇଥିଲା। ପରେ ୬. ୪୦ରେ ମୁଦିରସ୍ତଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତି ଙ୍କୁ ପୁଷ୍ପାଞ୍ଜଳି ଦେବା ପରେ ମହାପ୍ରଭୁ ଗୋଟି ପହଣ୍ଡିରେ ଆଡପମଣ୍ଡପକୁ ବିଜେ କରିଥିଲେ । ପ୍ରଥମେ ମଦନ ମୋହନ ଓ କୃଷ୍ଣ ବଳରାମ ଆଡପମଣ୍ଡପକୁ ୬ଟା ୫୨ରେ ପହଣ୍ଡି ଆରମ୍ଭ ହୋଇଥିଲା । ପରେ ସୁଦର୍ଶନଙ୍କ ପହଣ୍ଡି ୭ଟା ୭ରେ ଆରମ୍ଭ ହୋଇଥିଲା । ବଳଭଦ୍ରଙ୍କ ପହଣ୍ଡି ୭ଟା ୨୮ରେ ଆରମ୍ଭ ହୋଇଥିଲା । ମା ସୁଭଦ୍ରାଙ୍କ ପହଣ୍ଡି ୮ଟା ୨୨ରେ ଆରମ୍ଭ ହୋଇଥିଲା । ଶେଷରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଡ଼ପ ମଣ୍ଡପ ବିଜେ ପହଣ୍ଡି ୮ଟା ୫୮ ରେ ଆରମ୍ଭ ହୋଇଥିଲା । ଏହି ଦୃଶ୍ୟ ଅତ୍ୟନ୍ତ ମନମୁଗ୍ଧକର ହୋଇଥିଲା । ରବିବାର ନିର୍ଦ୍ଧାରିତ ସମୟର ପ୍ରାୟ ୨ ଘଣ୍ଟା ବିଳମ୍ବ ରେ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ । ଶନିବାର ସମସ୍ତ ନୀତିକାନ୍ତି ଠିକ ସମୟ ରେ ଶେଷ ହେବାରୁ ଦର୍ପଦଳନ, ତାଳଧ୍ୱଜ ଓ ନନ୍ଦିଘୋଷ ରଥ ଆସି ଶରଧାବାଲିରେ ପହଞ୍ଚି ଯାଇଥିଲା । ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ପହଞ୍ଚିଥିଲା । ଏହାପରେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଟାଣି ଟାଣି ଶରଧାବାଲିରେ ପହଞ୍ଚାଇଥିଲେ ଭକ୍ତ । ଶେଷରେ ପହଞ୍ଚିଥିଲା ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ । ତିନି ରଥ ଉପରେ ହିଁ ତିନି ଦିଅଁ ରାତିରେ ରହିଥିଲେ । ପରେ ରଥ ଉପରେ ତିନି ଦିଅଁଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ଭକ୍ତଙ୍କ ହରିବୋଲ, ଜୟ ଜଗନ୍ନାଥ ଡାକରେ ପ୍ରକମ୍ପିତ ହୋଇ ଉଠୁଛି ଚତୁର୍ଦ୍ଦିଗ । ଭକ୍ତ ବିନୋଦିଆ କାଳିଆ ଠାକୁରଙ୍କୁ ଦେଖି • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଶରଧା ବାଲିରେ ଦଳାଚକଟାରେ
ଶ୍ରଦ୍ଧାଳୁଙ୍କ ପ୍ରାଣ ଗଲା
ମହାପ୍ରଭୁ କାହିଁ ନିଷ୍ଠୁର ହେଲ ହେ
ସଂସାର ଉଜୁଡ଼ି ଗଲା
କାହିଁକି ଏମିତି ହେଲା
ଦୋଷାଦୋଷ ଯଦି ଥିବ ମହାପ୍ରଭୁ
କ୍ଷମା କରିଦିଅ ଭଲା...।

## ଭାରତୀୟ ପାଣିପାଗ ବିଭାଗର ସୂଚନା

# ସାରା ଦେଶରେ ପହଞ୍ଚିଲା ମୌସୁମୀ

ନୂଆଦିଲ୍ଲୀ, ୨୯।୬: ଚଳିତବର୍ଷ ନିର୍ଦ୍ଧାରିତ ସମୟର ୯ ଦିନ ପୂର୍ବରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସାରା ଦେଶକୁ ଛୁଇଁଛି। ଏ ନେଇ ରବିବାର ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ। ପ୍ରତିବର୍ଷ ସାଧାରଣତଃ ଜୁଲାଇ ୮ ତାରିଖରେ ସାରା ଦେଶରେ ମୌସୁମୀ ପହଞ୍ଚିଥାଏ। ଏବର୍ଷ ମଧ୍ୟ ମୌସୁମୀ ପ୍ରାୟ ଏକସପ୍ତାହ ପୂର୍ବରୁ କେରଳ ଉପକୂଳ ଛୁଇଁଥିଲା। ଭାରତୀୟ ପାଣିପାଗ ବିଭାଗ କହିଛି ଯେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରବିବାର ସାରା ଦେଶକୁ ଆଚ୍ଛାଦିତ କରିଛି। ୯ ଦିନ ପୂର୍ବରୁ ଏହା ଆସିଥିବାରୁ ଭଲ ବର୍ଷାର ମଧ୍ୟ ସମ୍ଭାବନା ରହିଛି। ଆଗାମୀ ୯ ଦିନ ପାଇଁ ଉତ୍ତର-ପଶ୍ଚିମ, ମଧ୍ୟ, ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଝାଡ଼ଖଣ୍ଡ ଏବଂ ଓଡ଼ିଶାର କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ • ପୃଷ୍ଠା ୫ ଦେଖନ୍ତୁ

## ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

# ଶିଶୁବାଟିକାରେ ନିୟୋଜିତ ହେବେ ଶିଶୁ ସେବିକା



ଭୁବନେଶ୍ୱର, ୨୯।୬ (ଭାସ୍କର ନ୍ୟୁଜ): ରାଜ୍ୟର ଶିଶୁ ବାଟିକାରେ ନିୟୋଜିତ ହେବେ ଶିଶୁ ସେବିକା। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ଶିଶୁ ସେବିକାମାନେ ଶିଶୁବାଟିକାର ଛୋଟ ପିଲାମାନଙ୍କୁ ସହାୟତା ଯୋଗାଇଦେବା ସହିତ ଶିକ୍ଷକମାନଙ୍କ ଉପରେ ରହୁଥିବା ଅଣଶିକ୍ଷା କାର୍ଯ୍ୟର ବୋଝ ହାଲ୍‌କା କରିବାରେ ସହାୟକ ହେବେ । ତେଣୁ ଶିକ୍ଷକମାନେ କେବଳ ଶିକ୍ଷା ଉପରେ ଦୃଷ୍ଟି କେନ୍ଦ୍ରିତ କରିପାରିବେ । ଏହାଦ୍ୱାରା ପ୍ରାକ୍-ପ୍ରାଥମିକ ଶ୍ରେଣୀରେ ପିଲାଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ ରାଜ୍ୟର ୪୫ ହଜାର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ଠାରୁ ଶିଶୁବାଟିକା ଖୋଲାଯାଇଛି । ଏଥିରେ ୫ରୁ ୬ ବର୍ଷ • ପୃଷ୍ଠା ୫ ଦେଖନ୍ତୁ

# ବିଜେପି ରାଜ୍ୟ ସଭାପତି ନିର୍ବାଚନ ସ୍ଥଗିତ



ଭୁବନେଶ୍ୱର, ୨୯।୬(ଭାସ୍କର ନ୍ୟୁଜ): ସୋମବାରଠାରୁ ବିଜେପିର ସାଙ୍ଗଠନିକ ନିର୍ବାଚନ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ କରାଯିବା ନେଇ ଯେଉଁ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଥିଲା, ସେଥିରେ ରୋକ୍ ଲାଗିଛି । ଏହି ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ପୁରୀ ଶରଧାବାଲିରେ ଘଟିଥିବା ଅଘଟଣରେ ରାଜ୍ୟ ବିଜେପି ମର୍ମାହତ ହୋଇଥିବାରୁ ଏହି ନିର୍ବାଚନକୁ ସ୍ଥଗିତ ରଖାଯାଇଥିବା ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ସେ କହିଛନ୍ତି, ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ ଡକ୍ଟର କେ.ଲକ୍ଷ୍ମଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହାକୁ ସ୍ଥଗିତ ରଖାଗଲା। ତେବେ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ସହ ଆଲୋଚନା ପରେ • ପୃଷ୍ଠା ୫ ଦେଖନ୍ତୁ



ଆଳି (ଭାସ୍କର ନ୍ୟୁଜ):ଶିଶୁ ଶ୍ରମିକ ନିରାକରଣ ସଚେତନତା ପକ୍ଷ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ରବୀନ୍ଦ୍ର କୁମାର ମଲ୍ଲିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶିଶୁ ଶ୍ରମିକ ଆଇନ ସମ୍ବନ୍ଧୀୟ ପୋଷ୍ଟର,ବ୍ୟାନର,ପ୍ଲାକାର୍ଡ,ପ୍ରଚାରପତ୍ର ଧରି ଶୋଭାଯାତ୍ରା କରାଯାଇଥିଲା । ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଇଥିଲା । ଶୋଭାଯାତ୍ରାରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦନାଭ ମହାମାନସିଂ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନରମା ସ୍ୱାଇଁ,ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କାଉଁସିଲର କନକଲତା ବେହେରା,ଲିଗାଲ୍ କମ ପ୍ରୋବେସନ୍ ଅଫିସର ବିବେକାନନ୍ଦ ଅତୁବୁଢ଼ୀ ସମେତ କେନ୍ଦ୍ରାପଡା ଓ ମାର୍ଶାଘାଇର ଶ୍ରମ ବିଭାଗର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ । ଶୋଭାଯାତ୍ରା କେନ୍ଦ୍ରାପଡ଼ା ମୁନିସିପାଲିଟି ଅଞ୍ଚଳ ପରିକ୍ରମା କରିଥିଲା ।

## ବସ୍-କଣ୍ଟେନର ଧକ୍କା, ୧୫ ଆହତ

ସମ୍ବଲପୁର (ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅଧୀନରେ ଥିବା ବଡରମା ଘାଟିରେ ଏକ ଯାତ୍ରୀବାହୀ ବସ କୁଚିଣ୍ଡାରୁ ସମ୍ବଲପୁର ଯାଉଥିବା ବେଳେ ଏକ କଣ୍ଟେନର ଟ୍ରକ ସହ ମୁହାଁ ମୁହିଁ ଧକ୍କା ହେବା ଫଳରେ ୧୩ ଜଣ ଆହତ ହୋଇଥିବା ବେଳେ କଣ୍ଡକ୍ଟର ଏବଂ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡିଛି। ବସରେ ସମୁଦାୟ ୪୩ ଯାତ୍ରୀ ରହିଥିଲେ। ଦୁର୍ଘଟଣା ଘଟିଥିବା ସ୍ଥାନକୁ ଦମକଳବାହିନୀ ପହଞ୍ଚି ଉଦ୍ଧାର କରି ଆହତ ମାନଙ୍କୁ ଆମ୍ବୁଲାନ୍ସ ଜରିଆରେ କୁଚିଣ୍ଡା ମେଡିକାଲ କୁ ପଠାଯାଇଥିଲା ।ଘଟଣା ସ୍ଥଳରେ ଜମନକିରା ପୋଲିସ ପହଞ୍ଚି ଯାନବାହାନ ନିୟନ୍ତ୍ରଣ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲେ।

## ଲକ୍ଷ୍ମୀପୁରରେ ପୁଣି ଚୋରି, ପୋଲିସ ନାଚାର

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଚୋରି ଥମିବାର ନାଁ ନେଉନଥିବା ବେଳେ ପୋଲିସ ନାଚାର ହୋଇ ପଡିଛି। ଗତ ତିନି ଦିନ ତଳେ ଏକ ଅଙ୍ଗନବାଡି କେନ୍ଦ୍ରର ତାଲା ଭାଙ୍ଗି ଏଲଇଡି ଟିଭି ଚୋରି ହୋଇଥିବା ବେଳେ ଦୁଇ ମାସ ତଳେ ପୂର୍ତ୍ତ ବିଭାଗର ଜଣେ ରାତ୍ର ଜଗୁଆଳିଙ୍କ ଘରେ ଏଲଇଡ଼ି ଟିଭି ସହ କିଛି ସାମଗ୍ରୀ ଚୋରି ସହ ଜଣେ ସାମ୍ବାଦିକ ଙ୍କ ଘରୁ ଦିନ ଦିପହର ରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିଲା। ଏହା ପରେ ବିରିଗୁଡା ଛକ ଠାରେ ଜଣେ ଆଦିବାସୀ ମହିଳାଙ୍କ ଠାରୁ ସୁନା ଅଳଙ୍କାର କେହି ଦୁର୍ବୃତ୍ତ ଏକ ବାଇକରେ ଆସି ଜୋର ଜବରଦସ୍ତ ଟାଣିକି ନେଇଯିବାର ଅଳ୍ପ କିଛି ଦିନ ବିତି ଯାଇ ଥିବା ବେଳେ ଆଜି ପୁଣି ଏକ ବନ୍ଦ ଘର ଦୁର୍ବୃତ୍ତଙ୍କ ହାବୁଡ଼ରେ ପଡିଛି। ଘର ମାଲିକ ଓଡିଶା ଖଣି ନିଗମରେ ଚାକିରିକରୁଥିବା ବେଳେ ସିଏ ନିଜ ଘର ରାଉରକେଲା ଯାଇ ଆଜି ଫେରି ଆସିଛନ୍ତି। ତେବେ ତାଙ୍କ ଘରେ ଚୋର କଳା କାନ ବୁଲାଇ ଥିବା ସେ ଜାଣିବାକୁ ପାଇଛନ୍ତି। ଏ ନେଇ ତାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ନେଇ ଲକ୍ଷ୍ମୀପୁର ଥାନାରେ ଅଭି ଯୋଗ କରିଥିବା ଜଣା ପଡିଥିବା ବେଳେ ଲକ୍ଷ୍ମୀପୁର ପୋଲିସର ନିଦ ହଜି ଯାଇଛି। ଲକ୍ଷ୍ମୀପୁର ବ୍ଲକରେ ଦିନକୁ ଦିନ ଚୋରି ଡକାୟତି ବଢୁଥିବା ବେଳେ ଅଞ୍ଚଳବାସୀ ଏକ ପ୍ରକାର ଭୟଭୀତ ହୋଇ ପଡିଛନ୍ତି। ଏ ଯାଏଁ ପୋଲିସ ଦୁର୍ବୃତ୍ତଙ୍କ ଟେର ପାଇ ନଥିବା ବେଳେପୋଲିସ ପାଟ୍ରୋଲିଂ ବଢ଼ାଇବାକୁ ସାଧାରଣରେ ଦାବି ହୋଇଛି।


MANAPPURAM FINANCE LTD.

## ନିଲାମୀ ସୂଚନା

CIN : L65910KL1992PLC006623
Registered Office: W - 4/ 638A, Manappuram House, P.O. Valapad, Thrissur - 680 567, Kerala, India

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 16.07.2025 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବଳିଦର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ ପ୍ରଦର୍ଶିତ କରାଯିବ ।

ବନ୍ଧକ ସୂଚୀ :

ଅନୁଗୁଳ, ଆଠମଲିକ, 138810700007926, 8151, 138810730008899, 8946, 8950, 9004, 9023, 9026, 9038, 9051, ବଅଁରପାଳ, 136160700021074, 1141, 1172, 1176, [illegible]
133420700037868, 8063, 8076, 8084, 8087, 8097, 8160, 8179, 133420730034840, 4871, 4952, 4966, 5079, 5119, 5152, 5227, 5340, 5396, 5403, 5420, 5426, 5461, 5482, [illegible]
1627, 1707, 1801, 1821, 1839, 1842, 110850730056116, 6262, 6303, 6357, 6484, 6487, 6488, 6489, 6517, 6521, 6578, 6597, 6598, 6606, 6673, 6711, 6762, 6771, 6787, [illegible]
7111, 110850780000260, ବଲାଙ୍ଗିର , ବଲାଙ୍ଗୀର, ଓଡ଼ିଶା, 127480700060968, 1031, 127480730020154, 0390, 0696, 0697, 0735, 0737, 0743, 0813, 1016, 127480780000239, [illegible]
1492, 1690, 1862, 1863, 1881, 1922, 1984, 2074, 2099, 2100, 2101, 2113, ପଟ୍ଟନାଗଡ଼, 138760730055617, 6060, 6195, ଟିଟିଲାଗଡ଼, 137970700005234, 5266, 5307, [illegible]
ରୋଡ୍, ବାଲେଶ୍ୱର, 132010700037872, 7973, 8035, 8093, 8102, 8227, 132010730031427, 1455, 1623, 1625, 1627, 1699, 1730, 1731, 1732, 1791, 1793, 1794, 1881, 1958, [illegible]
6337, 6375, 6385, 6447, 134990730048610, 8757, 8890, 9072, 9074, 9104, 9116, 9143, 9144, 9200, 9201, 9202, 9204, 9218, 9219, 9265, 9295, 9297, 9301, 9302, 9345, [illegible]
9690, 9691, 9692, 9694, 9695, 9697, 9698, 9707, 9795, ଜାଜପୁର, ଓଡ଼ିଶା, 133310700024816, 4829, 4853, 4859, 4863, 4899, 4938, 133310730034192, 4196, 4372, 4373, [illegible]
2233, 2244, 134530730028968, 8983, 9104, 9155, 9156, 9164, 9165, 9173, 9174, 9176, 9177, 9184, 9211, 9212, 9219, 9222, 9231, 9238, 9241, 9242, 9265, 9266, 9277, [illegible]
2437, 2439, 2441, 2447, 2487, 126810730048777, 8846, 8867, 8972, 9002, 9003, 9010, 9011, 9105, 9106, 9154, 9158, 9163, 9180, 9181, 9190, 9200, 9233, 9303, 9318, [illegible]
112340700075438, 5625, 5714, 5738, 5760, 5778, 5779, 5805, 112340730076989, 7301, 7345, 7387, 7393, 7455, 7462, 7526, 7539, 7552, 7553, 7555, 7584, 7585, 7586, [illegible]
8119, 8122, 8142, 8158, 8173, 8174, 8175, 8176, 8185, 8187, 8192, 8230, 112340780000558, ସୋରୋ ଷ୍ଟେସନ୍ ରୋଡ୍, 137580700005788, 5858, 5869, 5885, 5896, [illegible]

[illegible]

5148, 5170, 5183, 5187, 5195, 5199, 5200, 139310730013698, 3863, 3929, 3980, 3988, 3989, 3991, 4168, 4174, 4187, 4245, 4253, 4254, 4255, 4256, 4258, 4259, 4260, 4282, 4319, 4320, 4324, 4383, 4384, 139310780000142, ରାୟଗଡ଼ା, 137870700005606, 5630, 5668, 5682, 5687, 5688, 5691, 137870730014797, 4980, 5017,
5030, 5031, 5040, 5041, 5102, 5110, 5144, 5181, 5203, 5237, 5240, ଷ୍ଟେସନ୍ ରୋଡ୍, ଗୁଣୁପୁର, 138900700005542, 5639, 5712, 5732, 5741, 5742, 5746, 5771, 138900730008850, 8882, 8942, 8967, 9128, 9134, 9137, ସମ୍ବଲପୁର, ଅଇଁଠାପାଲ୍ଲୀ, ସମ୍ବଲପୁର, 129150700044933, 4991, 5006, 5101, 5172, 5182, 5261, 129150730031203, 1385,
1486, 1592, 1593, 1664, 1711, 1726, 1744, 1759, 1819, ଧନୁପାଲି, ସମ୍ବଲପୁର, 128210700046856, 6858, 6885, 128210730021715, 1759, 1842, 1867, 1936, 2131, 2158, 2261, 2264, 2295, 2308, 2314, 2316, 2319, 2320, 2327, 2328, 2342, 2344, 2353, 2355, 2366, 2371, 2373, 2384, 2401, 2417, 2436, 2451, 2452, 2466,
128210780000125, କ୍ଷେତ୍ରାଜପୁର, ସମ୍ବଲପୁର, 139450700005939, 5945, 5970, 5995, 5999, 6000, 6001, 6031, 6032, 6034, 139450730005450, 5514, 5567, 5568, 5569, 5575, 5583, 5584, ରେଙ୍ଗାଲି, 138870700006960, 138870730025023, 5029, ସୁନ୍ଦରଗଡ, ଫର୍ଟିଲାଇଜର୍ ଟାଉନ୍ ରାଉରକେଲା, 138260700010725, 0775, 0896, 138260730011931,
2025, 2046, 2131, 2132, 2307, 2376, 2377, 2394, 2417, 2495, 2524, 2567, 2586, 2603, 2604, 2640, 2665, 2746, 2748, କୋଏଲ୍ ନଗର, ଓଡ଼ିଶା, 123590700065809, 5901, 5921, 6015, 6070, 6107, 6140, 6154, 6189, 123590730049938, 123590730050314, 0449, 0478, 0505, 0506, 0607, 0608, 0611, 0647, 0658, 0704, 0706, 0723,
0782, 0783, 0784, 0786, 0789, 0791, 0811, 0860, 0864, 0865, 0872, 0873, 0896, 0928, 0939, 0950, 0984, 0987, 123590750000385, 0393, ରାଜଗାଙ୍ଗପୁର, ସୁନ୍ଦରଗଡ଼, 137590700007909, 137590730028587, 8652, 8666, 8668, 8669, 8670, 8732, 8733, 8779, 8780, 8793, ରାଉରକେଲା, ଓଡ଼ିଶା, 122490700079296, 9301, 9398, 9420, 9469,
9490, 9530, 122490730043633, 3800, 4687, 4688, 4697, 4726, 4733, 4753, 4762, 4770, 4781, 4784, 4787, 4801, 4813, 4814, 4903, 4910, 4922, 4923, 4928, 4933, 4947, 4954, 4980, 4991, 5002, 5004, 5047, 5048, 5049, 5050, 5051, 5072, 5074, 5081, 5082, 5156, 5158, 5188, 5191, ସୁନ୍ଦରଗଡ଼ – ହସ୍ପିଟାଲ୍ ରୋଡ୍, 118860700061617,
1647, 1791, 1867, 1928, 118860730031917, 1918, 1929, 1998, 2036, 2086, 2114, 2164, 2206, 2207, 2256, 2346, 2353, 2369, 2370, 2375, 2419, 2422, 2440, 2465, 2504, 2510, 2519, 2520, 2528, 2529, 2551, 2600, 2613, ଭେଦବ୍ୟାସ, ରାଉରକେଲା, 139460700003239, 3279, 3286, 139460730006853, 6877, 6928, 6974, 6975, 6977,
6984, 6986, 6987, 6988, 6989, 6993, 7009, 7037, 7040,

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :– ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/– ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 8089292353 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ମଣପୁରମ୍ ଫାଇନାନ୍ସ ଲିମିଟେଡ ଉଦେଶ୍ୟରେ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କଳ ସମ୍ମିଳନୀର କାର୍ଯ୍ୟନିର୍ବାହୀ ସମିତି ବୈଠକ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟରେ ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ମନ୍ମଥ ପାଢୀ ଓ ବିପିନି ବିହାରୀ ବାରିକଙ୍କ ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ମିଳନୀର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିବା ସହିତ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । କୋଷାଧକ୍ଷା ସୌଦାମିନୀ ସାମନ୍ତରାୟ ଆର୍ଥିକ ବିବରଣୀ ପାଠ କରିଥିଲେ । ଉତ୍କଳ ସମ୍ମିଳନୀର ଉପଦେଷ୍ଟା ପଦ୍ମ ଚରଣ ନାୟକ ବାର୍ଷିକ ବିବରଣୀ ପୁସ୍ତକ ଉନ୍ମୋଚନ କରିଥିଲେ । କଟକରୁ ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ରବି ରଞ୍ଜନ ସାହୁ ଇଦ୍‌ଗା ପଡିଆ ପାଇଁ ଉଦ୍‌ବେଗ ପ୍ରକାଶ କରିଥିଲେ । ଉତ୍କଳ ସମ୍ମିଳନୀର ସାଧାରଣ ଅଧିବେଶନ ଓ ନିର୍ବାଚନ ଗଞ୍ଜାମ ଜିଲ୍ଲା ରମ୍ଭାରେ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା ।

## ଜଳ ସମ୍ପଦ ବିଭାଗ ଦ୍ୱାରା ବନ୍ୟା ସ୍ଥିତି ତଦାରଖ

# ୨୪ ଘଣ୍ଟିଆ ବନ୍ୟା ନିୟନ୍ତ୍ରଣ କକ୍ଷରୁ ସ୍ଥିତି ଅନୁଧ୍ୟାନ





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଝାରଖଣ୍ଡ ରାଜ୍ୟ ଏବଂ ଓଡ଼ିଶାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଲଗାଣ ବର୍ଷା ହେତୁ ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଓ ଜଳକା ନଦୀମାନଙ୍କରେ ଜଳସ୍ତର ବୃଦ୍ଧି ପାଉଛି । ଅପରାହ୍ଣ ୩ ଟା ସୁଦ୍ଧା ସୁବର୍ଣ୍ଣରେଖା ନଦୀରେ ରାଜଘାଟ ଠାରେ ଜଳସ୍ତର ୮.୪୧ ମିଟର ରହିଥିଲା । ଏହାର ବିପଦ ସଂକେତ ସ୍ତର ହେଉଛି ୧୦.୩୬ ମିଟର। ସେହିପରି, ବୁଢାବଳଙ୍ଗ ନଦୀରେ ଗୋବିନ୍ଦପୁର ଠାରେ ଜଳସ୍ତର ୬.୯୪ ମିଟର ରହିଛି । ଏହାର ବିପଦ ସଂକେତ ସ୍ତର ୮.୧୩ ମିଟର। ସେହିପରି ଜଳକା ନଦୀରେ ମାଥାନୀରେ ଠାରେ ଜଳସ୍ତର୬.୬୫ ମିଟର ଥିବା ବେଳେ ଏହାର ବିପଦ ସଂକେତ ସ୍ତର ହେଉଛି ୬.୫୦ ମିଟର। ଏହି ପରିପ୍ରେକ୍ଷୀରେ, ସୁବର୍ଣ୍ଣରେଖା ନଦୀରେ ଆଜି ମଧ୍ୟ ରାତ୍ର ୧୨ ଟା ସୁଦ୍ଧା ସର୍ବୋଚ୍ଚ ବନ୍ୟା ଜଳ ୧୧.୨୫ ମିଟର ସ୍ତରରେ ପ୍ରବାହିତ ହେବାର ଆଶା କରାଯାଉଛି । ସେହିପରି ବୁଢାବଳଙ୍ଗ ନଦୀରେ ଆସନ୍ତା କାଲି ୩୦ ତାରିଖ ସକାଳ ୯ ସୁଦ୍ଧା ୮.୨୦ ମିଟର ଏବଂ ଜଳକାନଦୀରେ ଆଜି ୨୯ ତାରିଖ ସଂଧ୍ୟା ୬.୦୦ ରେ ୬.୮୨ ମିଟର ସର୍ବୋଚ୍ଚ ବନ୍ୟାଜଳ ପ୍ରବାହିତ ହେବାର ଆଶା କରାଯାଉଛି । ରାଜ୍ୟ ଜଳ ସଂପଦ ବିଭାଗର ସେଚ୍ ସଦନ ଠାରେ ଥିବା ବନ୍ୟା ନିୟନ୍ତ୍ରଣ କକ୍ଷ ୨୪ ଘଂଟିଆ କାର୍ଯ୍ୟ କରୁଛି ଏବଂ ସ୍ଥିତିକୁ ଏଠାରୁ ସତର୍କତାର ସହ ତଦାରଖ କରାଯାଉଛି । ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏଥିପାଇଁ ତଳିଆ ଅଞ୍ଚଳରେ ଥିବା ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରଣ ଏବଂ ଆବଶ୍ୟକ ରିଲିଫ୍ କାର୍ଯ୍ୟ ପରିଚାଳନା ପାଇଁ ସତର୍କ କରାଯାଇଛି । କ୍ଷେତ୍ରସ୍ତରରେ ସ୍ଥିତି ଅନୁଧ୍ୟାନ ଓ ତଦାରଖ କରିବା ଏବଂ ସମ୍ଭାବ୍ୟ ବନ୍ୟା ସ୍ଥିତି ପରିଚାଳନାରେ ସହାୟତା ପାଇଁ ଜଳ ସଂପଦ ବିଭାଗର ଜଣେ ସର୍ବୋଚ୍ଚ ଯନ୍ତ୍ରୀ ପାହ୍ୟାର ଯନ୍ତ୍ରୀ ଏବଂ ଅନ୍ୟ ଜଣେ ମୁଖ୍ୟଯନ୍ତ୍ରୀ ତ୍ୱରିତ ବାଲେଶ୍ୱର ଗସ୍ତ କରିଛନ୍ତି ।



ରାଜ୍ୟ ଅଭିଲେଖାଗାର ପ୍ରେକ୍ଷାଳୟରେ ରାଜ୍ୟ ଗଜପତି ଗୌରବ ଦିବସ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ

## ବାହୁଡ଼ା ଯାତ୍ରା ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ

କଟକ(ଭାସ୍କର ନ୍ୟୁଜ୍): ପୁରୀରେ ଘଟିଯାଇଥିବା ଅଘଟଣକୁ ଦୃଷ୍ଟିରେ ରଖି ଚାନ୍ଦିନୀଚୌକ ଜଗନ୍ନାଥ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ମନ୍ଦିର ପରିଚାଳନା ସମିତି ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଛି । ଆଜି ଏହି ପରିପ୍ରେକ୍ଷୀରେ ଅପରାହ୍ନ ୫ ଘଟିକା ସମୟରେ ଗୁଣ୍ଡିଚା ମନ୍ଦିରଠାରେ ପରିଚାଳନା ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସମିତିର କାର୍ଯ୍ୟକାରୀ ସଭାପତି ଭିକାରୀ ଦାସ ଅଧକ୍ଷତା କରିଥିଲେ । ଗୁଣ୍ଡିଚା ଭଳି ବିଭିନ୍ନ ଦେବା-ଦେବୀଙ୍କ ପୀଠରେ ଭୋଗଲାଗି ହେବା ସହ ମାଉସୀ ମା’ ମନ୍ଦିରରେ ମଧ୍ୟ ପୋଡ଼ପିଠା ଭୋଗଲାଗି ହେବ । ୧ ତାରିଖ ହେରାପଞ୍ଚମୀରେ ମା’ ଲକ୍ଷ୍ମୀଙ୍କ ଚାନ୍ଦି ପାଲିଙ୍କିରେ ଜଗନ୍ନାଥ ମନ୍ଦିରରୁ ସନ୍ଧ୍ୟା ୭ଟାରେ ଶୋଭାଯାତ୍ରାରେ ବାହାରି ରଥ ପରିକ୍ରମା ମାର୍ଗ ଅତିକ୍ରମ କରି ରାତ୍ର ୯ ଘଟିକା ମଧ୍ୟରେ ଗୁଣ୍ଡିଚା ମନ୍ଦିରରେ ପହଁଚିବ ବୋଲି ବୈଠକରେ ସ୍ଥିର କରାଗଲା । ଏହି ବୈଠକରେ ପରିଚାଳନା ସମିତିର ସଭାପତି-ଯୁଧିଷ୍ଠିର ସିଂହ, ସାଧାରଣ ସମ୍ପାଦକ ପ୍ରତାପ କିଶୋର ସିଂହ ଓ କର୍ମକର୍ତ୍ତା ବିଶ୍ୱନାଥ ଦାସ, ବିଜୟ ବେହେରା, ପ୍ରଦୀପ ସିଂହ, କେ. ଭାସ୍କର ରାଓ, ବିଜୟ ଦଳେଇ, ଦିଲ୍ଲୀପ ପ୍ରଧାନ, ଅଜୟ ଦାସ, ରମେଶ ବେହେରା, ଅସିତ ମହାନ୍ତି, ମଦନ ବେହେରା, ଶଶୀକାନ୍ତ ହୋତା, ବିଜୟ ପ୍ରଧାନ, ଦିଲ୍ଲୀପ ଦଳେଇ, ଆନନ୍ଦ ଦାସ, ଲୋକନାଥ ଦାସ, ଶେଷଦେବ ମହାରଣା, ସତ୍ୟପ୍ରକାଶ ଦାସ, କୃଷ୍ଣଚନ୍ଦ୍ର ମହାପାତ୍ର ଓ ସୁକା’ ଦାସଙ୍କ ସମେତ ଦଇତାପତି ସେବାୟତ ନିଯୋଗର ସଦସ୍ୟମାନେ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ ।

### ବହୁ ଆଡ଼ମ୍ବରରେ ଲଘୁକ୍ରିୟା: ନିରଞ୍ଜନ

## ଲୋକଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଶ୍ରୀ ଗୁଣ୍ଡିଚା ରଥଯାତ୍ରାର ଚରମ ବିଶୃଙ୍ଖଳ ଓ ଶ୍ରଦ୍ଧାଳୁମାନଙ୍କ ମୃତ୍ୟୁ ସମ୍ବାଦ ଭୀଷଣ ଆଘାତ ଦେଇଛି। ଯେଉଁ ଶ୍ରଦ୍ଧାଳୁମାନେ ମୃତ୍ୟୁବରଣ କଲେ, ସେମାନଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବାକୁ ମୋର ଭାଷା ନାହିଁ। ଭକ୍ତମାନେ କାହିଁ କେତେ ଦୂରରୁ କଷ୍ଟ ସ୍ୱୀକାର କରି ରଥରେ ତିନିଠାକୁରଙ୍କୁ ଦର୍ଶନ କରିବାକୁ ଆସିଥିଲେ। ସେମାନଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ କରାଇବାକୁ ସରକାର ଅକ୍ଷମ ହେବା ଜାଣି ମୁଁ ଆଚାର୍ଯ୍ୟ ହେଉଛି। ସରକାର ଅନଭିଜ୍ଞ କିନ୍ତୁ ବ୍ୟବସ୍ଥା ତ ଅନଭିଜ୍ଞ ନୁହେଁ। ସେହି ବ୍ୟବସ୍ଥାରେ ସମନ୍ୱୟ ରକ୍ଷା କରି ପ୍ରତିବର୍ଷ ଶୃଙ୍ଖଳାର ସହ ମହାପ୍ରଭୁଙ୍କ ରଥଯାତ୍ରା ସମ୍ପନ୍ନ ହୁଏ। ଚଳିତ ଥରର ଏପରି ଅବ୍ୟବସ୍ଥା ଓ ଅଘଟଣ ଦର୍ଶାଉଛି ସରକାରଙ୍କର ବିଭିନ୍ନ ବିଭାଗ ଭିତରେ ସମନ୍ୱୟ ନାହିଁ। କେହି କାହାକୁ ମାନିବା ଅବସ୍ଥାରେ ନାହାନ୍ତି। ଯାହାର ଫଳ ସ୍ୱରୂପ ତିନୋଟି ଅମୂଲ୍ୟ ଜୀବନ ଗଲା ଓ ଅନେକ ଲୋକ ଭୀଷଣ ଭାବେ ଆହତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସରକାରଙ୍କ କୁପରିଚାଳନା ଯୋଗୁଁ ବାରବାଟୀରେ କ୍ରିକେଟ ଖେଳବେଳେ ଆମ ରାଜ୍ୟର ଦୁର୍ନାମ ହୋଇଥିଲା। ଏବେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଭକ୍ତ ମୃତାହତ ଯୋଗୁଁ ଆମେ ସାରା ବିଶ୍ୱରେ ନିନ୍ଦିତ ହେଲୁ। ଏଥିପାଇଁ ସରକାର ଉତରଦାୟୀ ହୋଇ ଓଡ଼ିଶାର ଜନସାଧାରଣଙ୍କୁ କ୍ଷମା ମାଗିବା ପରିବର୍ତ୍ତେ ରାଜନୈତିକ ବୟାନ ଦେବା ଅତ୍ୟନ୍ତ ଦୁଃଖ ଦାୟକ କଥା। ପ୍ରଥମେ ସରକାରର ମୁଖ୍ୟ ଜଗନ୍ନାଥଙ୍କ ପାଖରେ ନିଜର କୁପରିଚାଳନା ଓ ଅହଂକାର ଯୋଗୁଁ କ୍ଷମା ମାଗିବାରୁ ତାଙ୍କୁ ଧନ୍ୟବାଦ କିନ୍ତୁ ଆଗାମୀ ଦିନରେ ବାହୁଡ଼ାଯାତ୍ରା ଠାରୁ ଆରମ୍ଭ କରି ସୁନାବେଶ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟରେ କିପରି ଶୃଙ୍ଖଳା ରକ୍ଷା କରାଯାଇ ପାରିବ, ସେ ସମ୍ପର୍କରେ ଅଭିଜ୍ଞ ଲୋକଙ୍କ ସହ ଆଲୋଚନା ନ’କଲେ ଓଡ଼ିଶାବାସୀ ଆହୁରି ଦୁଃଖ ପାଇବେ। ଏହି ଘଟଣାରେ ତୁରନ୍ତ ବିଚାର ବିଭାଗୀୟ ତଦନ୍ତ କରନ୍ତୁ। ନ ହେଲେ ମହାମାରୀ ହଇଜାରେ କଳଙ୍କ ମୁଣ୍ଡାଇଥିବା ଏ ସରକାର ଆହୁରି ଅନେକ ବିପଦରେ ଓଡ଼ିଶା ଲୋକଙ୍କୁ ହନ୍ତସନ୍ତ କରିବ।


## ‘ମନ୍ କି ବାତ୍‌ରେ ଦେଶବାସୀଙ୍କ ଭାବନାକୁ ଅଭିବ୍ୟକ୍ତ କରୁଛନ୍ତି ପିଏମ୍’

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତି ମାସରେ ରାଷ୍ଟ୍ରର ଆତ୍ମାକୁ ସ୍ପର୍ଶ କରୁଛନ୍ତି। ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ଭାବନାକୁ ଅଭିବ୍ୟକ୍ତ କରୁଛନ୍ତି ବୋଲି କହିଛନ୍ତି ସାଂସଦ ପ୍ରତାପ ଷଡଙ୍ଗୀ । ଯୋଗ ଦିବସ ଅବସରରେ ବ୍ୟାପକ ପ୍ରସ୍ତୁତି ପୂର୍ବ ରେକର୍ଡ ଭାଙ୍ଗିଛି, ଏମରଜେନ୍ସି ସମୟରେ ଦେଶରେ ଯେଉଁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା ସେ ପ୍ରସଙ୍ଗରେ ଆଜି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଉଦବୋଧନ ଦେଇଛନ୍ତି। ତୀର୍ଥ ଯାତ୍ରା, ଦେଶକୁ ଶସ୍ୟସାମଳା କରିବା ଦିଗରେ ପଦକ୍ଷେପ ଦେଶବାସୀଙ୍କ ଏକତ୍ରି କରଣ ଦ୍ୱାରା ବିକସିତ ଭାରତ ଦିଗରେ ତଥ୍ୟ ପ୍ରାମାଣିକ ଉଦାହରଣ ଦେଇ ମନ୍ କି ବାତ୍ ରେ ଦେଶବସୀଙ୍କୁ ପ୍ରଧାନ ମନ୍ତ୍ରି ଆଜି ଉଦବୋଧନ ଦେଇଛନ୍ତି। ପ୍ରଧାନ ମନ୍ତ୍ରୀଙ୍କ ଏହି ମନ୍ କି ବାତ୍ ପ୍ରତ୍ୟକ୍ ମାସରେ ଦେଶବାସୀଙ୍କୁ ପ୍ରେରଣା ଦେବ ନିଶ୍ଚୟ ବୋଲି ସେ କହିଛନ୍ତି ।

## ଦଳାଚକଟାରେ ମୃତ୍ୟୁକୁ ନେଇ ଆଇନମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶ୍ରୀକ୍ଷେତ୍ରରେ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ସମୟରେ ଠେଲାପେଲା ଯୋଗୁଁ ୩ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦୁଃଖିତ ଏବଂ ମର୍ମାହତ ବୋଲି କହିଛନ୍ତି। ମହାପ୍ରଭୁଙ୍କ ନିକଟରେ ପରଲୋକଗତ ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସେ କହିଛନ୍ତି ଏପରି ଦୁଃଖଦ ସମୟକୁ ସାମ୍ନା କରିବା ପାଇଁ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମହାପ୍ରଭୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ। ଆହତଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇବାକୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ବ୍ୟବସ୍ଥା କରଯାଇଛି। ଏଥିସହ ସମସ୍ତ ଆହତ ବ୍ୟକ୍ତିଙ୍କ ଆଶୁଆରୋଗ୍ୟ କାମନା କରୁଛନ୍ତି ମନ୍ତ୍ରୀ ।

## ପୁରୀ ଠେଲାପେଲା ଘଟଣାରେ ଦୁଃଖ ପ୍ରକାଶ କଲେ ନବୀନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୁରୀ ଠେଲାପେଲା ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସୋସିଆଲ ମିଡିଆରେ ନବୀନ କହିଛନ୍ତି ଯେ, ପୁରୀ ଶରଧାବାଲିରେ ମହାପ୍ରଭୁଙ୍କ ସକାଳ ଦର୍ଶନ ସମୟରେ ଭୀଷଣ ଦଳାଚକଟା ଘଟଣାରେ ପ୍ରାଣ ହରାଇଥିବା ୩ ଜଣ ଭକ୍ତଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି। ଏବଂ ଏହି ଦୁଃଖଦାୟକ ଘଟଣାରେ ଆହତ ହୋଇଥିବା ସମସ୍ତ ଭକ୍ତଙ୍କ ଆଶୁଆରୋଗ୍ୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ରଥଯାତ୍ରାରେ ଅଭାବନୀୟ ଭିଡ଼ ପରିଚାଳନା ପାଇଁ ଅନେକ ଭକ୍ତ ଆହତ ହୋଇଥିବା ବେଳେ ଏହାର ମାତ୍ର ଦିନକ ପରେ ପୁଣି ଆଜିର ଅଘଟଣ ଦର୍ଶାଉଛି, ଶ୍ରଦ୍ଧାଳୁଙ୍କ ପାଇଁ ଏକ ଶାନ୍ତି ତଥା ଭାବପୂର୍ଣ୍ଣ ରଥଯାତ୍ରା ସୁନିଶ୍ଚିତ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀମାନେ କହୁଛନ୍ତି, ଏହି ଭୟାବହ ଅଘଟଣ ଘଟିବା ସମୟରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ କୌଣସି ସରକାରୀ ବ୍ୟବସ୍ଥା ସେଠାରେ ନଥିଲା; ଯାହା ଦାୟିତ୍ୱରେ ଚରମ ଅବହେଳାକୁ ଦର୍ଶାଉଛି। ନବୀନ କହିଛନ୍ତି ଯେ, ରଥଯାତ୍ରା ଦିନ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଟାଣିବାରେ ଅହେତୁକ ବିଳମ୍ବ ହେଲା, ହେଲେ ସରକାର ଅତି ସହଜରେ ଏହାକୁ ‘ମହାପ୍ରଭୁଙ୍କ ଇଚ୍ଛା’ ବୋଲି କହି ଦାୟିତ୍ୱରୁ ମୁହଁ ଫେରାଇ ନେଲେ। ଏପରି ଅଭାବନୀୟ ଉକ୍ତି ପ୍ରଶାସନର ଦାୟିତ୍ୱହୀନତାକୁ ଢାଙ୍କିବା ବ୍ୟତୀତ ଆଉ କିଛି ବି ନୁହେଁ। ଏହାକୁ ସରକାରଙ୍କ ଚରମ ଅପରାଧିକ ଅବହେଳା ବୋଲି ମୁଁ କହୁ ନ’ଥିଲେ ବି, ସରକାରଙ୍କ ବେଖାତିର ମନୋଭାବ ତଥା ସମ୍ବେଦନହୀନ ଆଚରଣ ହିଁ ଏପରି ଅଘଟଣର କାରଣ। ନବୀନ କହିଛନ୍ତି ଯେ, ମୁଁ ସରକାରଙ୍କୁ ଅନୁରୋଧ କରୁଛି, ଆଡ଼ପ ବିଜେ, ବାହୁଡ଼ା, ସୁନାବେଶ ତଥା ରଥଯାତ୍ରା ସମ୍ବନ୍ଧିତ ଅନ୍ୟାନ୍ୟ ରୀତିନୀତି ଯେପରି ସୁରୁଖୁରୁରେ ସମାପନ ହେବ ସେଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ସମ୍ବେଦନଶୀଳ ଭାବେ ଉଚିତ ପଦକ୍ଷେପ ଗ୍ରହଣ କରନ୍ତୁ ।




ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ନେଇ ସିପିଆଇ ଏବଂ ବିକେଏମ୍ୟୁର ବିକ୍ଷୋଭ ପ୍ରଦର୍ଶନ

## ରାଜଧାନୀରୁ ପୁଣି ଚୋରି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ଅଭିନବ ଉପାୟରେ ଚୋରି । ବରିଷ୍ଠ ନାଗରିକଙ୍କ ଘରୁ ୧୨ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି । ଏଭଳି ଘଟଣା ଘଟିଛି ତମାଣ୍ଡୋ ଥାନା କଳିଙ୍ଗ ବିହାର ଅଞ୍ଚଳରେ । କେ-୯ରେ ରହୁଥିବା ନିୟତି ଜେନାଙ୍କ ଘରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି । ମଙ୍ଗଳସୂତ୍ର, ସୁନା ଚୁଡ଼ି, କାନଫୁଲ ଓ ହୀରା ମୁଦି ଚୋରି ହୋଇଛି । ଘରର କୌଣସି କବାଟ ଭାଙ୍ଗି ନଥିବା ବେଳେ କେମିତି ଏତେ ପରିମାଣର ସୁନା ଅଳଙ୍କାର ଚୋରି ହେଲା ତାକୁ ନେଇ ସନ୍ଦେହ ଉପୁଜୁଛି । ସେପଟେ ଅଭିଯୋଗ ପରେ ଘରେ କାମ କରୁଥିବା କର୍ମଚାରୀଙ୍କୁ ପଚରାଉଚାରା କରୁଛି ତମାଣ୍ଡୋ ଥାନା ପୋଲିସ ।

## ମୃତକଙ୍କ ପରିବାର ସହ କଥା ହେଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୃତକଙ୍କ ପରିବାର ସହ କଥା ହେଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଶରଧାବାଲିରେ ଦଳାଚକଟା ଯୋଗୁଁ ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଠାନ୍ତର ଗ୍ରାମର ପ୍ରଭାତୀ ଦାସଙ୍କ ଦୁଃଖଦ ମୃତ୍ୟୁ ହୋଇଥିଲା । ଆଜି ସକାଳେ ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମୃତ ପ୍ରଭାତୀ ଦାସଙ୍କ ପୁଅ ଆୟୁଷ ଦାସଙ୍କ ସହିତ ମୁମ୍ବାଇରୁ ଫୋନ୍ ଯୋଗେ କଥା ହୋଇ ଶୋକ ବ୍ୟକ୍ତ କରିବା ସହ ଗଭୀର ସମବେଦନା ଜଣାଇଥିଲେ ।

## ଶରଧାବାଲିରେ ଦଳାଚକଟାରେ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କଲେ ଧର୍ମେନ୍ଦ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶରଧାବାଲିରେ ଦଳାଚକଟାରେ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପୁରୀ ଶରଧାବାଲିରେ ମହାପ୍ରଭୁଙ୍କ ଦର୍ଶନ କରିବା ସମୟରେ ପ୍ରବଳ ଭିଡ଼ ହୋଇଥିବା କାରଣରୁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ଖବର ଶୁଣି ମୁଁ ଚିନ୍ତିତ ଓ ମର୍ମାହତ । ରାଜ୍ୟ ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଘୋଷଣା କରିଛନ୍ତି । ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି । ମହାପ୍ରଭୁ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ, ଏହା ହିଁ ମୋର ପ୍ରାର୍ଥନା ।

### ଶିବାନନ୍ଦ ଶତବାର୍ଷିକୀ ବିଦ୍ୟାଳୟରେ ଯୌନ ନିର୍ଯାତନା ମାମଲା

## ସ୍ୱୀକୃତି ପ୍ରତ୍ୟାହାର ନିର୍ଦ୍ଦେଶ ଦେଲେ ଓଏଚ୍‌ଆର୍‌ସି ଅଧକ୍ଷ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖଣ୍ଡଗିରି ସ୍ଥିତ ଶିବାନନ୍ଦ ଶତବାର୍ଷିକୀ ବିଦ୍ୟାଳୟରେ ଛାତ୍ର ମାନଙ୍କୁ ନୃଶଂସ ଭାବରେ ମାଡ଼ ମରାଯାଉଥିବା ଏବଂ କିଛି ଛାତ୍ରଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଘଟଣା ସାରା ରାଜ୍ୟରେ ଚହଳ ପକାଇ ଦେଇଥିଲା । ଏହା ରାଜ୍ୟର ପ୍ରମୁଖ ଗଣମାଧ୍ୟମରେ ଏହି ସ୍ପର୍ଶକାତର ଘଟଣା ପ୍ରକାଶିତ ହୋଇଥିଲା। ଘଟଣାକୁ ଲୋକଲୋଚନକୁ ଆଣିଥିବା ମାନବାଧିକାର କର୍ମୀ ତଥା ନେସନାଲ ପ୍ୟାରେଣ୍ଟ ଫେଡେରେସନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏବଂ ମାନବାଧିକାର ସାମ୍ମୁଖ୍ୟ ସଭାପତି ରମେଶ ଭାରତୀ ଉପଯୁକ୍ତ ନ୍ୟାୟ ପାଇଁ ପୋଲିସ୍ ବିଭାଗ ଏବଂ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ସଚିବଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିଲେ, କିନ୍ତୁ ତଦନ୍ତ ବିଳମ୍ବ ହେବାଫଳରେ ଉପଯୁକ୍ତ ନ୍ୟାୟ ପାଇଁ ସେ ରାଜ୍ୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ। ଆୟୋଗ ଅଧକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୁଜାହାରି ଘଟଣାର ଉପଯୁକ୍ତ ତଦନ୍ତ ନିମନ୍ତେ ଗଣଶିକ୍ଷା ବିଭାଗର ସଚିବ ଏବଂ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗଣଶିକ୍ଷା ବିଭାଗ ତରଫରୁ ତଦନ୍ତ କରାଯାଇ ଘଟଣାର ସତ୍ୟାସତ୍ୟ ଥିଲା ଏବଂ ଘଟଣାକୁ ଚପାଇ ଦେବା ପାଇଁ କର୍ତ୍ତୃପକ୍ଷ ବ୍ୟବସ୍ଥା କରିଥିଲେ ଏବଂ ବିଭିନ୍ନ ଅନିୟମିତତା ଅଛି ବୋଲି ରିପୋର୍ଟ ଦାଖଲ କରିବା ପରେ ୪ ପର୍ଯ୍ୟାୟରେ ଶୁଣାଣୀ ପରେ ଅଧକ୍ଷ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶ ଦେବା ସହ ଆସନ୍ତା ଜୁଲାଇ ୨୮ ତାରିଖ ସୁଦ୍ଧା ନିର୍ଦ୍ଦେଶକୁ କାର୍ଯକାରୀ କରି ରିପୋର୍ଟ ଦାଖଲ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

## ଓଡିଶା ଫାର୍ମାସୀ ଅଫିସର ସଂଘର ସାଧାରଣ ସଭା

କଟକ(ଭାସ୍କର ନ୍ୟୁଜ୍): ଓଡିଶା ଫାର୍ମାସୀ ଅଫିସର ସେବା ସଂଘ କଟକ ଶାଖା ପକ୍ଷରୁ ସଭାପତି ସୁବ୍ରତ କୁମାର ଶତପଥୀଙ୍କ ଅଧକ୍ଷତାରେ କଟକ ସିଟି ହସପିଟାଲ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ସମ୍ପାଦକୀୟ ବୀବରଣୀ ପାଠ କରିଥିଲେ । ଉପଦେଷ୍ଟା ଉମେଶ ଚନ୍ଦ୍ର ସାହୁ ସାଙ୍ଗଠନିକ ବିଷୟ ଆଲୋଚନା କରିବା ସହ କୋଷାଧକ୍ଷ ନାରାୟଣ ପ୍ରସାଦ ତିୱାରୀ ୨୦୨୩ରୁ ୨୫ ପର୍ଯ୍ୟନ୍ତ ଆୟବ୍ୟୟର ବୀବରଣୀ ପାଠ କରିଥିଲେ । ଏଥିସହିତ ଫାର୍ମାସୀ ଅଫିସରଙ୍କ ଏକ କ୍ୟାଡର୍ ପୁର୍ନଗଠନ ନିମନ୍ତେ ଏକ ଚିଠି ଅଦ୍ୟବିଧୀ କାର୍ଯ୍ୟକାରୀ ହୋଇପାରିନାହିଁ । ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି । ଯଥାଶୀଘ୍ର କ୍ୟାଡରକୁ କାର୍ଯ୍ୟକାରୀ କରାଗଲେ ଓଡିଶାର ସମସ୍ତ ଫାର୍ମାସୀ ଅଫିସର ଉପକୃତ ହେବେ ବୋଲି ଦାବି କରାଯାଇଛି । ଏହି ଅବସରରେ ଅବସର ଗ୍ରହଣ କରିଥିବା ଫାର୍ମାସୀ ଅଫିସର ସନ୍ତୋଷ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ଫାର୍ମାସୀ ଅଫିସର ମଦନ ଗୋପାଳ ସେନ, ରଣଜିତ କୁମାର ସାହୁ, ଉମେଶ ଚନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ଲେଙ୍କା, ମହେନ୍ଦ୍ର କୁମାର ସାହୁ, ପ୍ରବୋଧ ପଣ୍ଡା, ଅଭିଷେକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିବା ବେଳେ ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

### ବୁଦ୍ଧାଦିତ୍ୟ ନାଏକଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

## ୪ ଲକ୍ଷ ସହାୟତା ରାଶି ଘୋଷଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦୁଝରର ବଡ଼ବିଲଠାରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ବୁଦ୍ଧାଦିତ୍ୟ ନାଏକ ପ୍ରାଣ ହରାଇଥିବା ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ସିପିଆଇ କଟକ ନଗର କମିଟି ସମ୍ମିଳନୀ

କଟକ(ଭାସ୍କର ନ୍ୟୁଜ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇର ୨୩ତମ ସମ୍ମିଳନୀ ରବିବାର ବାଖରାବାଦ ସ୍ଥିତ ଗାନ୍ଧୀ ଭବନଠାରେ ଅନୁଷ୍ଠିତ ହୋଇଯାଇଅଛି। ଲାଲ ପତାକା ଉତୋଳନ କରିଥିଲେ ବର୍ଷୀଆନ ସାଥୀ ପ୍ରଫୁଲ୍ଲ କୁମାର ତ୍ରିପାଠୀ। ସହିଦ ବେଦୀରେ ମାଲ୍ୟାର୍ପଣ ପରେ ସମ୍ମିଳନୀରେ କିଶୋର ଜେନା ଓ କୃଷ୍ଣ ପ୍ରିୟା ମହାପାତ୍ରଙ୍କୁ ନେଇ ସଭାପତି ମଣ୍ଡଳୀ ଅଧକ୍ଷତା କରିଥିଲେ। ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇସ୍କଫ ଜାତୀୟ ସମ୍ପାଦକ ବିଜୟ ପଢିହାରୀ, ଅମରେନ୍ଦୁ ମହାନ୍ତି, ସହ ସଂପାଦକ ଉଦୟ କେଶରୀ ବର୍ମା, ତ୍ରୈଲୋକ୍ୟ ନାଥ , ଜିଲ୍ଲା ସଂପାଦକ ବିନୋଦ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାର ନିର୍ବାଚନୀ ପ୍ରତିଶ୍ରୁତି ୩୦୦ ବିଜୁଳି ଶୁଳ୍କ ଛାଡ଼ ହେଲା ନାହିଁ ଅପରପକ୍ଷରେ ସ୍ମାର୍ଟ୍ ମିଟର ପ୍ରଚଳନ କରି ଗ୍ରାହକ ଶୋଷଣ କରାଯାଉଛି। ମହିଳା ମାନଙ୍କୁ ବର୍ଷକୁ ୫୦ ହଜାର ପରିବର୍ତ୍ତେ ୮୩୩ ଟଙ୍କା ଦିଆଯାଇଛି। ସମ୍ମିଳନୀରେ ଏକ ୨୭ ଜଣିଆ ଜୋନାଲ କମିଟି ଗଠନ କରାଗଲା ଓ ପ୍ରସନ୍ନ ମହାପାତ୍ର ସମ୍ପାଦକ, ସହ ସମ୍ପାଦକ ସାନନ୍ଦ ସେଠୀ ଏବଂ କୋଷାଧକ୍ଷ ରୂପେ ଅଶୋକ ତା ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ଆଲୋଚନାରେ ସୁକାନ୍ତ ବାରିକ, ସୁଶାନ୍ତ ମହାପାତ୍ର,ବିପିନ ବିହାରୀ ପାଢ଼ୀ, ଭ୍ରମରବର ସାହୁ, ସୁବାଷ ବୋଷ, ଜଗନ୍ନାଥ ମଲ୍ଲିକ, କ୍ଷୀରୋଦ ବିଶ୍ୱାଳ, ମିହିର ବିଶ୍ୱାଳ, ପ୍ରିୟ ରଞ୍ଜନ ବେହେରା, ପ୍ରଶାନ୍ତ ଦାସ, ସ୍ୱରାଜ ଲକ୍ଷ୍ମୀ ମହାପାତ୍ର,ବାସନ୍ତୀ ସ୍ୱାଇଁ, ସୁକାନ୍ତି ପଢିହାରୀ, ଅଭୟ ପଟ୍ଟନାୟକ, ବାବାଜୀ ବେହେରା, ଭାବଗ୍ରାହୀ ଦାସ, କୁଳମଣି ପଣ୍ଡା ଛବି ଖୁଣ୍ଟିଆ ଓ ରବି ସେଠୀ ଅଂଶଗ୍ରହଣ କରିଥିଲେ । ଶେଷରେ କ୍ଷୀରୋଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବିବାର ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମୀମାନେ ଏଜି ଛକଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁରୀ ରଥଯାତ୍ରା ପରିଚାଳନରେ ମହା ବିଫଳତା, ପରବର୍ତ୍ତୀ ପର୍ଯ୍ୟାୟରେ ଦଳାଚକଟା ଏବଂ ମୃତାହତ ପାଇଁ ଦାୟୀ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। ସେଠାରେ ଅଧଘଣ୍ଟା ପର୍ଯ୍ୟନ୍ତ ଧସ୍ତାଧସ୍ତି ହେବାପରେ ଯୁବ କଂଗ୍ରେସର ନେତୃବର୍ଗ ଓ କର୍ମୀମାନଙ୍କୁ ପୋଲିସ ଭ୍ୟାନ ଯୋଗେ ଉଠାଇ ନେଇଥିଲା। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ମହାପ୍ରଭୁ ଜଗନ୍ନାଥଙ୍କର ରଥଯାତ୍ରା ପରିଚାଳନାକୁ ସଂପୂର୍ଣ୍ଣ ଖାମଖିଆଲି ଢ଼ଙ୍ଗରେ କରିଛନ୍ତି। ରଥଯାତ୍ରାର ସୁପରିଚାଳନା ପାଇଁ ୨୭୫ଟି ଏଆଇ କ୍ୟାମେରା ଏବଂ ୧୦ ହଜାର ପୋଲିସ ଆୟୋଜନ କରାଯାଇଥିଲା ମାତ୍ର ଫଳ ଶୂନ। କ’ଣ ପାଇଁ ରଥଯାତ୍ରା ପରିଚାଳନା କମିଟି କରାଗଲା ନାହିଁ ବୋଲି ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି। ଆଇନ ବିଭାଗ ତରଫରୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ତଦାରଖ ଏବଂ ମାର୍ଗଦର୍ଶନ କମିଟି ଗଠନ ହେଲା। ଯାହା ଘଟିଛି ତାକୁ ଏବେ ସମସ୍ତେ ଦେଖୁଛନ୍ତି। କାଲି ସେଠାରେ ଭକ୍ତଙ୍କର ବହୁ ଭିଡ଼ ଲାଗିଥିଲେ ବି ପ୍ରଶାସନ ସଜାଗ ନଥିଲା। ହଠାତ ମହାପ୍ରଭୁଙ୍କ ପହଡ଼ ବିନା ସୂଚନାରେ ଖୋଲିଦେଲା ପରେ ଗତକାଲି ବିଳମ୍ବିତ ରାତିରେ ଦଳାଚକଟାରେ ତିନିଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ୫୦ରୁ ଉର୍ଦ୍ଧ୍ୱ ଭକ୍ତ ଆହତ ହୋଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ଯୁବ କଂଗ୍ରେସ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ପ୍ରକାଶ ମିଶ୍ର, ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, ସୁଦିପ ସାମଲ, ଅଜୟ ସାହୁ, କିରଣ ସାହୁ, ଗୋପନ ମାର୍ଥା, ଲିପିକା ପାତ୍ର, ଲକ୍ଷ୍ମିପ୍ରିୟା ନାୟକ, ଉଦିତ ପ୍ରଧାନ, ମହମ୍ମଦ ଗୁଲଫାମ, ଆଲୋକ ଦାସ ପ୍ରମୁଖ ଯୋଗଦେଇଥିଲେ।

ଓଡ଼ିଶା
ଭାସ୍କର
ସମ୍ପାଦକୀୟ



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



## ପୁଣି ଏକ ପୈଶାଚିକ ବର୍ବରତା

# କାଠଗଡ଼ାରେ ମମତା ସରକାର

ଆଜିକୁ ଠିକ୍ ଦଶମାସ ତଳର ଏକ ଘଟଣା। କୋଲକାତା ମହାନଗରୀର ଆର୍.ଜି.କର ମେଡିକାଲ କଲେଜ ଓ ହସ୍‌ପିଟାଲ ପରିସରରେ ଜଣେ ପୋଷ୍ଟ ଗ୍ରାଜୁଏଟ୍ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ନୃଶଂସ ଭାବରେ ହତ୍ୟା କରାଯିବା ଘଟଣା ସାରା ଦେଶରେ ଘୋର ଆଲୋଡନ ସୃଷ୍ଟି କରିଥିଲା। ଏହି ଘଟଣାରେ ସୁଶ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ରାଜ୍ୟର ତୃଣମୂଳ କଂଗ୍ରେସ (ଟି.ଏମ୍.ସି) ସରକାର ସ୍ଥିତି ଦୋହଲିଯାଇଥିଲା। ଏହି ଜଘନ୍ୟ ଦୁଷ୍କର୍ମ ଓ ହତ୍ୟାକାଣ୍ଡ ଘଟିବା ପରେ ପ୍ରାରମ୍ଭିକ ଅବସ୍ଥାରେ କୋଲକାତା ପୋଲିସ୍ ନିଷ୍କ୍ରିୟତା ପ୍ରଦର୍ଶନ କରିବା ସଂଗେସଂଗେ ଆର୍.ଜି. କର ମେଡିକାଲ କଲେଜର ଅଧ୍ୟକ୍ଷ ଏବଂ ଷ୍ଟାଫ୍ ଦୋଷୀଙ୍କୁ ଘଣ୍ଟ ଘୋଡାଉଥିବାର ଅଭିଯୋଗ ହୋଇଥିଲା। ଅବଶ୍ୟ ପରବର୍ତ୍ତୀ ସମୟରେ ବିରୋଧୀ ଦଳ ଏବଂ ଡାକ୍ତରୀ ସଂଗଠଗୁଡ଼ିକର ପ୍ରବଳ ଚାପ ଓ ଆନ୍ଦୋଳନ ଯୋଗୁଁ ମେଡିକାଲ କଲେଜର ଅଧ୍ୟକ୍ଷଙ୍କ ସମେତ ସଂପୃକ୍ତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ଦୁଃଖଦ ଘଟଣାର ସ୍ମୃତି ପାଶୋରି ନହେଉଣୁ ସେହି କୋଲକାତାରେ ପୁଣି ଏକ ବୀଭତ୍ସ ଗଣଦୁଷ୍କର୍ମ ମାମଲା ଦେଶବ୍ୟାପୀ ହଇଚଇ ସୃଷ୍ଟି କରିଛି। ଏଥର ମେଡିକାଲ କଲେଜ ନୁହେଁ, ଦକ୍ଷିଣ କୋଲକାତାସ୍ଥିତ ଏକ ଆଇନ କଲେଜର ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିବାର ଅଭିଯୋଗ ସାମନାକୁ ଆସିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ ଆଇନ ଛାତ୍ରୀଙ୍କୁ ନରରାକ୍ଷସମାନେ ଗଣଦୁଷ୍କର୍ମ କଲାବେଳେ ଜଣେ ସିକ୍ୟୁରିଟି ଗାର୍ଡ ସେଠାରେ ଉପସ୍ଥିତ ଥିଲେ ମଧ୍ୟ ଏହାକୁ ରୋକିବାରେ ସହଯୋଗ କରିନଥିଲେ। ଅଭିଯୁକ୍ତମାନଙ୍କ ନିର୍ଦ୍ଦେଶକ୍ରମେ ସେ ପୀଡିତାଙ୍କୁ ସେଠାରେ ଏକୁଟିଆ ଛାଡି ଗାର୍ଡରୁମ୍‌ରୁ ବାହାରି ଯାଇଥିଲେ। ପୀଡିତା ଛାତ୍ରୀ ଜଣକ ସାହାଯ୍ୟ ପାଇଁ ଆକୁଳ ପ୍ରାର୍ଥନା କରିବା ସତ୍ତ୍ୱେ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିନଥିଲେ। ଏତେ ବଡ ଘଟଣା ତାଙ୍କ ଆଖି ଆଗରେ ଘଟିଥିଲେ ମଧ୍ୟ ସେ ସଂପର୍କରେ କଲେଜ କର୍ତ୍ତୃପକ୍ଷ ବା ପୋଲସକୁ ଖବର ନଦେବାର ଗୁରୁତର ଅଭିଯୋଗ ସଂପୃକ୍ତ ସିକ୍ୟୁରିଟି ଗାର୍ଡଙ୍କ ବିରୋଧରେ ଅଣାଯାଇଛି ଏବଂ ପଚରାଉଚରା ପରେ ତାଙ୍କୁ ଗିରଫ କରାଯାଇଛି। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ରାଜ୍ୟର କ୍ଷମତାସୀନ ତୃଣମୂଳ କଂଗ୍ରେସର ଜଣେ ନେତା ଏହି ବୀଭତ୍ସକାଣ୍ଡର ମୁଖ୍ୟ ଖଳନାୟକ ହୋଇଥିବାବେଳେ ଅନ୍ୟ କେତେକ ମଧ୍ୟ ଏଥିରେ ସଂପୃକ୍ତ ଅଛନ୍ତି। ଅଭିଯୁକ୍ତ ଟିଏମ୍‌ସି ନେତା ଏବଂ କଲେଜର ସିକ୍ୟୁରିଟି ଗାର୍ଡ ସମେତ ୪ ଜଣଙ୍କୁ ଏ ଯାବତ୍ ଗିରଫ କରାଯାଇଛି। ଗଣଦୁଷ୍କର୍ମ ଘଟଣାର ତଦନ୍ତ ନିମନ୍ତେ କୋଲକାତା ପୋଲିସ ଏକ ୫ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍.ଆଇ.ଟି) ଗଠନ କରିଛି। ରାଜ୍ୟରେ ବର୍ଷକରୁ କମ୍ ସମୟ ମଧ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏହି ଘଟଣାକୁ ନେଇ ରାଜନୀତି ଜୋର୍ ଧରିବା ସଂଗେସଂଗେ ଶାସକ ଟିଏମ୍‌ସି ଓ ମୁଖ୍ୟ ବିରୋଧୀ ଦଳ ବିଜେପି ମୁହାଁମୁହିଁ ହୋଇଛନ୍ତି। କୋଲକାତାରେ ବିଜେପି ପକ୍ଷରୁ ଏକ ବିଶାଳ ପ୍ରତିବାଦ ସମାବେଶର ଆୟୋଜନ କରାଯାଇ ମମତା ସରକାରର ଇସ୍ତଫା ଦାବି କରାଯାଇଛି ଏବଂ ଦଳ ନିଜର ଏକ ଚାରିଜଣିଆ ତଦନ୍ତ କମିଟି ଗଠନ କରି ଜୋରସୋର ଅନୁସନ୍ଧାନ ଆରମ୍ଭ କରିଛି। କେନ୍ଦ୍ରମନ୍ତ୍ରୀ ଥିବା ରାଜ୍ୟ ବିଜେପି ସଭାପତିଙ୍କୁ ପୋଲିସ ଗିରଫ କରିଥିବାର ଖବର ମିଳିଛି। ତେବେ ଏହି ସମ୍ବେଦନଶୀଳ ପ୍ରସଂଗକୁ ରାଜନୀତିରୁ ଊର୍ଦ୍ଧ୍ୱରେ ବିଚାର କରି ପ୍ରକୃତ ଅପରାଧୀଙ୍କ ବିରୋଧରେ କଠୋର ଶାସ୍ତି ବିଧାନର ଆବଶ୍ୟକତା ରହିଛି।

# ଶିକ୍ଷାର ମେରୁଦଣ୍ଡରେ ଯାନ୍ତ୍ରିକ ବକ୍ରରେଖା



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦

ବିଦ୍ୟା ଅଟଇ ମହା ଧନ ବାଳକେ କର ଉପାର୍ଜନ। ଉକ୍ତିଟିକୁ ତର୍ଜମା କଲେ ଆଜି ହୁଏତ ମନକୁ ପ୍ରଶ୍ନ ଆସେ ଉପାର୍ଜନର ସଂଜ୍ଞା ଓ ଚିନ୍ତା। ବିଦ୍ୟା ହେଉଛି ଗୋଟିଏ ଧନ ଓ ଏହାକୁ ଉପାର୍ଜନ କରାଯାଏ। ଯେହେତୁ ବିଦ୍ୟା ଏକ ଧନ ଓ ତାହାକୁ ଉପାର୍ଜନ କରାଯାଏ, ତେବେ ଉପାର୍ଜନ ଲବ୍ଧ ଯେକୌଣସି ସାମଗ୍ରୀ କଷ୍ଟ ସାଧ୍ୟ ଓ ତାହା କେବେ ସହଜରେ ମିଳେ ନାହିଁ। ତେଣୁ ଉକ୍ତ ଧନକୁ ପାଇବାକୁ ହେଲେ ଅକ୍ଳାନ୍ତ ପରିଶ୍ରମର ଆବଶ୍ୟକତା ଥାଏ। ସେଥିପାଇଁ ପ୍ରାଚୀନ ଗୁରୁକୁଳ ଆଶ୍ରମରେ ବିଦ୍ୟାର୍ଥୀ ମାନଙ୍କୁ ଗୁରୁ ବା ଶିକ୍ଷକ ପୋଥିଗତ ବିଦ୍ୟା ଦେବା ସଙ୍ଗେ ସଙ୍ଗେ ସାମାଜିକ ଆଚାର ବ୍ୟବହାର ଓ ଶାରୀରିକ ପରିଶ୍ରମ କରାଉଥିଲେ, ଯଦ୍ୱାରା ବିଦ୍ୟାର୍ଥୀ ମାନଙ୍କର ବୌଦ୍ଧିକ ବିକାଶ ହେବା ସଙ୍ଗେ ସଙ୍ଗେ ଶାରୀରିକ ସୁସ୍ଥତା ମଧ୍ୟ ରହୁଥିଲା। ସେଥିପାଇଁ ବିଦ୍ୟାର୍ଥୀକୁ କେତେ ଗୁଡିଏ ନିୟମ ପାଳନ କରିବାକୁ ପଡିଥାଏ ଓ ବିଦ୍ୟାର୍ଥୀର ଲକ୍ଷଣ ମଧ୍ୟ ବିଧି ବଦ୍ଧ ଭାବରେ ଉଲ୍ଲେଖ କରାଯାଇଅଛି ଯେ - 'କାକ ସ୍ନାନ ବକ ଧ୍ୟାନଂ ଶ୍ୱାନ ନିଦ୍ରା ତଥୈବଚ। ଅଳ୍ପହାରୀ, ଗୃହତ୍ୟାଗୀ, ବିଦ୍ୟାର୍ଥୀ ପଞ୍ଚ ଲକ୍ଷଣମ'।। ଅର୍ଥାତ – କାକ ସ୍ନାନ, ବକଧ୍ୟାନ, ଶ୍ୱାନ ନିଦ୍ରା, ଅଳ୍ପାହାରୀ, ଗୃହ ତ୍ୟାଗୀ ହେଉଛି ଜଣେ ବିଦ୍ୟାର୍ଥୀର ଲକ୍ଷଣ। ସରଳ ଭାବରେ କହିବାକୁ ଗଲେ ଜଣେ ବିଦ୍ୟାର୍ଥୀ କାଉ ଯେମିତି ଅଳ୍ପ ପାଣିରେ ଶୀଘ୍ର ସ୍ନାନ କରେ, ବଗ ଯେମିତି ଧ୍ୟାନ ବା ଏକାଗ୍ରତାର ସହ ତାର ଆହାର ପାଇଁ ନିରବଚ୍ଛିନ୍ନ ଭାବରେ ପ୍ରଚେଷ୍ଟା କରୁଥାଏ, କୁକୁର ଯେମିତି ଜାଗି ଶୋଇଥାଏ, ଜଣେ ବିଦ୍ୟାର୍ଥୀ ଠାରେ ଉକ୍ତ ଲକ୍ଷଣ ଗୁଡିକ ରହିବା ଦରକାର। ଆହୁରି ମଧ ଜଣେ ବିଦ୍ୟାର୍ଥୀ ଅଳ୍ପ ଆହାର କରି ଗୃହର ସାମାଜିକ ବନ୍ଧନକୁ ତ୍ୟାଗ କରି ବିଦ୍ୟା ଅଧ୍ୟୟନରେ ମନୋନିବେଶ କରିବା ଉଚିତ।

ପରିବର୍ତ୍ତିତ ପରିସ୍ଥିତିରେ ବର୍ତ୍ତମାନ ଉକ୍ତ ନୀତି ନିୟମର ହୁଏତ ମାନ୍ୟତା ନ ଥାଇପାରେ, ମାତ୍ର ଏହାର ଯଥେଷ୍ଟ ଆବଶ୍ୟକତା ରହିଛି। ବର୍ତ୍ତମାନର ପରିସ୍ଥିତିରେ ବିଦ୍ୟା ଅଧ୍ୟୟନ କରିବା ପାଇଁ ସରକାରୀ, ବେସରକାରୀ ସ୍ତରରେ ତଥା ଅଭିଭାବକମାନେ ପିଲାମାନଙ୍କ ପାଇଁ ଯଥେଷ୍ଟ କ୍ଷେତ୍ର ପ୍ରସ୍ତୁତ କରିଛନ୍ତି ଯାହାର ଉପାଦେୟତା ବିଦ୍ୟାର୍ଥୀମାନଙ୍କ ନିକଟକୁ ଯିବା କଥା। ବର୍ତ୍ତମାନର ପରିସ୍ଥିତିରେ ଅଭିଭାବକ ଓ ସରକାରଙ୍କର ନିର୍ଦ୍ଦେଶରେ ଶିକ୍ଷକ ପରିଚାଳିତ। ଅଭିଭାବକ ବିଦ୍ୟାର୍ଥୀଙ୍କୁ ସ୍କୁଲକୁ ପିଲାର ଶିକ୍ଷା ଦାନ ପାଇଁ ପଠାଇଥାନ୍ତି ଓ ସରକାର ସେମାନଙ୍କର ଶିକ୍ଷାଦାନ ପାଇଁ ଉଚିତ ମୂଲ୍ୟ ଦେଇଥାନ୍ତି। ତେଣୁ ଯେହେତୁ ସରକାର ମୂଲ୍ୟ ବା ପାରିଶ୍ରମିକ ଦିଅନ୍ତି, ତେଣୁ ଶିକ୍ଷାଦାନରେ ନୀତି ନିୟମ ମଧ ସରକାର କରିଥାନ୍ତି ଓ ତାହା ଉଭୟେ ଶିକ୍ଷକ ଓ ଅଭିଭାବକ ଆନନ୍ଦରେ ଗ୍ରହଣ କରିଥାନ୍ତି। କାରଣ ଉକ୍ତ ନୀତି ନିୟମ ଅଧିକାଂଶ କ୍ଷେତ୍ରରେ ଶିକ୍ଷକ, ଶିକ୍ଷାନୁଷ୍ଠାନ ଓ ଅଭିଭାବକ ମାନଙ୍କୁ ସୁହାଇଥାଏ। ଭାରତବର୍ଷରେ ସମସ୍ତ ଶିକ୍ଷାନୁଷ୍ଠାନ ବିଶ୍ୱ ମହାମାରୀର ସଂକ୍ରମଣ ଭୟରୁ ପ୍ରତିଷେଧକ ପ୍ରତିକାର ସ୍ୱରୂପ ବନ୍ଦ କରାଯାଇଥିଲା। ଏଥିପାଇଁ ଦାୟୀ ଯଦି ବା କେହି ନୁହନ୍ତି, ତଥାପି ମହାମାରୀର ବିଭତ୍ସ ଉଗ୍ର ପ୍ରଭାବ ଯଦି ଅଧିକ କେଉଁଠି ପରିଲକ୍ଷିତ ହୋଇଥାଏ, ତେବେ ତାହା ହେଉଛି ଶିକ୍ଷାନୁଷ୍ଠାନ ବା ଶିକ୍ଷା କ୍ଷେତ୍ରରେ। ଅର୍ଥନୀତିର ମେରୁଦଣ୍ଡ କିଛିଦିନ ପରେ ଅଧିକ ଶ୍ରମ, କର ଓ ବିକଳ୍ପ ବ୍ୟବସ୍ଥା ଆଦି ଦ୍ୱାରା ପୂର୍ବାବସ୍ଥାକୁ ପ୍ରତ୍ୟାବର୍ତ୍ତନ କରିପାରେ, ଶାରୀରିକ ଅସୁସ୍ଥତା ଉପଯୁକ୍ତ ଚିକିତ୍ସା କଲେ ହୁଏତ ସମୟକ୍ରମେ ଉପଶମ ହୋଇଯାଇପାରେ, ଦୁର୍ଦ୍ଦିନର ଅନ୍ଧକାର ମଧ୍ୟରେ ଗତିକରୁଥିବା ଗରିବ ଶ୍ରମିକ ଶ୍ରେଣୀ ମଧ ସଂଗ୍ରାମ କରି ଆଗକୁ ବଢିପାରେ, ବ୍ୟବସାୟ, କଳକାରଖାନା ଆଦି କ୍ଷତି ହେଲେ ମଧ ସମୟକ୍ରମେ ତାହାର ପୂର୍ବ ସ୍ଥିତିକୁ ପ୍ରତ୍ୟାବର୍ତ୍ତନ କରିପାରେ, ମାତ୍ର ଶିକ୍ଷାକ୍ଷେତ୍ରରେ ଯାନ୍ତ୍ରିକ ସହାୟତାରେ ଶିକ୍ଷାଦାନ ଶିକ୍ଷାବ୍ୟବସ୍ଥାର ମେରୁଦଣ୍ଡ ଓ ଜଣେ ବିଦ୍ୟାର୍ଥୀର ସମଗ୍ର ଭବିଷ୍ୟତ ଜୀବନକୁ ଅନ୍ଧକାର ମଧ୍ୟକୁ ଯାଇପାରେ। ଶିକ୍ଷା ଦାନର ଅନିର୍ଦ୍ଦିଷ୍ଟ ବିରତି ତଥା ପରୀକ୍ଷା ଆଦି କାର୍ଯ୍ୟକ୍ରମ ଜଣେ ଶିକ୍ଷାର୍ଥୀର ଭବିଷ୍ୟତକୁ ପରିବର୍ତ୍ତନ କରିଥାଏ ଯାହା ଦେଶ ଗଠନ କରିବାରେ ମଧ ସହାୟକ ହୋଇଥାଏ। ଶିକ୍ଷାରେ ଅନିଶ୍ଚିତତା ଓ ନୀରବତା ଅର୍ଥ ସମାଜର ସମସ୍ତ ଅସ୍ତିତ୍ୱର ପୂର୍ଣ୍ଣଚ୍ଛେଦ। ଉପଯୁକ୍ତ ଶିକ୍ଷା ହେଉଛି ଉପଯୁକ୍ତ ଦେଶ ଗଠନ କରିବାରେ ସହାୟକ ହୋଇଥାଏ। ତେଣୁ ଦେଶର ଭବିଷ୍ୟତ ବା ମେରୁଦଣ୍ଡ ହେଉଛି ଉତ୍ତମ ଶିକ୍ଷା ଓ ଶିକ୍ଷାର ଉପଯୁକ୍ତ ଉନ୍ନତି। ବାସ୍ତବତା ଓ ପ୍ରୟୋଗ ମଧ୍ୟରେ ସାମଞ୍ଜସ୍ୟ ହେଲେ ପୂର୍ଣ୍ଣତା ହୋଇଥାଏ। ବର୍ତ୍ତମାନ ମଧ ଭାରତବର୍ଷର ଅନେକ ସ୍ଥାନରେ ଦୁରସଞ୍ଚାର, ପ୍ରଯୁକ୍ତି ବିଦ୍ୟା ଆଦି ସୁବିଧା ତ ଦୂରର କଥା, ବିଜୁଳି ଆଲୁଅ, ସ୍ୱଚ୍ଛ ପାନୀୟ ଜଳ ମଧ ଉପଭୋକ୍ତା ମାନଙ୍କ ପାଇଁ ସ୍ୱପ୍ନ ହୋଇଅଛି। ସେହି ପରିସ୍ଥିତିରେ ଜ୍ଞାନ କୌଶଳରେ ଶିକ୍ଷାଦାନ ଯେ କେତେଦୂର ଗ୍ରହଣୀୟ ତାହା ବିଚାର ଯୋଗ୍ୟ। ଏକ ବିଡମ୍ବନା ଓ ସମ୍ବେଦନଶୀଳର ବିଷୟ ଯେ ବର୍ତ୍ତମାନ ଭାରତବର୍ଷରେ ବହୁ ପରିବାର ଉକ୍ତ ପ୍ରଯୁକ୍ତି ବିଦ୍ୟାର ଶିକ୍ଷା ପ୍ରଣାଳୀରେ ଶିକାର ହେଉଛନ୍ତି। କାରଣ ଉକ୍ତ ପରିବାରର ପିଲାମାନେ ଅନ୍ୟ ଶିକ୍ଷାର୍ଥୀ ମାନଙ୍କ ସମ୍ବଳକୁ ବିଚାର ନକରି ସେମାନଙ୍କ ପାଇଁ ଡିଜିଟାଲ ମୋବାଇଲର ଆବଶ୍ୟକତାକୁ ଜାହିର କରୁଛନ୍ତି ଓ ସେଥିପାଇଁ ପରିବାରରେ କଳହ ଓ ହିଂସା ବଢିବାରେ ଲାଗିଛି ଓ ସ୍ନେହ ବନ୍ଧନର ପରିବାରରେ ମୋବାଇଲ କଳହ ସୃଷ୍ଟି କରି ପ୍ରାଣ ନାଶର କାରଣ ହେଉଛି। ଉକ୍ତ ସ୍ଥିତି ବାସ୍ତବ ପୃଥିବୀରେ ଏକ ଦୁଃସ୍ୱପ୍ନର କ୍ରିୟାଶୀଳ ପ୍ରକ୍ରିୟାକୁ ଉପାଦାନ ଦେଉଅଛି। କେତେକ ଶିକ୍ଷାର୍ଥୀ ପରିବାରର ସଦସ୍ୟ ମାନଙ୍କର ଅଗୋଚରରେ ମୋବାଇଲରେ ଶିକ୍ଷା ବ୍ୟତୀତ ଆନୁସଙ୍ଗିକ ମନୋରଞ୍ଜନରେ ଲିପ୍ତ ରହି ଶିକ୍ଷାଦାନରୁ ବିରତ ହେଉଛନ୍ତି ଯାହା ଭବିଷ୍ୟତ ନିର୍ଦ୍ଧାରଣ ପାଇଁ ଏକ ଏକ ପ୍ରତିବନ୍ଧକ ସୃଷ୍ଟି ହେଉଛି ଓ ସେଥିପାଇଁ ଯଦି ପରିବାର ମଧ୍ୟରେ ଆଲୋଚନା ବା ବିଚାର ବିମର୍ଷ ହୁଏ ତେବେ ତାହା କଳହ ବା ଆତ୍ମହତ୍ୟାର ରୂପ ନେଉଛି। ପୁନଶ୍ଚ ଅତ୍ୟଧିକ ସ୍ମାର୍ଟ ଫୋନର ବ୍ୟବହାର ଶିକ୍ଷାର୍ଥୀ ମାନଙ୍କର ଶରୀର ଉପରେ ଯଥେଷ୍ଟ ଅପକାର ସୃଷ୍ଟି କରିଥାଏ ଯାହା ଭବିଷ୍ୟତ ପାଇଁ ଏକ ବଡ ଧରଣର ସମସ୍ୟାକୁ ଆମନ୍ତ୍ରଣ କରିଥାଏ। ୨୦୧୭-୧୮ ମସିହାରେ ଜାତୀୟ ନମୁନା ସର୍ବେକ୍ଷଣର ଆକଳନ ଅନୁସାରେ ଭାରତବର୍ଷରେ ୧୫% ଗ୍ରାମାଞ୍ଚଳର ପରିବାର ଇଣ୍ଟରନେଟର ବ୍ୟବହାରରେ ଅଙ୍କ ଥାନ୍ତି ଓ ସହରରେ ବାସ କରୁଥିବା ୪୨ % ପରିବାର ଉକ୍ତ ପଦ୍ଧତିକୁ ବିରୋଧ କରିଥାନ୍ତି ଯେ ଏଥିରେ ଉପକୃତ ଅପେକ୍ଷା ଅପକାରିତା ଯଥେଷ୍ଟ ଅଧିକ ଥାଏ। ୨୦୨୩-୨୪ର ପରିସଙ୍ଖ୍ୟାନ ଅନୁସାରେ ଯଦିଓ ଭାରତବର୍ଷ ଶିକ୍ଷାରେ ଅଗ୍ରଗତି କରି କରି ଚାଲିଛି ଯାହା ସ୍ୱାଧୀନତା ସମୟରେ ୧୨% ସାକ୍ଷରତା ଥିବା ଭାରତ ବର୍ତ୍ତମାନ ୮୦.୯% ରେ ପହଞ୍ଚିଛି, ମାତ୍ର ଯାନ୍ତ୍ରିକ ଶିକ୍ଷାବ୍ୟବସ୍ଥା ଶିକ୍ଷାର ଶ୍ରେଣୀ ଶିକ୍ଷା ଓ ଅଧ୍ୟୟନର ମନୋବୃତ୍ତିକୁ ବାଧକ ହେଉଛି। ସମୟର ପରିସ୍ଥିତିକୁ ସାମ୍ନା କରି ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ହେଉଛି ଶିକ୍ଷା, ମାତ୍ର ଶିକ୍ଷାରୁ ଯଦି ମଣିଷ କିଛି ଜୀବନର ସଙ୍କଟରେ ଶିକ୍ଷା ଉପଲବ୍ଧି ନ କରିପାରେ, ତେବେ ଶିକ୍ଷାର ମେରୁଦଣ୍ଡରେ ଯାନ୍ତ୍ରିକ ବକ୍ରରେଖା ଏକ ସୁନିଶ୍ଚିତ ବିପଦକୁ ଆମନ୍ତ୍ରଣ କରିବ।

ପ୍ରତିଷେଧକର ଅଙ୍ଗଗୁଡିକୁ ବିଚାର କରିବା ପୂର୍ବରୁ ବହୁବାର ତଦ୍‌ଜନିତ ସୃଷ୍ଟି ହେଉଥିବା ପ୍ରତିବନ୍ଧକ ଗୁଡିକୁ ଭଲ ଭାବେ ତର୍ଜମା କରିବା ଉଚିତ। ପ୍ରଯୁକ୍ତି ବିଦ୍ୟା ଓ ଆଧୁନିକ ଜ୍ଞାନ କୌଶଳକୁ ଯଦି ଆମେ ପ୍ରୟୋଗ ନ କରି ପାରିବା ବା ସେଥିରୁ ଫାଇଦା ନ ନେଇ ପାରିବା ତେବେ ସେଗୁଡିକ ରହିବା ଆବଶ୍ୟକ କଣ ? ମାତ୍ର ସେଥିପାଇଁ ଲୋଡା ଭିତିଭୂମିର କ୍ଷେତ୍ର ପ୍ରସ୍ତୁତି ଓ ପାରିବାରିକ ଶୃଙ୍ଖଳା। ସମୟୋଚିତ ଶିକ୍ଷାଦାନକୁ ଯଦି ଆମେ ଶୀଘ୍ର ଶିକ୍ଷାଦାନର ସମାପ୍ତି ଉପରେ ଗୁରୁତ୍ୱ ଦେବା ତେବେ ସେ ପିଲାମାନଙ୍କର ଜ୍ଞାନର ବିକାଶ ଯାହା ହେବ ତାହା ସମୟ ସିଦ୍ଧାନ୍ତ ନେଇପାରେ। ଶିକ୍ଷାର ମେରୁଦଣ୍ଡରେ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ନୈତିକ ଭିତିଭୂମି ଦଣ୍ଡାୟମାନ ହୋଇଥାଏ ମାତ୍ର ଯେତେବେଳେ ଉକ୍ତ ମେରୁଦଣ୍ଡରେ ଶୃଙ୍ଖଳାଗତ ଗଭୀର ବକ୍ରରେଖା ସୃଷ୍ଟି ହୁଏ ସେତେବେଳେ ସମସ୍ତ ପଦ୍ଧତି ସ୍ୱତଃ ଅଧୋଗାମୀ ହୋଇଯିବ ଏଥିରେ ସନ୍ଦେହ ନାହିଁ। ଅତଏବ ଶିକ୍ଷାର ମାନକୁ ସର୍ବାଧିକ ପ୍ରାଥମିକତା ଦେଇ ଶିକ୍ଷକ ଛାତ୍ର ଛାତ୍ରୀ ସମ୍ମୁଖ ପ୍ରଶ୍ନୋତ୍ତର ତଥା ଶ୍ରେଣୀ ଶିକ୍ଷାକୁ ଗୁରୁତ୍ୱ ଦେଇ ଶିକ୍ଷାକୁ ଏକ ନୈତିକ ମୂଲ୍ୟବୋଧ ତଥା ଜିଜ୍ଞାସାର ପୃଷ୍ଠଭୂମିରେ ପରିଚୟ ପ୍ରଦାନ କଲେ ନିଜର ସମାଜର ତଥା ଦେଶର ପ୍ରଗତି ସମ୍ଭବ ହେବ ଓ ବକ୍ରରେଖାର ତୀର୍ଯ୍ୟକ ଦୁର୍ଦ୍ଦିନ ଅପସରି ଯିବ।

# ସାନ୍ତାଳ ବିଦ୍ରୋହର ଦୁଇ ମହାନାୟକ ସିଦୋ-କାହ୍ନୁ



ଇଂ. ସତ୍ୟନାରାୟଣ ମାଝୀ
ଷ୍ଟାଣ୍ଡିଙ୍ଗ୍ କମିଟି ସଦସ୍ୟ
ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ୍,ଓଡିଶା

ସାନ୍ତାଳ ଆଦିବାସୀ ଜନସମୂହ ୧୭୯୦ ଖ୍ରୀଷ୍ଟାବ୍ଦରୁ ୧୮୧୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅଧୁନା ଝାଡଖଣ୍ଡ ପ୍ରଦେଶର ସାନ୍ତାଳ ପରଗାନା ଅଞ୍ଚଳରେ ବସତି ସ୍ଥାପନ କରୁଥିଲେ। ବ୍ରିଟିଶମାନେ ସାନ୍ତାଳ ପରଗାନାକୁ ଦାମିନ୍-ଏ-କୋହ ବୋଲି କହୁଥିଲେ ଏବଂ ଏହା ୧୮୨୪ ମସିହାରେ ଘୋଷିତ ହୋଇଥିଲା। ଏହି ସାନ୍ତାଳ ପରଗାନାରେ ଏକ ସାନ୍ତାଳ ଆଦିବାସୀ ପରିବାରରେ ଦୁଇ ପରାକ୍ରମୀ ଭାଇ ଜନ୍ମ ହୋଇଥିଲେ ବୀର ସିଦୋ-କାହ୍ନୁ ମୁର୍ମୁ। ସେମାନେ ବ୍ରିଟିଶମାନଙ୍କର ତତକାଳୀନ ଆଧୁନିକ ଅସ୍ତ୍ରଶସ୍ତ୍ରକୁ ସେମାନଙ୍କର ତୀର ଏବଂ ଧନୁ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ କରିଥିଲେ।ସିଦୋ-କାହ୍ନୁ ମୁର୍ମୁ ଭୋଗନାଡିହି ନାମକ ଏକ ଗ୍ରାମରେ ଏକ ସାନ୍ତାଳ ଆଦିବାସୀ ପରିବାରରେ ଜନ୍ମଗ୍ରହଣ କରିଥିଲେ, ଯାହାକି ସମ୍ପ୍ରତି ଝାଡ଼ଖଣ୍ଡର ସାହେବଗଞ୍ଜ ଜିଲ୍ଲାର ବେରହେଟ ବ୍ଲକରେ ଅବସ୍ଥିତ। ସିଦୋ ମୁର୍ମୁ ୧୮୧୫ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ଏବଂ କାହ୍ନୁ ମୁର୍ମୁ ଏହାର ୫ବର୍ଷ ପରେ ୧୮୨୦ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ।ସାନ୍ତାଳ ବିଦ୍ରୋହରେ ଏହି ଦୁଇ ସିଦ୍ଧ ଯୋଦ୍ଧାଙ୍କ ବ୍ୟତୀତ ଚାନ୍ଦ ମୁର୍ମୁ, ଭୈରବ ମୁର୍ମୁ,ଫୁଲୋ ମୁର୍ମୁ ଏବଂ ଝାନୋ ମୁର୍ମୁ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଜମି ଏବଂ ଆର୍ଥିକ ସୁବିଧାର ପ୍ରତିଶ୍ରୁତି ଯୋଗୁଁ ବହୁ ସଂଖ୍ୟକ ସାନ୍ତାଳ ପାରଗାନାର ବହୁସ୍ଥାନକୁ ବସତି ସ୍ଥାପନ କରିବାକୁ ଆସିଥିଲେ।

ବ୍ରିଟିଶମାନଙ୍କ ଦ୍ୱାରା ନିଯୁକ୍ତ କର ସଂଗ୍ରାହକ ମଧ୍ୟସ୍ଥି ଭାବରେ ମହାଜନ ଏବଂ ଜମିଦାରମାନେ ଅର୍ଥନୀତି ଉପରେ ପ୍ରଭାବ ବିସ୍ତାର କରିଥିଲେ। ବହୁ ସାନ୍ତାଳ ଦୁର୍ନୀତିଗ୍ରସ୍ତ ଟଙ୍କା ଋଣ ପ୍ରଥାର ଶିକାର ହେଲେ। ଯେତେବେଳେ ସେମାନେ କେବେ ପରିଶୋଧ କରିପାରିନଥିଲେ, ସେମାନଙ୍କୁ ଅତ୍ୟଧିକ ହାରରେ ଟଙ୍କା ଋଣ ଦିଆଯାଇଥିଲା ଏବଂ ପରେ ସେମାନଙ୍କ ଜମି ବଳପୂର୍ବକ ଛଡ଼ାଇ ନିଆଯାଇଥିଲା। ସେମାନଙ୍କୁ ବନ୍ଧନ ଶ୍ରମିକ ଭାବରେ ବାଧ୍ୟ କରାଯାଇଥିଲା। ଏହା ସାନ୍ତାଳ ବିଦ୍ରୋହର କାରଣ ହୋଇଥିଲା। ୧୮୫୫-୫୬ ମସିହାରେ ସିଦୋ-କାହ୍ନୁ ବ୍ରିଟିଶ ଶାସନ, ପ୍ରଶାସନ, ମହାଜନ, ବ୍ୟବସାୟୀ ଓ ଜମିଦାରଙ୍କ ଅତ୍ୟାଚାର ବିରୁଦ୍ଧରେ ସଶକ୍ତ ବିଦ୍ରୋହ ଆରମ୍ଭ କରିଥିଲେ। ଯାହାକୁ ସାନ୍ତାଳ ବିଦ୍ରୋହ ବା 'ହୁଲ୍' ଆନ୍ଦୋଳନ ଭାବରେ ଜାଣନ୍ତି। ସାନ୍ତାଳ ବିଦ୍ରୋହର ସ୍ଲୋଗାନ ଥିଲା 'କର କିମ୍ବା ମର, ବ୍ରିଟିଶମାନେ ଆମ ଭୂମି ଛାଡ'।

ସିଦୋ ତାଙ୍କର ଦିବ୍ୟଶକ୍ତିର ଉଦାହରଣ ଦେଇ ସମସ୍ତ ମାଝୀବାବାମାନଙ୍କୁ ଶାଳବୃକ୍ଷର ଏକ ଶାଖା(ଡାଳ) ପଠାଇ ସେମାନଙ୍କୁ ସାନ୍ତାଳ ହୁଲ୍‌ରେ ଯୋଗଦେବାକୁ ଆହ୍ୱାନ ଦେଇ ନିମନ୍ତ୍ରଣ କରିଥିଲେ। ୩୦ ଜୁନ୍ ୧୮୫୫ରେ ଭୋଗନାଡିହରେ ସାନ୍ତାଳ ଆଦିବାସୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୪୦୦ ଗାଁର ପ୍ରାୟ ୧୦୦୦୦ ସାନ୍ତାଳଙ୍କୁ ଏକଜୁଟ କରି ବ୍ରିଟିଶ ଉପନିବେଶବାଦୀଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିଲେ ବୋଲି କୁହାଯାଏ। ଯେଉଁଥିରେ ସିଦୋଙ୍କୁ ରାଜା, କାହ୍ନୁଙ୍କୁ ମନ୍ତ୍ରୀ,ଚାନ୍ଦଙ୍କୁ ମନ୍ତ୍ରୀ ଏବଂ ଭୈରବଙ୍କୁ ସେନାପତି ଭାବରେ ଅଧିଷ୍ଠିତ କରାଯାଇଥିଲା। ଭୋଗନାଡିହରୁ ସାନ୍ତାଳ ବିଦ୍ରୋହ ଆରମ୍ଭ ହୋଇଥିଲା ଯେଉଁଥିରେ ସାନ୍ତାଳମାନେ ତୀର ଏବଂ ଧନୁରେ ସଜ୍ଜିତ ହୋଇ ସେମାନଙ୍କର ବ୍ରିଟିଶ୍ ଶତ୍ରୁମାନଙ୍କୁ ଆକ୍ରମଣ କରିଥିଲେ। ସେତେବେଳେ ବ୍ରିଟିଶମାନେ ଆଧୁନିକ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ସହିତ ସଜ୍ଜିତ ଥିଲେ। ଏହି ମୁକାବିଲାରେ ଇନ୍‌ସପେକ୍ଟର ମହେଶ ଲାଲ ଏବଂ ପ୍ରତାପ ନାରାୟଣ ନିହତ ହୋଇଥିଲେ। ଏହା ବ୍ରିଟିଶମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଥିଲା। ସାନ୍ତାଳମାନେ ପ୍ରାରମ୍ଭରେ କିଛି ସଫଳତା ପାଇଲେ କିନ୍ତୁ ବ୍ରିଟିଶମାନେ ଏହି ବିଦ୍ରୋହୀମାନଙ୍କୁ ମୁକାବିଲା କରିବା ପାଇଁ ଏକ ନୂତନ ଉପାୟ ଆବିଷ୍କାର କରିଥିଲେ। ଆଉ ସାନ୍ତାଳମାନଙ୍କୁ ଜଙ୍ଗଲରୁ ବାହାରକୁ ଆସିବାକୁ ବାଧ କଲେ। ଶେଷରେ ଏହି ମୁକାବିଲାରେ ସାନ୍ତାଳମାନେ ପରାସ୍ତ ହୋଇଥିଲେ। ଏହି ଭୟଙ୍କର ମୁକାବିଲାରେ ସାନ୍ତାଳମାନେ ପରାସ୍ତ ହୋଇଥିଲେ କାରଣ ଏହି ଲୋକମାନେ ତୀର ଏବଂ ଧନୁ ସହିତ ଲଢୁଥିଲେ।

ଯେତେବେଳେ ବ୍ରିଟିଶମାନଙ୍କ ପାଖରେ ଆଧୁନିକ ଅସ୍ତ୍ରଶସ୍ତ୍ର ଥିଲା। ସିଦୋଙ୍କୁ ଅଗଷ୍ଟ ୧୮୫୫ରେ ବନ୍ଦୀ କରାଯାଇଥିଲା ଏବଂ ଫାଶୀ ଦିଆଯାଇଥିଲା। କାହ୍ନୁଙ୍କୁ ଭୋଗନାଡିହି ଠାରେ ସାଧାରଣରେ ଫାଶି ଦିଆଯାଇଥିଲା। କିନ୍ତୁ ସେ ଏବେ ବି ସାନ୍ତାଳମାନଙ୍କ ହୃଦୟରେ ଜୀବିତ ଅଛନ୍ତି ଏବଂ ତାଙ୍କୁ ମନେ ରଖାଯାଏ। ସାନ୍ତାଳମାନଙ୍କ ପରାଜୟ ବ୍ରିଟିଶ ଶାସନକୁ ମୂଳ ପର୍ଯ୍ୟନ୍ତ ହୋହଲାଇ ଦେଇଥିଲା। ବିପ୍ଳବକୁ ଦମନ କରାଯାଇଥିଲେ ମଧ ଏହା ଉପନିବେଶବାଦୀ ଶାସନ ଏବଂ ନୀତିରେ ଏକ ବଡ଼ ପରିବର୍ତ୍ତନ ଦର୍ଶାଇଥିଲା। ସେତେବେଳେ ବହୁ ଜ୍ଞାନୀଗୁଣୀ ଏହି ବିଦ୍ରୋହକୁ 'ଭାରତର ପ୍ରଥମ ଜନବିପ୍ଳବ' ବୋଲି ଆଖ୍ୟା ଦେଇଥିଲେ। ଆଜି ମଧ ୩୦ ଜୁନ୍, ହୁଲ୍ ଦିବସ ଅବସରରେ ସରକାର ଦ୍ୱାରା ଭୋଗନାଡିହରେ ସତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଏ ଏବଂ ଦୁଇସାହସୀ ସହିଦ ସିଦୋ-କାହ୍ନୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଏ।

# ସୁଖୀ ଆଉ ଦୁଃଖୀ



ମନୋଜ କୁମାର ବେହେରା
ପ୍ଲଟନଂ-୨୧୭/ପି, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ସଂସାରରେ ପ୍ରତ୍ୟେକ ବ୍ୟକ୍ତି କିଛି ନା' କିଛି କଥାକୁ ନେଇ କରି ଦୁଃଖୀ ଥାନ୍ତି । ନିରଙ୍କୁଶ ଇଚ୍ଛାମାନେ ଆଉ ଅଠକଠିତରେ ଗ୍ରସ୍ତ ମନୁଷ୍ୟ ନିଜର ଜ୍ଞାନ, ପଦ, ପଇସା, ଘର ଆଉ ପରିବାରକୁ ସମ୍ଭାଳିବାରେ ଏମିତି ବୁଡି ରହିଥାଏ କି ଏହି ଆସକ୍ତ ତାକୁ ଅନାସକ୍ତରେ ରହିବାକୁ ଦେଇନଥାଏ । ଯାହା ଚାହିଁଲା ତାହା ହଲୋ, ଅନ୍ୟଥା ଦୁଃଖୀ । ଆମ କର୍ମଫଳର ନିର୍ଦ୍ଧାରଣ କର୍ମର ଅନୁସାରେ ହେବା ନିୟତି ରଚିଥାଏ । କେବେ,କେଉଁଠି,କେତେ ଆଉ କେଉଁଠି ମିଳିବ ଏସବୁ ମଧ୍ୟ ନିୟତି ହାତରେ ଥାଏ । ପରମାତ୍ମାଙ୍କ ସ୍ପଷ୍ଟ ସନ୍ଦେଶ ହେଲା କି ନିଷ୍କାମ କର୍ମ କରିଚାଲ । ଅର୍ଥାତ୍ କର୍ମର ଫଳର ପ୍ରତି ଏତେ ଆସକ୍ତ ନ ହୋଇକି କର ନହେଲେ ତାହା ମନୁଷ୍ୟ ଉପରେ ଭାରୀ ପଡିଯିବ । ଏହା ସତ୍ୟ ଯେ ଅଘଟଣକୁ ଅଟକେଇ ହେବନି ତେଣିକି ଆମେ ଯେତେ ଚେଷ୍ଟା କରୁନା କାହିଁକି । ଭୌତିକ ଉପଲବ୍ଧି ସ୍ଥାୟୀ ନୁହେଁ । ଯେତେବେଳେ ଜୀବନ ହିଁ ଅଜୟ-ଅମର ନୁହେଁ,ତା'ହେଲେ ଭୌତିକତାର ପ୍ରତି ପ୍ରେମର କ'ଣ ଅସ୍ତିତ୍ୱ ? ସୁଖ ଆଉ ଦୁଃଖରୁ ବିରତି ହେବାର ଏହି ସୂତ୍ର ଆପଣେଇ ଅସଂଖ୍ୟ ମନୁଷ୍ୟ ଲାଭାନ୍ୱିତ ହୋଇପାରିବେ । ଆବିବେକ,ରାଗ,ଡର ଆଉ ନିରାଶାର ଭୟରୁ ମନୁଷ୍ୟର ମନ ଅସ୍ଥିରତାର ଶୀକାର ହୋଇ ରହିଥାଏ । ଏଥିରୁ ମୁକ୍ତ ହେବାର ସହଜ ମାର୍ଗ ଅଭ୍ୟାସ ଅଟେ । ଅଭ୍ୟାସର ଅର୍ଥ ହେଲା ସବୁଦିନ ଟିକିଏ ଭଲ ହେବା, ଯେଉଁଥିରେ ସଂଯମ ଆଉ ବୈରାଗ୍ୟର ଭାବନା ଉପସ୍ଥିତ ଥାଏ। ନିରନ୍ତର ପ୍ରୟାସରୁ ଦିନେ ମହାନ ଉପଲବ୍ଧି ପ୍ରାପ୍ତ କରିବା ସମ୍ଭବ ଅଟେ । ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହି ଅଭ୍ୟାସର ସାର୍ଥକତାର ସନ୍ଦେଶ ଦେଇଥିଲେ । କେବେ ସେହି କ୍ଷଣକୁ ମନେ ପକାଅ ଯେତେବେଳେ କିଛି ବି ଆମର ମନୋନୁକୂଳ ହୋଇ ନଥିବ । କିନ୍ତୁ କିଛି ସମୟ ପରେ ଆମକୁ ଲାଗିବକି ଭଲ ହେଲା ସେମିତି ହେଲାନି । ସେଥିପାଇଁ ନିଜର ଇଚ୍ଛାରେ ଈଶ୍ୱରଙ୍କ ଇଚ୍ଛାକୁ ସର୍ବୋପରି ମାନିକରି ଆଉ ମୃତ୍ୟୁକୁ ଶାଶ୍ୱତ ସତ୍ୟ ବୁଝି କରି ଜ୍ଞାନୀ ପୁରଷଙ୍କ ପାଇଁ ସୁଖ-ଦୁଃଖ,ମାନ-ଅପମାନ ସବୁ ଏକ ସମାନ ହୋଇଯାଏ । ଅତଃ ଗୀତାର ସାର 'ଯାହା ହେଲା ଭଲ ହେଲା, ଯାହା ହେଉଛି ତାହା ମଧ୍ୟ ଭଲ ପାଇଁ ଆଉ ଯାହା ହେବ ତାହା ମଧ୍ୟ ଭଲ ହେବ' କୁ ସ୍ୱୀକାର କରିକି ମନୁଷ୍ୟକୁ ନିଷ୍କାମ କର୍ମଯୋଗ ହୋଇ ରହିବା ଉଚିତ୍ ।

# ଆଡପ ଅବଢ଼ା



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ରତ୍ନବେଦୀରେ ଠାକୁର ବର୍ଷ ତମାମ ବିଜେ କରିଥିବା ବେଳେ ଜନ୍ମ ମହାବେଦୀକୁ ଆସନ୍ତି ନବଦିନାତ୍ମକ ଯାତ୍ରାରେ । ଶ୍ରୀଗୁଣ୍ଡିଚା ମନ୍ଦିର ହିଁ ସେହି ଜନ୍ମ ମହାବେଦୀ । ରଥଯାତ୍ରାରେ ରଥତ୍ରୟ ଉତ୍ତରାଭିମୁଖୀ ହୋଇ ଗୁଣ୍ଡିଚା ମନ୍ଦିରକୁ ଆସିବା ପରେ ସେଠାରେ ସାତ ଦିନ ଅବସ୍ଥାନ କରି ପୁର୍ନବାର ବାହୁଡା ଦଶମୀ ତିଥିରେ ଦକ୍ଷିଣାଭିମୁଖୀ ହୋଇ ରତ୍ନ ସିଂହାସନକୁ ବାହୁଡି ଯାଇଥାନ୍ତି । ଗୁଣ୍ଡିଚା ମନ୍ଦିରକୁ ମହାବେଦୀ, ଯଜ୍ଞ ମଣ୍ଡପ, ଜନ୍ମସ୍ଥାନ କନକପୁରୀ, ଗୁଣ୍ଡିଚା ମଣ୍ଡପ ବୋଲି କୁହାଯାଏ । ଠାକୁରମାନେ ଏଠାରେ ଜନ୍ମ ହୋଇଥିଲେ ବୋଲି ଏହାର ନାମ ଜନ୍ମପୁରୀ ବା କନକପୁରୀ । ମହାରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ଏହିଠାରେ ବେଦୀ ନିର୍ମାଣ କରି ଅଶ୍ୱମେଧ ଯଜ୍ଞ କରିଥିଲେ ବୋଲି ଏହାର ନାମ ମହାବେଦୀ । ଗୁଣ୍ଡିଚା ମନ୍ଦିର ବଡଦେଉଳ ଠାରୁ ଉତ୍ତରକୁ ପ୍ରାୟ ଦେଢ ମାଇଲ ଦୂରରେ ଅବସ୍ଥିତ । ବଡଦାଣ୍ଡ ସିଂହଦ୍ୱାର ଠାରୁ ଆରମ୍ଭ ହୋଇ ଗୁଣ୍ଡିଚା ମନ୍ଦିରରେ ଶେଷ ହୋଇଛି । ଆଷାଢ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁ ସକାଳଧୂପରେ ଖେଚୁଡି ଖାଇ ପହଣ୍ଡିରେ ଆସିଥିଲେ । ରଥ ଉପରେ ପ୍ରଭୁଙ୍କୁ ପରମ୍ପରା ଅନୁଯାୟୀ ଶୁଖିଲି ଭୋଗ ଅର୍ପଣ କରାଯାଇଥିଲା । ରଥ ଯାତ୍ରାରେ ଗୁଣ୍ଡିଚା ବିଜେ କରିବା ପରେ ସାଧାରଣତଃ ତୃତୀୟା ଦିନ ସମସ୍ତ ନୀତି ବଢ଼ି ସନ୍ଧ୍ୟାରେ ଆଡପ ବିଜେ ପହଣ୍ଡି ହୁଏ । ପ୍ରଥମେ ମଦନମୋହନ , ରାମକୃଷ୍ଣଙ୍କୁ ହାତରେ ବିଜେ କରାଇ ଆସ୍ଥାନକୁ ନିଆଯାଏ । ପରେ ଚାରମାଳ ଉପରେ ମହାପ୍ରଭୁଙ୍କୁ ଟାହିଆ ଲାଗି କରାଇ ଗୋଟି ପହଣ୍ଡିରେ ଗୁଣ୍ଡିଚା ଘର ସିଂହାସନରେ ବିଜେ କରାଯାଏ । ତାପରେ ମହାସ୍ନାନ କରାଯାଇ ସର୍ବାଙ୍ଗ ଲାଗି ହୁଏ । ବଡ ଓଡିଆ ମଠ ତରଫରୁ ଯୋଗାଯାଉଥିବା ଚନ୍ଦନ ମାର୍ଜନା କରାଯାଏ । ଯେଉଁ ସାତ ଦିନ ଗୁଣ୍ଡିଚା ଘରେ ଚତୁର୍ଦ୍ଧାମୂର୍ତ୍ତି ଅବସ୍ଥାନ କରନ୍ତି ସେହି ସମୟତକ ସେମାନଙ୍କ ଉପାସନାରେ ଟିକେ ବି କମ୍ ହୋଇନଥାଏ । ଶ୍ରୀମନ୍ଦିରରେ ସେ ଯେଉଁ ଆଡମ୍ବରରେ ଥାଆନ୍ତି ସେମିତି ଆଡମ୍ବରରେ ରହିଥାନ୍ତି ଗୁଣ୍ଡିଚା ଘରେ । ଏହି ଆଡପ ଅବସ୍ଥାନ କାଳରେ ମୁଖସିଂହାର କରାଯାଏ । ବିଭିନ୍ନ ପ୍ରାକୃତିକ ରଙ୍ଗରେ ଦତ୍ତ ମହାପାତ୍ର ଶ୍ରୀବଳଭଦ୍ର,ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରାଙ୍କ ଶ୍ରୀମୁଖ ସିଂହାର କରିଥାନ୍ତି। ଶ୍ରୀମନ୍ଦିରରେ ଦଶ ବର୍ଷ କାଳ ତ୍ରିକାଳ ସନ୍ଧ୍ୟାରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଯେତିକି ପୂଣ୍ୟ ଫଳ ମିଳେ ଗୁଣ୍ଡିଚା ଘରେ ଥରେ ଦର୍ଶନ କଲେ ସେତିକି ଫଳ ମିଳେ । ସେଥିପାଇଁ କୁହାଯାଏ- ନୀଳାଦ୍ରୌ ଦଶବର୍ଷାଣି ଆଡପ ମଣ୍ଡପେ ଦିନେ । ଗୁଣ୍ଡିଚା ମନ୍ଦିରରେ ଜୀଉମାନେ ସପ୍ତାହ ବ୍ୟାପୀ ଅବସ୍ଥାନ କାଳରେ ଧ୍ୱଜ ପୂଜା ହୁଏ । ବଳଭଦ୍ରଙ୍କର ତାଳଧ୍ୱଜ ରଥର ଲଙ୍ଗଳ ଧ୍ୱଜ,ମା'ସୁଭଦ୍ରାଙ୍କର ଦେବଦଳନ ରଥର ପଦ୍ମଧ୍ୱଜ ଓ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଗରୁଡ ଧ୍ୱଜଙ୍କୁ ପ୍ରତ୍ୟହ ପୂଜା ଓ ଭୋଗ ଅର୍ପଣ କରାଯିବା ସଙ୍ଗେସଙ୍ଗେ ରଥର ପାର୍ଶ୍ୱ ଦେବାଦେବୀମାନଙ୍କୁ ମଧ୍ୟ ପୂଜା ଓ ଭୋଗ ଦିଆଯାଏ । ରଥରେ କୌଣସି ଅଶୁଭ ପକ୍ଷୀ ବସିଲେ ରଥକୁ ମହାସ୍ନାନ କରାଯାଏ ।

ନୀଳାଚଳରେ ବୈଦିକ ରୀତିରେ ଜଗନ୍ନାଥଙ୍କ ନିକଟରେ ପ୍ରସାଦ ଲାଗି ସାରିବା ପରେ ମହାଦେବୀ ଭୈରବୀ ବିମଳାଙ୍କ ନିକଟରେ ଏହା ଲାଗି ହୋଇଥାଏ । ପ୍ରସାଦ ରୂପାନ୍ତରିତ ହୋଇଥାଏ ମହାପ୍ରସାଦରେ । ଶ୍ରୀମହାପ୍ରସାଦ ଶ୍ରୀଜଗନ୍ନାଥ ସଂସ୍କୃତିର ଶ୍ରେଷ୍ଠ ବିଭବ । ମହାପ୍ରସାଦ କହିଲେ କେବଳ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଭୋଗପ୍ରସାଦକୁ ବୁଝାଇଥାଏ । ଅନ୍ୟ ସମସ୍ତ ଦେବାଦେବୀଙ୍କ ପାଖରେ ଲାଗି ହୋଇଥିବା ଭୋଗ ପ୍ରସାଦ ରୂପେ ଗୃହୀତ ହୋଇଥିବା ବେଳେ ଶ୍ରୀଜଗନ୍ନାଥଙ୍କ ଭୋଗ ପ୍ରସାଦ ମହାପ୍ରସାଦ ଭାବରେ ସ୍ୱୀକୃତ । ଶାସ୍ତ୍ରୀୟ ମତ ଅନୁଯାୟୀ ବୈଷ୍ଣବାଗ୍ନିରେ ଆବାହନ, ମହାଲକ୍ଷ୍ମୀଙ୍କ ଦ୍ୱାରା । ରନ୍ଧନ,ଶ୍ରୀନୃସିଂହ ମନ୍ତ୍ରରେ ପ୍ରେକ୍ଷିତ,ଗୋପାଳ ମନ୍ତ୍ରରେ ତୁଳସୀ ପଡି ବିଷ୍ଣୁଙ୍କୁ ପଞ୍ଚୋପଚାରରେ ନିବେଦନ କରାଯାଉଥିବା ପସାଦକୁ ମହାପ୍ରସାଦ କୁହାଯାଏ । ଶ୍ରୀମହାପ୍ରସାଦ ବ୍ରହ୍ମ ସ୍ୱରୂପ । କଣିଚାଏ ମହାପ୍ରସାଦ ସେବନ କଲେ ଏବଂ ମସ୍ତକରେ ଲଗାଇଲେ ପାପରୁ ମୁକ୍ତି ମିଳେ । ମାଟି କୁଡୁଆରେ ପାକ ହୋଇ ମହାପ୍ରଭୁଙ୍କୁ ନୈବେଦ୍ୟ ହୋଇଥିବା ମହାପ୍ରସାଦକୁ ସେହି ମାଟି କୁଡୁଆରୁ ନବାଢି ନିର୍ବିକାରରେ ଭାବରେ ଜାତି,ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସ୍ୱହସ୍ତରେ ନେଇ ସେବନ କରିଥାନ୍ତି । ତେଣୁ ମହାପ୍ରସାଦକୁ ଅବଢା କୁହାଯାଏ। ଅବଢା ଶବ୍ଦର ଅର୍ଥ ହେଉଛି ନବଢା । ଅବଢା କାହାକୁ ବି ବଢା ଯାଏ ନାହିଁ । କାହା ପାଇଁ କେହି ଦେବା ଦରକାର ପଡେ ନାହିଁ । ଅଚାଣ୍ଡାଳ ବ୍ରାହଣ୍ଣ ନବାଢି କୁଡୁଆ ଭିତରେ ହାତ ପୁରାଇ ଖାଉଥିବାରୁ ତାର ନାମ ଅବଢା । ଶ୍ରୀମନ୍ଦିର ରୋଷଘରେ ମହାପ୍ରଭୁଙ୍କ ପାଇଁ ବର୍ଷକ ଯାକ ମହାପ୍ରସାଦ ପ୍ରସ୍ତୁତ ହେଉଥିବା ବେଳେ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିରରେ ଦାରୁବ୍ରହ୍ମଙ୍କ ଅବସ୍ଥାନ କାଳରେ ବି ପ୍ରସ୍ତୁତ ହୁଏ ମହାପ୍ରସାଦ । ଆଡପ ମଣ୍ଡପରେ ପ୍ରଭୁଙ୍କୁ ଅର୍ପଣ କରାଯାଉଥିବା ଅନ୍ନବ୍ୟଞ୍ଜନ ଆଡପ ଅବଢା ଭାବେ ପରିଚିତ । ମଇଲମ,ତଡପଲାଗି,ଅବକାଶ ଶେଷ ହୋଇ ଆରମ୍ଭ ହୁଏ ସାହାଣମେଲା ଦର୍ଶନ । ତାପରେ ଅବଢା । ଯେବେଠାରୁ ମହାପ୍ରଭୁଙ୍କ ରଥଯାତ୍ରାର ପ୍ରଚଳନ ହୋଇଛି ସେବେଠାରୁ ଆଡପ ଅବଢା ପ୍ରଚଳିତ ରହିଛି । ଏଥିପାଇଁ ଏକ ରୋଷ ଘର ଗୁଣ୍ଡିଚା ମନ୍ଦିରରେ ଅଛି । ଗୁଣ୍ଡିଚା ମନ୍ଦିର ପରିସରରେ ଥିବା ଏକ କୂଅକୁ ସଫା କରାଯାଇ ସେହି ପାଣିରେ ମହାପ୍ରସାଦ ରନ୍ଧାଯାଏ । ରୋଷ ଘରେ ମୋଟ ୨୦୩ଟି ଚୂଲି ମଧ୍ୟରୁ ୧୩୮ଟି ଅନ୍ନ ଚୂଲି,୫୧ଟି ଅହିଆ ଚୂଲି ଓ ୧୪ଟି ପିଠା ଚୂଲି ରହିଛି । ଏହି ଚୂଲିଗୁଡିକରେ ଭୋଗ ପ୍ରସ୍ତୁତ ହୋଇସାରିବା ପରେ ନୀତି ଅନୁସାରେ ଜୀଉମାନଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥାଏ । ଶ୍ରୀଜୀଉଙ୍କ ଉଦ୍ଦେଶ୍ୟରେ ଅନ୍ୟାନ୍ୟ ଭୋଗ ସାମଗ୍ରୀଗୁଡିକ ମଧ୍ୟ ସେଠାରେ ପ୍ରସ୍ତୁତ କରାଯାଇଥାଏ । ଶଙ୍ଖୁଡି ମହାପ୍ରସାଦରେ ଘିଅ ଅନ୍ନ,କାନିକା,ଖେଚୁଡି,ଅଦା ଓ ହେଙ୍ଗୁ ଖେଚୁଡି,ଡାଲ୍ମା,ବେସର,ମହୁର,ଶାଗ ଲାଗି ହୁଏ । ଦାରୁବ୍ରହ୍ମଙ୍କୁ ଆଡପ ମଣ୍ଡପରେ ଦର୍ଶନ ଏବଂ ଆନନ୍ଦ ବଜାରରେ ଆଡପ ଅବଢା ସେବନ କରିବା ପାଇଁ ଶ୍ରଦ୍ଧାଳୁ ଭକ୍ତଙ୍କ ମନରେ ପ୍ରବଳ ଉତ୍କଣ୍ଠା ରହିଥାଏ । ଆଡପ ଅବଢାରେ ପିତୃ ଶ୍ରାଦ୍ଧ, ପିଣ୍ଡଦାନ କଲେ ପିତୃପୁରୁଷଙ୍କୁ ମୁକ୍ତି ମିଳେ । ସେମାନେ ସନ୍ତୁଷ୍ଟ ହୁଅନ୍ତି । ଆଡପ ଅବଢାରେ ବ୍ରାହ୍ମଣ ଭୋଜନ ଦେଲେ ମହାପୂଣ୍ୟ ମିଳେ । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଆଡପ ମଣ୍ଡପରେ ଦର୍ଶନ, ଷଠି ଘରୁ ପ୍ରଥମ ଅବଢା ଭାଗ୍ୟରେ ଥିଲେ ମିଳେ । ଜନ୍ମମାଟିର ଅବଢା ପାଇଲେ ସାତ ଜନ୍ମର ପୂଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ଆଡପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଡପ ଅବଢା ଖାଇଲେ ଶହେ ଜନ୍ମର ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି । ନାକଚଣା ଦ୍ୱାର ଦେଇ ଭକ୍ତମାନେ ଅବଢା ଧରି ବାହାରିବା ବେଳେ ସେମାନଙ୍କ ଉତ୍ସାହ ବେଶ୍ ବାରି ହୋଇପଡେ । ଆଡପ ଅବଢା ପାଇଁ ଅନେକ ଦେବଦେବୀ ବର୍ଷସାରା ଅପେକ୍ଷା କରିଥାନ୍ତି । ଆଡପ ଅବଢାର ମାହାତ୍ମ ସମ୍ପର୍କରେ ପୁରାଣ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ଏହା ଅତ୍ୟନ୍ତ ପବିତ୍ର, ଦୁର୍ଲ୍ଲଭ ଏବଂ ପୂଣ୍ୟଦାୟକ । ତେଣୁ ଏହି ସମୟରେ ଶ୍ରଦ୍ଧାଳୁମାନେ ବ୍ରାହ୍ମଣ ଓ ବୈଷ୍ଣବଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଅବଢା ଦାନ କରିଥାନ୍ତି । ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ଘରକୁ ଫେରିବା ବେଳେ ସାଥିରେ ଆଡପଅବଢା ନେଇଥାନ୍ତି ।



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ସଦର ମହକୁମାରେ ଗ୍ରାମବାସୀ ତଥା ଶ୍ରୀ ଶ୍ରୀ ରାଘେଶ୍ୱର ଯାତ୍ରା କମିଟି ପକ୍ଷରୁ ମା' ତାରିଣୀଙ୍କ ୧୩ତମ ବାର୍ଷିକ ଉତ୍ସବ ମହାସମାରୋହରେ ୨୬ରୁ ଆରମ୍ଭ ହୋଇ ଗତକାଲି ସମାପନ ହୋଇଯାଇଛି। ଏହି ଅବସରରେ ଗୁରୁବାର ଅଙ୍କୁରାରୋପଣ, ଶୁକ୍ରବାର ମା'ଙ୍କ ଶୋଡ଼ଶ ଉପଚାର ଓ ଅଧିବାସ ସହ ଶନିବାର ଜଳଯାତ୍ରା ଓ ବିଶ୍ୱଶାନ୍ତି ମହାଯଜ୍ଞ କରାଯାଇ ପୂର୍ଣ୍ଣାହୁତି ହୋଇଥିଲା। ହଜାର ହଜାର ମା'ଙ୍କ ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରି ସାନିଧ ଲାଭ କରି ଯଜ୍ଞର ପୂର୍ଣ୍ଣାହୁତିକୁ ଶେଷ ଦର୍ଶନ କରି ଆୟୋଜିତ ମାଙ୍କ ପ୍ରସାଦକୁ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁମାନେ ସେବନ କରିଥିଲେ। ପ୍ରକାଶ ଥାଉ କି ରାଜନଗରର ଏକମାତ୍ର ରାଘେଶ୍ୱର ଯାତ୍ରା କମିଟି ଶ୍ରେୟ ଯୋଗ୍ୟ ଅଟନ୍ତି, ଯାହାକି ନିଃସ୍ୱାର୍ଥପର ଧର୍ମାନୁଷ୍ଠାନ ଗଢ଼ିବା କ୍ଷେତ୍ରରେ ତି ଅଟନ୍ତି। ନିଜର ଶ୍ରମ ଧନ ମନ ସବୁ କିଛି ତ୍ୟାଗକରି ଯାତ୍ରା ପାର୍ଟିରୁ ବର୍ଷକୁ ବର୍ଷ ହେଉଥିବା ଆୟକୁ ନିଃସ୍ୱାର୍ଥ ପର ଭଣ୍ଡା ସାଇତି ରଖି ଗ୍ରାମବାସୀଙ୍କ ସହଯୋଗରେ ୨୦୨୨ ମସିହାରେ ମାଙ୍କ ନୂତନ ମନ୍ଦିର ନିର୍ମାଣ କରିବା ସହ ମା' ତାରିଣୀଙ୍କ ବିଗ୍ରହ ପ୍ରତିଷ୍ଠା କରି ଆଜି ପର୍ଯ୍ୟନ୍ତ ସୁଚାରୁ ରୂପେ ପୂଜା ପାଇ ଆସୁଥିବା ବେଳେ ବାର ମାସର ମା'ଙ୍କ ପର୍ବ ପର୍ବାଣୀ ପାଳନ ହୋଇଆସୁଛି। ଏହା ସତ୍ତ୍ୱେ ସରକାରଙ୍କ ଅନୁଦାନକୁ ଲକ୍ଷ ନରଖି ଯାତ୍ରା କମିଟି ଏକ ହନୁମାନ ମନ୍ଦିର ନିର୍ମାଣର୍ଥେ ଲାଗିପଡିଛନ୍ତି। ଏହି ସ୍ୱଚ୍ଛତା ପାଇଁ ଅଞ୍ଚଳରେ ଏହି କମିଟିର ସଦସ୍ୟମାନଙ୍କ କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଚାଲୁଛନ୍ତି

# ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ ଶୁଣିଲେ ଶିଳ୍ପମନ୍ତ୍ରୀ ଓ ଜନତା



ପାରାଦୀପ(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ ରେଡ଼ିଓ କାର୍ଯ୍ୟକ୍ରମ 'ମନ କି ବାତ'ର ୧୨୩ ତମ ସଂସ୍କରଣ ଜୁନ ମାସ ୨୯ ତାରିଖ ରବିବାର ଦିନସାରା ଦେଶରେ ପ୍ରସାରିତ ହୋଇଥିଲା। ଏହି ମାସିକ କାର୍ଯ୍ୟକ୍ରମ ଦେଶର ୨୨ ଟି ଭାଷା ଏବଂ ଅନ୍ୟ ସ୍ଥାନୀୟ ଭାଷାରେ ପ୍ରସ୍ତୁତ କରାଯାଇଥିଲା। ଏହି ଲୋକପ୍ରିୟ ମନ କି ବାତ କାର୍ଯ୍ୟକ୍ରମକୁ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ ରଙ୍ଗିଆଗଡ଼ସ୍ଥିତ ନିଜ ବାସଭବନରେ ସାଧାରଣ ଜନତାଙ୍କ ସହ ମିଶି ଶୁଣିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଉପରେ ଆଲୋକପାତ କରିବା ସହ ଯୋଗ ଦ୍ୱାରା ଶାନ୍ତି, ସ୍ଥିରତା ଓ ସନ୍ତୁଳନ କିଭଳି ଆସିପାରିବ ଏବଂ ଏହା ଦିବ୍ୟାଙ୍ଗ ବନ୍ଧୁମାନଙ୍କ ପାଇଁ କିପରି ସଶକ୍ତିକରଣର ମାଧ୍ୟମ ସାଜିଛି, ତାହା ବିଷୟରେ କହିଥିଲେ। ପ୍ରଧାନମନ୍ତ୍ରୀ ତୀର୍ଥ ଯାତ୍ରା ଉପରେ ଉଲ୍ଲେଖ କରିବା ସହ ଯାତ୍ରା ଶରୀରର ଅନୁଶାସନ, ମନର ଶୁଦ୍ଧିକରଣ, ପରସ୍ପର ଭିତରେ ଭାଇଚାରା ଏବଂ ଭଗବାନଙ୍କ ସହ ଯୋଡି ହେବାର ମାଧ୍ୟମ ବୋଲି କହିଥିଲେ। ତୀର୍ଥ ଯାତ୍ରା ସମୟରେ ସେବା ଯୋଗାଉଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ଏହାସହ ମହାପ୍ରଭୁଙ୍କ ରଥଯାତ୍ରାକୁ ଏକ ଭାରତ ଶ୍ରେଷ୍ଠ ଭାରତର ପ୍ରତିବିମ୍ବ ବୋଲି ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍‌ରେ ଅବିହିତ କରିଥିଲେ। ତତସହିତ, ଟ୍ରାକୋମା ରୋଗ ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭାରତକୁ ଟ୍ରାକୋମା ମୁକ୍ତ ଘୋଷଣା କରିଥିବା କଥା ଏବଂ ଜଳଜୀବନ ମିଶନର ଉପକାରିତା ସମ୍ପର୍କରେ ମଧ୍ୟ ପ୍ରକାଶ କରିଛନ୍ତି। ୧୯୭୫ ମସିହାରେ ଦେଶରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତିକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଭାଇ ଦେଶାଇ ପ୍ରକାଶ କରିଥିବା କଥା ଶୁଣାଇବା ସହ ଏଥିପାଇଁ ଦାୟୀ ବ୍ୟକ୍ତିବିଶେଷ କେବଳ ସମ୍ବିଧାନର ହତ୍ୟା କରିନଥିଲେ ବରଂ ନ୍ୟାୟପାଳିକାକୁ ନିଜର ଗୁଲାମ ସଜାଇବା ସେମାନଙ୍କର ଉଦ୍ଦେଶ୍ୟ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏତଦବ୍ୟତୀତ ଫିଟନେସ୍ ପ୍ରତି ବିଶେଷ ଦୃଷ୍ଟି ଦେବା ପାଇଁ କହିବା ସହ ଯୁବ ସମାଜକୁ ନିଜ ଖାଦ୍ୟ ପ୍ରଣାଳୀରେ ୧୦ ପ୍ରତିଶତ ତେଲ କମ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭଗବାନ ବୁଦ୍ଧଙ୍କ ବିଚାରରେ ଏପରି ଶକ୍ତି ରହିଛି, ଯାହା ଦେଶଗୁଡିକୁ ଭିନ୍ନ ଭିନ୍ନ ସଂସ୍କୃତିକୁ ଏବଂ ଲୋକମାନଙ୍କୁ ଏକସୂତ୍ରରେ ବାନ୍ଧି ରଖିପାରିଛି। ତତସହିତ ସେ ବିଶ୍ୱ ପରିବେଶ ଦିବସର ମହତ୍ୱ ସମ୍ପର୍କରେ ଉପସ୍ଥାପନା କରିବା ସହ ଏକ ପେଡ ମା କେ ନାମ ଅଭିଯାନ ମାଧ୍ୟମରେ ବ୍ୟାପକ ବୃକ୍ଷରୋପଣ କରିବାକୁ ଆହ୍ୱାନ କରିଛନ୍ତି ଏବଂ ଜଳ ସଂରକ୍ଷଣ ଓ ପ୍ରକୃତିକୁ ସୁରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ମନ କି ବାତ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବା ପାଇଁ ପାରାଦୀପ ମଣ୍ଡଳ ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନଙ୍କ ନେତୃତ୍ୱରେ ପୌରାଞ୍ଚଳର ପ୍ରାୟ ସମସ୍ତ ୱାର୍ଡରେ ବ୍ୟବସ୍ଥା ହୋଇଥିଲା। ନୂଆବଜାର ସ୍ଥିତ ଦଳୀୟ କାର୍ଯ୍ୟାଳୟ ଓ ବିଭିନ୍ନ ୱାର୍ଡରେ ଶିଳ୍ପମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ସୋଲେମନ ରାଜୁ, ବଜରଙ୍ଗ ସ୍ୱାଇଁ, ଦିଲ୍ଲିପ ବେହେରା,ରଞ୍ଜନ ବେହେରା, ରତ୍ନାକର ବେହେରା, ପୁଷ୍ପାଞ୍ଜଳି ପରିଡ଼ା, ପ୍ରତିରେଖା ମାନା, ସଂଯୁକ୍ତା ବରାଳ, ଟୁନ ପ୍ରଭା ରାଉତ, ଜତେନ୍ଦ୍ର ସାହୁ, ହୃଷିକେଶ ଦାସ, ଗୋବିନ୍ଦ ନାୟକ, ସର୍ବେଶ୍ୱର ଜେନା, ବହୁ ସଂଖ୍ୟାରେ ଦଳୀୟ ନେତୃତ୍ୱ, କର୍ମୀ ଓ ସାଧାରଣ ଜନତା ଏହି ମନ କି ବାତ' କାର୍ଯ୍ୟକ୍ରମ ଦେଖି ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶୀ ଅଭିଭାଷଣ ଶୁଣିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକତନ୍ତ୍ର ସେନାନୀ ହରିହର ସାହୁ ସମ୍ବର୍ଦ୍ଧିତ



ବୋଲଗଡ଼(ଭାସ୍କର ନ୍ୟୁଜ): ଭାରତ ବର୍ଷର ଇତିହାସରେ ୧୯୭୫ ମସିହା ଏକ କଳା ଅଧ୍ୟାୟ ସୃଷ୍ଟି କରିଥିଲା। ଏହାକୁ ଓଡିଶା ରାଜ୍ୟ ସରକାର ପ୍ରତିବର୍ଷ ଜୁନ ମାସ ୨୫ ତାରିଖରେ ସମ୍ବିଧାନ ହତ୍ୟା ଦିବସ ରୂପେ ପାଳନ କରାଯାଉଅଛି। ଏହାର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୋଲଗଡର ହରିହର ସାହୁଙ୍କ ସମେତ ୧୦୮ଜଣ ଲୋକତନ୍ତ୍ର ସେନାନୀ ଦେଶପ୍ରେମୀ ସେବକମାନଙ୍କୁ ଭୁବନେଶ୍ୱର ସ୍ଥିତ ରେଳ ସଦନର ସମ୍ମିଳନୀ କକ୍ଷରେ ମାନପତ୍ର, ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ୧୦୮ଜଣ ଲୋକତନ୍ତ୍ର ସେନାନୀ ଦେଶପ୍ରେମୀ ସେବକମାନେ ଦେଶର ଜରୁରୀକାଳୀନ ସମୟରେ ଦେଶର ସୁରକ୍ଷା ପାଇଁ ମିଶା ଓ ଡ଼ିଆଇଆର ଅଧିନିୟମ ଅନୁସାରେ ୧୯ମାସ କାରାଦଣ୍ଡ ବରଣ କରିଥିଲେ। ତେଣୁ ରାଜ୍ୟ ସରକାର ଏହି ୧୦୮ଜଣ ଲୋକତନ୍ତ୍ର ସେନାନୀ ସେବକ ମାନଙ୍କୁ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମୀ ଭଳି ମାସିକ ୨୦ହଜାର ଟଙ୍କା ସମ୍ମାନନିଧି ପୁରସ୍କାର ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦାନ କଲେ। ବରିଷ୍ଠ ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଲୋକତନ୍ତ୍ର ସେନାନୀ ସେବକ ସମ୍ବର୍ଦ୍ଧନା ସଭା ବୋଲଗଡସ୍ଥିତ ନନ୍ଦିଘୋଷ ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଲୋକତନ୍ତ୍ର ସେନାନୀ ହରିହର ସାହୁଙ୍କୁ ବୋଲଗଡ ବ୍ଲକ ଅଞ୍ଚଳ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ବୋଲଗଡ ବ୍ଲକ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜସେବୀ, ବରିଷ୍ଠ ନାଗରିକଙ୍କୁ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ହରିହର ସାହୁଙ୍କୁ ପ୍ରଦାନ କରାଯାଇଥିବା ଲୋକତନ୍ତ୍ର ସେନାନୀ ସମ୍ମାନ ଫଳକଟିକୁ ନନ୍ଦିଘୋଷ ଭବନରେ ଶ୍ରୀ ଶ୍ରୀ ତୃତୀୟା ଦେବଙ୍କୁ ସମର୍ପଣ କରାଯାଇଥିଲା। ପରିଶେଷରେ ଶିକ୍ଷାବିତ୍ ହରିବନ୍ଧୁ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଭିପି ଶିକ୍ଷା ପ୍ରକୋଷ୍ଠ ବୈଠକ

ନିଆଳୀ(ଭାସ୍କର ନ୍ୟୁଜ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଛାତ୍ର ଯୁବବିକାଶ ପରିଷଦ (ସିଭିପି) ଶିକ୍ଷା ପ୍ରକୋଷ୍ଠ ରା ଚଳିତ ଶିକ୍ଷାବର୍ଷର ପ୍ରଥମ ବୈଠକ ଚିତ୍ତରଞ୍ଜନ ସେବା ସଦନ ନିଆଳୀ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଡ଼ଃ ମଦନମୋହନ ଜେନା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷା ପ୍ରକୋଷ୍ଠ ଆବାହକ ଶିକ୍ଷାବିତ୍ ଦିଲ୍ଲିପ କୁମାର ମହାନ୍ତି, ସଂଯୋଜିକା ଅଧ୍ୟାପିକା ଅମିତାବାଳା ପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଅକ୍ଷୟ କୁମାର ଜେନା,ନିଆଳୀ ବ୍ଲକ ର ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ରମାକାନ୍ତ ସ୍ୱାଇଁ, ପ୍ରେମାନନ୍ଦ ମହାପାତ୍ର, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସନାତନ ସାହୁ ଓ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ନିଆଳୀ ନିର୍ବାଚନ ମଣ୍ଡଳୀ ତଥା କଟକ ଜିଲ୍ଲାର ପ୍ରାଥମିକ,



ଉଚ୍ଚପ୍ରାଥମିକ, ହାଇସ୍କୁଲ ଶିକ୍ଷା ତଥା ମହାବିଦ୍ୟାଳୟ, ଶିକ୍ଷା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟତଃ ଶିକ୍ଷା କ୍ଷେତ୍ରରେ ଅଧ୍ୟାତ୍ମିକତା, ନୈତିକତା, ଯୋଗ, କମ୍ପୁଟର ଓ କ୍ରୀଡ଼ାକୁ ପ୍ରାଧାନ୍ୟ ଦେଇ ଶିକ୍ଷପ୍ରଦାନ କରାଗଲେ ଉତ୍ତମ ଗୁଣବତ୍ତା ସମ୍ପର୍ଣ୍ଣ ଛାତ୍ରଛାତ୍ରୀ ସୃଷ୍ଟି ହେବେବୋଲି ମତପ୍ରକାଶ ପାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଡ଼ଃ ପିତାମ୍ବର ସାହୁ, ବାପୁଜୀ ମାହାରଣା, ଯୋଗେନ୍ଦ୍ର ସାହୁ, କାଳିନ୍ଦୀ ପ୍ରଧାନ, ଦେବଦାସ ମହାପାତ୍ର, ଅବଦୁଲ ବାରି, ସିଭିପି ସଂଯୋଜକ ସଂଗ୍ରାମ ବାରିକ, ସ୍ୱାମୀ ଓମଙ୍କାର ଜେନା, ବିଶ୍ୱନାଥ ମହାପାତ୍ର ଓ ଅନିକେତ ପଟନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଡ଼ଭୋକେଟ ସରୋଜ କୁମାର ସ୍ୱାଇଁ, ବୈଠକ ସଂଯୋଜନା ଓ ସମ୍ପାଦକ ସାଗର କୁମାର ଗୁରୁ ଧନ୍ୟବାଦ ଦେଇଥିଲେ।

# କାଳୀମନ୍ଦିର-ପାଟପୁର ଶନି ମନ୍ଦିର ରାସ୍ତା ମରଣଯନ୍ତା



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପାଟପୁର କାଳୀ ମନ୍ଦିରରୁ ଶନି ମନ୍ଦିର ପର୍ଯ୍ୟନ୍ତ ରାସ୍ତା ପାଲଟିଛି ମରଣଯନ୍ତା। ଲୋକମାନେ ଯାତାୟତ କରିପାରୁ ନଥିବା ବେଳେ ଗୁରୁତର ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିପାରୁ ନାହିଁ। ଏନେଇ ସ୍ଥାନୀୟ ଅଞ୍ଚଳର ଅନେକ ବ୍ୟକ୍ତି ହୋହାଲ୍ଲା କରିବାରୁ ଓ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବା ପରେ ପ୍ରଶାସନର ନୀଦ ଭାଙ୍ଗିଛି। ପ୍ରଶାସନ ରାତି ଅଧିଆ ଭାବେ ଜୋରସୋର କାମ ଚଳାଇଛି। ନିମାପଡ଼ା ଏନ୍ଏସିରେ ଏପରି ଅବସ୍ଥା ହୋଇଥିବା ବେଳେ ଅନେକ ରାସ୍ତା ସମସ୍ୟା ଲାଗି ରହିଛି। ସୂଚନା ଅନୁଯାୟୀ, କାଳୀ ମନ୍ଦିରରୁ ଅରିଷଣ୍ଢ ଦୋଳବେଦୀ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶିଳାନ୍ୟାସ କରିଥିବା ବେଳେ ଜଣେ ଠିକାଦାର କିଛି ପଙ୍କ ମାଟି ଆଣି କାଳୀ ମନ୍ଦିର ଓ ପାଟପୁର ଦଳିତ ସାହି ଗ୍ରାମ ମୁଣ୍ଡରେ ପକାଇବା ହେତୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଜନସାଧାରଣ ଏକ ସପ୍ତାହ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଅଧିକାରୀ ଶୁଣୁ ନଥିଲେ। ଗ୍ରାମବାସୀମାନେ ଏହି ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଗଣମାଧ୍ୟମ ପ୍ରତିନିଧି ସେଠାରେ ଫଟୋ ଉତ୍ତୋଳନ କରିବା ପରେ ପ୍ରଶାସନର ନିଦ ଭାଙ୍ଗିଛି। ପ୍ରଶାସନ ରବିବାର ଅପରାହ୍ନରୁ କାମ ଆରମ୍ଭ କରିଥିବା ବେଳେ ରାତି ସାରା କାମ ଚଳାଇଛି। ତୁରନ୍ତ ଏହି ରାସ୍ତା ନିର୍ମାଣ କରିବା ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

# ଜଗତସିଂହପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘର ବଢୁଛି ବିବାଦ



ପାରାଦୀପ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘରେ ଦିନକୁ ଦିନ ବଢି ଚାଲିଛି ବିବାଦ। ତେବେ ରବିବାର ଦିନ ଚଞ୍ଚକତା ପୂର୍ବକ ଆୟୋଜିତ ସଂଘର ସାଧାରଣ ସଭାକୁ ବିରୋଧ କରି ଜିଲ୍ଲା ଟ୍ରକ ମାଲିକ ସଙ୍ଘ ସମ୍ମୁଖରେ ଟ୍ରକ ମାଲିକ ମାନେ ହୋହାଲ୍ଲା କରିବା ସହିତ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଘଟଣା ସ୍ଥଳରେ ପାରାଦୀପ ଲକଥାନା ଓ ଆଦର୍ଶ ଥାନା ପୋଲିସ ପହଞ୍ଚି ଉତ୍ୟକ୍ତ ମାଲିକମାନଙ୍କ ସହିତ ଆଲୋଚନା କରିବା ସହିତ ସଙ୍ଘର କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି। ସୂଚନା ଅନୁଯାଇ ଦୀର୍ଘ ଅଠର ବର୍ଷ ହେବ ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘରେ ନିର୍ବାଚନ ନ ହୋଇ ସଙ୍ଘର ସଭାପତିଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଗାଦି ମାଡି ବସିବା ସହିତ ସେମାନଙ୍କ ମନମାନିରେ ଟ୍ରକ ମାଲିକ ମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏପରିକି ପଦପଦବୀରେ ରହିଥିବା କର୍ମକର୍ତ୍ତା ମାନେ ସେମାନଙ୍କର ଏକାଧିକ ଟ୍ରକ ଚଳାଉଥିବା ବେଳେ ସାଧାରଣ ମାଲିକ ଟିକୁ ଖଣ୍ଡିଏ ଗାଡି ଲୋଡ଼ କରିବା କଷ୍ଟକର ହୋଇପଡୁଥିବା ନେଇ ମାଲିକ ମାନେ ପ୍ରକାଶ କରିବା ସହ ସଙ୍ଘରେ ନିର୍ବାଚନ କରିବାକୁ ଦାବି କରିଛନ୍ତି। ଏ ନେଇ ଜିଲ୍ଲା ପ୍ରଶାସନଙ୍କଙ୍କୁ ଅବଗତ କରାଇଥିବା ନେଇ ମାଲିକମାନେ ଅଭିଯୋଗ ଆଣିବା ସହିତ ଯଥାଶୀଘ୍ର ସଙ୍ଘରେ ନିର୍ବାଚନ କରିବାକୁ ଦାବି କରିଛନ୍ତି। ଦୀର୍ଘଦିନ ଧରି ଆମେ ପ୍ରଶାସନକୁ ସଙ୍ଘର ଅନିୟମିତତା ଓ ନିର୍ବାଚନ ନେଇ ଦାବି ଜଣାଇବା ସହ ପ୍ରଶାସନିକ ସ୍ତରରେ ଆଲୋଚନା ଜାରି ରହିଥିବା ବେଳେ ହଠାତ ସଙ୍ଘରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହେଉଥିବାରୁ ଆମେ ଏହାକୁ ବିରୋଧ କରିଛୁ। ଯଥାଶୀଘ୍ର ପ୍ରଶାସନ ତରଫରୁ ଆମକୁ ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରିବା ସହ ଯଦି ଏଥିରେ ବିଳମ୍ବ ହୁଏ ତେବେ ଆଗାମୀ ଦିନରେ ସଙ୍ଘ ସମ୍ମୁଖରେ ବିରୋଧ ପ୍ରଦର୍ଶନ ସହ ଆତ୍ମହୁତି ଦେବାକୁ ଧମକ ଦେଇଛନ୍ତି ଜିଲ୍ଲା ଟ୍ରକ ମାଲିକ ସଙ୍ଘରେ ସଦସ୍ୟ ରହିଥିବା ଟ୍ରକ ମାଲିକ।

# ଆଖୁ ଚାଷକୁ ନେଇ ଚିନ୍ତାରେ ଚାଷୀ ପରିବାର




ଆସିକା(ଭାସ୍କର ନ୍ୟୁଜ): ଦକ୍ଷିଣ ଓଡିଶାରେ ଥିବା ଆସିକା ସମବାୟ ଚିନିଶିଳ୍ପ ଗତ ୧୯୬୩ ମସିହାରୁ ଆଜି ପର୍ଯ୍ୟନ୍ତ ବହୁ ସମ୍ମାନ, ଗାରିମା ମଣ୍ଡନ ସହ ଘାତ ପ୍ରତିଘାତ ଦେଇ ଗତି କରିଆସୁଛି। ଗତ କିଛିବର୍ଷ ହେଲା ଚିନିକଳ ପ୍ରଶାସନିକ ଅଧିକାରୀଙ୍କ ଅଦଳବଦଳ, ରାଜନୈତିକ ଦଳରୁ ନିର୍ବାଚିତ ପରିଚାଳନା ନିର୍ଦ୍ଦେଶକଙ୍କ ମଧ୍ୟରେ ଶୀତଳ ଯୁଦ୍ଧ, ଶ୍ରମିକ ଆଶାନ୍ତି ଦୂର ଦୃଷ୍ଟି ଅଭାବ କାରଣରୁ ଚିନିଶିଳ୍ପ ବହୁତ ଋଣ ଭାର ମଧ୍ୟ ହୋଇଥିଲା। ଗତବର୍ଷ ରାଜ୍ୟର ନୂତନ ସରକାର ଆସିଲା ପରଠାରୁ ଆସିକା ଚିନିଶିଳ୍ପକୁ ନେଇ ରାଜନୀତି ଆରମ୍ଭ ହୋଇଥିଲା। ସର୍ବପୁରାତନ ଚିନିକଳର ପୁନଃ ଉଦ୍ଧାର, ଆଖୁ ଚାଷୀକୁ ବିଭିନ୍ନ ପ୍ରକାର ସରକାରୀ ସୁବିଧା ସୁଯୋଗ ତଥା ଆଖୁ ଫସଲ ବୃଦ୍ଧି ପାଇଁ ବ୍ୟାଙ୍କ ଋଣ ପ୍ରଦାନ, ଜଳ ସେଚନ ସୁବିଧା, ବନ୍ୟଜନ୍ତୁ ଯୋଗୁଁ ହେଉଥିବା ଫସଲ ନଷ୍ଟରୁ ରକ୍ଷା, ଧାନଚାଷ ଭଳି ଆଖୁ ଚାଷକୁ ଅଧିକ ବୋନସ ପ୍ରଦାନ କରିବା, ଚିନି କାରଖାନାରେ ବହୁମୁଖୀ ଶିଳ୍ପ ଅନୁଷ୍ଠାନ ଗଢି ତୋଳିବା, କର୍ମଚାରୀ ନିଯୁକ୍ତିକୁ ନେଇ ସରକାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗତ ୧୦/୧୨/୨୪ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଏକ ଟାସ୍କ ଫୋର୍ସ ଗଠନ କରିବାକୁ ପ୍ରତିଶୃତି ଦେଇଥିଲେ। କିନ୍ତୁ କଥା ଦେଇ କଥା ରଖୁଥିବା ସରକାର ବୋଧ ହୁଏ ଆସିକା ଚିନି କାରଖାନାକୁ ଭୁଲି ଗଲେ। ବର୍ତ୍ତମାନ ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଅଧିକାଂଶ ଚାଷୀ ଆଖୁ କିମ୍ବା ଧାନ ଫସଲ କରିବେ ସ୍ଥିର କରି ପାରୁନାହାନ୍ତି। ଗତ କିଛି ବର୍ଷ ହେଲା ଆଖୁ ଚାଷ କରିବାକୁ ବିମୁଖ ଚାଷୀକୁଳ। ସରକାର ଚାଷୀଙ୍କ ପ୍ରତି ବୈମାତୃକ ମନୋଭାବ ଯୋଗୁଁ ସବୁବେଳେ ଆଖୁ ଚାଷ କରି କ୍ଷତି ସହୁଥିବା ଚାଷୀ ସଙ୍ଘ ଦାବି କରିଛି। ଗତ ୨୦୧୯-୨୦ରେ ୩୦୪୪, ୨୦୨୦-୨୧ରେ ୨୧୫୫, ୨୦୨୧-୨୨ରେ ୧୪୫୯, ୨୦୨୨-୨୩ରେ ୧୪୫୮, ୨୦୨୩ -୨୪ରେ ୧୪୬୪ ଏବଂ ୨୦୨୪-୨୫ରେ ୧୪୩୮ ଚାଷୀ କାରଖାନାକୁ ଆଖୁ ଦେଇଛନ୍ତି। ଗତ ପାଞ୍ଚ ଛଅ ବର୍ଷ ହେଲା ଚାଷୀ ସଂଖ୍ୟା କମିବା ସହ ଆଖୁଚାଷ କରି କାରଖାନାକୁ କମ ଆଖୁ ଯୋଗାଇବା ଦ୍ୱାରା ଆଖୁ ପେଡା ଋତୁରେ ମିଲ ଚାଲିବା ଏବଂ ଚିନି ଉତ୍ପାଦନ ବୃଦ୍ଧି ପାଇବା କମିବାରେ ଲାଗିଛି। ବର୍ତ୍ତମାନ ଚାଷୀଙ୍କୁ ଅନୁସଙ୍ଗିକ ସୁବିଧା ସୁଯୋଗ ନମିଳିଲେ ଚଳିତ ବର୍ଷ ମଧ୍ୟ ଆଖୁଚାଷ କରିବା ପାଇଁ ଚାଷୀ ଅମଙ୍ଗ ହୋଇଥିବା ଶୁଣିବାକୁ ମିଳୁଛି। ବର୍ତ୍ତମାନ ସରକାର ନା ଚିନିଶିଳ୍ପ କର୍ତ୍ତୃପକ୍ଷ ଆଖୁ ଚାଷୀଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବାକୁ କିଏ ଦାୟିତ୍ୱ ନେଉଛି ଦେଖିବାକୁ ରହିଲା। ନଚେତ ଏହି ଚିନିଶିଳ୍ପ ରୁଗଣ ହୋଇ ପରିଶେଷରେ ତାଲା ଝୁଲିବ।

# ଯୁବକକୁ ପିଟି ପିଟି ହତ୍ୟା

ଛତ୍ରପୁର(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ହତ୍ୟା ବଢ଼ିବାରେ ଲାଗିଛି। କିଏ ପିଟିପିଟି ହତ୍ୟା କରୁଛି ତ, କିଏ ପଥର ଛେଚି ହତ୍ୟା କରୁଛି ଏବଂ ଆଉ କିଏ ବିଭିନ୍ନ ମାରଣାସ୍ତ୍ରରେ ହତ୍ୟା କରୁଛି ଏଭଳି ଘଟଣା ନିତିଦିନିଆ ହେଇଗଲାଣି। ହେଲେ ଯା ଉପରେ ପୋଲିସ୍ କଣ ପଦକ୍ଷେପ ନେଉଛି ତାହା ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନ ସୃଷ୍ଟି କରୁଛି। ସେହିଭଳି ଶନିବାର ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ଛତ୍ରପୁର ଥାନା ଭିକାରୀପଲି ପଞ୍ଚାୟତ ବ୍ରାହ୍ମଣିଆପଲ୍ଲୀ ଗ୍ରାମର ଜିନୁ ପାତ୍ରଙ୍କ ପୁଅ ଏ. ଲାଛେୟା ପାତ୍ରକୁ ହତ୍ୟା କରାଯାଇଛି। ଶନିବାର ମଧ୍ୟାହ୍ନରେ ସେହି ଗ୍ରାମର କିଛି ଦୁର୍ବୃତ୍ତ କୌଣସି ଏକ କାରଣକୁ ନେଇ ଲାଛେୟାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଦୁର୍ବୃତ୍ତ ମାନେ ଲାଛେୟାଙ୍କ ଛାତି ଏବଂ ପେଟକୁ ଲାତ ମାରିବା ଫଳରେ ସେ ଟଳି ପଡ଼ିଥିଲେ। ସେ ଟଳି ପଡ଼ିବା ପରେ ଦୁର୍ବୃତ୍ତମାନେ ସେହି ଜାଗା ଛାଡି ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ପଡ଼ିଥିବା ସମୟରେ ଲାଛେୟାର ବାପା ଆସି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଡାକି ଛତ୍ରପୁର ମେଡିକାଲକୁ ଆଣିଥିଲେ, ହେଲେ ରବିବାର ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି। ଛତ୍ରପୁର ଆଇଆଇସି ଦେବାଶିଷ ମହାନ୍ତି ମେଡିକାଲରେ ମୃତଦେହ ଜବତ କରିଛନ୍ତି। ଘଟଣା ସ୍ଥଳକୁ ଯାଇ ପୁଲିସ ତଦନ୍ତ ଆରମ୍ଭ କରିଛି। ବର୍ତ୍ତମାନ ସୁଦ୍ଧା ଏହି ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ। ଏନେଇ କେଶ୍ ନମ୍ବର ୩୧୯/୨୫ରେ ମାମଲା ରୁଜୁ ହୋଇଛି ପୋଲିସ ତଦନ୍ତ ଜାରି ରଖିଛି।

# ଗୋସାଇଁ ଯୁବ ପରିଷଦ ନୂତନ ଗୃହର ଶୁଭାରମ୍ଭ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଂଚାୟତ ଜିଓଳ ଗ୍ରାମରେ ସ୍ଥାନୀୟ ଅଞ୍ଚଳର ଯୁବକ ମାନଙ୍କୁ ନେଇ ଗଢି ଉଠିଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗାଦି ଗୋସାଇଁ ଯୁବ ପରିଷଦ ଦୀର୍ଘ ବର୍ଷ ହେଲା ସ୍ଥାନିୟ ଅଂଚଳରେ ଅନେକ ସେବା ମନୋବୃତ୍ତି ନେଇ କାମ କରୁଛନ୍ତି। ରବିବାର ଦିନ ଗାଦି ଗୋସାଇଁ ଯୁବ ପରିଷଦ ତରଫରୁ ଜିଓଳ ନିକଟରେ ନିର୍ମାଣ କରାଯାଇଥିବା ନୂତନ କ୍ଲବ ଗୃହ ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ କୁ ଅତିଥି ଭାବେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସମାଜସେବୀ ପ୍ରଦେଶ ବରାଳ, ସ୍ଥାନୀୟ ସରପଞ୍ଚ, ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ, କ୍ଲବ ସଭାପତି ଶାନ୍ତି ଶେଖର ବାରିକ, ସମ୍ପାଦକ ବିଶ୍ୱଜିତି ସେଠୀ, ଅସ୍ତରଙ୍ଗ ସବୁଜ ଶାଖା ସଭାପତି ରମାକାନ୍ତ ବସ୍ତିୟା ପ୍ରମୁଖ ଉପସ୍ଥିତରେ ଅତିଥି ମାନେ ଅନୁଷ୍ଠାନିକ ଭାବେ ଫିତା କାଟି ନୂତନ କ୍ଲବ ଗୃହ କୁ ଶୁଭ ଉଦ୍‌ଘାଟନ କରିଥିଲେ।

# ନିମାପଡ଼ାରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ରାଜ୍ୟ ସରକାରଙ୍କ ବିକାଶ ଜାରି ରହିଥିବା ବେଳେ ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ବେଶ୍ ଗୁରୁତ୍ୱ ଦେଉଥିବା ବେଳେ ରବିବାର ନିମାପଡ଼ା ନିର୍ବାଚନ ମଣ୍ଡଳୀ ଧନୁଆଁ ମଣ୍ଡଳ ଅନ୍ତର୍ଗତ ଅରିଷଣ୍ଢ ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ନରେନ୍ଦ୍ର ମୋଦୀଜୀଙ୍କ ୧ଶତ ୨୩ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବୈଷୟିକ ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ନୈତିକ ମୂଲ୍ୟବୋଧ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ଉପଦେଶ ସ୍ଥାନୀୟ ନାଗରିକଙ୍କୁ ପ୍ରଭାବିତ କରିଛି। ସମବେଦନଶୀଳ ତଥ୍ୟ ଓ ଜନସାଧାରଣଙ୍କ ସହିତ ସଂଯୋଗ ହେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସ୍ଥାନୀୟ ଜନତା ବିଶେଷକରି ଯୁବକମାନେ ଏହି କାର୍ଯ୍ୟକ୍ରମରେ ବହୁ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଗ୍ରାମର ଅନେକ ମହିଳା ଶ୍ରମିକ, ଶିକ୍ଷୟିତ୍ରୀ ଓ ବରିଷ୍ଠ ନାଗରିକ ମଧ୍ୟ ଉତ୍ସାହିତ ରହିଛନ୍ତି। ନିମାପଡ଼ା ନିର୍ବାଚନ ମଣ୍ଡଳୀର ଗମନାଗମନଠାରୁ ଆରମ୍ଭକରି ସ୍ୱାସ୍ଥ୍ୟ, ଶିକ୍ଷା, ବିଭିନ୍ନ କାର୍ଯ୍ୟ ଉପରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ବିଶେଷ ଦୃଷ୍ଟି ଦେଇଥିବା ବେଳେ ବେଳକୁ ବେଳ ଉପ-ମୁଖ୍ୟମନ୍ତ୍ରୀ ଲୋକଙ୍କର ପ୍ରିୟଭାଜନ ହୋଇପାରୁଛନ୍ତି। ଏପରି ବିକାଶ ଜାରି ରହିଲେ କୌଣସି ପଂଚାୟତ କିମ୍ବା ସହରରେ କିଛି ସମସ୍ୟା ରହିବ ନାହିଁ ବୋଲି ଅନେକ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନଗର ସଭାପତି ତଥା କାଉନସିଲର ନିରନ ନାୟକ, ବରିଷ୍ଠ ସଂଗଠକ ଯତିନ୍ଦ୍ର ସ୍ୱାଇଁ, ଅରିଷଣ୍ଢ ବିଜେପି ସଭାପତି ଅଜୟ କୁମାର ବେହେରା, ପୂର୍ବତନ ସରପଂଚ ଜୟନ୍ତ ପାଟସାହାଣୀ, ସନ୍ତୋଷ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

# ପୃଥକ୍ ସ୍ଥାନରୁ ନାଗସାପ ଉଦ୍ଧାର



ଡେଲାଙ୍ଗ (ଭାସ୍କର ନ୍ୟୁଜ): ଡେଲାଙ୍ଗ ବ୍ଲକ୍ ନିକଟସ୍ଥ ଡେଲାଙ୍ଗ କୋଠବାଡ଼ ଗ୍ରାମ ପଂଚାୟତର ଅଧିନସ୍ଥ ବଡ଼ଆଙ୍କୁଲା ଗ୍ରାମରୁ ଗତକାଲି ସକାଳ ୬ ଘଟିକା ସମୟରେ ୪ ଫୁଟର ନାଗସାପ ଉଦ୍ଧାର କରାଯାଇଛି। ବିଶେଷ ସୂତ୍ରରୁ ପ୍ରକାଶ ଯେ ବଡ଼ଆଙ୍କୁଲାସ୍ଥ ସୁଧାକର ପ୍ରଧାନଙ୍କ ଘରେ ଏକ ୪ ଫୁଟର ଗୋଖର (ନାଗ) ସାପ ଦେଖିବାକୁ ପାଇଲେ। ତୁରନ୍ତ ନିକଟରେ ଗ୍ରାମରେ ସ୍ନେକ୍ ହେଲ୍ପ୍ ଲାଇନରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଫୋନକଲ ହୋଇଥିଲା। ସେ ବ୍ୟକ୍ତି ତୁରନ୍ତ ଆସି ନାଗସାପଟିକୁ ଧରିଥିଲେ। ଏହା ଦେଖିବାପାଇଁ ଭିଡଲାଗିଥିଲା। ନାଗସାପକୁ ଧରି ବିଶ୍ୱନାଥ ନିକଟସ୍ଥ ୱ୍ୟାରଲେସ୍ ପାହାଡ଼ରେ ଛାଡ଼ିଥିଲେ। ସେହିପରି ଡେଲାଙ୍ଗ ବ୍ଲକ୍ ନିକଟସ୍ଥ ଅରିଶଲ ଗ୍ରାମରୁ ଅପରାହ୍ଣ ୫ରେ ୫ ଫୁଟର ନାଗସାପ ସ୍ନେକ୍ ହେଲ୍ପଲାଇନ ଦ୍ୱାରା ଉଦ୍ଧାର କରାଯାଇଛି। ସବିଶେଷ ବିବରଣୀରୁ ପ୍ରକାଶ ଯେ ପ୍ରତିମା ଦାସ ତାଙ୍କ ଘରକୁ ପ୍ରବେଶ କରିବା ସମୟରେ ଚପଲ ଷ୍ଟାଣ୍ଡରେ ଫଣା ଟେକିଥିବା ଦେଖି ଭୟଭିତ ହୋଇଯାଇଥିଲେ। ତୁରନ୍ତ ହେଲ୍ପ ଲାଇନର ଟିମ୍ ନାଗସାପକୁ କାବୁକରି ନେଇଥିଲେ।

# କର୍ପୋରେଟରଙ୍କ ଘର ସାମ୍ନା ରୋଡରେ ପାଣି



ଫୁଲନଖରା(ଭାସ୍କର ନ୍ୟୁଜ): କଟକ ଭୁବନେଶ୍ୱର ଜାତୀୟ ରାଜପଥ କଟକ ମହାନଗର ନିଗମ ୫୯ନମ୍ବର ୱାର୍ଡ ଫୁଲନଖରା ଛକ ସ୍ଥିତ ସର୍ଭିସ ରୋଡରେ ଅସରାଏ ବର୍ଷା ହେବା ମାତ୍ରକେ ରାସ୍ତା ଉପରେ ପାଣି ଜମି ରହୁଥିବା ସ୍ଥଳରେ ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ଯାତାୟାତରେ ଘୋର ବାଧା ସୃଷ୍ଟି କରୁଛି। ୫୯ ନମ୍ବର ୱାର୍ଡ କର୍ପୋରେଟରଙ୍କ ଘର ସମ୍ମୁଖ ରାସ୍ତାରେ ଦୁଇ ତିନିଦିନ ଧରି ସୃଷ୍ଟି ହୋଇଥିବା ଲଘୁଚାପରେ ସାମାନ୍ୟ ବର୍ଷା ହେବା ଫଳରେ ରାସ୍ତାରେ ପାଣି ଜମିବା ସହ ଦହଲ ସୃଷ୍ଟି କରୁଛି। ଫଳରେ ସାଇକେଲ ଆରୋହୀଠୁ ଆରମ୍ଭ କରି ମଟର ସାଇକେଲ ଓ ଛାତ୍ରଛାତ୍ରୀ କାଦୁଅ ରାସ୍ତାରେ ବାଧ ହୋଇ ଯାତାୟାତ କରୁଛନ୍ତି। ରାସ୍ତା କଡରେ ଫୁଲନଖରା ଉପ ଡାକଘର, ବିଭିନ୍ନ ବ୍ୟାଙ୍କ, ଗାଡି ସୋରୁମ ସହିତ ନୂଆ କାଚରା ମାଳର ଶହେରୁ ଉର୍ଦ୍ଧ ପରିବାର ଓ ଜନ୍ମେଜୟପୁର, ବାଗଧାରାପୁର, ମୁଗଭଙ୍ଗା, ଶାସଳ ଓ ଆମଣ ଗ୍ରାମର ଜନସାଧାରଣଙ୍କ ସହ ଛାତ୍ରଛାତ୍ରୀ ଓ ବ୍ୟବସାୟୀ ଦୈନିକ ଫୁଲନଖରା ବଜାରକୁ ଏହି ରାସ୍ତାଦେଇ ଆସିଥାନ୍ତି। ମହାନଗର ନିଗମ ପକ୍ଷରୁ ବର୍ଷାଋତୁ ଆସିବା ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ ଓ ଡ୍ରେନ ତିଆରି କରି ଜଳ ନିଷ୍କାସନ କରିବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ରହିଛି। ଅଥଚ ଦୁର୍ଭାଗ୍ୟର ବିଷୟ ମାତ୍ର ଅସରାଏ ବର୍ଷାହେଲେ ଏହି ରାସ୍ତାଟି ସମ୍ପୂର୍ଣ୍ଣ କାଦୁଅ ପଙ୍କରେ ଉବୁଟୁବୁ ହେଉଛି। ଏପରି ସ୍ଥଳେ କର୍ପୋରେଟର ଓ ସ୍ଥାନୀୟ ବିଧାୟକ ଜନସାଧାରଣଙ୍କ ମୌଳିକ ସୁବିଧାକୁ ଗୁରୁତ୍ୱ ନଦେଇ କାର୍ଯ୍ୟଦେଶ ବଣ୍ଟନ କରିବା ଓ ଭିତ୍ତିପ୍ରସ୍ତର ଉନ୍ମୋଚନ କରିବା କାହା ସ୍ୱାର୍ଥରେ ହେଉଛି ବୋଲି ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ପାରାଦୀପ ମହାବିଦ୍ୟାଳୟ ଏନ୍‌ସିସି କ୍ୟାଡଟ୍ସ ଓ ପୁରାତନ ଛାତ୍ର ସଂଘର ସ୍ୱଚ୍ଛତା ଅଭିଯାନ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ମହାବିଦ୍ୟାଳୟ ଏନ୍‌ସିସି କ୍ୟାଡେଟ ଓ ଏନ୍‌ସିସି ପୁରାତନ ଛାତ୍ର ସଂଘ ପକ୍ଷରୁ ମାଉସି ମା ମନ୍ଦିର ନିକଟସ୍ଥ ଅଞ୍ଚଳରେ ୫୧ତମ ସ୍ୱଚ୍ଛତା ଅଭିଯାନ ରବିବାର ଦିନ ସକାଳେ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ କମାଣ୍ଡର ସୁଶାନ୍ତ କୁମାର ମହାନ୍ତି, ଏନ୍‌ସିସିର ୩ ଓଡିଶା ନାଭାଲ୍ ୟୁନିଟ କମାଣ୍ଡିଂ ଅଫିସର, ଯିଏ ପାରାଦୀପର ଏନ୍‌ସିସି କ୍ୟାଡେଟ ଓ ପୁରାତନ ଛାତ୍ରଙ୍କର ସମର୍ପଣ ଓ ସେବାଭାବକୁ ପ୍ରଶଂସା କଲେ। ସେ ଜନସଚେତନତା ଓ ଜନ ଉପକାରିତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଅଭିଯାନ ସମୟରେ ମାଉସି ମା ମନ୍ଦିର ପ୍ରାଙ୍ଗଣ ଓ ପୋଖରୀକୁ ପ୍ଲାଷ୍ଟିକ ବସ୍ତା ଓ ଆବର୍ଜନା ସଫା କରାଯାଇଥିଲା। ପୁରାତନ ଛାତ୍ର ସଂଘର ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ମହାପାତ୍ର ସାଧାରଣ ଲୋକଙ୍କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର କରିବାରୁ ବଞ୍ଚିବା ରହିବା ଓ ପାରାଦୀପ ପୌରପାଳିକା ପ୍ରଦତ୍ତ ଡଷ୍ଟବିନ ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ। ଲେଫ୍ଟନାଣ୍ଟ କମାଣ୍ଡର ଏ.ସି. ମିଶ୍ର, ଏନ୍‌ଓ ଓ ପରାମର୍ଶଦାତା ଏନସିସି ଓ ଆଲୁମନି ଆସୋସିଏସନ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରି ନେସନ୍ ଫାର୍ଷ୍ଟ, ସ୍ୱଚ୍ଛତା ହି ସେବା ମନ୍ତ୍ରକୁ ପୁନଃଦୃଢ଼ କରିଥିଲେ। ଏଥିରେ ପ୍ରାୟ ୪୦ ଏନ୍‌ସିସି କ୍ୟାଡେଟ୍ ଓ ୧୫ ପୁରାତନ ଛାତ୍ର ସଙ୍ଘ ସଦସ୍ୟ ଉତ୍ସାହିତ ଭାବେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂଘର ଉପାଧ୍ୟକ୍ଷ ବିକ୍ରମସିଂହ ମହାରଣା, ସହ ସମ୍ପାଦକ ନିଳିମା ପ୍ରିୟଦର୍ଶିନୀ, କାର୍ଯ୍ୟକାରିଣୀ ସଦସ୍ୟ ହରପ୍ରିୟା ପଟ୍ଟନାୟକ, ଲିପୁନା ବାରିକ, ଜିତେନ୍ଦ୍ର ବାରିକ, ସରୋଜ ସ୍ୱାଇଁ, ରାଜା ମଲିକ, ଦୀପକ କରଣ, ମଧୁସ୍ମିତା, ସୁଚରିତା ରାଉତ, ଅରୁଣିମା ଓ ଏନସିସି କ୍ୟାଡେଟ୍ ପିକୁନ୍ ସେନାପତି, ବିନାୟକ ମହାରଣା, ବିଜୟ ଘଡେଇ, ସୁମିତ୍ରା ଗେଡି, ସୁଭଲକ୍ଷ୍ମୀ ବିଶ୍ୱାଳ, କଣ୍ହା ବିଶ୍ୱାଳ ଓ ରାହୁଲ ପ୍ରମୁଖ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସକ୍ରିୟା ଅଂଶଗ୍ରହଣ କରିଥିଲେ। ତେବେ ଚଳିତ ରଥଯାତ୍ରାରେ ପାରାଦୀପରେ ପ୍ରଥମଥର ପାଇଁ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିବା ବେଳେ ସେହି ଅନୁପାତରେ ବହୁ ଅଳିଆ ଆବର୍ଜନା ବିକ୍ଷିପ୍ତ ଅବସ୍ଥାରେ ପଡି ପରିବେଶ ଦୂଷିତ କରୁଥିବା ଦେଖିବାକୁ ମିଳିଥିଲା। ଯଦିଓ ସେହି ସ୍ଥାନ ସବୁକୁ ପୌର ପ୍ରଶାସନ ପକ୍ଷରୁ ସଫେଇ କରାଯାଉଥିବା ବେଳେ ସେମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ଏନସିସି ଓ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ନେଇ କହିଛନ୍ତି ଏନସିସି ପୁରାତନ ଛାତ୍ର ସଙ୍ଘ ଅଧ୍ୟକ୍ଷ ଅମ୍ବିକା ମହାପାତ୍ର।

# ଦଳିତ ନିର୍ଯାତନା ପ୍ରତିବାଦରେ ଏମ୍‌ଏସ୍‌ୱାଇଏଫ୍‌ର ମଶାଲ ଶୋଭାଯାତ୍ରା




ବଡ଼ଚଣା(ଭାସ୍କର ନ୍ୟୁଜ): ପ୍ରତିକାତ୍ମକ ପ୍ରତିବାଦ ସଭା ଓ ମଶାଲ ଶୋଭାଯାତ୍ରା ଚଣ୍ଡଖୋଲ ଛକ ଠାରେ ଅନୁଷ୍ଠିତ ହୋଇଯାଇଅଛି। ହୋଇଥିବା ଅକଥନୀୟ ନିର୍ଯ୍ୟାତନା ପ୍ରତିବାଦରେ ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ ଯାଜପୁର ଜିଲ୍ଲା ପକ୍ଷରୁ ଗଞ୍ଜାମ ଧରାକୋଟ ଥାନା ଅଧିନସ୍ଥ ଖରିଗୁମ୍ମା ଗ୍ରାମରେ ବଜରଙ୍ଗ ଦଳର ଗୁଣ୍ଡାବାହୀନି ଦ୍ୱାରା ଦୁଇ ଦଳିତଙ୍କ ଉପରେ ଦେଶ ସ୍ୱାଧୀନ ହେବାର ୭୮ବର୍ଷ ତଥା ସମ୍ବିଧାନ କାର୍ଯ୍ୟକାରୀ ହେବାର ୭୫ବର୍ଷ ଅତିବାହିତ ହୋଇଯାଇଥିଲେ ମଧ୍ୟ ଏହି ଦେଶରେ ଆଜିବି ଜାତିବାଦ, ଛୁଆଁଅଛୁଆଁ ବିକଳ ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ଆଜି ବି ଜାତିବାଦ ବର୍ଣ୍ଣବାଦ ନିଜର କାୟା ଆଦିବାସୀ ଜନସାଧାରଣଙ୍କ ଉପରେ ଅମାନବୀୟ ଅତ୍ୟାଚାର କରିଚାଲିଛି। ଶାସକ ବର୍ଗର ପ୍ରୋତ୍ସାହନରେ ସମ୍ବିଧାନର ଧଡିଆ ଉଡ଼ାଇନିଚ୍ଛତାର ସମସ୍ତ ସୀମା ଅତିକ୍ରମି ଯାଇଛି। ଏହାର ସଦ୍ୟତମ ଉଦାହରଣ ହେଉଛି। ଗଞ୍ଜାମ ଜିଲ୍ଲାର ଧାରକୋଟ ଥାନା ଅନ୍ତର୍ଗତ ସିଂପୁର ଗ୍ରାମରେ ଘଟିଥିବା ନୃଶଂସ କାଣ୍ଡ ଯାହା ମାନବ ସମାଜ ପାଇଁ ଏକ କଳଙ୍କ। ବାବୁଲା ନାୟକ ନାମକ ଜଣେ ଦଳିତ ବ୍ୟକ୍ତି ନିଜ ଝିଅ ବାହାଘରରେ ଉପହାର ଦେବାକୁ ଗାଈ କିଣି ଘରକୁ ଫେରୁଥିବା ବେଳେ ପେଶାଦାର ଅପରାଧି ରାଜା ସାମଲଙ୍କ ନେତୃତ୍ୱରେ ବଜରଙ୍ଗ ଦଳର ଗୁଣ୍ଡାବାହିନି ତାଙ୍କୁ ଅଟକାଇ ୩୦ ହଜାର ଟଙ୍କା ଦେବାକୁ ବାଧ୍ୟ କଲେ। ସେ ଏତେ ପରିମାଣର ଟଙ୍କା ଦେବାକୁ ଅସମର୍ଥ ବୋଲି କହିବା ପରେ ତାଙ୍କୁ ମାଡ଼ମାରି ଲହୁଲୁହାଣ କଲେ। ନର୍ଦ୍ଦମା ପାଣି ପିଆଇଲେ ଘାସ ଖୁଆଇଲେ ଅତି ନିର୍ମମ ଭାବରେ ଦୁଇ କିଲୋମିଟର ଚଲାଇବା ପରେ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବା ଦେଖୁ ସେହି ଅବସ୍ଥାରେ ତାଙ୍କୁ ଛାଡ଼ି ଚାଲି ଯାଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧଙ୍କୁ ତୁରନ୍ତ ଗିରଫ କରିବା ସହ ଫାଷ୍ଟଟ୍ରାକ କୋର୍ଟରେ ଏହାର ତ୍ୱରିତ ବିଚାର କରାଯାଉ। ଉଭୟ ପୀଡ଼ିତକୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଉ। ଗୋରକ୍ଷା ନାମରେ ବୃଦ୍ଧି ପାଉଥିବା ଅତ୍ୟାଚାର ଉପରେ ରୋକ ଲଗାଇବା ପାଇଁ ସରକାର ତୁରନ୍ତ ସର୍କୁଲାର ଜାରି କରିବା ସହ ଆଇନ ଆଣନ୍ତୁ। ବଜରଙ୍ଗ ଦଳ ଭଳି ବିଭିନ୍ନ ଗୋରକ୍ଷା ସଂଗଠନଗୁଡ଼ିକୁ ବ୍ୟାନ କରାଯାଉ, ଗୋରକ୍ଷା ନାମରେ ନିର୍ଯାତନାକାରୀଙ୍କ ବିରୁଦ୍ଧରେ ଦେଶ ଦ୍ରୋହ ମାମଲା ରୁଜୁ ସହ ସେମାନଙ୍କୁ ପଳାତକ ଘୋଷଣା କରାଯାଉ। ଏହି ପଥପ୍ରାନ୍ତ ସଭାରେ ଭାଷଣ ମାଧ୍ୟମରେ କହିଥିଲେ। ମଶାଲ ଶୋଭାଯାତ୍ରା ପିକେଟିଙ୍ଗ କରି ଚଣ୍ଡୀଖୋଲ ଛକ ପରିଭ୍ରମଣ କରିଥିଲା ଏବଂ ବିଜେପି ସରକାର ବିରୁଦ୍ଧରେ ବିଭିନ୍ନ ପ୍ରକାରର ନାରାବାଜି ହୋଇଥିଲା। ଲିଲୁଦାସ ଜିଲ୍ଲା ସଂଯୋଜକ ମୂଳ ନିବାସୀ ଛାତ୍ର ଯୁବ ସାମୂଖ୍ୟ ଙ୍କ ନେତୃତ୍ୱରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟର ରାଜ୍ୟ ସଂଗଠକ ବିଭ୍ରାନ୍ତ ବିଶ୍ୱଜିତ, ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ଅଭିରାମ ମଲିକ ରାଜ୍ୟ ସଭାପତି ମୂଳ ନିବାସୀ ସମତା ପରିଷଦ, ମହା ସଚିବ ସୁଜିତ କୁମାର ମଲ୍ଲିକ, କାର୍ଯ୍ୟକାରିଣୀ ସଦସ୍ୟ, ଭଗତ ଚନ୍ଦ୍ର ଦାସ, ଡକ୍ଟର ପବନେଶ୍ୱର ଜେନା ଆମ୍ବେଦକର ପାଠାଗାର ସଭାପତି, ଅନିଲ କୁମାର ଜେନା, ଜିଲ୍ଲା ସଂଯୋଜକ ଲିଲୁ ଦାସ, ପ୍ରହଲ୍ଲାଦ ମଲ୍ଲିକ ଏବଂ ଶତାଧିକ ଦଳିତ ଲୋକମାନେ ଯୋଗ ଦେଇଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ରାଇଘର, (ଭାସ୍କର ନ୍ୟୁଜ): ସନାତନ ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ ତପନ କଲ୍ୟାଣ ମଣ୍ଡପ ଠାରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୁସ୍ତକ ଉନ୍ମୋଚନ ଓ କବିତା ପାଠ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନ ଡ ଦୀନବନ୍ଧୁ ନନ୍ଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବଲ୍ଲଭ ରାଉତ ପ୍ରାକ୍ତନ ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ସମ୍ମାନିତ ଅତିଥି ଭାବେ ପ୍ରୀତି ସ୍ମିତା ମହାପାତ୍ର ସାଂସଦ ପ୍ରତିନିଧି, ମୁଖ୍ୟ ବକ୍ତା ଭାବେ ମନୋରମା ମହାପାତ୍ର, ବରିଷ୍ଠ କବି, ସମ୍ମାନିତ ଅତିଥି ଭାବେ ଉମେଶ ଚନ୍ଦ୍ର ଭୁକ୍ତା ଅବସର ପ୍ରାପ୍ତ ଶିକ୍ଷାଧିକାରୀ, ସମୀକ୍ଷକ ଭାବେ ଅଭିରାମ ଲେଙ୍କା, ବ୍ୟଙ୍ଗ କବି ମଞ୍ଚାସିନ ଥିବାବେଳେ କବି ଗୌରାଙ୍ଗ ପାଲଙ୍କ କବିତା ପୁସ୍ତକ 'ଫେରିବାକୁ ହେବ ଦିନେ' ଉନ୍ମୋଚିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ସଂଗ୍ରାମ କିଶୋର ପରିଡା କରିଥିବା ବେଳେ, ସାଗର କୁମାର ପରିଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରବିନ୍ଦ୍ର ବାହିନପତି ପ୍ରାରମ୍ଭିକ ସଙ୍ଗୀତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରୀତି ସ୍ମିତା ମହାପାତ୍ର, ହେମଲତା ମାଝୀ, କାର୍ତ୍ତିକ ମଲ୍ଲିକ, ଟୁଟୁ ବାବୁ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ରାଉତ ଓ ମିହିର କାନ୍ତି ଡାଲିଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଲୋକେଶ କୁମାର ଜେନା ଧନ୍ୟବାଦ ଦେଇ ପ୍ରଥମ ଅଧିବେଶନର ପରି ସମାପ୍ତି ଘଟିଥିଲା। ଦ୍ୱିତୀୟ ଅଧିବେଶନ ପ୍ରଫୁଲ୍ଲ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜକିଶୋର ନାୟକ, ପୂର୍ଣ୍ଣ ଚନ୍ଦ୍ର ସେଠୀ ଓ ମହାନନ୍ଦ ମହାଲିକ ମଞ୍ଚାସିନ ଥିଲେ। ପ୍ରାୟ ତିରିଶ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ପରୀକ୍ଷିତ ସାହୁ ଓ ଧନଞ୍ଜୟ ମଲ୍ଲ ପରିଚାଳନା କରିଥିଲେ।



# ଯୌତୁକ ପାଇଁ ଭଉଣୀଙ୍କୁ ହତ୍ୟା ନେଇ ଭାଇର ଅଭିଯୋଗ



ବୋଲଗଡ଼, (ଭାସ୍କର ନ୍ୟୁଜ୍) : ବୋଲଗଡ଼ ଥାନା ଅନ୍ତର୍ଗତ ସଂପୁର ବାଉତିପାଟଣା ଗ୍ରାମରେ ଜଣେ ବିବାହିତା ମହିଳାଙ୍କୁ ଅଧିକ ଯୌତୁକ ଦାବି କରି ବିଷ ପିଆଇ ମାରି ଦେଇଥିବାର ନୟାଗଡ଼ ଟାଉନ ଥାନା ଭାଟସାହି ଅଞ୍ଚଳ ସୁବର୍ଣ୍ଣଦେଇପୁର ଗ୍ରାମର ଗୋଲା ଗୋଛାୟତଙ୍କ ପୁଅ ଶିବ ପ୍ରସାଦ ଗୋଛାୟତ ବୋଲଗଡ଼ ଥାନାରେ ଅଭିଯୋଗ ଆଣିଛନ୍ତି। ଇତଲା ମୁତାବକ ସୁବର୍ଣ୍ଣଦେଇପୁର ଗ୍ରାମର ଗୋଲା ଗୋଛାୟତଙ୍କ ମୃତ ଝିଅ ସଂଯୁକ୍ତା ଗୋଛାୟତ (୨୫)ସଂପୁର ବାଉତି ପାଟଣା ଗ୍ରାମର ହରିହର ଲେଙ୍କାଙ୍କ ପୁଅ ବିଭୁତି ଭୂଷଣ ଲେଙ୍କାଙ୍କୁ ୭ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ମୃତକ ସଂଯୁକ୍ତାଙ୍କ ଶ୍ୱଶୁର ଘର ପକ୍ଷରୁ ଦାବି ମୁତାବକ ବାପଘର ପକ୍ଷରୁ ଝିଅ ସଂଯୁକ୍ତାଙ୍କୁ ସୁନା ରାଣୀହାର, ମଙ୍ଗଳସୂତ୍ର, କାନଝରା ସୁନାଶଙ୍ଖା, ସେବତୀ ଫୁଲ, ଖଟ, କଂସାବାସନ ଇତ୍ୟାଦି ସହ ଘର କରଣା ସରଞ୍ଜାମ ଦିଆ ଯାଇଥିଲା। ସେହିପରି ଜ୍ୱାଇଁ ବିଭୁତି ଭୂଷଣଙ୍କୁ ସୁନାଚେନ, ହାତକୁ ମୁଦି ସହ ବନ୍ଧାଣ ବାବଦକୁ ୧୦ଗୋଟି ସୁନାମୁଦି ସହ ଏକ ୪ଏ ଆକ୍ଟିଭ ସ୍କୁଟି ଓ ନଗଦ ୫୦ହଜାର ଟଙ୍କା ଦିଆଯାଇଥିଲା। ଏହାର ମଧ୍ୟରେ ସଂସାର ଖୁସିରେ ଚାଲିଥିଲା। ଅଦ୍ୟାପି ମୃତକ ସଂଯୁକ୍ତାର ଏକ ୪ବର୍ଷର କନ୍ୟା ସନ୍ତାନ ଅଛନ୍ତି। ତେବେ ସଂଯୁକ୍ତା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇ ଥିବାରେ କାହିଁକି ଝିଅ ଜନ୍ମ କଲୁ ବୋଲି ସଂଯୁକ୍ତାଙ୍କୁ ଶ୍ୱଶୁର ଘର ପକ୍ଷରୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ପରେ ଶ୍ୱଶୁର ଘର ପକ୍ଷରୁ ବାପଘରୁ ପୁଣି ଅଧିକ ୫୦ହଜାର ଟଙ୍କା ଆଣିବାକୁ ଅନେକ ବାର ଚାପ ପ୍ରୟୋଗ କରୁଥିବାର ବଡ଼ ଭାଇ ଶିବଙ୍କୁ ଫୋନରେ ସଂଯୁକ୍ତା ଜଣାଇଥିଲେ। ତେବେ ଏ ଟଙ୍କା ଆଣିବାକୁ ସଂଯୁକ୍ତା ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ବହୁବାର ତାଙ୍କୁ ଗାଳି ସହ ମାଡ଼ ମରାଯାଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ତେବେ ଗତ ଗୁରୁବାର ଦିନ ଅତ୍ୟଧିକ ଦେହ ଖରାପ ଥିବା ଓ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ସଂଯୁକ୍ତା ଚିକିତ୍ସିତ ହେଉଛନ୍ତି ବୋଲି ଜ୍ୱାଇଁ ବିଭୁତି ମାମୁଁ ଶ୍ୱଶୁରଙ୍କ ଜରିଆରେ ଶାଳକ ଶିବ ପ୍ରସାଦଙ୍କୁ ଶୀଘ୍ର ଆସି ଭଉଣୀକୁ ଦେଖିବାକୁ ଫୋନରେ ଜଣାଇ ଥିଲେ। ତେବେ ଶିବ ମେଡିକାଲକୁ ଯାଇ ଦେଖିବାକୁ ପାଇଲେ ଯେ ଭଉଣୀ ସଂଯୁକ୍ତା ମରିଯାଇଛନ୍ତି। ତେବେ ଭଉଣୀ ବିଷ ପାନ କରି ମରିଥିବାର କୌଣସି ସୂତ୍ରରୁ ଜାଣିବା ପରେ ଏ ସମ୍ପର୍କରେ ବାପଘର ପକ୍ଷରୁ ଭାଇ ଶିବ ପ୍ରସାଦ ମୃତକ ସଂଯୁକ୍ତାର ସ୍ୱାମୀ ବିଭୁତି ସହ ପରିବାର ମିଶି ଭଉଣୀ ସଂଯୁକ୍ତାଙ୍କୁ ଜୋର ଜବରଦସ୍ତ ବିଷ ପିଆଇ ମାରି ଦେଇଥିବାର ବୋଲଗଡ଼ ଥାନାରେ ଅଭିଯୋଗ ଆଣିଛନ୍ତି।ଏ ସମ୍ପର୍କରେ ବୋଲଗଡ଼ ଥାନା ପୁଲିସ ଦଫା ୧୨୬(୨), ୨୯୬, ୧୧୫(୨), ୮୫, ୮୦(୧),୧୦୮, ୩(୫) ବିଏନଏସ, ୪ଡିପି ଆକ୍ଟ କେଶ ନଂ ୧୪୧/୨୫ ରୁଜୁ କରି ତଦନ୍ତ ଜାରି ରଖିଥିବା ତଦନ୍ତ କାରିଣୀ ଅଧିକାରୀ ଲିଲି ପାଢ଼ୀ ସୂଚନା ଦେଇଛନ୍ତି।

# ଆଡ଼ପ ମଣ୍ଡପରେ ବରାହ ନୃସିଂହ ଅବତାରରେ ଶ୍ରୀଜିଉ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସଦର ମହକୁମା ଠାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରର ଆଜି ସକାଳେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ମନ୍ଦିରର ବଡପଣ୍ଡା ମୁଖ୍ୟପୂଜାରୀ ସନ୍ତୋଷ କୁମାର ନନ୍ଦ, କାହ୍ନୁ ନନ୍ଦ ଚତୁର୍ଦ୍ଧାମୂର୍ତିଙ୍କ ସକାଳ ସ୍ନାନ, ରୀତିନୀତି, ଆଳତି ସାରିବା ପରେ ଶ୍ରୀଜୀଉଙ୍କୁ ବରାହ ନୃସିଂହ ଅବତାର ବେଶରେ ସୁସଜ୍ଜିତ କରିଥିଲେ। ଆଜି ସକାଳୁ ରାତ୍ର ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଠାକୁରଙ୍କ ବରାହ ନୃସିଂହ ଅବତାର ଦର୍ଶନ କରିବାକୁ ଭିଡ ଜମିଥିବା ଦେଖିବାକୁ ମିଳିଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦ ଓ ରାତ୍ରରେ ଭୋଗପ୍ରସାଦର ବ୍ୟବସ୍ଥା କରାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ପ୍ରୀୟ ମାଲପୁଆ, ଗଜା, ରଶାବଳି, ବାଲଶା, ବିଭିନ୍ନ ପ୍ରକାରର ମିଷ୍ଟ ଭୋଗ ଭକ୍ତମାନଙ୍କ ପାଇଁ ସୁଲଭ ମୂଲ୍ୟରେ ବିକ୍ରିୟ ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି। ଶାନ୍ତି ଶୃଙ୍ଖଳାପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା ମଧ୍ୟ କରାଯାଇଛି। ଆଜି ରାତ୍ରରେ ଜୟ ବଜରଙ୍ଗବାଲି ଜଗନ୍ନାଥ କଳା ପରିଷଦ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଭଜନ ସମାରୋହ ସାଙ୍ଗକୁ ବିଭିନ୍ନ ସାସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରା ଯାଇଥିବା ସୂଚନା ରହିଛି। ସେହିପରି କାଲିମେଲା, ମୋଟୁ, ପଡିଆ, ବାଲିମେଲା, ଚିତ୍ରକୋଣ୍ଡା, ଗୋବିନ୍ଦ ପାଲ୍ଲି, ମାଥିଲି, ଖଇରପୁଟ, ସିରିପେଟା ଭଳି ବିଭିନ୍ନ ସ୍ଥାନରେ ମଧ ଶ୍ରୀଜୀଉଙ୍କ ବରାହ ନୃସିଂହ ଅବତାରକୁ ଶ୍ରଦ୍ଧାଳୁ ଓ ଭକ୍ତିମାନେ ଦର୍ଶନ କରିଛନ୍ତି ।

# ଶୈକ୍ଷିକ ଜୀବନରେ ମିଳୁନି ଖେଳକୁଦ ସୁବିଧା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : କ୍ରୀଡା ଶୈକ୍ଷିକ ଜୀବନର ଅବିଚ୍ଛେଦ୍ୟ ଅଂଶ। ସୁସ୍ଥ ଓ ନିରୋଗ ଜୀବନ ଯାପନ ପାଇଁ କ୍ରୀଡା କେବଳ ଆବଶ୍ୟକ ନୁହେଁ, ବରଂ ଅପରିହାର୍ଯ୍ୟ। ଖେଳକୁଦ ମନକୁ ପ୍ରଫୁଲ୍ଲ ରଖେ। ଛାତ୍ର, ଛାତ୍ରୀଙ୍କୁ ଶୃଙ୍ଖଳିତ କରି ସେମାନଙ୍କ ଚରିତ୍ର ଗଠନରେ ସହାୟକ ହୁଏ ବୋଲି କୁହାଯାଏ। ଏଥିପାଇଁ ପ୍ରତି ବିଦ୍ୟାଳୟରେ ଖେଳ ପାଇଁ ସମୟ (ପିରିୟଡ଼ )ଥାଏ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଅନେକ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ରେ ଖେଳ ପଡିଆ ନଥିବାରୁ ଶୈକ୍ଷିକ ଜୀବନରେ ଶହ ଶହ ଛାତ୍ର, ଛାତ୍ରୀ ଖେଳକୁଦ କରି ପାରୁନାହାନ୍ତି। ଶିଶୁ, କିଶୋର, ବିଦ୍ୟାର୍ଥୀଙ୍କ ଠାରୁ ବିଦ୍ୟାଳୟ ହତା ଭିତରେ ଶାରୀରିକ ଶିକ୍ଷା, କ୍ରୀଡା, ବ୍ୟାୟାମ ଦୂରେଇ ଯାଉଛି। ସାପ୍ତାହିକ ରୁଟିନ ରେ ଥିବା ଖେଳ ପିରିୟଡ଼ ଗୁଡିକୁ ବିଦ୍ୟାର୍ଥୀ ମାନେ ଶ୍ରେଣୀ ଗୃହ ମଧ୍ୟରେ ଖେଳି କଟାଉଛନ୍ତି। ଛାତ୍ର ଛାତ୍ରୀ ସଂଖ୍ୟା ଦୃଷ୍ଟିରୁ ଅସ୍ତରଙ୍ଗ ବ୍ଲକର ଅନେକ ବିଦ୍ୟାଳୟ ରେ ଖେଳ ପଡିଆ ନାହିଁ। ଅନେକ ବିଦ୍ୟାଳୟ ରେ ଶିକ୍ଷକ ଓ ଶ୍ରେଣୀ ଗୃହ ଆଦି ସବୁ ଅଛି। କେବଳ ବିଦ୍ୟାଳୟର ଖେଳ ପଡିଆ ନାହିଁ। ଏପରିକି ଶିକ୍ଷାଦାନ ଆରମ୍ଭ ରୁ ସାମୂହିକ ପ୍ରାଥନା କରିବା ପାଇଁ ସ୍ଥାନ ଅଭାବ ଦେଖାଦେଉଛି। ସଂକୁଚିତ ସ୍ଥାନରେ ଏତେ ଅଧିକ ପିଲା ଗୋଟିଏ ସ୍ଥାନରେ ଠିଆ ହେବାକୁ ଜାଗା ମଧ ହେଉନି। ସରକାର ଙ୍କ ତରଫରୁ ବିଦ୍ୟାଳୟ ପାଇଁ ଖେଳପଡିଆ ନଥିଲେ ମଧ ଏଥିପ୍ରତି ଗୁରୁତ୍ୱ ଦିଆଯାଉନଥିବାରୁ ସାଧାରଣ ଅସନ୍ତୋଷ ପ୍ରକାଶ ପାଇଛି।ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟ ଗୁଡିକ ପାଇଁ ଖେଳ ପଡିଆ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି

# ୟୁକାଲପଟାସ୍ କାଠ ସହ ଟ୍ରକ ଜବତ୍



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ରେଞ୍ଜ ନରଣପୁର ସେକ୍ସନ ବଲାଣିପଶି ନିକଟ ଉକୁଚାବେଡାରୁ ଏକ ସରକାରୀ ଜମିରୁ ୟୁକାଲପଟାସ ଗଛ କାଟି ୨ଟି ଟ୍ରକ ଏବଂ ଗୋଟିଏ ଟ୍ରାକ୍ଟରେ ଚାଲାଣ ବେଳେ ବନ ବିଭାଗ ଜବତ୍ କରିଛି। ବନ ବିଭାଗ କାଠ ବୋଝେଇ ୨ଟି ଟ୍ରକ ଏବଂ ଗୋଟିଏ ଟ୍ରାକ୍ଟର ଜବତ୍ କରିଥିବାବେଳେ ଗୋଟିଏ ଟ୍ରାକ୍ଟର ଏବଂ ଗୋଟିଏ ଟ୍ରକ ଛାଡି ଦେଇଥିବା ଅଭିଯୋଗ ହୋଇଛି। ଜବତ୍ ୧୬ ଚକିଆ ଟ୍ରକକୁ ନରଣପୁର ସେକ୍ସନ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ଏନେଇ ସଦର ରେଞ୍ଜର ଅଜିତ୍ ଦାସଙ୍କୁ ପଚାରିବାରୁ ବିନା ଅନୁମତିରେ କାଠ କାଟି ଚାଲାଣ କରୁଥିବାରୁ ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ଗୋଟିଏ ଟ୍ରାକ୍ଟର ଏବଂ ଗୋଟିଏ ଟ୍ରକକୁ ୩୦ ହଜାର ଟଙ୍କା ଜରିମାନା ଆଦାୟ ପରେ ଛାଡି ଦିଆଯାଇଛି ଏବଂ ଗୋଟିଏ ଟ୍ରକ ଜବତ୍ କରାଯାଇଛି। ରାଜସ୍ୱ ବିଭାଗ ଏବଂ ବନ ବିଭାଗ ଦ୍ୱାର ଯୁଗ୍ମ ଭାବେ ଏହାର ଯାଞ୍ଚ କଲେ କେତେ ଗଛ କଟାଯାଇଛି ଏବଂ କେଉଁ କିସମ ଜମିରୁ କଟାଯାଇଛି ତାହା ଜଣାପଡିବ। ତେବେ ବିନା ଅନୁମତିରେ ସରକାରୀ ଜମିରୁ ଏତେ ସଂଖ୍ୟକ ଗଛ କିପରି କଟାଗଲା ତାହା ଯାଂଚ କରିବାକୁ ସ୍ଥାନୀୟ ଲୋକ ଦାବୀ କରିଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ବନଖଣ୍ଡରେ ସଂଖ୍ୟାଲଘୁ କାଠ ମାଫିଆମାନେ ସକ୍ରୀୟ ଅଛନ୍ତି। ଗ୍ରାମ୍ୟ ଜଙ୍ଗଲ ଏବଂ ସଂରକ୍ଷିତ ଜଙ୍ଗଲରୁ ବନ ସୁରକ୍ଷା ସମିତି ଅନୁମତି ପାଇବା ପରେ କାଠ ମାଫିଆଙ୍କ ଦ୍ୱାରା ବହୁ ଗୁଣ ଅଧିକ ଗଛ କାଟି ନିଆଯାଉଥିବାରୁ ୟୁକାଲିପଟାସ ଏବଂ ଆକାଶିଆ ଗଛ କମିବାରେ ଲାଗିଛି।

# ଲଖନପୁରରେ ଗୁଣ୍ଡିଚା ରଥଯାତ୍ରା



ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ଲଖନପୁରସ୍ଥିତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ଶୁଭଦ୍ରାଙ୍କ ପବିତ୍ର ଗୁଣ୍ଡିଚା ରଥଯାତ୍ରା ଗତକାଲି ଶୁକ୍ରବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗୁଣ୍ଡିଚା ଯାତ୍ରା ପାଇଁ ଅପରାହ୍ନ ୪ ଟା ୩୦ ମିନିଟରେ ତିନି ଠାକୁରଙ୍କ ପହଣ୍ଡି ବିଜୟ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଭ୍ୟ ଗୌନ୍ତିଆ ଚେମାକାନ୍ତ ପଧାନ ରଥରେ ଛେରାପହରା କାର୍ଯ୍ୟ ତୁଲାଇ ଥିବାବେଳେ ମନ୍ଦିର ପୂଜକ ଅଲୋକ ତ୍ରିପାଠୀ ଓ ତାଙ୍କ ସହଯୋଗୀ ଗଗନ ନାଏକ ପୂଜାର୍ଚ୍ଚନା କରିଥିଲେ। ପହଣ୍ଡି ସମୟରେ ମନ୍ଦିର ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ ସା, କୋଷାଧକ୍ଷ ତ୍ରିଲୋଚନ ଜୟସ୍ୱାଲଙ୍କ ସମେତ ସଦସ୍ୟ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ମୀନକେତନ ପଧାନ, କିଶୋର ଚନ୍ଦ୍ର ପ୍ରଧାନ, ପିତାମ୍ବର ମିଶ୍ର, ନରୋତ୍ତମ ପ୍ରଧାନ, ହରିହର ମିଶ୍ର, ନାରାୟଣ ପଧାନ, ଶଙ୍କର୍ଷଣ ସାହୁ, ଅଣ୍ଡାରାମ ସାହୁ, ଭକ୍ତରାମ କାଲୋ, ଶୁକ୍ଳୁ ପାଣ୍ଡେ, ଡିଲେଶ୍ୱର ଖର୍ସେଲ, କ୍ଷୀତିଭୂଷଣ ପଧାନ, ସୌକି ପଧାନ, ବିମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମହାପ୍ରଭୁଙ୍କ ଦର୍ଶନଲାଭ କରିଥିଲେ। ପରେ ରଥଟଣା ସମୟରେ ଲଖନପୁର, ଜୁନିଏନ ଓ ଅଇଁଲାପାଲିର ସମ୍ପ୍ରଦା ଦଳ ସାମିଲ ରହି ସମ୍ପ୍ରଦା ପରିବେଷଣ କରିଥିଲେ। ଶଙ୍ଖ, ଘଣ୍ଟ, ହରିବୋଲ, ହୁଳହୁଳି ଶବ୍ଦ ସହ ଜୟ ଜଗନ୍ନାଥ ସ୍ଲୋଗାନରେ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା। ସନ୍ଧ୍ୟା ପ୍ରାୟ ସାଢ଼େ ୭ ଟାରେ ରଥ ମାଉସୀ ମନ୍ଦିରକୁ ପହଞ୍ଚିଥିଲା। ସେଠାରେ ସଞ୍ଜ ଆଳତି ମଧ ହୋଇଥିଲା।

# ପ୍ରଦୂଷଣ ରୋକିବାକୁ ପୌରପାଳିକା ପକ୍ଷରୁ ଦାବିପତ୍ର




ବେଲପାହାଡ,(ଭାସ୍କର ନ୍ୟୁଜ୍ ): ଲଖନପୁର କୋଇଲା ଖଣି ଅଞ୍ଚଳରୁ କୋଇଲା ବୋଝେଇ ଟ୍ରକ ଚଳାଚଳ ପାଇଁ ବ୍ୟାପକ ପ୍ରଦୂଷିତ ହେଉଛି ଯୋରାବଗା ଓ ଛତିଟାଙ୍ଗର ଅଞ୍ଚଳ। ଏନେଇ ବେଲପାହାଡ଼ ପୌର କାଉନସିଲର ଗୀତରାଣୀ ପାନ ଏହି ସ୍ଥାନରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ଓଡ଼ିଶା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଝାରସୁଗୁଡ଼ା ଆଞ୍ଚଳିକ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ କ୍ରମେ ପ୍ରତିଦିନ ଲଖନପୁର କୋଇଲା ଖଣି ଅଞ୍ଚଳରୁ ଶହ ଶହ କୋଇଲା ବୋଝେଇ ଟ୍ରକ ଚଳାଚଳ କରୁଛି। ଏହି ଟ୍ରକ ଗୁଡ଼ିକ ଯୋରାବଗା ଛତିଟାଙ୍ଗର ବସ୍ତି ନିକଟ ଦେଇ ବେଲପାହାଡ଼-ଇବଥର୍ମାଲ ମୁଖ୍ୟ ରାସ୍ତା ଅତିକ୍ରମ କରି ସାଇଡିଂ ପର୍ଯ୍ୟନ୍ତ ଚଳାଚଳ କରୁଛି। ହେଲେ ଏହି ସବୁ ଟ୍ରକ ଗୁଡ଼ିକ ଖୋଲାଖୋଲି ଭାବେ ପ୍ରଦୂଷଣ ନିୟନ୍ତ୍ରଣ ନିୟମକୁ ଉଲ୍ଲଂଘନ କରୁଛନ୍ତି। ଟ୍ରକ ଗୁଡ଼ିକରେ କ୍ଷମତାରୁ ଅଧିକ କୋଇଲା ବୋଝେଇ କରାଯିବା ସହିତ ବିନା ତାରପଲିନରେ ମୁକୁଳା ଭାବେ କୋଇଲା ପରିବହନ କରାଯାଉଛି। ଏଭଳି ବେଆଇନ କାର୍ଯ୍ୟରେ ଏଚଏଚପିଏଲ ନାମକ ଏକ ଠିକା ସଂସ୍ଥା ଅନ୍ୟ ସମସ୍ତଙ୍କ ଠାରୁ ଅଧିକ ପ୍ରଦର୍ଶନ କରୁଛି। ଏନେଇ ସମସ୍ତ କଥା ଜାଣିଶୁଣି ମଧ ଏମସିଏଲ ଲଖନପୁର ଖଣି କ୍ଷେତ୍ରର ଅଧିକାରୀମାନେ ଚୁପ ରହୁଛନ୍ତି। ଫଳରେ ଯୋରାବଗା ଓ ଛତିଟାଙ୍ଗର ଅଞ୍ଚଳ ସମ୍ପୂର୍ଣ୍ଣ ପ୍ରଦୂଷିତ ହେବା ସହ ଲୋକେ ଦୈନନ୍ଦିନ ସଡ଼କ ଦୁର୍ଘଟଣାରେ ଶିକାର ହେଉଛନ୍ତି। ଏପରିକି ଯୋରାବଗା ସ୍ଥିତ ଟ୍ରକ ପାର୍କିଂ ତଥା ସେଠାରେ ଥିବା ରେଳ ଗେଟ୍ ନିକଟରେ ସଡ଼କ ଦୁର୍ଘଟଣାରେ ଅନେକ ବ୍ୟକ୍ତି ପ୍ରାଣ ହରାଇ ସାରିଥିବା ମଧ ଅଭିଯୋଗ ହୋଇଛି। ପ୍ରବଳ କୋଇଲା ଗୁଣ୍ଡରେ ବସ୍ତି ବାସିନ୍ଦା ଲୋକେ ବିଭିନ୍ନ ପ୍ରକାରର ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଅନ୍ୟ ପଟରେ ମୁଚବାହାଲ ଠାରୁ ଯୋରାବଗା ସ୍ଥିତ ଟ୍ରକ ପାର୍କିଂ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବେଆଇନ ଟ୍ରକ ପାର୍କିଂ ମଧ ଚାଲିଥିବାରୁ ଲୋକଙ୍କ ପାଇଁ ଏହି ରାସ୍ତା ଏକ ମରଣଯନ୍ତା ରାସ୍ତା ପାଲଟି ଯାଇଛି। ତେଣୁ ଏହି ଅଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ କାଉନସିଲର ଗୀତାରାଣୀ ପାନ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# କାଦୁଅ ରାସ୍ତାରେ ଓଲଟିଲା ସ୍କୁଲ ବୋଲେରୋ ଅଳ୍ପକେ ବର୍ତ୍ତିଲେ ୧୨ ଛାତ୍ରଛାତ୍ରୀ



ଉମରକୋଟ, (ଭାସ୍କର ନ୍ୟୁଜ୍) : କାଦୁଅ ପଚପଚ ରାସ୍ତାଦେଇ ୧୨ ଜଣ ଛାତ୍ରଛାତ୍ରୀଙ୍କୁ ଧରି ସ୍କୁଲ ଅଭିମୁଖେ ଯାଉଥିବା ବୋଲେରୋଟି ଭାରସାମ୍ୟ ହରେଇ ରାସ୍ତା କଡ଼ରେ ଥିବା ଜମି ଭିତରକୁ ଓଲଟି ପଡିଛି। କାଦୁଅ ସ୍ଥାନ ହୋଇଥିବାରୁ କାହାର କିଛି କ୍ଷତି ହୋଇନଥିବା ସୂଚନା ମିଳିଛି। ଅବିଭାବକ ବିଜୟ ବକ୍ସିଙ୍କ କହିବା ପ୍ରକାରେ, ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଭିକ୍ଷା ପଞ୍ଚାୟତ ଅନ୍ତର୍ଗତ କୋଦଭଟ୍ଟା, ଗୋବରୀ, ଆଦିବାସୀ ଛଟାଗୁଡା, ବଙ୍ଗାଳୀ ଛଟାଗୁଡା ଆଦି ଗ୍ରାମର କିଛି ଅବିଭାବକ ନିଜ ନିଜ ଛୁଆମାନଙ୍କୁ ଧୋଡ୍ରା ସ୍ଥିତ ଆଲଫା ଇଂରାଜୀ ମିଡ଼ିଅମ ସ୍କୁଲରେ ନାମ ଲେଖାଇଛନ୍ତି। ପ୍ରତିଦିନ ବିଦ୍ୟାଳୟର ଏକ ଭ୍ୟାନ ଛାତ୍ରଛାତ୍ରୀ ମାନଙ୍କୁ ନେବାଆଣିବା କରିଥାଏ। ହେଲେ ଆଜି ସକାଳ ପ୍ରାୟ ୮ ଘଟିକା ସମୟରେ ଏକ ବୋଲେରୋ ଆଦିବାସୀ କୋଦଭଟ୍ଟା ଯାଇ ଫେରୁଥିବା ସମୟରେ ଆଦିବାସୀ କୋଦଭଟ୍ଟା ଓ ଆଦିବାସୀ ଗୋବରୀର ମଝି ରାସ୍ତାରେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ ସହଯୋଗରେ ଛାତ୍ରଛାତ୍ରୀ ମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପରେ ବୋଲେରୋ ଡ୍ରାଇଭର ଘଟଣା ସମ୍ପର୍କରେ ବିଦ୍ୟାଳୟ କର୍ତୃପକ୍ଷଙ୍କୁ ଫୋନରେ ଜଣେଇବା ପରେ ବିଦ୍ୟାଳୟରୁ ଆଉ ଏକ ଗାଡି ଆସି ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟକୁ ନେଇ ଯାଇଥିଲା। ପରେ ଅବିଭାବକମାନେ ବିଦ୍ୟାଳୟରେ ପହଞ୍ଚି ନିଜ ନିଜ ପୁଅଝିଅ ମାନଙ୍କୁ ଘରକୁ ଫେରେଇ ଆଣିଥିବା ସୂଚନା ମିଳିଛି। ସୂଚନା ପ୍ରକାରେ କୋଦଭଟ୍ଟା ଗ୍ରାମର ୬ ଜଣ, ଛୋଟାଗୁଡା ଗ୍ରାମର ୩ ଜଣ,ଏବଂ ଆଦିବାସୀ କୋଦଭଟ୍ଟା ଗ୍ରାମର ୩ ଜଣ ଛାତ୍ରଛାତ୍ରୀ ଉକ୍ତ ବୋଲେରୋରେ ବସିଥିଲେ। ସେମାନଙ୍କ ମଧ୍ୟରେ ତିନି ଜଣ ଛାତ୍ରଛାତ୍ରୀଙ୍କୁ ଅଳ୍ପ ଅଳ୍ପ ମାଡ଼ ହୋଇଥିବା ସୂଚନା ମିଳିଛି ।

# ଦୁର୍ଘଟଣାରେ ଜଣେ ମୃତ, ଫେରାର ଟ୍ରକ ଚାଳକ ଗିରଫ

ବେଲପାହାଡ,( ଭାସ୍କର ନ୍ୟୁଜ୍ ): ଲଖନପୁର ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ କନକତୋରା ନିକଟରେ ଗତ ୨୪ ତାରିଖ ବିଳମ୍ବିତ ରାତିରେ ଏକ ଟ୍ରକ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଥିଲା। ମୃତ ବ୍ୟକ୍ତି ଜଣକ ଝାରଖଣ୍ଡ ରାଜ୍ୟ ଧନବାଦ ଅଞ୍ଚଳର ହର୍ଷ କୁମାର (୨୫) ବୋଲି ଜଣାପଡିଥିଲା। ଏନେଇ ରେଙ୍ଗାଲି ପୋଲିସ କେସ ନମ୍ବର ୧୪୪/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପଟେ ଦୁର୍ଘଟଣା ଘଟାଇ ଟ୍ରକ ଚାଳକ କୁଆଡ଼େ ଫେରାର ହୋଇଯାଇଥିବା ବେଳେ ତାକୁ ପୁଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଟ୍ରକ ଚାଳକ ଜଣକ ଝାଡ଼ଖଣ୍ଡ ରାଜ୍ୟ ଛତ୍ରା ଥାନା ଅନ୍ତର୍ଗତ ଆରା ଅଞ୍ଚଳର ଅନୁଜ କୁମାର ଯାଦବ (୨୪) ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ ଗତ ୨୪ ତାରିଖ ବିଳମ୍ବିତ ରାତିରେ କନକତୋରା ନିକଟରେ ହର୍ଷ ଚାଲି ଚାଲି ଯାଉଥିବାବେଳେ ଏକ ଟ୍ରକ (ଓଆର-୧୬ଇ-୦୯୧୮) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ହର୍ଷଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ରେଙ୍ଗାଲି ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଥିଲା।

# ମାସେ ହେବ ବିଦ୍ୟୁତ୍ ସେବାରୁ ବଞ୍ଚିତ ଗ୍ରାମବାସୀ

ମାଲକାନଗିରି,(ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଚିତ୍ରାକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ଥିବା ଅଣ୍ଡରାପାଲି ପଞ୍ଚାୟତର ସଦର ଗ୍ରାମରେ ପ୍ରାୟ ଏକ ମାସ ହେବ ବିଜୁଳି ନଥିବା ନେଇ ଗ୍ରାମବାସୀ ଅନ୍ଧକାରରେ ଜୀବନ ବିତାଉ ଥିବା ଅଭିଯୋଗ କରିଛନ୍ତି। ବ୍ଲକ ସଦର ମହକୁମାରୁ ପ୍ରାୟ ୬୫ କିମି ଦୂରରେ ଥିବା ସ୍ୱାଭିମାନ ଅଞ୍ଚଳର ଏହି ଗ୍ରାମରେ ଲୋକଙ୍କ ପାଇଁ ମୌଳିକ ସୁବିଧା ମଧ୍ୟରେ ଥୁବା ବିଦ୍ୟୁତ ସେବା ଏକ ମାସ ଧରି ଦୂରେଇ ଯାଇଥିବା ବେଳେ ଏମାନେ ନାନା ସମସ୍ୟା ଭୋଗୁଥିବା ପ୍ରକାଶ କରିଛନ୍ତି। ତେବେ ଗ୍ରାମବାସୀ ବହୁ କଷ୍ଟ ମଧ୍ୟରେ ରହୁଥିବା ବେଳେ ଏଠାରେ ଥିବା ମଙ୍ଗଳ ବିଭାଗର ଆବାସିକ ବିଦ୍ୟାଳୟରେ ସ୍ଥିତି ଦୟନୀୟ ହୋଇ ପଡିଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟ ହଷ୍ଟେଲରେ ଛାତ୍ରଛାତ୍ରୀ ରହୁଥିବା ବେଳେ ବିଦ୍ୟୁତ ପରି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଦିନରେ ଗରମ ଓ ରାତିରେ ଅନ୍ଧକାର ମଧ୍ୟରେ ପିଲାଙ୍କୁ ପାଠ ପଢିବା ଠାରୁ ଆରମ୍ଭ କରି ଚଳ ପ୍ରଚଳ କରିବା ମଧ୍ୟ କଷ୍ଟକର ହୋଇ ପଡିଥିଲା। ତେବେ ଦୀର୍ଘ ଦିନ ଧରି ବିଭାଗୀୟ ଅଧିକାରୀଙ୍କୁ ଏନେଇ ଅଭିଯୋଗ କରାଯାଉଥିବା ବେଳେ ଶନିବାର ବିଦ୍ୟାଳୟକୁ ବିଦ୍ୟୁତ ସଂଯୋଗ ହୋଇଥିବା ଜଣା ପଡିଛି ତେବେ ଗ୍ରାମରେ କିନ୍ତୁ ବିଦ୍ୟୁତ ନ ଥିବା ବେଳେ ବିଭାଗ ପକ୍ଷରୁ ଲୋକଙ୍କୁ ବିଲ ଦିଆଯାଉ ନଥିବାରୁ ଲୋକେ ନିଜ ବକେୟା ବିଷୟରେ ଜାଣିପାରୁ ନଥିବା ପ୍ରକାଶ କରିଛନ୍ତି ତେଣୁ ଲୋକେ ବର୍ତ୍ତମାନ ଅଞ୍ଚଳରେ ବିଦ୍ୟୁତ ସମସ୍ୟାର ତୁରନ୍ତ ସମାଧାନ କରି ବିଜୁଳି ଯୋଗଇବାକୁ ଦାବି କରିଛନ୍ତି ।

# ୬୦ କେଜି ଗଞ୍ଜେଇ ସହ ୨ ବାଇକ ଜବତ, ୨ ଗିରଫ



ବାଲିମେଳା, (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ଅଧିନସ୍ତ ଜୟପୁର ଅଞ୍ଚଳକୁ ବେଆଇନ ଭାବେ ଦୁଇଜଣ ବ୍ୟକ୍ତି ଦୁଇଟି ବାଇକରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅଧିନସ୍ତ ବାଲିମେଳା -ଜୟପୁର ମୁଖ୍ୟ ରାସ୍ତା ତଥା ପୂଜାରୀଗୁଡା ଗ୍ରାମ ନିକଟରେ ଓର୍କେଲ ପୋଲିସ ହାତରେ ଧରା ପଡିଛନ୍ତି। ତେବେ ଏହି ଘଟଣାରେ ଗିରଫ ହୋଇଥିବା ବ୍ୟକ୍ତି ମାନେ ହେଲେ କୋରୁକୋଣ୍ଡା ବ୍ଲକ ଅଧିନସ୍ତ ମୁଦୁଲୀଗୁଡ଼ା ଗ୍ରାମର ହନୁ ଗୋଲରୀଙ୍କ ପୁଅ ତାରି ଗୋଲରୀ-(୩୩) ଏବଂ ଅନ୍ୟ ଜଣେ ହେଲେ ସେହି ଗ୍ରାମର ଧନ ହନ୍ତାଳଙ୍କ ପୁଅ ନାଥ ହନ୍ତାଳ-(୨୨)ବୋଲି ଜଣା ପଡିଛି। ମିଳିଥିବା ସୂଚନା ମୁତାବକ ଶନିବାର ସକାଳେ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ଏକ ଟିମ ବାଲିମେଳା -କୁଡୁମୁଲୁଗୁମ୍ମା ମୁଖ୍ୟ ରାସ୍ତା ପୂଜାରୀ ଗୁଡା ଗ୍ରାମ ନିକଟରେ ଅପରାହ୍ନ ପ୍ରାୟ ୧୨ ଟା ୪୫ ମିନିଟ ସମୟରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ବାଲିମେଳା ପଟୁ ଦୁଇଜଣ ବ୍ୟକ୍ତି ଦୁଇଟି ବାଇକ ଓଡି-୩୦-ଡି-୪୫୪୧ ଏବଂ ଅନ୍ୟ ଏକ ବାଇକ ଓଡି-୧୦-କେ-୪୧୮୫ରେ ଦୁଇଟି ଜରିବସ୍ତାରେ କିଛି ସାମଗ୍ରୀ ନେଇ ଜୟପୁର ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଦେଖି ସନ୍ଦେହ ହେବାରୁ ପୋଲିସ ଉଭୟଙ୍କୁ ରାସ୍ତାରେ ଅଟକାଇ ଯାଞ୍ଚ କରିଥିଲେ। ଦୁଇଟି ବାଇକରେ ଥିବା ଜରି ବସ୍ତା ଭିତରେ ମୋଟ ୬୦ କିଲୋ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଘଟଣା ସ୍ଥଳରୁ ପୋଲିସ ଉକ୍ତ ଗଞ୍ଜେଇ ସମେତ ଦୁଇଟି ବାଇକକୁ ଜବତ କରିବା ସହିତ ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ବାଇକ ଚାଳକଙ୍କୁ ଗିରଫ କରାଯାଇଛି। ଏ ନେଇ ପୋଲିସ ପକ୍ଷରୁ ଥାନାରେ କେସ ନମ୍ବର ୧୭୯ /୨୦୨୫ ଦଫା ୨୦(ବି)(ସସ)(ସି)/୨୫/୨୯ ଏନଡିପିଏସ ଧାରାରେ ଏକ ମାମଲା ରୁଜୁ କରାଯାଇଛି। ମାଜିଷ୍ଟ୍ରେଟ ଭାବେ କୁଡୁମୁଲୁଗୁମ୍ମା ଅତିରିକ୍ତ ତହସିଲଦାର ବ୍ରଜ ପ୍ରଧାନଙ୍କ ଉପସ୍ଥିତରେ ପୋଲିସ ୬୦କିଲୋ ଗଞ୍ଜେଇ ଏବଂ ଦୁଇଟି ବାଇକକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ମୁଦୁଲିଗୁଡା ଗ୍ରାମର ତାରି ଏବଂ ନାଥକୁ ପୋଲିସ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛନ୍ତି । ଏହି ଗଞ୍ଜେଇକୁ ଜୟପୁର ନେଉଥିଲୁ ବୋଲି ଗିରଫ ହୋଇଥିବା ବ୍ୟକ୍ତିମାନେ ପୋଲିସ ପଚାର ଉଚୁରା କରିବା ସମୟରେ ପୋଲିସ ସମ୍ମୁଖରେ ପ୍ରକାଶ କରିଥିବା ଜଣା ପଡିଛି। ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସଆଇ ଶ୍ରୀ ବରିହା ସୂଚନା ଦେଇଛନ୍ତି।

# ମାନବିକତା ହରାଉଛନ୍ତି ଘରୋଇ ଋଣ ସଂସ୍ଥା

ଚିକିଟୀ, (ଭାସ୍କର ନ୍ୟୁଜ୍) : ନିଜର ଗୁଜୁରାଣ ମେଣ୍ଟାଇବା, ଜରୁରୀ ଆବଶ୍ୟକତାକୁ ପୂରଣ କରିବା ସକାଶେ ମଣିଷ ଅନ୍ୟ ଠାରୁ ଧାର କରଜ କରିବାକୁ ବାଧ ହୋଇଥାଏ। ଇତି ମଧ୍ୟରେ କେତେକ ଲୋକ ହାତ ଉଦ୍ଧାର ତଥା ଆଉ କେତେକ ଗ୍ରାମାଞ୍ଚଳରୁ ଉଚ୍ଚ ସୁଧରେ କଲନ୍ତରକୁ ଆଣିଥାନ୍ତି। ବିଶେଷ କରି ଗ୍ରାମାଞ୍ଚଳର ମହିଳା ମାନେ ନିଜର ଆବଶ୍ୟକତା ପୂରଣ କରିବା ସକାଶେ ଗ୍ରୁପର ସହାୟତା ଲୋଡିଥାନ୍ତି। କେତେକ ମହିଳା ସଞ୍ଚାଳିକ ଗ୍ରୁପରୁ ଧାର କରୁଥିବା ବେଳେ ଆଉ କେତେକ ମହିଳା ଘରୋଇ ଋଣ ଦିଆ ସଂସ୍ଥାରୁ କରଜ କରିଥାନ୍ତି। କହିବାକୁ ଗଲେ ଚିକିଟି ଅଞ୍ଚଳରେ ମାଳମାଳ ଘରୋଇ ଋଣ ଦିଆ ସଂସ୍ଥା ନିଜର କାୟା ବିସ୍ତାର କରି ଋଣ ପ୍ରଦାନ କରି ବେଶ ମୁନଫା କମାଇବାରେ ଲାଗିଛନ୍ତି। ଉକ୍ତ ଗ୍ରୁପର କର୍ମଚାରୀ ମାନେ ପ୍ରତି ଦଶ ଜଣ ମହିଳାକୁ ନେଇ ଗୋଟିଏ ଗ୍ରୁପ ଗଠନ କରିଥାନ୍ତି ପରେ ପରେ ଉକ୍ତ ଗ୍ରୁପକୁ ଋଣ ପ୍ରଦାନ କରିଥାନ୍ତି। ଯେତେବେଳେ ସପ୍ତାହକୁ ଥରେ ପରିଶୋଧ କିମ୍ବା ମାସକୁ ଥରେ ପରିଶୋଧ କରିବା ସକାଶେ ଗ୍ରୁପର କର୍ମକର୍ତ୍ତା ମାନେ ଆସିଥାନ୍ତି ସେତେବେଳେ ନିଜର ଆଧିପତ୍ୟ ଏତେ ଜାହିର କରିଥାନ୍ତି ଯେ ସାଧାରଣରେ ସହିବା କଷ୍ଟକର ହୋଇଥାଏ। ଯଦିଓ କୌଣସି କାରଣ ବଶତଃ ଗୋଟିଏ ଗ୍ରୁପ ନିଜର କିସ୍ତି ପ୍ରଦାନ କରିନପାରନ୍ତି ତେବେ ଉକ୍ତ ଗ୍ରୁପର କର୍ମଚାରୀ ମାନେ ମହିଳା ମାନଙ୍କୁ ଏଭଳି ଭାବରେ କଥାବାର୍ତ୍ତା କରିଥାନ୍ତି ଯେ ତାହା ସହିବା କଷ୍ଟକର ହୋଇଥାଏ। ନିଜର ସମସ୍ତ ସୀମାକୁ ଉଲଂଘନ କରି କଥା ବାହାର କରି ମହିଳା ମାନଙ୍କ ଘର ଆଗରେ ଉଚ୍ଚ ସ୍ୱରରେ ବେଇଜ୍ଜତ କରିବାକୁ ମଧ ପଛାଉନଥିବା ଅନେକାଂସରେ ଶୁଣିବାକୁ ମିଳୁଛି। ଏହାକୁ ଶୁଣିନପାରି କେତେକ ମହିଳା ନିଜର ଜମି, ଆସବାବପତ୍ର ମଧ ଅନ୍ୟକୁ ଦେଇ ଋଣ କିସ୍ତି ପ୍ରଦାନ କରିବାକୁ ବାଧ ହେଉଥିବା ମଧ ଦେଖିବାକୁ ମିଳୁଛି। କହିବାକୁ ଗଲେ ମହିଳା ମାନଙ୍କୁ ସ୍ୱାବଲମ୍ବି କରିବାକୁ ସରକାର ଅନେକ ଯୋଜନା ପ୍ରଣୟନ କରିବା ଏଠି ବୃଥା ମନେ ହେଉଛି। ଘୋରେଇ ଋଣ ଦିଆ ସଂସ୍ଥା ଦ୍ୱାରା ବେଇଜତ ହେବା କେଉଁଟି ନା କେଉଁଠି ମହିଳା ମାନଙ୍କ ସମ୍ମାନରେ ହାନି ଘଟୁଥିବା ଦେଖିବାକୁ ମିଳୁଛି।



ଭାପୁର (ଭାସ୍କର ନ୍ୟୁଜ) : ମହାବାହୁଙ୍କ ମାନବୀୟ ଲୀଳା ଦେଖିଲେ ଭାପୁର ଅଞ୍ଚଳବାସୀ। ଭାପୁର ସଦର ମହକୁମା, ପଦ୍ମାବତୀ ଗ୍ରାମରେ ଅନୁଷ୍ଠିତ ଘୋଷଯାତ୍ରା ଏବଂ ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମରେ ଅନୁଷ୍ଠିତ ରଥଯାତ୍ରା ଦେଖିଲେ ଶହଶହ ଭକ୍ତ ଏବଂ ରଥ ଉପରେ ବିଶ୍ୱ ନିୟନ୍ତାଙ୍କୁ ଦେଖି ଆଶୀର୍ବାଦ ଭିକ୍ଷା ନେଲେ ଅଗଣିତ ଭକ୍ତ। ବ୍ଲକର ୩ଟି ସ୍ଥାନରେ ଠାକୁରଙ୍କର ସ୍ୱତନ୍ତ୍ର ନୀତି ସମାପନ ପରେ ଅପରାହ୍ନରେ ପହଣ୍ଡି ବିଜେ ଆରମ୍ଭ ହୋଇ ଛେରାପହଁରା କାର୍ଯ୍ୟ ସମାପ୍ତ ପରେ ଶହ ଶହ ଭକ୍ତଙ୍କ ଦ୍ୱାରା ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଫତେଗଡ ଥାନା ପକ୍ଷରୁ ତିନୋଟି ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ବାହିନୀ ମୁତୟନ ହୋଇଥିଲେ। ପାଗ ଅନୁକୂଳ ରହିଥିବାରୁ ବିଶେଷ ଗହଳି ପରିଲକ୍ଷିତ ହୋଇଥିଲା। ଭାପୁର ସଦର ମହକୁମାରେ ଅନୁଷ୍ଠିତ ରଥଯାତ୍ରାକୁ ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ, ଫତେଗଡ ଥାନା ଆଇ.ଆଇ.ସି. ପଞ୍ଚାନନ ପରିଡ଼ା ଏବଂ ଭାପୁର ବିଟ୍ ହାଉସ୍ ଅଧିକାରୀ ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା ସହିତ ଘୋଷଯାତ୍ରାକୁ ସମାପ୍ତ କରିଥିଲେ। କୌଣସି ଅଘଟଣ ଘଟିବାକୁ ଆଶଙ୍କା କରି ଅଗ୍ନିଶମ ବିଭାଗ, ଡାକ୍ତରୀ ଦଳ ସଜାଗ ରହିଥିଲେ। ବିଶେଷକରି, ପ୍ରତି ଗ୍ରାମମାନଙ୍କରେ କୁନିକୁନି ପିଲାଙ୍କ ଦ୍ୱାରା କୁନି ରଥ ଟଣା ଅଧିକ ଆକର୍ଷଣୀୟ ହୋଇଥିଲା।



### ।।।।। ଗଣଦୁଷ୍କର୍ମ ଘଟଣା ।।।।।

## ପରିବାରକୁ ଭେଟିଲେ ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ତେନ୍ତାଳାପୋଷି ଗ୍ରାମରେ ନାବାଳିକାକୁ ଗଣଦୁଷ୍କର୍ମପରେ ହତ୍ୟା କରାଯାଇଥିବା ଘଟଣା ନେଇ ବୁଧବାର ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ପ୍ରତିନିଧି ସଞ୍ଜିବ କୁମାର ବେହେରା ମୃତକ ପୀଡିତାଙ୍କ ପରିବାରକୁ ଭେଟି ଆଲୋଚନା କରିଛନ୍ତି। ତେବେ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ଫାଷ୍ଟ ଟ୍ରାକ କୋର୍ଟରେ ବିଚାର କରାଯାଇ ତୁରନ୍ତ ଦଣ୍ଡବିଧାନ କରାଯିବା ପାଇଁ ଗ୍ରାମବାସୀଙ୍କ ସହିତ ଶ୍ରୀ ବେହେରା ଦାବି କରିଛନ୍ତି।ଏହାସହ ପୀଡିତାଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବାକୁ ଦାବି ହୋଇଛି। ବିଧାୟକ ପ୍ରତିନିଧି ଶ୍ରୀ ବେହେରାଙ୍କ ସହିତ ରାଜକିଶୋର ବାରିକ୍, ଆର୍ତ୍ତତ୍ରାଣ ବେହେରା,ନରେନ୍ଦ୍ର ନାଏକ, ସନ୍ତୋଷ ପଣ୍ଡା,ବିଶ୍ୱଜିତ୍ ସାହୁ,ଶିଶିର ସ୍ୱାଇଁ,ବିନୋଦ ନାଏକ,ବିରଞ୍ଚି ଭୁଲଗାଇଁୟା,ନୁଠୁ ବାରିକ୍ ସମେତ ନେତୃ ମଣ୍ଡଳୀ ପୀଡିତାଙ୍କ ପରିବାର ଓ ଗ୍ରାମବାସୀଙ୍କୁ ଭେଟି ସମବେଦନା ଜଣାଇବା ସହ ଆଶ୍ୱାସନା ଦେଇଥିଲେ।

## ନାକେଦମ କରୁଛନ୍ତି ଶିମିଳିପାଳ ହାତୀପଲ



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧିନସ୍ଥ ଆମ୍ବତୁମ୍ବା ଜଙ୍ଗଲକୁ ଗତ ୨୧ ତାରିଖ ରାତିରେ ପଶି ଆସିଥିବା ୧୫ ଟିକିଆ ଶିମିଳିପାଳ ହାତୀପଲ ଜଙ୍ଗଲ ବିଭାଗ ସହ ସ୍ଥାନୀୟ ଅଧିବାସୀଙ୍କୁ ନାକେଦମ କଲାଣି। ଲୋକଙ୍କ ଧନ ଜୀବନର ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ ପୁରା ରାତି ରାଇବଣିଆର ବିଭିନ୍ନ ବନାଞ୍ଚଳକୁ ଜଗୁଛି। ସେହିପରି ଜଙ୍ଗଲ ମହଲକୁ ଲାଗିଥିବା ଗ୍ରାମବାସୀ ମଧ୍ୟ ଜଙ୍ଗଲକୁ ହାତୀ ଭୟରେ ଯାଉ ନଥିବାରୁ ସେମାନଙ୍କ ଜୀବନ ଜୀବିକା ବିପନ୍ନ ହୋଇଛି। ଶିମିଳିପାଳରୁ ଆସିଥିବା ଏହି ହାତୀ ପଲରେ ଗୋଟିଏ ଦନ୍ତା,୮ ଟି ମାଈ ହାତୀ ଓ ୬ ଟି ଛୁଆ ହାତୀ ରହିଥିବା ବେଳେ ଆଜି ଦନ୍ତାଟି ରାସଗୋବିନ୍ଦପୁର ରେଞ୍ଜକୁ ଚାଲି ଯାଇଛି।ଅବଶିଷ୍ଟ ୧୪ ଟି ହାତୀ ଆଜି ଲୁହାପଡା ଓ ମେନାକସା ଜଙ୍ଗଲରେ ରହିଛନ୍ତି। ହାତୀର ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ଆଜି ଜଙ୍ଗଲ ବିଭାଗ ପକ୍ଷରୁ ୪ଟି ଟିମ ଗଠନ କରାଯାଇଛି। ବିଶେଷ କରି ଲୁହାପଡା ଓ ମେନାକସା ଜଙ୍ଗଲ ନିକଟରେ ଲୁହାପଡା, ଖିରକୋଳିସାହି, ବାଖୁଡିଦା,ଦୁଧିଆଶୋଳ,ରଙ୍ଗାମାଟିଆ ଓ ଆମ୍ବତୁମ୍ବା ଆଦି ଜନବସତିପୂର୍ଣ୍ଣ ଗାଁ ଥିବାରୁ ଲୋକେ ଭୟରେ ଦିନ କାଟୁଛନ୍ତି। ଏସବୁ ଗାଁର ଲୋକଙ୍କୁ ଦିନରେ ଜଙ୍ଗଲକୁ ନ ଯିବାକୁ ଓ ରାତିରେ ଜଙ୍ଗଲ ସନ୍ନିକଟ ରାସ୍ତାରେ ଗତାଗତ ନ କରିବାକୁ ବନ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ପୌର ଅଧିକାରୀଙ୍କ କ୍ୱାର୍ଟରରେ ଫାଉଣ୍ଟେନ୍ ନିର୍ମାଣକୁ ନେଇ ବିବାଦ

ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟରରେ ଫାଉଣ୍ଟେନ୍ ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ବେଲପାହାଡ଼ ପୌରାଞ୍ଚଳ ଅଟଳ ଛକ ଓ ବୀର ଭୂମିରେ ୩ ଗୋଟି ଫାଉଣ୍ଟେନ୍ ନିର୍ମାଣ ପାଇଁ ପୌର ପରିଷଦ କାଉନସିଲ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ତେବେ ବୀର ଭୂମିଠାରେ ପ୍ରସ୍ତାବିତ ଏହି ପ୍ରକଳ୍ପଟି ସ୍ଥାନ ଅଭାବରୁ ହୋଇପାରିନଥିଲା। ଅଟଳ ଛକ ନିକଟରେ ଦୁଇଟି ଫାଉଣ୍ଟେନ୍ ନିର୍ମାଣ ପାଇଁ ପୌର ପରିଷଦ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଛି। ତେବେ ସହରର ସୌନ୍ଦର୍ଯ୍ୟକରଣ ପାଇଁ ଏହି ପ୍ରକଳ୍ପ ଗୁଡ଼ିକୁ ସର୍ବସାଧାରଣ ସ୍ଥାନରେ ନିର୍ମାଣ କରିବାର ଆବଶ୍ୟକତା ଥିଲା। ତେବେ କାହା ଉଦ୍ଦେଶ୍ୟରେ, କାହାର ଅନୁମତି କ୍ରମେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟରରେ ଲକ୍ଷାଧିକ ଟଙ୍କାର ଏକ ଫାଉଣ୍ଟେନ୍ ନିର୍ମାଣ କରାଯାଇଛି ବୋଲି ପୌର ନଗରପାଳ ନିମାଇଁ ଚରଣ ପଣ୍ଡା ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ନଗରପାଳ ଏନେଇ ଅବଗତ ହୋଇଥିବା ସେ ପ୍ରକାଶ କରିଛନ୍ତି। ପୌର ନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟରରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ କାଉନସିଲ ବୈଠକରେ ପ୍ରସ୍ତାବ ଗୃହୀତ ହୋଇନଥିବା ତଥା ଏ ବାବଦରେ କୌଣସି ଆଲୋଚନା ମଧ୍ୟ ହୋଇନଥିବା କଥା ନଗରପାଳ ପ୍ରକାଶ କରିଛନ୍ତି। ପୂର୍ବତନ ପୌରଅଧିକାରୀଙ୍କ କାର୍ଯ୍ୟକାଳ ସମୟରେ ପଦମର୍ଯ୍ୟାଦାର ଅପବ୍ୟବହାର କରି ନିଜ ସଉକ ଚରିତାର୍ଥ କରିବାପାଇଁ ସରକାରୀ ଅର୍ଥ ଅପବ୍ୟୟ କରି ଏହି ଫାଉଣ୍ଟେନ୍ ନିର୍ମାଣ କରାଯାଇଥିବା ଜଣାପଡିଛି। ତେଣୁ ଏନେଇ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ତଦନ୍ତ କରି ସଂପୃକ୍ତ ଦୋଷୀ ଅଧିକାରୀଙ୍କ ବିରୋଧରେ ବିଧିବଦ୍ଧ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ନଗରପାଳ ଶ୍ରୀ ପଣ୍ଡା ଦାବି କରିଛନ୍ତି।

## ବର୍ଷିୟାନ ନେତା ମୁରଲୀଧରଙ୍କ ବିୟୋଗରେ କଂଗ୍ରେସର ଶୋକ



ଜଗତସିଂହପୁର (ଭାସ୍କର ନ୍ୟୁଜ): ବର୍ଷିୟାନ କଂଗ୍ରେସ ନେତା, ବିଶିଷ୍ଟ ସମବାୟବିତ, ପଟିଲୋ ପଞ୍ଚାୟତର ପୂର୍ବତନ ସରପଞ୍ଚ, ପୂର୍ବତନ ସମିତି ସଭ୍ୟ ତଥା ଅଞ୍ଚଳର ନିର୍ଭିକ ରାଜନେତା ମୁରଲୀଧର ରଥଙ୍କ ବିୟୋଗରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଶୋକ ପ୍ରକାଶ ପାଇଛି। ଜଣେ ଜଣାଶୁଣା ସମାଜସେବୀ, ଅନେକ ଅନୁଷ୍ଠାନର ପ୍ରତିଷ୍ଠାତା, ଅନେକ ମନ୍ଦିର ନିର୍ମାଣରେ ସହଯୋଗ, ଶିକ୍ଷାନୁଷ୍ଠାନ ଗଠନରେ ସ୍ୱର୍ଗତ ମୁରଲୀଧର ରଥ ଙ୍କର ବିଶେଷ ଭୂମିକା ରହିଥିଲା। ତାଙ୍କର ୯୨ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଛି। ତାଙ୍କର ବିୟୋଗ କଂଗ୍ରେସ ଦଳ ସହ ସମାଜ ପାଇଁ ଅପୁରଣୀୟ କ୍ଷତି ବୋଲି ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ କହିବା ସହ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ବିୟୋଗରେ ଜଗତସିଂହପୁରର ପୂର୍ବତନ ସାଂସଦ ରଞ୍ଜିବ ବିଶ୍ୱାଳ, ବାଲିକୁଦାର ପୂର୍ବତନ ବିଧାୟକ ଡ଼ ଲଲାଟେନ୍ଦୁ ମହାପାତ୍ର,ପୂର୍ବତନ ପୌରାଧ୍ୟକ୍ଷ ବିପ୍ଲବ ଚୌଧୁରୀ, ଜଗତସିଂହପୁର ନିର୍ବାଚନମଣ୍ଡଳୀର କଂଗ୍ରେସ କଂଗ୍ରେସ ନେତା ପ୍ରତିମା ମଲ୍ଲିକ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ହିମାଂଶୁ ମଲ୍ଲିକ, ପାରାଦ୍ୱୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତଥା ଜିଲ୍ଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ,ପିସିସି ସଭ୍ୟ ଦେବପ୍ରସାଦ ନାୟକ,ନାଉଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କା, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ବିକ୍ରମ ପରିଡ଼ା, ଏରସମା ବ୍ଲକ୍ କଂଗ୍ରେସ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ବିରିଡ଼ି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ପାରାଦ୍ୱୀପ କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ଦାସ,ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଳିଆ ସଂଘ ଜିଲ୍ଲା ସଭାପତି ବେଦଦ୍ୟୁତି ପୃଷ୍ଟି,ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପ୍ରସନ୍ନ କୁମାର ସାମନ୍ତରାୟ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ଜିଲ୍ଲା କଂଗ୍ରେସ ଉପ ସଭାପତି ମହନୀ ଚରଣ ରାଉତ, ସର୍ବେଶ୍ୱର ପଣ୍ଡା, ସରପଞ୍ଚ ଦିପ୍ତିରାଣୀ ପ୍ରଧାନ, ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ସନ୍ଦୀପଙ୍କୁ ସମ୍ବର୍ଦ୍ଧିତ କଲା ରୋଟାରୀ ଇଣ୍ଟରନ୍ୟାସନାଲ




କେନ୍ଦୁଝରଗଡ଼(ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାର ସୁପରିଚିତ ସଙ୍ଗଠକ ତଥା ସବୁଜପ୍ରେମୀ ଡକ୍ଟର ସନ୍ଦୀପ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କଲା ରୋଟାରୀ ଇଣ୍ଟରନ୍ୟାସନାଲ। ଭୁବନେଶ୍ୱର ରେଳ ଭବନଠାରେ ଆୟୋଜିତ 'ରୋଟାରୀ ମ୍ୟାଜିକ୍ ଦିବସ' ପାଳନ ଅବସରରେ ଡକ୍ଟର ପଟ୍ଟନାୟକଙ୍କୁ ରୋଟାରୀ ଏକ୍ସିଲେନ୍ସି ସମ୍ମାନ ପ୍ରଦାନ କରାଯାଇଛି । ଏହି ଅବସରରେ ପ୍ରକୃତି, ମାନବାଧିକାର ସଂରକ୍ଷଣ ଓ ପରିବେଶ ପାଇଁ ଡକ୍ଟର ପଟ୍ଟନାୟକଙ୍କ ଅବିରତ ପ୍ରଚେଷ୍ଟା ଉପରେ ଅତିଥିମାନେ ଆଲୋଚନା କରିବା ସହ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ସୂଚନାଯୋଗ୍ୟ ଯେ ନିକଟରେ ୨ୟ ଥର ପାଇଁ ରାଜ୍ୟ ଜଙ୍ଗଲ ମନ୍ତ୍ରାଳୟ ତାଙ୍କୁ ପ୍ରକୃତିବନ୍ଧୁ ସମ୍ମାନ ପ୍ରଦାନ କରିଛି ଓ ସବୁଜିମାର ସଂରକ୍ଷଣ ଦିଗରେ ସେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ଜନ୍ମମାଟି କେନ୍ଦୁଝରର ସର୍ବାଙ୍ଗୀନ ବିକାଶ ନିମନ୍ତେ ଡକ୍ଟର ପଟ୍ଟନାୟକ 'ଏକତା ହିଁ ଶକ୍ତି' ମୂଳମନ୍ତ୍ରକୁ ଆଧାର କରି କେନ୍ଦୁଝର ଡେଭେଲପମେ□ କାଉନସିଲ୍ ଓ ଭଏସ ଅଫ୍ କେନ୍ଦୁଝର ନାମକ ଦୁଇଗୋଟି ଅନୁଷ୍ଠାନ ଗଠନ କରି କାମ କରିଆସୁଛନ୍ତି । ଏହାବ୍ୟତୀତ ଜଣେ ଆଇନଜୀବୀ ହିସାବରେ ଜିଲ୍ଲାର ଅଭାବୀ ଲୋକଙ୍କୁ ମାଗଣା ଆଇନଗତ ସେବା ପ୍ରଦାନ କରିଆସୁଛନ୍ତି ଡକ୍ଟର ପଟ୍ଟନାୟକ । କଥା ନୁହଁ କାର୍ଯ୍ୟରେ ବିଶ୍ୱାସ କରୁଥିବା ଡକ୍ଟର ପଟ୍ଟନାୟକ ରୋଟାରୀ ଇଂଟରନ୍ୟାସନାଲ ଦ୍ୱାରା ସମ୍ବର୍ଦ୍ଧିତ ହେବା ପରେ ବିଭିନ୍ନ ମହଲରୁ ତା'ଙ୍କୁ ଅଭିନନ୍ଦନର ଜ୍ଞାପନ କରାଯାଇଛି ।

## ।।। ପଥ ପାଇଁ ରଥ ବିଳମ୍ବ ।।।



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଅର୍ଥ ଅଛି ବିକାଶ ନାହିଁ। ସ୍ୱୟଂ ଜଗନ୍ନାଥ ଏଠି ଅସହାୟ। କେବଳ ବିଜ୍ଞାପନ ଡିଣ୍ଡିମରେ କମ୍ପାନୀମାନଙ୍କର ସାମାଜିକ ଦାୟିତ୍ୱବୋଧତା । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଦୁଇ କିଲୋ ମିଟର ବ୍ୟବଧାନ ଭିତରେ ଥିବା ଖଣି ଓ ଶିଳ୍ପ ସମୃଦ୍ଧ ଅଞ୍ଚଳ କାଳୀମାଟି ଠାରୁ ଦୁବୁନା ମଧ୍ୟରେ ଗତକାଲି ରଥଯାତ୍ରାରେ ରଥରେ ମହାପ୍ରଭୁଙ୍କୁ ଦର୍ଶନ ସହ ରଥ ଟାଣିବାକୁ ଭକ୍ତଙ୍କ ସମାଗମ ହୋଇଥିଲା। ହେଲେ ପଥର ବହୁବିଧ ଅସୁବିଧାର ସମ୍ମୁଖିନ ହୋଇଥିଲେ ଭକ୍ତ ଓ ଭଗବାନ। କେନ୍ଦୁଝର ଜିଲ୍ଲା ଖଣି ଅଞ୍ଚଳ ଯୋଡା ବ୍ଲକର କାଳୀମାଟି ଠାରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିରରୁ ପ୍ରାୟ ଦୁଇ କିମି ଦୂରରେ ଥିବା ଦବୁନା ସ୍ଥିତ ଶ୍ରୀ ଗୁଣ୍ଡିଚାର କୁ ରଥଯାତ୍ରା ବେଳେ ରଥଯାତ୍ରାର ପଥ ଅତ୍ୟଧିକ ଖରାପ ହେତୁ ରଥାରୁଢ ଜଗନ୍ନାଥ ହନ୍ତସନ୍ତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ରଥ ଯାତ୍ରା ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁ ସଞ୍ଜୀବ ମହାନ୍ତ,କୁସୁମ ଲତା ମହାନ୍ତ, ଅନ୍ତର୍ଯ୍ୟାମୀ ଖିଲାର, ପ୍ରମୁଖ କହିଛନ୍ତି ଯେ,ରଥଟଣାବେଳେ ରାସ୍ତାର ଦବୁନା ଆମ୍ବତୋଟା ନିକଟରେ ଏକ ବିରାଟ ଖାଲରେ ରଥ ଫସି ଅଟକି ରହିଥିଲା। ବହୁ ସମୟର ଅନବରତ ଉଦ୍ୟମ ପରେ ରଥକୁ ବାହାର କରି ବହୁ କଷ୍ଟରେ ଶ୍ରଦ୍ଧାଳୁ ମାନେ ଦବୁନାସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ପହଞ୍ଚାଇ ଥିଲେ। ସ୍ଥାନୀୟ ଅଞ୍ଚଳବାସୀ ଏହି ରାସ୍ତାର ଦୂରବସ୍ଥା ସମ୍ପର୍କରେ କହିଛନ୍ତି ଯେ,ଏହି ରାସ୍ତା ଦୀର୍ଘ ବର୍ଷର ରହି ଅଛି। ପୂର୍ବରୁ ଏହା ମାଟି ରାସ୍ତା ରହିଥିଲା। ପିଡ଼ପୋଖରୀ, ନଈବୁଗା, ସାକ୍ରାଡିହି, ଚୁଡ଼ିସାହି, ବସନ୍ତ ପୁର, କଟୁପାଳି, ପୁରୁଣାଡ଼ିହି, କାଇଯୋଡା, ନେଦିଗୋଟ ପ୍ରଭୃତି ଅଞ୍ଚଳର ଲୋକେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ମାତ୍ର ଏହି ରାସ୍ତାକୁ ସ୍ଥାନୀୟ ଦୁଇଟି କମ୍ପାନୀ ନିଜର ପରିବହନରେ ବ୍ୟବହାର କରି ରାସ୍ତାକୁ ଖରାପ କରି ଦେଇଛନ୍ତି। ଏପରି ଅବସ୍ଥା ହୋଇଛି ଯେ,ଲୋକେ ବାଇକ୍‌ରେ ଯିବା ଆସିବା,ଏଠାକୁ ଆମ୍ବୁଲାନ୍ସ ଗାଡ଼ି, ସ୍କୁଲ ବସ୍ ମଧ୍ୟ ଯା' ଆସ କରିବା ଅସମ୍ଭବ ହୋଇ ପଡ଼ିଛି। ଲୋକେ ବାମେବାରି, ଯୋଡାକୁ ଆସିବାକୁ ହେଲେ ଦୁଇ କିମି ଦୂର ପରିବର୍ତ୍ତେ ୫କିମି ଦୂର ବୁଲି ଯିବାକୁ ପଡୁଛି। ଓଡ଼ିଶାର ପ୍ରସିଦ୍ଧ ରଥ ଯାତ୍ରା ଥିବା ସମ୍ପର୍କରେ ଜାଣି ଥିଲେ ସୁଦ୍ଧା ଏହି ରାସ୍ତାକୁ ବ୍ୟବହାର କରୁଥିବା ଖଣି ଓ ଶିଳ୍ପ କମ୍ପାନୀ ମାନେ ବଡ ବଡ ଗତ ଗୁଡିକରେ ମାଟି ମୁଠାଏ ମଧ୍ୟ ପକାଇ ନ ଥିଲେ। କର୍ପୋରେଟ ସୋସିଆଲ ରେସନସିବିଲିଟି କେବଳ ବିଜ୍ଞାପନ ଓ କାଗଜ ପତ୍ରରେ ସୀମିତ। ରାସ୍ତା ର ଜରାଜୀର୍ଣ୍ଣ ଅବସ୍ଥା ରହିଥିଲେ ହେଁ ପରିବହନରେ କରୁଥିବା ସଂସ୍ଥା, କିମ୍ବା କମ୍ପାନୀ ମାନେ ଏହାର ମରାମତି ଦିଗରେ ଆଦୌ ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଅଞ୍ଚଳ ର ପରମେଶ୍ୱର ନାଏକ, ଦେବ ଦତ୍ତ ବାରିକ, ରଞ୍ଜିତ ବାରିକ, ଲକ୍ଷ୍ମଣ ଗିରି ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ପଥରେ ସ୍ୱୟଂ ଜଗତର ନାଥ ଜଗନ୍ନାଥ ମଧ୍ୟ ହନ୍ତସନ୍ତ ହୋଇଥିଲେ।

## ଟିକିଟି ଅବକାରୀକୁ ବଡ଼ ସଫଳତା

ଟିକିଟି/ଗଞ୍ଜାମ, (ଭାସ୍କର ନ୍ୟୁଜ୍) : ଜିଲ୍ଲାର ଏହି ଅବକାରୀ ବିଭାଗକୁ ଗତ ରାତିରେ ବଡ଼ ସଫଳତା ମିଳିଥିବା ସୂଚନା ପ୍ରକାଶ ପାଉଛି। ଗତ ଶନିବାର ବିଳମ୍ବିତ ରାତିରେ ଅବକାରୀ ନିରକ୍ଷକ ସଞ୍ଜୟ କୁମାର ପଣ୍ଡାଙ୍କ ତତ୍ୱାବଧାନରେ ଉପନିରକ୍ଷକ ସଞ୍ଜୟ କୁମାର ଭୁକ୍ତା ସହଯୋଗ କ୍ରମେ ବିଶେଷ ସୂତ୍ରରୁ ସୂଚନା ପାଇ ଜରଡ଼ା ଥାନା ଅଧିନସ୍ଥ ସାମନ୍ତରାପୁର, ବାଦପୁର, ଏସ. ନୂଆଗାଁ, ତାକପଡା ଆଦି ଅଞ୍ଚଳରେ ଅଚାନକ ରେଡ କରିଥିଲେ। ଏହି ରେଡ ବେଳେ ନକଲି ମଦ ସହିତ ଚାରିଜଣକୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିବା କଥା ପଦାକୁ ଆସୁଛି। ସେଭଳି ତାଲପଡ଼ାରୁ ୧୫ ଲିଟର, ସାମନ୍ତରାପୁରରୁ ୧୦, ବାଦପୂରରୁ ୧୫,ଜରଡ଼ା ନାଇକ ସାହିରୁ ୧୦ ଲିଟର ନକଲି ମଦ ଜବତ କରିଥିବା ବେଳେ୧୦,୦୦୦ଲିଟର ପୋଚ ନଷ୍ଟ କରାଯାଇଥିବା ପ୍ରକାଶ ପାଇଛି। ଏହି ରେଡ୍ ବେଳେ ଉକ୍ତ ବିଭାଗର ନିରୀକ୍ଷକ ସଞ୍ଜୟ କୁମାର ପଣ୍ଡା, ଉପ ନିରକ୍ଷକ ସଞ୍ଜୟ କୁମାର ଭୁକ୍ତା, ସହ ନିରୀକ୍ଷକ ଲକ୍ଷ୍ମୀ ରେଡ୍ଡୀଙ୍କ ସହ ସମସ୍ତ ଅବକାରୀ କର୍ମଚାରୀ ଯୋଗଦାନ କରିଥିଲେ।

## ଶିଶୁଙ୍କ ସଚେତନତା ପାଇଁ ନିଶା ନିବାରଣ କାର୍ଯ୍ୟକ୍ରମ



ଭଦ୍ରକ, (ଭାସ୍କର ନ୍ୟୁଜ୍) : ଭଦ୍ରକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗେଲପୁର, ନଳାଙ୍ଗଠାରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଶିକ୍ଷୟିତ୍ରୀ, ପାରାଲିଗାଲ ସ୍ୱେଚ୍ଛାସେବୀ ତଥା ବିଦ୍ୟାଳୟର ସମସ୍ତ କର୍ମୀମାନଙ୍କୁ ନେଇ ନିଶା ନିବାରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁଣ୍ୟଶ୍ଳୋକ ରଥ, ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଏହି ସଚେତନତା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଏକ ଶୋଭାଯାତ୍ରା କରାଯାଇଥିଲା ଏବଂ ତତ୍‌ପରେ ପିଲାମାନଙ୍କୁ ନେଇ ଏକ ସୁନ୍ଦର ଭିଡ଼ିଓଟିଏ ଯାହାକି ନିଶା ନିବାରଣ ନିମିତ୍ତ ପ୍ରସ୍ତୁତ କରାଯାଇଥିଲା। ସେହି ଭିଡ଼ିଓ ଦେଖାଯାଇଥିଲା ଏବଂ ତତ୍ ସହିତ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ସେମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡଃ ତାପସ କୁମାର ମହାନ୍ତି, ନ୍ୟାୟ ରକ୍ଷକ, ଭଦ୍ରକ, ଦୀପକ କୁମାର ସାହୁ ଏବଂ ଗିରିଜା ଶଙ୍କର ଦାସ, ପ୍ୟାନେଲ ଓକିଲ ତଥା କମିଟିର ସଦସ୍ୟ, ଏବଂ ପିଏଲ୍‌ଭି ଅର୍ଣ୍ଣପୂର୍ଣ୍ଣା ସାହୁ, ସସ୍ମିତା ବାରିକ, ମଧୁସ୍ମିତା ମଳିକ, ସଂଗୀତା ମିଶ୍ର ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତା ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନଶିକ୍ଷକ ତ୍ରୈଲୋକ୍ୟ ନାଥ ନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅତିଥିମାନେ ନିଶା ଦ୍ରବ୍ୟକୁ ତଥା ନିଶା ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କୁ ସମାଜ କିପରି ନଜରରେ ଦେଖେ ଏବଂ ସେମାନେ ସମାଜର କିପରି ଅହିତ ସାଧନ କରିଥାନ୍ତି ଏସବୁ ସମ୍ବନ୍ଧରେ ପିଲାମାନଙ୍କୁ ବୁଝାଇଥିଲେ।

## ଆଶ୍ରମ ବିଦ୍ୟାଳୟ ପରିଦର୍ଶନରେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ



ପରଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ କୁଟୁରିଆ ଗ୍ରାମ ପଞ୍ଚାୟତରେ ଅବସ୍ଥାପିତ ବାଘମୁଣ୍ଡା ଆଶ୍ରମ ବିଦ୍ୟାଳୟ ।ଏହି ବିଦ୍ୟାଳୟଟି ଆଦିବାସୀ ଅଧୁଷିତ ଅଂଚଳରେ ରହିଥିବା ବେଳେ ଉକ୍ତ ବିଦ୍ୟାଳୟରେ ବିଭିନ୍ନ ପ୍ରାନ୍ତରୁ ଆସି ଅଧ୍ୟୟନ କରୁଥିବା ଛାତ୍ରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଛାତ୍ରୀ ନିବାସ ବ୍ୟବସ୍ଥା ରହିଛି। ବର୍ତ୍ତମାନ ଏହି ନିବାସରେ ଶହେ ଛାତ୍ରୀ ରହୁଥିବା ବେଳେ ଜଳବାୟୁକୁ ଦୃଷ୍ଟିରେ ରଖି ରହୁଥିବା ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ଓ ପରିବେଶ ଦିଗରେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା ରବିବାର ଅପରାହ୍ନରେ ଉକ୍ତ ବିଦ୍ୟାଳୟର ଛାତ୍ରୀ ନିବାସ ପରିଦର୍ଶନ କରିଥିଲେ । ଶ୍ରୀ ବେହେରା ଛାତ୍ରୀ ନିବାସରେ ସେମାନଙ୍କ ସମସ୍ତ ଆନୁଷଙ୍ଗିକ ଉପକରଣ ଗୁଡ଼ିକୁ ତଦାରଖ କରିବା, ଶୋଇବା ବେଡ଼, ଖାଦ୍ୟ, ପାନୀୟ ଜଳ, ଭିତର ବାହାର ପରିବେଶ ପରିଷ୍କାର ପରିଚ୍ଛନ୍ନ ଉପରେ ବୁଲି ଦେଖିବା ସହ ଛାତ୍ରୀ ମାନଙ୍କର ସମସ୍ତ ସୁବିଧା ଅସୁବିଧା ଉପରେ ପଚାରି ବୁଝିଥିଲେ। ଏହା ସମେତ ଛାତ୍ରୀ ମାନଙ୍କ ସଦାସର୍ବଦା ଯତ୍ନଶୀଳ ହେବା ପାଇଁ ଛାତ୍ରୀ ନିବାସ ଦାୟିତ୍ୱରେ ଥିବା କର୍ମଚାରୀ ମାନଙ୍କୁ ଶ୍ରୀ ବେହେରା ପରାମର୍ଶ ଦେଇଥିବା ଜଣାପଡିଥିଲା ।

## ଆକ୍ରମଣକାରୀ ଦୁଇ ଅଭିଯୁକ୍ତ କୋର୍ଟଚାଲାଣ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ଶନିବାର ଦିନ ଓରିଏଣ୍ଟ ଥାନା ପୋଲିସ ଆକ୍ରମଣକାରୀ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଘଟଣା ଅନୁଯାୟୀ ଗତ ମଙ୍ଗଳବାର ସଂନ୍ଧ୍ୟା ୬ଟା ସମୟରେ ରାମଗଡ଼ ଅଞ୍ଚଳର ଆଲୋକ ନାୟକ (୨୪) ଓ ମଧୁବନ ନଗରର ପିଙ୍କୁ ଶର୍ମା ଓରଫ ଭକୋଲ (୨୪) ସାନଜୋବର ଅଭିଷେକ ତନ୍ତୀ (୩୫) କୁ ଅଶ୍ଳୀଳ ଭାଷାରେ ଗାଳି ଦେଇ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଛୁରୀ ସାହାଯ୍ୟରେ ଆକ୍ରମଣ କରିଥିଲେ। ଅଭିଷେକ ଓରିଏଣ୍ଟ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଥିଲା। ଶନିବାର ଦିନ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଏକ ଛୁରୀ ଜବତ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ରାଶିଫଳ

**ସୋମବାର, ୩୦ ଜୁନ୍ ୨୦୨୫**




**ମେଷ:** ପରିବାର ସହ ଯାତ୍ରାରେ ସଫଳତା ହାସଲ କରିପାରିବେ। ଆପଣଙ୍କ ଉଦାର ସ୍ୱଭାବ ସମସ୍ତଙ୍କୁ ପ୍ରଭାବିତ କରିବ। ନୂଆ ବ୍ୟବସାୟ ନିର୍ମାଣରେ ଅଗ୍ରଗତି କରିବେ। ଗୁରୁତ୍ୱପୂର୍ଣ୍ଣ କାମଟିକୁ କରିନପାରି ଦୁଃଖ ଅନୁଭବ କରିପାରନ୍ତି। ଆପଣ ମନ ବୁଝିଲା ଭଳି କଥା କହି ଅନ୍ୟମାନଙ୍କୁ ଆପଣେଇ ନେବେ।




**ବୃଷ:** କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପରିବାରରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ରଖନ୍ତୁ ନଚେତ୍ ହଇରାଣ ହେବେ। ଶୁଣା କଥାକୁ ବିଶ୍ୱାସ କଲେ ବହୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆଇନ ଅଦାଲତରେ ସ୍ଥଗିତ କାମ ସମ୍ପୂର୍ଣ୍ଣ ହୋଇପାରିବ।



**ମିଥୁନ:** ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କର୍ମ କ୍ଷେତ୍ରରେ ଏକାଧୀକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ଛାତ୍ରଛାତ୍ରି ମାନେ ପଢାରେ ପ୍ରଂଶସିତ ହେବେ। ସରକାରୀ କ୍ଷେତ୍ରରୁ ଉପକୃତ ହୋଇପାରିବେ।



**କର୍କଟ:** କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ଲାଭବାନ ହେବେ। ଅଟକି ଥିବା ସମସ୍ୟାର ସମାଧାନ ପାଇଁ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବିଦ୍ୟାର୍ଥୀ ମାନେ ପରୀକ୍ଷାରେ ସଫଳତା ପ୍ରାପ୍ତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।



**ସିଂହ:** ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବାର ଦେଖାଯିବ। ଭୁଲ୍ ବୁଝାମଣା ହେତୁ ଟିକିଏ ଟିକିଏ କଥାରେ ପରିବାରରେ କଳହ ଲାଗିପାରେ। ବୈବାହିକ ବନ୍ଧନରେ ବାନ୍ଧି ହୋଇପାରନ୍ତି। ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ଛାତ୍ର ଛାତ୍ରୀ ମାନେ ପଢାରେ ମନଯୋଗ ରଖି ପାରିବେ ନାହିଁ।




**କନ୍ୟା:** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟୀ ମାନେ ନଗଦ କାରବାରରେ ଅଧିକ ଲାଭପ୍ରଦ ହେବେ। ଧର୍ମ କାର୍ଯ୍ୟପ୍ରତି ମନବଳାଇ ବହୁତ ଶାନ୍ତି ଲାଭ କରିବେ। ପାରିବାରିକ ଜୀବନ ସୁଖ ମୟ ହେବ।



**ତୁଳା:** ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ବିଦେଶରେ ଥିବା ସମ୍ପର୍କୀୟଙ୍କ ଠାରୁ ଆର୍ଥିକ ସହାୟତା ପାଇବେ ସାହିତ୍ୟ, ସଙ୍ଗୀତ ଓ ଆନୁଷ୍ଠାନିକ କାମରେ ସମସ୍ୟା ସମାଧାନ ହେବ। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଙ୍ଗଠନ, ନିର୍ମାଣ, ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।



**ବିଛା:** ପରିବାରର ସଦସ୍ୟଙ୍କ ସହିତ ସୌହାଦ୍ୟ ପୂର୍ଣ୍ଣ ସମ୍ପର୍କ ରହିବ। ବହୁତ ଦିନରୁ ଭଲ ସମ୍ପର୍କ ନଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ। ପିତା ମାତାଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ରାଜନୈତିକ ସ୍ଥିତି ମଜଭୁତ ରହିବା ସାଙ୍ଗକୁ ସାମାଜିକ ପ୍ରତିଷ୍ଠା ବଢ଼ିବ। ଦୂରେଇ ଯାଇଥିବା ବନ୍ଧୁମାନେ ପୁଣି ନିକଟବର୍ତ୍ତୀ ହୋଇପାରନ୍ତି।




**ଧନୁ:** ବିଦେଶରେ କାମ କରି ଆପଣଙ୍କ ବୃତ୍ତିକୁ ଆଗକୁ ବଢାଇବେ। ଦାମ୍ପତ୍ୟ ସମ୍ବନ୍ଧରେ ମିଷ୍ଟତା ଭରି ରହିବ। ଆନୁଷ୍ଠାନିକ କ୍ଷେତ୍ର କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରୁ ଅର୍ଥ ଓ ସମ୍ମାନ ଲାଭ ଯୋଗ ରହିଛି। ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିବା ଫଳରେ ମାନସିକ ଅସ୍ଥିରତା ଭିତରେ ରହିବେ। ସ୍ୱଛାକୃତ ଭାବରେ ଏକ ମହତ୍ତ୍ୱପୂର୍ଣ୍ଣ କାମରେ ଅର୍ଥ ବ୍ୟୟ କରିପାରନ୍ତି।



**ମକର:** ବନ୍ଧୁଙ୍କ ସହଯାଗରେ କେତେକ ସମସ୍ୟାର ସମାଧାନ ହେବ। ଧନ ଆଦାନ ପ୍ରଦାନରେ ମନମୁତାବକ ଲାଭବାନ୍ ହେବାର ସମ୍ଭାବନା ଅଛି। ସବୁକଥାକୁ ଭଲରୂପେ ବିଚାରକରି ଆଗକୁ ବଢ଼ିବା ଉଚିତ। ଯାନବାହାନ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇ ପାରେ।



**କୁମ୍ଭ:** କିଛି ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଧୀରେ ଧୀରେ ଧନ ସଂଗ୍ରହରେ ବୃଦ୍ଧି ଘଟିବ। ପ୍ରତ୍ୟେକ କ୍ଷେତ୍ରରେ ଦେଖିଚାହିଁ କାମ ନ କଲେ ପରିସ୍ଥିତି ଜଟିଳତା ଆଡ଼କୁ ଗତି କରିପାରେ। ପିଲାମାନଙ୍କ ସକାଶେ ଥିବା ସମସ୍ୟାକୁ ଦୂରେଇବାରେ ସମର୍ଥ ହେବେ। କଳା କ୍ଷେତ୍ରରେ ଥିବା ଲୋକଙ୍କୁ ଉନ୍ନତିର ନୂଆ ମାର୍ଗ ମିଳିବ



**ମୀନ:** ବ୍ୟବସାୟ ପାଇଁ ଦୂରଯାତ୍ରାର ସୁଯୋଗ ପାଇ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତି ହେବ। ପାଖ ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇପାରନ୍ତି। ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠା ବୃଦ୍ଧି ପାଇବ। ବହୁ ଲୋକଙ୍କର ପ୍ରଶଂସା ପାଇବା ଫଳରେ ଉତ୍ସାହିତ ହେବେ। ଦୂର ଯାତ୍ରାର ସୁଯୋଗ ପାଇ ସଫଳତା ମିଳିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାରେ ଦ୍ୱିତୀୟା ତିଥିରେ ପାରମ୍ପରିକ ରୀତିନୀତି ଅନୁଯାୟୀ ରଥଯାତ୍ରା ପାଳିତ ହୋଇ ଆସୁଥିବାବେଳେ ଜିଲ୍ଲାରେ କିଛି ସ୍ଥାନରେ ତୃତୀୟା ତିଥିରେ ମଧ ରଥଯାତ୍ରା ପାଳିତ ହୋଇଛି । ସେଥିମଧ୍ୟରୁ ବୌଦ୍ଧ ବିଜ୍ଞାପିତ ଅଳର ପରିଷଦର ବୁଟୁପାଲି ଠାରେ ତୃତୀୟା ତିଥିରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ତୃତୀୟ ତିଥିରେ ରାଜରାଜୁଡା ଅମଳରୁ ରଥଯାତ୍ରା ପାଳିତ ହୋଇଆସୁଅଛି । ବୌଦ୍ଧ ରଥଯାତ୍ରାର ଗୁରୁତ୍ୱ ବୃଦ୍ଧି ସକାଶେ ରାଜାଙ୍କ ନିର୍ଦ୍ଦେଶକ୍ରମେ କେଉଁ ଆବାହମାନ କାଳରୁ ପ୍ରଚଳିତ ପ୍ରଥା ପ୍ରକାରେ ଏହା ପାଳିତ ହୋଇଆସୁଅଛି । ରଥଯାତ୍ରା ପାଇଁ ଜଗନ୍ନାଥ ମନ୍ଦିରରେ ସକାଳ ନୀତିକାନ୍ତି ପରେ ତିନି ଠାକୁରଙ୍କୁ ମନ୍ଦିରରୁ ବାହାରକୁ ଅଣାଯିବା ପରେ ଧାଡି ପହଣ୍ଡି କରାଯାଇଥିଲା । ବ୍ରାହ୍ମଣ ସମାଜ ତିନି ଠାକୁରଙ୍କୁ ପହଣ୍ଡି କରାଯାଇ ରଥାରୁଢ କରାଯାଇଥିଲା । ପହଣ୍ଡି ସମୟରେ ନାମ ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଓ ଶଙ୍ଖନାଦରେ ଅଞ୍ଚଳ ପ୍ରକମ୍ପିତ ହେଉଥିଲା । ପରମ୍ପରା ପ୍ରକାରେ ନବଜାତ ଶିଶୁମାନଙ୍କ ରଥଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅପରାହ୍ନରେ ରଥଟଣା ହୋଇଛି । ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥରେ ରଥଟଣା ହୋଇ ଫରେଷ୍ଟ ଚେକ ଗେଟ ଠାରୁ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ରଥ ଟଣା ଯାଇଥିଲା । ରଥାରୁଢ ତିନି ଠାକୁରଙ୍କୁ ଦର୍ଶନ କରିବାକୁ ଏବଂ ରଥ ଟାଣିବାକୁ ବହୁ ସଂଖ୍ୟାରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା । ଗହଳିକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ବିଭାଗ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ସେହିପରି ଜିଲ୍ଲାର ବୁଟୁପାଲି ସମେତ ସାହାଜପାଲ, ବାଉଁଶୁଣୀ , କରଞ୍ଜାକଟା, ନାଏକପଡା ଗୁମ୍ଫା ଠାରେ ମଧ ରଥଯାତ୍ରା ଧୁମଧାମରେ ପାଳିତ ହୋଇଛି ।

# ଜଙ୍ଗଲ ଜମିକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

## ରାଜସ୍ୱ ଓ ଜଙ୍ଗଲ ବିଭାଗର ଅପାରଗତା ନେଇ ଅଭିଯୋଗ

ଉମରକୋଟ(ଭାସ୍କର ନ୍ୟୁଜ୍): ଦୀର୍ଘ ବର୍ଷ ଧରି ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ବୁର୍ଜା ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଜଙ୍ଗଲ ଜମିର ଚାଷକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଚାଲି ରହିଥିବା ବିବାଦର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ କୌଣସି ଠୋସ ପଦକ୍ଷେପ ନେବାରେ ବିଫଳ ହେଉଥିବା ବେଳେ ପୁଣି ଆଜି ୨ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ଦେଖାଯାଇଛି । ମିଳିଥିବା ସୂଚନା ଅନୁସାରେ ଆଜି ସୁନାବେଡ଼ା ଗ୍ରାମପଞ୍ଚାୟତର ଲକଟିପକନ । ଓ କୁର୍ସୀ ଗ୍ରାମ ପଞ୍ଚାୟତର ସାରିଆଭଟ । ରିଜର୍ଭ ଜଙ୍ଗଲରେ ବସବାସ କରୁଥିବା ଅନ୍ୟ ଏକ ସଂପ୍ରଦାୟର କିଛି ଲୋକ ଖାଲି ପଡ଼ିଥିବା ଜମିରେ ଟ୍ରାକ୍ଟର ଲଗାଇ ଧାନ ଓ ମକା ଚାଷ କରୁଥିବା ବେଳେ ସିର୍ଲିଗୁଡ଼ା ବନ ସୁରକ୍ଷା ଅଧୀନରେ ଆସୁଥିବା ସିର୍ଲିଗୁଡା, କୁସୁମଗୁଡ଼ା, କସର । ଭଟା , ଶିର୍ଲିଗୁଡ । ଆଦିବାସି, ବାମନ ଦେଇ ଗୁଡା, ଛିଛିନାଗୁଡା, କଲବେଡ଼ । ଓ ଶୀତଳ ଡଙ୍ଗରି ଗ୍ରାମର ଶହ ଶହ ପୁରୁଷ ଓ ମହିଳା ପହଞ୍ଚି ଏହାକୁ ବିରୋଧ କରି ସେଠାରେ ଟ୍ରାକ୍ଟର ଲଗାଇ ଚାଷ କରି ଦେଇଥିଲେ ।



ସିରିଲିଗୁଡ଼ା ବନ ସୁରକ୍ଷା ସମିତିର ସଦସ୍ୟ ମାନଙ୍କ କହିବା ହେଲା ସ୍ଥାନୀୟ ଆଦିବାସୀ ଶହ ଶହ ବର୍ଷ ଧରି ଜଙ୍ଗଲ ଜମି ଉପରେ ନିଜ ଜୀବନ ନିର୍ବାହ କରି ଆସୁଥିବା ବେଳେ ଓ ସ୍ଥାନୀୟ ଆଦିବାସୀ ଙ୍କ ନିଁରେ କିଛି ଜମି ନ ଥିବା ବେଳେ ରେ ରିଜର୍ଭ ଜଙ୍ଗଲରେ ଥିବା ଗା ବିଶେଷ କରି କୁର୍ସୀ ଗ୍ରାମ ପଞ୍ଚାୟତର ସାରିଆଭଟ । ,ସୁନାବେଡ଼ା ଗ୍ରାମ ପଞ୍ଚାୟତର ଲକଟିପକନ । ଓ ବୁର୍ଜା । ଗ୍ରାମ ପଞ୍ଚାୟତର କକସାଭଟା ଗ୍ରାମର କିଛି ଅନ୍ୟ ସଂପ୍ରଦାୟର ଲୋକ ମାନେ ଶହ ଶହ ଏକର ଜଙ୍ଗଲ ଜମିକୁ ମନ ଇଛା ସଫାକରି ଚାଷ କରି ଆସୁଛନ୍ତି । ଏପରିକି ଏହି ଗ୍ରାମର ଲୋକଙ୍କୁ ଜଙ୍ଗଲ ଜମି ଅଧିକାରରେ ଯେତେ ପଟ୍ଟା ପ୍ରଦାନ କରାଯାଇଛି ତାଠାରୁ ୪ ଗୁଣ ଜଙ୍ଗଲ ନଷ୍ଟ କରି ଚାଷ କରି ଆସୁଛନ୍ତି ଫଳରେ ଶହ ଶହ ବର୍ଷ ଧରି ବସବାସ କରୁଥିବା ସ୍ଥାନୀୟ ଆଦିବାସୀ ମାନଙ୍କ ଜୀବନ ଜୀବିକା ଉପରେ ବିପଦ ସୃଷ୍ଟି ହେବା ସହ ପରିବେଶ ମଧ୍ୟ ନଷ୍ଟ ହେଉଛି । ଫଳରେ ସ୍ଥାନୀୟ ଜଙ୍ଗଲ ଜମିରେ ବୃକ୍ଷରୋପଣ ନ ହେବା ପର୍ଯ୍ୟନ୍ତ ଜମି ଛାଡିବୁନି ବୋଲି କହିଛନ୍ତି । ଅପରପକ୍ଷରେ ଆଜି ଉମରକୋଟ ଠାରେ ଏହି ୩ ଖଣ୍ଡ ଗ୍ରାମ ର ଲୋକଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଗ୍ରାମବାସୀଙ୍କ ପକ୍ଷରୁ ଜାନୀ ଜିଲ୍ଲା ପ୍ରଶାସନର ଓ ସିର୍ଲି ଗୁଡା ବନ ସୁରକ୍ଷା ସମିତିର ଆଭିମୁଖ୍ୟ କୁ ନିନ୍ଦା କରିଛନ୍ତି । ରାଜେଶଙ୍କ କହିବା ହେଲା ୧୯୯୨ ମସିହାରୁ ସ୍ଥାନୀୟ ଲୋକେ ଜଙ୍ଗଲ ଅଧିକାରରେ ପଟ୍ଟା ପାଇଥିବା ବେଳେ ଗତ ବର୍ଷ ପର୍ଯ୍ୟନ୍ତ ସିରିଲିଗୁଡ । ବନ ସୁରକ୍ଷା ସମିତି ଜମି ଛାଡ଼ ଗଛ ଲଗାଇବୁ ବୋଲି କହି ଆସୁଥିବା ବେଳେ ବର୍ତ୍ତମାନ ଜଙ୍ଗଲ ଜମି ଛାଡ ଚାଷ କରିବୁ ବୋଲି ଧମକ ଦେଉଛନ୍ତି । ଚାଷ ସମୟରେ ହିଁ କାହିଁକି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷର ବାତାବରଣ ଦେଖାଯାଉଛି ବୋଲି ପ୍ରଶ୍ନ କରିବା ସହ ଲୋକଙ୍କୁ ମିଳିଥିବା ଜଙ୍ଗଲ ଜମି ପଟ୍ଟାରେ କିଛି ସ୍ୱଚ୍ଛତା ନ ଥିବାର ଏପରି ସମସ୍ୟା ସୃଷ୍ଟି ହେଉଥିବା ବେଳେ ଜିଲ୍ଲାପାଳ ଓ ଡିଏଫ୍‌ଓଙ୍କୁ ବାରମ୍ବାର ଅଭିଯୋଗ କରି ସମସ୍ୟାର ସମାଧାନ ପାଇଁ ଗୁହାରୀ କଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି । ବୃକ୍ଷରୋପଣ ନାଁରେ ଜଙ୍ଗଲ ବିଭାଗର କର୍ମଚାରୀମାନେ କୋଟି କୋଟି ଟଙ୍କା ଅନିୟମିତତା କରିଥିବା ମଧ୍ୟ ରାଜେଶ ଜାନି ଅଭିଯୋଗ କରିଛନ୍ତି । ଯେତେ ଗଛ ଲଗାଇବା କଥା ତା ଠାରୁ କମ ଲଗାଇ ଜଙ୍ଗଲ ବିଭାଗର କର୍ମଚାରୀ ମାନେ ଦୁର୍ନୀତି କରୁଥିବା ଅଭିଯୋଗ କରିଛନ୍ତି । ତୁରନ୍ତ ଜିଲ୍ଲା ପ୍ରଶାସନ ଏହାର ଏକ ସମାଧାନର ବାଟ ନ ବାହାର କରନ୍ତି ତେବେ ଆଗମୀ ଦିନରେ ଏକ ବଡ଼ ଧରଣର ହିଂସା କାଣ୍ଡକୁ ଏଡା ନଯାଇପାରେ ।

# ଗଛପଡ଼ି ବିଦ୍ୟାଳୟ ଗୃହ ଭାଙ୍ଗିଲା

କାଳିମେଳା(ଭାସ୍କର ନ୍ୟୁଜ୍): କାଳିମେଳା ବ୍ଲକ ତେଲାରାଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜାମଗୁଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ବଡ଼ ତେନ୍ତୁଳି ଗଛ ବିଦ୍ୟାଳୟ ଗୃହ ଉପରେ ପଡ଼ି ଯାଇଛି । ଯାହାଫଳରେ ବିଦ୍ୟାଳୟ ଗୃହ ର କିଛି ଅଂଶ ନଷ୍ଟ ହେଇଯାଇଛି । ଗତ ଶନିବାର ରାତିରେ ବର୍ଷା ସାଙ୍ଗକୁ ପବନ ବହି ବାରୁ ଗଛଟି ପଡ଼ି ଯାଇଥିବା ଜଣାପଡିଛି । ଆଜି ସକାଳେ କାଳିମେଳା ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଁଚି ଗଛକୁ କାଟି ସଫା କରିଥିଲେ । ବର୍ଷା ଋତୁ ଆରମ୍ଭ ହୋଇଥିବା ରୁ ତୁରନ୍ତ ଏହି ବିଦ୍ୟାଳୟ ଗୃହ ମରାମତି କରିବାକୁ ଗାଁ ଲୋକେ ଦାବି କରିଛନ୍ତି ।




# ଦୁର୍ଘଟଣାରେ ୫ ମୃତ

## ଗୋଟିଏ ପରିବାରର ଥିଲେ ତିନି ସଦସ୍ୟ



ନୂଆପଡା (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା କୋମନା ଥାନା ଅଧୀନ ପାଳସିପାଣି ଛକ ୩୫୩ ନମ୍ବର ଜାତୀୟ ରାଜପଥରେ ଶନିବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ପାଳସି ପାଣି ଗାଁର ଲଳିତ ଶବର(୪୦), ଭଉଣୀ ସୁନାଫୁଲ ଶବର(୨୫), ଝିଅ ଡିଲେଶ୍ୱରି ଶବର(୭) ଏବଂ ଅନ୍ୟ ଜଣେ ବରଗଡ଼ ଜିଲ୍ଲା ପାଇକମାଲ ଥାନା ଚୁହାପାଲି ଗ୍ରାମର କ୍ଷୀର ରାଉଳ (୩୫) ବୋଲି ଜଣାପଡିଛି । ୪ ଗୁରୁତର ହେଲେ ରୋଶନ ଶବର(୧୫), ଲେମ୍ବୁବତି ଶବର(୩୨), ନରେଶ ଶବର(୫) ଏବଂ ହିତେଶ ଶବର (୩୫) ବୋଲି ସୂଚନା ମିଳିଛି । ସେହିପରି ବାପା ଓ ଦୁଇଝିଅ ସହ ସିଲଭା ଗାଁ ରଥଯାତ୍ରା ଦେଖି ବାଇକ ଯୋଗେ ଗଡ଼ଗଡ଼ ବହେଲି ଗାଁ କୁ ଫେରୁଥିବା ବେଳେ ବାଇକ ଚାଳକ ଭାରସାମ୍ୟ ହରାଇ ରାସ୍ତାରେ ପଡିଗଲେ ।ନାବାଳକ ପୁରବ ରଣା(୩) ର ମୁଣ୍ଡର ଅତ୍ୟକ୍ତ ଆଘାତ ଲାଗିବାରୁ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଛନ୍ତି । ସୂଚନା ମୁତାବକ, ଶନିବାର ପଳସିପାଣି ଗାଁର ଲଳିତ ଶବର ନିଜ ପରିବାରର ୫ଜଣ ଏକ ବାଇକରେ ବସି ରଥଯାତ୍ରା ଦେଖିବା ପାଇଁ ବଞ୍ଜାରି ଗାଁକୁ ଯାଉଥିଲେ । ସେତିକିବେଳେ ପାଳସିପାଣି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହେବାରୁ ଦୁଇଟି ବାଇକ୍‌ରେ ଥିବା ୮ଜଣ ରାସ୍ତା କଡ଼ରେ ଛିଟିକି ପଡି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଲଳିତ, ଡିଲେଶ୍ୱରି, ସୁନାଫୁଲ ଓ କ୍ଷୀରଙ୍କୁ ମୃତ ଘୋଷଣା କରିଛନ୍ତି । ଗୁରୁତରମାନଙ୍କ ମଧ୍ୟରୁ ରୋଶନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଅନ୍ୟ ୩ଜଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସିତ ହେଉଛନ୍ତି । ଖବର ପାଇ ତରବୋଡ ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରିଛି । ରବିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଫାଣ୍ଡି ଅଧିକାରୀ ଗୌରୀ ଶଙ୍କର ଦାସ ସୂଚନା ଦେଇଥିଲେ ।

# ମୁଖ୍ୟ ଡାକ୍ତରଖାନାର ଶିଶୁ ଓ ଗର୍ଭବତୀଙ୍କ ଟିକାଦାନ କେନ୍ଦ୍ରରେ ଆଣ୍ଠୁଏ ପାଣି



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଶିଶୁ ଓ ଗର୍ଭବତୀଙ୍କ ଟିକାଦାନ କେନ୍ଦ୍ରରେ ଆଣ୍ଠୁଏ ପାଣି ଜମି ରହିଥିବା ହେତୁ ଟିକାଦାନ ବାଧାପ୍ରାପ୍ତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଲଗାଣ ବର୍ଷା ଯୋଗୁଁ ଅପେକ୍ଷାକୃତ ଖାଲୁଆ ଥିବା ବୌଦ୍ଧ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଶିଶୁ ଓ ଗର୍ଭବତୀଙ୍କ ଟିକାଦାନ କେନ୍ଦ୍ର ଭିତରକୁ ବର୍ଷା ଜଳ ପ୍ରବେଶ କରିଥିଲା । ଶନିବାର ସକାଳେ କର୍ମଚାରୀ ମାନେ ଟିକାଦାନ କେନ୍ଦ୍ର ଖୋଲିବା ପରେ ଅବସ୍ଥା ଦେଖି ଡାକ୍ତରଖାନା ଅଧୀକ୍ଷକ ଓ ପରିଚାଳକଙ୍କୁ ସୂଚନା ଦେଇଥିଲେ । ଉକ୍ତ ଘଟଣା ଟିକା ପାଇଁ ଆସିଥିବା ନବ ଜାତକ ଶିଶୁଙ୍କ ଅଭିଭାବକ ଓ ଗର୍ଭବତୀ ମହିଳାଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ପଙ୍କଜିନୀ ପାଇଲେ ପ୍ରକୃତି ବନ୍ଧୁ ପୁରସ୍କାର




ସମ୍ବଲପୁର(ଭାସ୍କର ନ୍ୟୁଜ୍): କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ଚଳିତ ବର୍ଷର ପ୍ରକୃତି ବନ୍ଧୁ ପୁରସ୍କାର ଲାଭ କରିଛନ୍ତି । ଶନିବାର ସକାଳେ ସମ୍ବଲପୁର ସହର ଉପକଣ୍ଠର ପୋଡ଼ାପାଲି ନିକଟସ୍ଥ ଜଙ୍ଗଲ ପରିସର ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀମତୀ ନାୟକଙ୍କୁ ଏକ ମାନପତ୍ର ଓ ଦଶହଜାର ଟଙ୍କାର ଚେକ୍ ଅର୍ଥରାଶି ଦେଇ ସମ୍ମାନିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା , ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କୁମାର ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ ।ଅତିଥି ଗଣ ତାଙ୍କ ଭାଷଣରେ ସମ୍ବଲପୁର ମହାନଗର ନିଗମ ତାହା ସମଗ୍ର ଜିଲ୍ଲାରେ ଚଳିତ ବର୍ଷ ଏକ ଲକ୍ଷ ଚାରାରୋପଣ କରି ତାକୁ ବଞ୍ଚାଯିବା ସହ ସବୁଜ ସୁନ୍ଦର ସମ୍ବଲପୁର କରାଯିବାକୁ ଆହ୍ୱାନ ଦେଇଥିଲେ । ସମ୍ବଲପୁର ଜିଲ୍ଲାରେ ଚଳିତ ବର୍ଷ ମାତ୍ର ଦୁଇ ମହିଳା ପ୍ରକୃତିବନ୍ଧୁ ପୁରସ୍କାର ପାଇଥିଲେ । ଅନ୍ୟ ମହିଳା ଜଣକ ଜେମା ମେହେର ହୋଇଥିବା ବେଳେ ପଙ୍କଜିନୀ କୁଚିଣ୍ଡା ଉପଖଣ୍ଡରୁ ଏକମାତ୍ର ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଦଶ ହଜାର ଚାରାରୋପଣ ହୋଇଥିବା ବେଳେ ଚାରାରୋପଣ ପରେ କୁଚିଣ୍ଡାର ସୁବାସ ଚନ୍ଦ୍ର ନାୟକ ତାଙ୍କ ଭାଷଣରେ ମା ପାଇଁ ଚାରାଟିଏ ରୋପଣ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡି ଏଫ୍ ଓ କୁଲୁଙ୍ଗେ ଗୌରବ ଓମେନ୍ ସଭାପତିତ୍ୱ କରିଥିବା ବେଳେ ଶେଷରେ ଏ ସି ଏଫ୍ ରାଜଶ୍ରୀ ତିର୍କି ଧନ୍ୟବାଦ ଅର୍ପଣ କରିଥିଲେ ।

# ତାଲୁକ ଆଇନସେବା ପ୍ରାଧିକରଣର ସଚେତନ ଶିବିର




ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ତାଲୁକ ଆଇନ ସେବା କମିଟିର ଏକ ସଚେତନତା ଶିବିର ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହେଇଥିଲା । ଏହି ଶିବିର ଆୟୋଜନ ମୁଖ୍ୟ ଉଦ୍ଦେଶ୍ୟ ହେଲା ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପୋକ୍ସୋ ଆଇନ ଉପରେ ସଚେତନ କରାଇବା । ଏହି ଶିବିରରେ ମୁଖ୍ୟ ଅତିଥି ଭାବରେ ଉମରକୋଟ ଅତିରିକ୍ତ ଜିଲ୍ଲା ଦୌରାଜଜ ମିସ ସୁନୀତା ପଟନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପ୍ରଥମ ଶ୍ରେଣୀ ବିଚାରପତି ମିସ ଇପ୍‌ସିତା ଭୋଇ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅନିଲ ମିଶ୍ର, ତାଲୁକ୍ ଲିଗାଲ ସେଲର ସଦସ୍ୟ କାଜାମ ମାଦାନି ଓ ସଭ୍ୟ ତଥା ଆଇନଜୀବୀ ଅଶୋକ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ । ଶିବିର ରେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଅର୍ନ୍ତଜାତୀୟ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ପାଳିତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ, ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ପାରଳାଖେମୁଣ୍ଡି ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ୨୦୨୫ ପାଳିତ ହୋଇଯାଇଛି । ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବକାରୀ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବନନ୍ଦ ନାୟକ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମହମ୍ମଦ ମୁବାରାକ୍ ଅଲ୍ଲୀ ଓ ବ୍ରହ୍ମ କୁମାରୀ ସୁଜାତା ଭଉଣୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ହୋଇଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଗଜପତି ଜିଲ୍ଲାର ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସିତ ହୋଇ ସୁସ୍ଥ ଓ ସଫଳ ଜୀବନଯାପନ କରୁଥିବା ଗୁମ୍ମା ବ୍ଲକର କୃଷ୍ଣଚନ୍ଦ୍ର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ବ୍ରହ୍ମକୁମାରୀ ଶାଖା, ପାରଳାଖେମୁଣ୍ଡିର ଭାଇ ଓ ଭଉଣୀ ମାନେ ଓ ଗଜପତି ଜିଲ୍ଲାର ଟାଲେଣ୍ଟ ଡାନ୍ସ ଦଳର କଳାକାରମାନେ ସଚେତନତାମୂଳକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ । ସକାଳ ୬.୩ ମିନିଟ୍ ସମୟରେ ସହରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ସ୍ଥାନୀୟ ଜନତା, ସରକାରୀ ଓ ବେସରକାରୀ କର୍ମଚାରୀଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ଠାରୁ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ପର୍ଯ୍ୟନ୍ତ କରାଯାଇଥିଲା ।ସଚେତନତା ପଦ ଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ଯୁବକ ମୃତ

ଉମରକୋଟ(ଭାସ୍କର ନ୍ୟୁଜ୍): ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ । ମୃତ ଯୁବକ ଜଣକ ହେଲେ ଉମରକୋଟ ବ୍ଲକ ବକୋଦା ପଞ୍ଚାୟତ ଡେପଗୁଡା ଗ୍ରାମର ସନସିଙ୍ଗ ଲହରା(୩୬) । ଗତକାଲି ରାତି ୧୧ ଟା ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଚିକିତ୍ସାଧୀନ ଅବସ୍ଥାରେ ସନସିଙ୍ଗଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପରିବାର ଲୋକଙ୍କ ପକ୍ଷରୁ ଆଜି ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ।

## ଭିନ୍ନ ଏକ ପରମ୍ପରା

# ନାରାୟଣ ନଗର ଲୋକକଳା ଗ୍ରାମରେ ଶ୍ରୀଜଗନ୍ନାଥଙ୍କ ବାସି ରଥଯାତ୍ରା



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତର ଲୋକକଳା ଗ୍ରାମ ନାରାୟଣ ନଗର ଗ୍ରାମରେ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଙ୍କ ଦୁଇଦିନିଆ ରଥଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଶୁକ୍ରବାର ଯୁଗ୍ମ ମନ୍ଦିରରେ ତିନି ଠାକୁରଙ୍କୁ ପୂଜକ ଅଜିତ ପାଣିଗ୍ରାହୀ ନୀତିକାନ୍ତି ଭାବେ ପୂଜାର୍ଚ୍ଚନା କରିଥିଲେ । ଏହା ପରେ ବ୍ରାହ୍ମଣ ଓ ସେବାୟତ ମାନେ ଅପରାହ୍ନ ୫ଟା ରେ ପହଣ୍ଡି ଆରମ୍ଭ କରି ରଥରୁଢ଼ କରାଇଥିଲେ । ଶୁକ୍ରବାର ରଥ ଟଣା ହୋଇ ହରିବଂଶ ଛକରେ ଅଟକିଥିଲା । ଶନିବାର ଅପରାହ୍ନ ୫ଟା ରେ ରଥ ଟଣା ଗଙ୍ଗାଧର ମେହେର, ସାହୁ ଗଳି ଛକ ଦେଇ ମାଉସୀ ମନ୍ଦିରରେ ରାତି ପ୍ରାୟ ୮ ଟା ରେ ପହଞ୍ଚିଥିଲା । ମାଉସୀ ମନ୍ଦିରରେ ରବିବାର ଠାରୁ ବାହୁଡ଼ା ପର୍ଯ୍ୟନ୍ତ ବିଭିନ୍ନ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେବେ । କାର୍ଯ୍ୟକ୍ରମରେ ପୂଜକ ସନ୍ତୋଷ ହୋତା, ସୁରେଶ ପଣ୍ଡା, ଜିତେନ୍ଦ୍ର ହୋତା, ସୁରମଣି ମିଶ୍ର,ଶିବାନନ୍ଦ ମିଶ୍ର, ସୁଧାଂଶୁ ଶେଖର ମିଶ୍ର, ଲିକୁନ ପୁରୋହିତ ପ୍ରମୁଖ ସେବାୟତ ସହଯୋଗ କରିଥିଲେ । ଲକ୍ଷ୍ମଣ ମେହେର ଧାର ।ବିବରଣୀ ପ୍ରଦାନ କରିଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ବୌଦ୍ଧ ଆଇଆଇସି ରଂଜିତ କୁମାର ମୁନୀଙ୍କ ନିର୍ଦ୍ଦେଶରେ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା । ନାରାୟଣ ନଗର ଗ୍ରାମବାସୀ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ସାପ କାମୁଡ଼ାରେ ଯୁବତୀ ମୃତ

ଉମରକୋଟ(ଭାସ୍କର ନ୍ୟୁଜ୍): ସାପ କାମୁଡାରେ ଜଣେ ଯୁବତୀ ମୃତ୍ୟୁବରଣ କରିଛନ୍ତି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ । ମୃତ ଯୁବତୀ ଜଣକ ହେଲେ ଟେଣ୍ଡକାଗୁଡ଼ା ଗ୍ରାମର ଜମୁନା ପନକା (୨୦) । ମିଳିଥିବା ସୂଚନା ଅନୁସାରେ ଗତକାଲି ସଂଧ୍ୟା ସମୟରେ ଯମୁନାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଆଣି ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ରାତ୍ର ୭ ଘଣ୍ଟା ସମୟରେ ଡ଼ାକ୍ତର ଯମୁନାଙ୍କୁ ମୃତ ଘୋଷଣା କରିଥିଲେ । ଯମୁନାଙ୍କ ମୁହରୁ ଫେଣ ବାହାରୁଥିବାରୁ ଡାକ୍ତର ସନ୍ଦେହରେ ଶବ ରଖି ପୋଲିସକୁ ଖବର ଦେଇଥିଲେ । ଏନେଇ ଡାକ୍ତରଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଭିତ୍ତି କରି ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ଡାକ୍ତରଙ୍କ କହିବାନୁଯାୟୀ ଯମୁନାଙ୍କୁ କୌଣସି ଏକ ବିଷାକ୍ତ ସାପ କାମୁଡ଼ି ଦେଇଛି । ଏନେଇ ପରିବାର ଲୋକଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି । ତଦନ୍ତ ଭାର ଏସଆଇ ଶିବାଜୀ ପଣ୍ଡା ସମ୍ଭାଳିଛନ୍ତି ।

# ମନୋରଞ୍ଜନ ଓ ହରପ୍ରିୟାଙ୍କୁ ମିଳିଲା ଡକ୍ଟରେଟ୍ ଉପାଧି



କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲାର ପୂର୍ବତନ ଜାତୀୟ ସ୍ୱାସ୍ଥ୍ୟ ମିଶନ ର ଜିଲ୍ଲା ପ୍ରକଳ୍ପ ପରିଚାଳକ ତଥା କେନ୍ଦ୍ରାପଡ଼ା ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ରୀଯୁକ୍ତ ମନୋରଞ୍ଜନ ସାହୁ ଙ୍କର ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମାଜସେବାରେ (ଡକ୍ଟରେଟ ଇନ ଶିକ୍ଷା, ଇନ ସୋସିଆଲ ୱାର୍କ) ଉଲ୍ଲେଖନୀୟ ଅବଦାନ ଏବଂ ତାଙ୍କର ଧର୍ମପତ୍ନୀ ହରପ୍ରିୟା ସାହୁ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ର ଟାଙ୍ଗୋଳ ଉଚ୍ଚ ବିଦ୍ୟାଳୟର ସହକାରୀ ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧିରେ (ଡକ୍ଟରେଟ୍ ଇନ ଶିକ୍ଷା ) ଚେନାଇ ସହର ସ୍ଥିତ ଭାରତୀୟ ବିଦ୍ୟାଭବନ ଅଡିଟୋରୀୟମ ହଲ ଠାରେ ଅନୁଷ୍ଠିତ ସମବର୍ତନ ଉତ୍ସବରେ ଭବ୍ୟ ସମାରୋହରେ ଗ୍ଲୋବାଲ ହ୍ୟୁମାନ ପିସ ୟୁନିଭେର୍ସିଟିର କୁଳପତି ଓ ଅନ୍ୟାନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା । ତାଙ୍କର ଏହି କୃତିତ୍ୱ ପାଇଁ ଏହାର ସମସ୍ତ ଶ୍ରେୟ ସେ ପରିବାର ବର୍ଗ, ବନ୍ଧୁମାନଙ୍କୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଜିଲ୍ଲା ବ୍ଲକ ସ୍ତରୀୟ ଏବଂ ଡାକ୍ତର ସଞ୍ଜୟ କୁମାର ବାରିକଙ୍କୁ ପ୍ରଦାନ କରିଥିଲେ । ତାଙ୍କର ଏହି ସମବର୍ତ୍ତନ ଉତ୍ସବରେ ତାଙ୍କର ଏକମାତ୍ର ପୁତ୍ର ସାଇପ୍ରସାଦ ସାହୁ ଉପସ୍ଥିତ ଥିଲେ । ଜିଲ୍ଲାବାସୀଙ୍କ ମନରେ ଏହା ଖୁସିର ଲହରୀ ଆଣି ଦେଇଛି ।

# କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ ଟର୍ଫ୍ କୋର୍ଟ ଉନ୍ମୋଚିତ

ବରଗଡ(ଭାସ୍କର ନ୍ୟୁଜ୍): ବରଗଡ଼ ସ୍ଥିତ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ବିଦ୍ୟାଳୟରେ ନବନିର୍ମିତ ଟର୍ଫ୍ କୋର୍ଟ ଉନ୍ମୋଚିତ ହୋଇଯାଇଛି । ପ୍ରକାଶ ଥାଉକି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବାଦ୍ୟ, ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ଭବ୍ୟ ସ୍ୱାଗତ କରାଯାଇଥିଲା । କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ୍ ଦାଶରୀ ମୂରଲୀ କ୍ରିଷ୍ଣା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । କେନ୍ଦ୍ରମନ୍ତ୍ରୀ ନବନିର୍ମିତ ଟର୍ଫ୍ କୋର୍ଟ ଉନ୍ମୋଚନ କରିବା ଅବସରରେ ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ, ତାଙ୍କୁ ଏହି ଟର୍ଫ୍ କୋର୍ଟ୍ ଦ୍ୱାରା ଛାତ୍ରଛାତ୍ରୀମାନେ ତାଙ୍କ ମନରେ ଖେଳ ଏବଂ କ୍ରୀଡ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ ଏବଂ ତାଙ୍କର ଶାରୀରିକ ଓ ମାନସିକ ବିକାଶ ହେବ ବୋଲି କହିଥିଲେ । ପରେ କ୍ରିଷ୍ଣା ବିକାଶର କିଣ୍ଡର କସ୍‌ମସ୍‌ର ପପେଟ୍ ଥୀଏଟର୍, ଲାଇଫ୍ ସ୍କିଲ ଷ୍ଟୁଡିଓ ଏବଂ ଗ୍ରାଣ୍ଡମାଁ କିଚେନ୍ ପରିଦର୍ଶନ କରି ପ୍ରାଥମିକ ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନୂତନ ଶିକ୍ଷା ପ୍ରଣାଳୀ ଏବଂ କୌଶଳକୁ ଉଚ୍ଚ ପ୍ରଶଂସା କରିଥିଲେ । କେନ୍ଦ୍ରମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କ୍ରିଷ୍ଣା ବିକାଶ ଗ୍ରୁପ୍ ଓ ଏହାର ଚେୟାର୍‌ମ୍ୟାନ୍ ଡି.ମୂରଲୀ କ୍ରିଷ୍ଣାଙ୍କୁ ଅଭିମନ୍ୟୁ ସାହିତ୍ୟ ସଂସଦ ସହଯୋଗରେ ଏହି ଅଂଚଳର ଭାଷା ଓ ସଂସ୍କୃତି ପାଇଁ ଏହି ପ୍ରକାର ଚେଷ୍ଟାର ଭୂୟସୀ ପ୍ରଶଂସା କରିଥିଲେ । ଏହାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କ୍ରିଷ୍ଣା ବିକାଶ ଅଡିଟୋରିୟମ୍ ଠାରେ ଅନୁଷ୍ଠିତ ହେଉଥିବା ଜାତୀୟ ସ୍ତରୀୟ ହଲ୍‌ଧର୍ ନାଗ୍ ପାଠ ଚକ୍ର 'ହଲ୍‌ଧର୍-ସୃଜନ ଆର୍ ଦର୍ଶନ' ରେ ଯୋଗଦାନ କରିଥିଲେ । ରାଜ୍ୟ ଶିକ୍ଷା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ମାନୀତ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଏହି ଜାତୀୟ ସ୍ତରୀୟ ପାଠଚକ୍ରରେ ବରଗଡ଼ ସଂସଦ ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡତିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ଆବାସିକ ବିଦ୍ୟାଳୟର ଏକ୍‌ଜ୍ୟୁକେଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଶ୍ରୀ ଚିତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ସି.ବି.ଏସ୍.ଇ) ପ୍ରଦୀପ କୁମାର ସାହୁ, ଉପାଧ୍ୟକ୍ଷ (ଏକାଡ଼େମିକ୍ସ) ଡ. ମନୋଜ କୁମାର ତ୍ରିପାଠୀ ଓ ଅନେକ ଶିକ୍ଷାବିତ୍, ପ୍ରଫେସର, ଅନେକ ବରିଷ୍ଠ ସାହିତ୍ୟିକ, ବୁଦ୍ଧିଜୀବି, ସାହିତ୍ୟ ପିପାସୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ସୁଶାନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଶୋକ ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ପାଠଚକ୍ର ଦୁଇ ଦିନ ଧରି ବରାହଗୁଡ଼ା ସ୍ଥିତ କ୍ରିଷ୍ଣା ବିକାଶ ଅଡିଟୋରିଅମ୍ ଠାରେ ଅନୁଷ୍ଠିତ ହେବ ।




# ସ୍ୱାସ୍ଥ୍ୟସେବା ପାଇଁ ଅରୁଣ ସମ୍ବର୍ଦ୍ଧିତ




ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ଆଡ଼େନିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଗୋଷ୍ଠୀ ସ୍ୱାସ୍ଥ୍ୟ ପରିଚାଳକ ଅରୁଣ କୁମାର ପାଢ଼ୀ ଙ୍କର ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ ଜନସେବାରେ ବିଶେଷ କରି ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନ ଜନକ ଡାକ୍ତରଟ ଉପାଧିରେ ( ଡକ୍ଟରେଟ୍ ଇନ ସମାଜସେବା ) ଆଜି ଚେନାଇ ସହରର ଭାରତୀୟ ବିଦ୍ୟାଭବନ ଅଡିଟୋରିୟମ ହଲ ଠାରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଭବ୍ୟ ସମାରୋହରେ ଗ୍ଲୋବାଲ ହ୍ୟୁମାନ ପିସ ୟୁନିଭେର୍ସିଟିର କୁଳପତି ଓ ଅନ୍ୟାନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରା ଯାଇଥିଲା । ତାଙ୍କର ଏହି କୃତିତ୍ୱ ପାଇଁ ଏହାର ସମସ୍ତ ଶ୍ରେୟ ସେ ପରିବାର ବର୍ଗ, ସ୍ୱାସ୍ଥ୍ୟ ବିଭାଗ କର୍ମକର୍ତ୍ତା, ବନ୍ଧୁମାନଙ୍କୁ ଏବଂ ଡକ୍ଟର ସଞ୍ଜୟ କୁମାର ବାରିକଙ୍କୁ ପ୍ରଦାନ କରିଥିଲେ ।




ବୌଦ୍ଧ (ଭାସ୍କର ନ୍ୟୁଜ): ପଲିଥିନ ଓ ବିଭିନ୍ନ ବର୍ଜ୍ୟ ସାମଗ୍ରୀ ଯୋଗୁଁ ପରିବେଶ ଗଭୀର କ୍ଷତିଗ୍ରସ୍ତ ହେବାସହ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ବର୍ତ୍ତମାନ ସମୟରେ ଭାରତ ସମେତ ସାରା ବିଶ୍ବରେ ଏହି ବର୍ଜ୍ୟ ସାମଗ୍ରୀର ପରିମାଣ ଦିନକୁ ଦିନ ଚିନ୍ତା ବଢ଼ାଇବାରେ ଲାଗିଛି । ବୌଦ୍ଧ ଜିଲ୍ଲାରେ ନିଷିଦ୍ଧ ପଲିଥିନ ସହ, ନିଷିଦ୍ଧ ପ୍ଲାଷ୍ଟିକ ଓ ଥୋଲର ବିଭିନ୍ନ ସାମଗ୍ରୀ ଯୋଗୁଁ ପରିବେଶ ସମ୍ପୂର୍ଣ୍ଣ ଦୂଷିତ ହେବାରେ ଲାଗିଛି । ଏଭଳି ସାମଗ୍ରୀ ମାଟିରେ ମିଶି ପାରୁନଥିବାରୁ ଜୈବିକ ଚାଷ କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ପଡୁଛି । ଏହାର ସିଧାସଳଖ ପ୍ରଭାବ ମଣିଷ ସହ ଜୀବ ଜଗତ ଓ ପଶୁପକ୍ଷୀଙ୍କ ଉପରେ ପଡୁଛି । ତେଣୁ ଏନେଇ ବ୍ୟାପକ ଜନ ସଚେତନତା ସୃଷ୍ଟି ପାଇଁ ଶନିବାର ବୌଦ୍ଧର ସର୍ବପ୍ରାଚୀନ ଶିକ୍ଷାନୁଷ୍ଠାନ ଯୋଗୀନ୍ଦ୍ର ଦେବ ହାଇସ୍କୁଲର ଛାତ୍ର ଓ ଶିକ୍ଷକ ମାନେ ବୌଦ୍ଧ ସହର ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ । ଏହି ଅବସରରେ ଛାତ୍ର ମାନେ ପରିବେଶକୁ ସ୍ୱଚ୍ଛ ଓ ପଲିଥିନ ମୁକ୍ତ କରିବାକୁ ଶପଥ ଗ୍ରହଣ କରିଥିଲେ ।



# ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ




ପୁରୀ (ଭାସ୍କର ନ୍ୟୁଜ) : ପିସିସି ସଭାପତି ଭକ୍ତ ଚରଣ ଦାସ ଙ୍କ ଦ୍ୱାରା ଗଠିତ ପିସିସି ଟିମ୍ ଆଜି ପୁରୀ ଗସ୍ତ କରିଥିଲେ।ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ,ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା,ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ପ୍ରଥମେ ଘଟଣାସ୍ଥଳ ରେ ପହଞ୍ଚି ଜୀଭ ମାନଙ୍କ ଦର୍ଶନ କରିବା ସହିତ ଅଭାବନୀୟ ଦଳା ଚକଟା ସଂକ୍ରାନ୍ତରେ ସବିଶେଷ ଅନୁଧ୍ୟାନ କରିଥିଲେ। ସେଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଯାଇ ଦଳା ଚକଟାରେ ଆହତ ହୋଇଥିବା ବ୍ୟକ୍ତି ମାନଙ୍କର ସ୍ୱାସ୍ଥ୍ୟ ଏବଂ ଚିକିତ୍ସା କଥା ବୁଝିଥିଲେ।ଗୁରୁତର ଭାବେ ଆହତ ହୋଇଥିବା ଓ ସମ୍ପୂର୍ଣ୍ଣ ଗ୍ରୁପେ ଗୋଡ଼ ହାଡ ଦିଖଣ୍ଡ ହୋଇଥିବା ଦୁଇଜଣ ରୋଗୀଙ୍କୁ ମଧ୍ୟ ବିନା ଚିକିତ୍ସାରେ ଡିସଚାର୍ଜ ହୋଇଥିବା କଥା ଶୁଣି ଟିମ୍ ବ୍ୟଥିତ ଓ ଚକିତ ହୋଇଥିଲେ। ଘଟଣାକୁ ଫାଙ୍କି ଦେବା ପାଇଁ ଯେତିକି ସରକାରୀ ଉଦ୍ୟମ ହେଉଛି ଆହତ ବ୍ୟକ୍ତି ମାନଙ୍କ ଚିକିତ୍ସା ପାଇଁ ସେତିକି ଦୃଷ୍ଟି ଦିଆଯାଉନାହିଁ। କଂଗ୍ରେସ ଟିମ୍ ମଧ୍ୟ ଗୁଣ୍ଡିଚା ଘର ସାମ୍ନାରେ ଥିବା ଜିଲ୍ଲା କଂଗ୍ରେସ ସେବା ଶିବିର ରେ ପହଞ୍ଚିଥିଲେ।ମୃତକ ମାନଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ସହାୟତା ଏବଂ ଗୁରୁତର ଆହତ ହୋଇଥିବା ବ୍ୟକ୍ତି ମାନଙ୍କୁ ୨୫ ଲକ୍ଷ ଟଙ୍କା ସ୍ୱତନ୍ତ୍ର ସହାୟତା ଦାବିକୁ ଟିମ୍ ଦୋହରାଇଥିଲା। ସରକାର ସମୁଦାୟ ଘଟଣା ପାଇଁ ସଂପୂର୍ଣ୍ଣ ଦାୟୀ ହୋଇଥିବା ବେଳେ ଧର୍ମକୁ ଆଖିଠାର ମାରିବା ନ୍ୟାୟରେ ମାତ୍ର ଜେତେକ କାର୍ଯ୍ୟାନୁଷ୍ଠାନ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଙ୍କ ମୁଣ୍ଡରେ ପରିଚାଳନା ଦାଇତ୍ୱ ନ୍ୟସ୍ତ ଥିବା ଦୃଷ୍ଟିରୁ ନୈତିକତା ଦୃଷ୍ଟିରୁ ସେମାନେ ଇସ୍ତଫା ଦିଅନ୍ତୁ ବୋଲି ଟିମ୍ ଦାବି କରିଛି। ମାସକ ଭିତରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଆଜି ଅପରାହ୍ନରେ ଆଇନ ମନ୍ତ୍ରୀ ଘୋଷଣା କରିଛନ୍ତି।କିଏ ତଦନ୍ତ କରିବେ ଏବଂ କିଭଳି ତଦନ୍ତ କରାଯିବ ସେ ସମ୍ପର୍କରେ କିଛି ନ କହି ସରକାର କି କାର୍ଯ୍ୟାନୁଷ୍ଠାନ ନେବେ - ଟିମ୍ ଏହା ପ୍ରଶ୍ନ କରିଛି। ନୀଳାଦ୍ରି ବିଜେ ପରେ ୧୦ ଦିନ ମଧ୍ୟରେ ଘଟଣାର କାର୍ଯ୍ୟତଃ ଜିଲ୍ଲା ଜଜଙ୍କ ଦ୍ୱାରା ତଦନ୍ତ କରାଯାଇ ସୁପାରିଶ ଭିତରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଦାବି କରିଛନ୍ତି। ପିସିସି ଟିମ୍ ପ୍ରଦେଶ କଂଗେସ ସଭାପତି ଭକ୍ତ ଚରଣ ଦାସଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି।ବାହୁଡ଼ା,ସୁନାବେଶ ଓ ନୀଳାଦ୍ରି ବିଜେ ପର୍ବ ସୁରୁଖୁରୁରେ ସମାପନ ହେଉ ବୋଲି କାମନା କରିବା ସହ ସମସ୍ତ ସାଢ଼େ ଚାରି କୋଟି ଓଡ଼ିଶା ବାସି ଓ ବିଶ୍ୱବାସୀଙ୍କ କଲ୍ୟାଣ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ପାଖେ ପ୍ରାର୍ଥନା କରିଛନ୍ତି।ପୁରୀ ଜିଲ୍ଲା ସଂଯୋଜକ ରାଜେଶ ମିଶ୍ର,ଗୋପ ବ୍ଲକର ପୂର୍ବତନ ଅଧ୍ୟକ୍ଷ ନୀଳମଣି ପ୍ରଧାନ,ସୁଜିତ୍ ମହାପାତ୍ର,ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର,ନଗର କଂଗ୍ରେସ ଦୁଇ ସଭାପତି ଅମରେନ୍ଦ୍ର ପାଇକରାୟ,ବିଶ୍ୱନାଥ ଦାସ,ସ୍ୱାଧୀନ ପଣ୍ଡା,ରଜତ ସାହୁ,ସିତାଂଶୁ ଦାସ ,ବିଶ୍ୱ କେଶନ ହରିଚନ୍ଦନ ମହାପାତ୍ର, ନିରଞ୍ଜନ ବିଶ୍ୱାଳ, ଅବିନାଶ ମିଶ୍ର,ଚେତନ ମିଶ୍ର,ସୁକାନ୍ତ ପ୍ରଧାନ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ପିସିସି ଟିମ୍ ସହିତ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ପାଲା ଉତ୍ସବ ଉଦ୍‌ଘାଟିତ



ବଲାଙ୍ଗିର(ଭାସ୍କର ନ୍ୟୁଜ): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାରପୁଡ଼ୁଗିଆ ଠାରେ ରଥଯାତ୍ରା ଉପଲକ୍ଷେ ୩ ଦିନିଆ ରାଜ୍ୟସ୍ତରୀୟ ପାଲା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବର ଉଦ୍ଦେଶ୍ୟ ହେଉଛି ଗ୍ରାମ୍ୟ ସ୍ତରରେ ଦିନକୁ ଦିନ ଲୋପ ପାଇଯାଉଥିବା ପାଲା ନୃତ୍ୟ କୁ ଆଧୁନିକ ଯୁଗରେ ଲୋକାଭିମୁଖ କରିବା ପାଇଁ ଓ କଳାକାରଙ୍କୁ ଉତ୍ସାହିତ ଏବଂ ସମ୍ମାନର ସହ ଆଗକୁ ଆଣିବାକୁ ଏହା ଏକ ଅଭିନବ ପ୍ରୟାସ । ସାହିତ୍ୟ ଓ ସାରସ୍ୱତ ସାଧନା ମାଧ୍ୟମରେ ବିଭିନ୍ନ ଆଲୋଚନା ଓ ସଚେତନତା ବାର୍ତ୍ତା ଦେଉଥିବା ପାଲା । ସାଂପ୍ରତିକ ଯୁଗରେ ମଧ୍ୟ ବିପଥଗାମୀ ସମାଜକୁ ସରସ ସୁନ୍ଦର ଓ ପରିମାର୍ଜିତ କରିବା ପାଇଁ ପାଲାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବକୁ ସାରସ୍ୱତ ସାଧକ ତଥା ସଂସ୍କୃତ ଗବେଷକ ସୁରେଶ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ସରପଂଚ ଜନ୍ମେଜୟ ମେହେର, ବରିଷ୍ଠ କ୍ରୀଡାବିତ୍ ବିଜୟ କୁମାର ଜାନି, ବରିଷ୍ଠ କଳାକାର ନିମାଇଁ ପାଣିଗ୍ରାହୀ, ବିଶିଷ୍ଟ କଣ୍ଠ ଶିଳ୍ପୀ ବ୍ୟାସଦେବ ପୁରୋହିତ, ସମବାୟ ସଂପାଦକ ପ୍ରମୋଦ କର୍ମୀ ପ୍ରମୁଖ ମଂଚାସୀନ ଥିଲେ । ଓଡ଼ିଶା ସରକାର ଙ୍କ ସଂସ୍କୃତି ବିଭାଗ ସହଯୋଗ ରେ ପ୍ରଥମ ଦିନରେ ଦୁଇଟି ଦଳ ଜୟ ମାଁ ଦନ୍ତେଶ୍ୱରୀ ପାଲା ଦଳ ଧୁମାଭଟ୍ଟା , କଳାହାଣ୍ଡି ଜିଲ୍ଲା ର ପାଲା ଗାୟକ ରସରାଜ ବୁଡେକ, ପାଲିଆ ଶରତ ପୁଟେଲ, କ୍ଷିରେନ୍ଦ୍ର ନଗଣ, ଦେବ ବାଗ, ସନ୍ୟାସି ବୁଡେକ, ଘନଶ୍ୟାମ ଭାଟି ଓ ଓମ୍ ଶ୍ରୀ ଭାରତୀ ପାଲା ଅନୁଷ୍ଠାନ, ବଡଗାଁ, ସୁନ୍ଦରଗଡ ଜିଲ୍ଲା ର ପାଲା ଗାୟକ ପଶ୍ଚିମନନ୍ଦ ଫକିର ମୋହନ ବାଗ, ସନାତନ ବାଗ, ପାଲିଆ ଶରତ ବରୁଆ, ମନବୋଧ କମାର, ସଂଜୟ ନାଥ, ଦୁର୍ଯ୍ୟୋଧନ ନାଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ସମସ୍ତ କଳାକାର ଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଭାପତି କଳା ସଂଗଠକ ଜୟକୃଷ୍ଣ ମିଶ୍ର ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ପାଦକ ସଦାନନ୍ଦ ମହଲା, ଉପସଭାପତି ପ୍ରଶାନ୍ତ ମହାକୁଡ଼, ସଂଜୟ ନାଏକ, ସୁରେଶ ମହଲା, ଅରବିନ୍ଦ ମିଶ୍ର, ବିଶ୍ୱରାଜ ସାଏ, ବିକାଶ ନାଏକ, ଲବ ନାଗ, ମଦନ ସାହୁ, ପ୍ରବୀଣ ବରିହା, ପିଣ୍ଟୁ ନାଏକ, ବାପି ମହଲା, ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ, ସଂଜୋତ କଳା କେନ୍ଦ୍ର, ଦେବାଳୟ ସୁରକ୍ଷା କମିଟି, ପ୍ରମୁଖ ଆୟୋଜନ କରିଥିଲେ ।

## ମାରୱାଡ଼ି ସମାଜ-କଟକ ପକ୍ଷରୁ ନାରାୟଣ ସେବା

କଟକ(ଭାସ୍କର ନ୍ୟୁଜ): ପବିତ୍ର ରଥଯାତ୍ରା ଅବସରରେ କଟକ ମାରୱାଡ଼ି ସମାଜ-କଟକ ପକ୍ଷରୁ ଶ୍ରୀକ୍ଷେତ୍ର ପୁରୀ ଧାମରେ ନାରାୟଣ ସେବା ସଫଳତାର ସହ ସମ୍ପନ୍ନ ଦୁଇଦିନିଆ ସେବା କାର୍ଯ୍ୟ କରାଯାଇଛି । ଶିବିରର ଅଧ୍ୟକ୍ଷ ଅଶୋକ ଚୌବେଙ୍କ ନେତୃତ୍ୱରେ ଏକ ପ୍ରତିବଦ୍ଧ କର୍ମୀଦଳ ଶିବିର ପ୍ରସ୍ତୁତି ପାଇଁ ଗତ ୨୫ ତାରିଖରେ ପୁରୀ ଧାମ ଅଭିମୁଖେ ବାହାରିଥିଲେ। ସଭାପତି ସୟ ଶର୍ମା, ଅଧ୍ୟକ୍ଷ ଗଣେଶ କାଣ୍ଡୋଇ, ସାଧାରଣ ସମ୍ପାଦକ ଶଙ୍କର ଗୁପ୍ତା, ଯୁଗ୍ମ ସମ୍ପାଦକ ଅବିନାଶ ଖେମକା, ସଂଗଠନ ସମ୍ପାଦକ କମଲ ସିକାରିଆ, ବରିଷ୍ଠ ଉପସଭାପତି ଦେବକିନନ୍ଦନ ଯୋଶୀ, ନରେନ୍ଦ୍ର କୁମାର ମୋଦି, ବିଜୟ ଅଗ୍ରୱାଲ, ସତୀଶ ଗୋଏଙ୍କା, ସୁରେଶ ପୋଦାର, ଦିନେଶ ଯୋଶୀ, ପବନ ଚୌଧୁରୀ, ବରିଷ୍ଠ ଉପଦେଷ୍ଟା ମୋହନଲାଲଜୀ ସିଂହାଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା। ଭାଇ ଦିନେଶ ଯୋଶୀଙ୍କ ନେତୃତ୍ୱରେ କଟକର ପ୍ରସିଦ୍ଧ ଭଜନ କଳାକାର, ପପୁ ସାଙ୍ଗନେରିଆ, ନିର୍ମଳ ପୁର୍ବା, ହୁକୁମ ସିଂହ, କମଳ ବକ୍ସିଷ୍ଟ, ଯଶବନ୍ତ ଚୌଧୁରୀ ଭଜନ ପରିବେଷଣ କରିଥିଲେ।ସଂଯୋଜକ ଅଶୋକ ଚୌବେ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଳାଚକଟା ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କଲେ ସାଂସଦ ସମ୍ବିତ ପାତ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୁରୀ ଦଳାଚକଟା ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ପୁରୀ ସାଂସଦ ସମ୍ବିତ ପାତ୍ର । ଏହାକୁ ନେଇ ସେ ରାଜ୍ୟ ସରକାରଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ସମ୍ବିତ ପାତ୍ର କହିଛନ୍ତି ଯେ, ପୁରୀ ଶରଧାବାଲିରେ ମହାପ୍ରଭୁଙ୍କ ଦର୍ଶନ କରିବା ସମୟରେ ପ୍ରବଳ ଭିଡ଼ ହୋଇଥିବା କାରଣରୁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ରାଜ୍ୟ ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଘୋଷଣା କରିଛନ୍ତି । ଏନେଇ ମୁଁ ରାଜ୍ୟ ସରକାରଙ୍କ ସହ ସମ୍ପର୍କରେ ରହିଛି । ମହାପ୍ରଭୁଙ୍କ ନିକଟରେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଉଛି ଏହା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି ।

## ଜୁଲାଇ ୧୫ ପର୍ଯ୍ୟନ୍ତ ଧାନ କ୍ରୟ ପ୍ରକ୍ରିୟା ବୃଦ୍ଧି କରାଯାଉ: କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟର ଅଧିକାଂଶ ଜିଲ୍ଲାରେ ମଣ୍ଡିରୁ ଧାନ ଉଠୁନାହିଁ। ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଖୋଲା ଆକାଶ ତଳେ ଧାନ ବିକିବା ପାଇଁ ବସିରହିଛନ୍ତି। ପ୍ରାୟ ୫ଲକ୍ଷ ମେଟ୍ରିକ୍‌ଟନ୍‌ରୁ ଅଧିକ ରବି ଧାନ ଚାଷୀଙ୍କ ପାଖରେ ରହିଛି। ବର୍ଷାରେ ଧାନ ଭିଜି ଗଜା ହେଲାଣି। ସରକାର ଚାଷୀଙ୍କଠାରୁ ସମସ୍ତ ବଳକା ଧାନ ନିର୍ଦ୍ଧାରିତ ଦରରେ କ୍ରୟ କରିବେ ବୋଲି ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲେ। ସରକାର ନିଯୋଡ଼ ନିବଡରେ ଶୋଇଛନ୍ତି। ଚାଷୀ ସହାୟକ ମୂଲ୍ୟ ବୃଦ୍ଧି ପରେ ଯେତିକି ଖୁସି ଥିଲେ ତା'ଠାରୁ ଏବେ ଦଶ ଗୁଣା ଧାନ ବିକିବାପାଇଁ ହିନସ୍ତା ହେଉଛନ୍ତି। ଅଧିକାଂଶ ଚାଷୀ ଏବେ ସୁଦ୍ଧା ଖରିଫ ଧାନ ବିକ୍ରି ଟଙ୍କା ପାଇ ନାହାଁନ୍ତି। ମଣ୍ଡି ଅବ୍ୟବସ୍ଥା କହିଲେ ନସରେ। କଟନି ଛଟନି ସଂପୂର୍ଣ୍ଣ ବନ୍ଦ ହେବା ପରିବର୍ତ୍ତେ ଚଳିତ ଥର ୩ କେ.ଜିରୁ ୧୫ କେ.ଜି. ପର୍ଯ୍ୟନ୍ତ ପ୍ରତି କ୍ୱିଣ୍ଟାଲରେ କଟନି ଛଟନି କରାଯାଉଛି । ଅନେକ ଟୋକନ୍ ଲ୍ୟାପ୍ସ ହେଲାଣି । ସରକାର ଓ ପ୍ରଶାସନର ମିଳିଗତରେ ଧାନ କିଣାରେ ପ୍ରାୟ ଦୁଇ ହଜାର କୋଟି ଟଙ୍କାରୁ ଦୁର୍ନୀତି ହୋଇଛି। ସରକାରଙ୍କର ଅପାରଗତା ଯୋଗୁଁ ଅବ୍ୟବସ୍ଥିତ ଢଙ୍ଗରେ ଧାନ କ୍ରୟ କରାଯାଉନାହିଁ ବୋଲି ଆଜି ଅଖିଳ ଭାରତ କଂଗ୍ରେସ କମିଟି କିଷାନ୍ ସେଲ୍ ଜାତୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଏଥିପାଇଁ ବିଜେପି ସରକାରକୁ ସଂପୂର୍ଣ୍ଣ ଦାୟୀ କରିଛନ୍ତି। ଏଣୁ ଚାଷୀ ବୃହତର ସ୍ୱାର୍ଥ ଦୃଷ୍ଟିରୁ ସରକାର କାଳ ବିଳମ୍ବ ନକରି ଜୁନ୍ ୩୦ ପରିବର୍ତ୍ତେ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ଧାନ କ୍ରୟ ପ୍ରକ୍ରିୟାକୁ ବୃଦ୍ଧି କରିବା ସହ ଚାଷୀଙ୍କ ଠାରୁ ସବୁ ବଳକା ଧାନକୁ କ୍ରୟ କରିବା ପାଇଁ ଦୃଢ଼ ଦାବି କରିଛନ୍ତି। ଯଦି ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ନ ଦିଅନ୍ତି ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟରେ ସରକାରଙ୍କ ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିଶୁବାଟିକାରେ...

ବୟସର ପିଲାମାନଙ୍କୁ ପ୍ରାକ୍-ପ୍ରାଥମିକ ଶିକ୍ଷା ପ୍ରଦାନ କରାଯାଉଛି । ଶିଶୁବାଟିକାରେ ପିଲାଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁଯାୟୀ ଶିଶୁ ସେବିକା ନିଯୁକ୍ତି ନିଷ୍ପତ୍ତି ନିଆଯିବ । ଛୋଟ ପିଲାମାନଙ୍କୁ ଶ୍ରେଣୀଗୃହରେ ପରିଚାଳନା କରିବା, ସେମାନଙ୍କ ଯତ୍ନ ନେବା ଏକ ଗୁରୁ ଦାୟିତ୍ୱ । ଶିକ୍ଷକମାନଙ୍କ ଉପରେ ଏ ଦାୟିତ୍ୱ ରହିଲେ ଶିକ୍ଷା କାର୍ଯ୍ୟ ବ୍ୟାହତ ହେବ । ସାରା ରାଜ୍ୟରେ ବିଭିନ୍ନ ଶିଶୁବାଟିକାରେ ଏ ସମ୍ପର୍କିତ ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ଶିକ୍ଷକମାନଙ୍କୁ ଅଣଶିକ୍ଷା କାର୍ଯ୍ୟରେ ସହାୟତା କରିବା ପାଇଁ ଶିଶୁବାଟିକା ମାନଙ୍କରେ ଶିଶୁସେବିକାମାନଙ୍କର ଆବଶ୍ୟକତା ରହିଛି। ନିଷ୍ପତ୍ତି ଅନୁଯାୟୀ, ସରକାରୀ ବିଦ୍ୟାଳୟରେ ନିଯୁକ୍ତ ପାଚିକାମାନଙ୍କ ଯେଉଁ ହାରରେ ଦରମା ଦିଆଯାଉଛି, ଶିଶୁ ସେବିକାମାନଙ୍କୁ ସେହି ହାରରେ ଦରମା ଦିଆଯିବ। ସମଗ୍ର ଶିକ୍ଷାର ବଜେଟରୁ ଏହି ଅର୍ଥ ପ୍ରଦାନ କରାଯିବ ।

### ସାରା ଦେଶରେ...

ବର୍ଷା ହେବାର ସମ୍ଭାବନା ଥିବାରୁ ଏ ନେଇ ଆଇଏମ୍‌ଡି ସତର୍କ ସୂଚନା ମଧ୍ୟ ଜାରି କରିଛି । ଏବର୍ଷ ମଧ୍ୟ ଓଡ଼ିଶାରେ ଧାର୍ଯ୍ୟ ସମୟର ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ଗତମାସ ୨୭ ତାରିଖରେ ମୌସୁମୀ ଛୁଇଁଥିଲା । ଫଳରେ ଭଲ ବର୍ଷା ମଧ୍ୟ ହୋଇଥିଲା । ତେବେ ମୌସୁମୀ ଛୁଇଁବା ପରେ ଏହା ବେଶ କିଛିଦିନ ଧରି ନିଷ୍କ୍ରିୟ ରହିଥିଲା। ଗଲ ବେଳକୁ ପୁଣିଥରେ ସକ୍ରିୟ ହୋଇଥିଲା। ଗତ ୪ରୁ ୫ ଦିନ ହେବ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷାର ପ୍ରଭାବ ଜାରି ରହିଛି । ଚାଷୀ ମଧ୍ୟ ଏହାକୁ ନେଇ ଖୁସି ପ୍ରକଟ କରୁଛି।

### ବିଜେପି ରାଜ୍ୟ...

ପରବର୍ତ୍ତୀ ନିର୍ବାଚନ ତାରିଖ ନିର୍ଦ୍ଧାରିତ ହେବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ ସୋମବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ଆବେଦନ ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ହୋଇ ଶେଷ ହେବାର ଥିଲା। ଯାଞ୍ଚ ପରେ ଅପରାହ୍ନ ୪ଟା ସୁଦ୍ଧା ବୃତ୍ତାନ୍ତ ତାଲିକା ପ୍ରକାଶ ପାଇଥାନ୍ତା। ଆସନ୍ତା ୧ ତାରିଖରେ ଫଳାଫଳ ଘୋଷଣା କରାଯାଇଥାନ୍ତା। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ସାଂସଦ ସଞ୍ଜୟ ଜୟସ୍ୱାଲ ସୋମବାର ଭୁବନେଶ୍ୱରରେ ପହଞ୍ଚି ନିର୍ବାଚନ ପ୍ରକ୍ରିୟାର ତଦାରଖ କରିଥାନ୍ତେ।

### ଆଜିଠୁ ମିଳିବ...

ନୃତ୍ୟଗୀତରେ ଝୁମିବା ସହ ବଡ଼ଦାଣ୍ଡରେ ଲୋଟିଛନ୍ତି ଭକ୍ତ । ଭକ୍ତ ମାନେ ଚର୍ମଚକ୍ଷୁରେ ଦର୍ଶନ ସହ କାଳିଆର ରଥ ବଡ଼ଦାଣ୍ଡକୁ ସ୍ପର୍ଶ କରି ଝରାଉଛନ୍ତି ଲୋତକ । ଶୁକ୍ରବାର ଦିନ ପବିତ୍ର ଘୋଷଯାତ୍ରାରେ ଲୋକାରଣ୍ୟ ହୋଇଥିଲା ବଡ଼ଦାଣ୍ଡ । ୧୦ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଅଦ୍ଭୁତପୂର୍ବ ରଥ ଉପରୁ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଅନ୍ୟପଟେ ମହାପ୍ରଭୁଙ୍କର ଏହି ଅପରୂପ ଦୃଶ୍ୟକୁ ଦେଖି ସେଠାରେ ଉପସ୍ଥିତ ଥିବା ସମସ୍ତ ଭକ୍ତ ଗଣ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡିଥିଲେ । ତେବେ ସୋମବାର ଆଷାଢ଼ଶୁକ୍ଳ ଚତୁର୍ଥୀ ଯୁକ୍ତ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହ ମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ରାତ୍ର ଘ.୧.୦୦ ଟିକା ଠାରୁ ବିଳମ୍ବିତ ରାତ୍ର ଘ.୨.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଏଥିସହ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଡପ ଅବଡ଼ା ବାହାରିବ । ଭକ୍ତମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବଡ଼ା ପାଇପାରିବେ ।

### ଯୋଗ ଏକ...

ସୂର୍ଯ୍ୟକିରଣ ପାହାଡ଼ଗୁଡ଼ିକୁ ଛୁଇଁଯାଉଛି । ଧିରେ ଧିରେ ଆଲୋକ ସାଗର ଅଞ୍ଚଳ ଆଡକୁ ବଢୁଛି । ସେହି ଆଲୋକ ସହ ବଢୁଛି ଫୁଟବଲପ୍ରେମୀଙ୍କ ବଳ। ଟୁର୍ଣ୍ଣାମେଣ୍ଟ କେବଳ ଖେଳ ନୁହେଁ, ଏହା ଏକତା ଓ ଆଶାର ଉତ୍ସବ ବୋଲି ଉଲ୍ଲେଖ କରି ମୋଦୀ କହିଥିଲେ, ଆଜି ଯୁବକ ଯୁବତୀଙ୍କ ଆଖିରେ ନୂଆ ସ୍ୱପ୍ନ ଆସିଛି । ହୃଦୟରେ ଆତ୍ମନିର୍ଭରଶୀଳ ହେବାର ସାହସ ରହିଛି । ଫୁଟବଲ ଖେଳାଳିମାନେ ଏବେ ବଡ଼ ସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରୁଛନ୍ତି । ଏହି ଅବସରରେ ସେ ଓଡ଼ିଶାର ରଥଯାତ୍ରା ଉପରେ ମଧ୍ୟ ଆଲୋକପାତ କରିଥିଲେ । ସେ କହିଥିଲେ ଏହା ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ସଫଳ ହୋଇପାରିଛି । ଲକ୍ଷ ଲକ୍ଷ ଲୋକଙ୍କ ସମାବେଶରେ ରଥଯାତ୍ରା ନୂତନ ଉତ୍ସାହ ସୃଷ୍ଟି କରୁଛି । ସେହିପରି ଅପରେସନ ସିନ୍ଦୂର ଉପରେ ଉଲ୍ଲେଖ କରି ମୋଦୀ କହିଥିଲେ ଯେ ଅପରେସନ ସିନ୍ଦୂରରେ ପଡ଼ୋଶୀ ରାଷ୍ଟ୍ର ନିଜର ସ୍ଥିତି ଭୁଲି ଯାଇଛି । ସେହିପରି ଗ୍ରୁପ୍ କ୍ୟାପଟେନ ଶୁଭାଂଶୁ ଶୁକ୍ଳାଙ୍କ ମହାକାଶ ଯାତ୍ରା ଭାରତ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଶନିବାର ଶୁଭାଂଶୁଙ୍କ ସହ ଯେଉଁ ଆଲୋଚନା କରିଥିଲି, ତାହା ଆପଣମାନେ ଜାଣିଥିବେ। ଏହା ଆମ ଦେଶବାସୀଙ୍କ ଗର୍ବ ଓ ଗୌରବ ଆଣିଦେଇଛି ବୋଲି ମୋଦୀ କହିଥିଲେ।

### ଦଳାଚକଟାରେ...

କରିଥିବା ବ୍ୟକ୍ତିମାନେ ହେଲେ ଖୋର୍ଦ୍ଧା ଜିଲ୍ଲାର ପ୍ରଭାତୀ ଦାସ, ବାସନ୍ତୀ ସାହୁ ଓ ପ୍ରେମକାନ୍ତ ମହାନ୍ତି। ଏହାସହ ବହୁ ଲୋକ ଆହତ ହୋଇଥିବା ସୂଚନା ଦିଆଯାଇଛି। ମିଳିଥିବା ଖବରରୁ ପ୍ରକାଶ ଯେ ଭୋରରୁ ସେବେଳେ ମହାପ୍ରଭୁଙ୍କ ପହଣ୍ଡି ଖୋଲାଗଲା ସେତେବେଳେ ନନ୍ଦିଘୋଷ ରଥ ଆଡକୁ ପ୍ରବଳ ଭକ୍ତ ମାଡ଼ି ଆସିଥିଲେ। ଫଳରେ ସେଠାରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରବଳ ଭିଡ଼ ଯୋଗୁ ସ୍ଥିତି ଅଣାୟତ ହୋଇଥିଲା। ବହୁ ଲୋକ ତଳେ ପଡ଼ିଯାଇଥିଲେ ଓ ଅନେକ ଲୋକ ସେମାନଙ୍କ ଉପରେ ମଧ୍ୟ ଚଢ଼ି ଯାଇଥିଲେ। ସେଠାରେ କୌଣସି ପୋଲିସ କିମ୍ବା ଆମ୍ବୁଲାନ୍ସ ନଥିଲା। ଏ ନେଇ ସେଠାରେ ଉପସ୍ଥିତ ଥିବା ଶ୍ରୀମନ୍ଦିର କର୍ମଚାରୀଙ୍କୁ ଜଣାଇଥିଲେ ମଧ୍ୟ ସେମାନେ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ। ପରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେ ପୋଲିସକୁ ସହଯୋଗ କରିବା ପାଇଁ ଶ୍ରଦ୍ଧାଳୁମାନଙ୍କୁ ନିବେଦନ କରିଥିଲେ। ସେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ଯେ ପୋଲିସ ଯେଉଁ ସୂଚନା ଦେଉଛି ତାହାକୁ ପାଳନ କରନ୍ତୁ। ଅବ୍ୟବସ୍ଥାରେ ଅଧୀରଙ୍କୁ ନେଇ ପ୍ରଶ୍ନ ଉଠାଉଛନ୍ତି ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର। ସେ କହିଛନ୍ତି, ପହଣ୍ଡ ନୀତିକୁ ନେଇ ଭକ୍ତଙ୍କୁ ଆଗୁଆ ସୂଚନା ଦେବାର ଥିଲା। କିନ୍ତୁ ତାହା କରାଯାଇ ନଥିଲା। ଯଦି ବି ପହଣ୍ଡ ହେଲା, ତାହାହେଲେ ଘଣ୍ଟାଏ ପରେ ରଡି ପାରିଥାନ୍ତା। କିନ୍ତୁ ଏସବୁ ନିଷ୍ପତ୍ତି ପରିଚାଳନା କମିଟି ନଥିବାରୁ ନିଆଯାଇ ପାରିନଥିଲା। ଏହି ଘଟଣାକୁ ନେଇ ଶ୍ରଦ୍ଧାଳୁଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରଥଯାତ୍ରା ସମୟରେ ବାରମ୍ବାର ଅଘଟଣ ଘଟୁଥିବାରୁ ଶ୍ରଦ୍ଧାଳୁମାନେ କ୍ଷୁବ୍ଧ ମଧ୍ୟ ହୋଇଛନ୍ତି।

# ରାଜ୍ ଯୁବ ପ୍ରତିଷ୍ଠାନ ତରଫରୁ ନୂତନ କାର୍ଯ୍ୟକର୍ତ୍ତା




/କୋଲଗଡ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ପ୍ରାଣକେନ୍ଦ୍ର ରାଜସୁନାଖଳା ଗ୍ରା:ପଃ କୋଚଗଡ଼ ସ୍ଥିତ 'ଅନନ୍ତ ଉଦାସୀନ ଆଶ୍ରମ ପୀଠ' ଠାରେ ରାଜ୍ ଯୁବ ପ୍ରତିଷ୍ଠାନର ଏକ ଅତ୍ୟନ୍ତ ଜରୁରୀ କାର୍ଯ୍ୟକାରିଣୀ ବୈଠକ ସହ ସାଧାରଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଆବାହକ ତଥା ସାମାଜିକ କର୍ମୀ ଶାନ୍ତନୁ କୁମାର ସାହୁଙ୍କ ସଭାପତିତ୍ୱରେ, ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି ସଂଗଠନର ଲକ୍ଷ୍ୟ ହେଉଛି ସାମାଜିକ ଉନ୍ନତି ପାଇଁ କାର୍ଯ୍ୟ କରିବା ଏବଂ ସମାଜରେ ଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା। ସଂଗଠନର ମୂଳ ଲକ୍ଷ୍ୟ:- ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସହଯୋଗ କରିବା, ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରିବା, ଦାରିଦ୍ର୍ୟ ଦୂରୀକରଣ ପାଇଁ ଉଦ୍ୟମ କରିବା ଓ ସାମାଜିକ ସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ କରିବା ଏକ ବୃହତ ସଂଗଠନର କାର୍ଯ୍ୟକ୍ରମ:- ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ, ପିଲାମାନଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜନ କରାଯିବ, କ୍ରୀଡ଼ାର ସମୃଦ୍ଧି, ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ, ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ,ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝାଯିବ ଓ ମାନବିକ ଅଧିକାର ପାଇଁ ଲଢେଇ କରିବା । ସଂଗଠନର ସଦସ୍ୟତା:- ଏହି ସଂଗଠନରେ ସମସ୍ତ ବର୍ଗର ଲୋକ ଯୋଗଦେଇ ପାରିବେ। ଯେଉଁମାନେ ସମାଜସେବା କରିବାକୁ ଇଚ୍ଛୁକ, ସେମାନେ ଉକ୍ତ ସଂଗଠନରେ ଯୋଗ ଦେଇପାରିବେ । ଆଗାମୀ ଦିନରେ ରାଜସୁନାଖଳା ଅଂଚଳରେ ପୁସ୍ତକ ମେଳା, ଲୋକଉତ୍ସବ ଓ ଭଲ ଅଂଚଳକୁ ବ୍ଲକ ଓ ଏନଏସି ସହ ରଣପୁରକୁ ସବଡ଼ିଭିଜନ ସହ ଅତିରିକ୍ତ ଜିଲ୍ଲା କୋର୍ଟ, ଚାନ୍ଦପୁର ହସ୍ପିଟାଲକୁ ମେଡ଼ିକାଲ କଲେଜ, ବୋଲଗଡକୁ ଏନଏସି ସହ କୋର୍ଟ ହେବା ପ୍ରତିଷ୍ଠାନର ପ୍ରମୁଖ ଦାବୀ ଅଟେ ଓ ଏହା ପ୍ରଥମେ ରଣପୁର ଓ ବୋଲଗଡ ବ୍ଲକ ଅଂଚଳରେ କାର୍ଯ୍ୟ କରିବା ସହ ଆଗାମୀ ଦିନରେ ସମଗ୍ର ଓଡିଶାରେ କାର୍ଯ୍ୟ କରିବ । ଉକ୍ତ କାର୍ଯ୍ୟକ୍ରମରେ ସଂଘର ନୂତନ ମୁଖ୍ୟ ଉପଦେଷ୍ଟା ଭାବରେ ମାନ୍ୟବର ପୁରୀ ସାଂସଦଙ୍କ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ଯୁବ ନେତା ପ୍ରଫୁଲ୍ଲ ନାୟକ, ତ୍ରିନାଥ ବିଶ୍ୱାଳ ଓ ଶିକ୍ଷାବିତ ରବୀନ୍ଦ୍ର କୁମାର ସାହୁ, ଧନେଶ୍ୱର ମଲ୍ଲିକ,ଦେବବ୍ରତ ହୋତା, ସଭାପତି ଭାବରେ ବଲ୍ଲଭ ପ୍ରଧାନ, ଉପସଭାପତି ଅଶୋକ ପ୍ରଧାନ, ନିରଞ୍ଜନ ସେଠୀ, ସମ୍ପାଦକ ରାଜୀବ ଲୋଚନ ପ୍ରଧାନ, ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ନାୟକ,ଯୁଗ୍ମ ସମ୍ପାଦକ ସନ୍ଦୀପ ମହାପାତ୍ର, ସହ ସମ୍ପାଦକ ସଞ୍ଜୟ କୁମାର ବୋରା, ଗଣମାଧ୍ୟମ ସମ୍ପାଦକ ଭାବରେ ରାକେଶ କୁମାର ପାଢ଼ୀ, କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ମାନସ ମହାରଣା, ରବୀନ୍ଦ୍ର ବେହେରା, କବୀନ୍ଦ୍ର ବେହେରା, ବିନୋଦ କୁମାର ସାହୁ, ପଦ୍ମ ଚରଣ ସାହୁ, ସଞ୍ଜୟ କୁମାର ବାରିକ, ଅବଦୁଲ ଖଲିକ ଖାନ, ରଘୁନାଥ ମଲ୍ଲିକ, ରାଜୀବ ପରିଡା, ସୁଶାନ୍ତ କୁମାର ପ୍ରଧାନ, ବିପିନ ବିହାରୀ ମହାପାତ୍ର, ସନ୍ତୋଷ ମହାନ୍ତି,ସହଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ଗଜପତି କପିଳେନ୍ଦ୍ର ଦେବ ମହାରାଜାଙ୍କୁ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗଜପତି କପିଳେନ୍ଦ୍ର ଦେବ ମହାରାଜାଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡ଼ିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ଜାତିର ଗର୍ବ ଓ ଗୌରବ ମହାପ୍ରତାପୀ ଶ୍ରୀ ଶ୍ରୀ ଶ୍ରୀ ଗଜପତି କପିଳେନ୍ଦ୍ର ଦେବ ମହାରାଜାଙ୍କ ୫୮୦ ତମ ରାଜ୍ୟାଭିଷେକ ଦିବସରେ ତାଙ୍କୁ ଭକ୍ତିପୂତ ପ୍ରଣତି ଜଣାଉଛି ।

## ଶ୍ରୀଜିଉଙ୍କୁ ଦର୍ଶନ କଲେ ପୂର୍ବତନ ସାଂସଦ

ତାଳଚେର(ଭାସ୍କର ନ୍ୟୁଜ): ତାଳଚେର ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିବା ବେଳେ ଗତକାଲି ତିନି ଜୀଉ ଗୁଣ୍ଡିଚା ମନ୍ଦିରକୁ ପହଣ୍ଡି ବିଜେ କରିଥିଲେ ଏବଂ ପାଗ ଅନୁକୂଳ ଯୋଗୁଁ ଆଜି ତାଳଚେର ଗୁଣ୍ଡିଚା ମନ୍ଦିର ରେ ଶ୍ରୀ ଜୀଉ ଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଜନ ସମାଗମ ପରିଲକ୍ଷିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ପ୍ରାକ୍ତନ ସାଂସଦ ମହେଶ ସାହୁ ଶ୍ରୀ ଜୀଉଙ୍କୁ ଦର୍ଶନ କରିବା ସହିତ ସମସ୍ତଙ୍କ କଲ୍ୟାଣ ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ କୃପା ଭିକ୍ଷା କରିଥିଲେ । ଭକ୍ତଙ୍କ ଗହଣରେ ଶ୍ରୀଜିଉଙ୍କ ଗୁଣ୍ଡିଚା ମନ୍ଦିରରେ ଦର୍ଶନ କରି ସାଂସଦ ଶ୍ରୀ ସାହୁ ବେଶ୍ ଆନନ୍ଦ ଅନୁଭବ କରିଥିଲେ ।

# ପ୍ରେସ୍ ଟ୍ରଷ୍ଟ ଅଫ୍ ଟାଙ୍ଗୀ-ଚୌଦ୍ୱାରର ନୂତନ ଅଫିସ୍ ଗୃହ ଉଦ୍‌ଘାଟିତ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ): ଟାଙ୍ଗୀ-ଚୌଦ୍ୱାରର ପ୍ରଥମ ସରକାରୀ ପଞ୍ଜିକୃତ ସାମ୍ବାଦିକ ସଂଗଠନ ପ୍ରେସ୍ ଟ୍ରଷ୍ଟ ଅଫ୍ ଟାଙ୍ଗୀ-ଚୌଦ୍ୱାରର ନୂତନ ଅଫିସ୍ ଗୃହର ଶୁଭ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ଜେଲ ରୋଡ଼ରେ ନିର୍ମିତ ନୂତନ କଂପ୍ଲେକ୍ସରେ ଏହି ଅଫିସ୍‌ଗୃହକୁ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଇସ୍ପାତ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆ, ସମ୍ମାନିତ ଅତିଥି ଭାବେ ଲୋକସମ୍ପର୍କ ଅଧିକାରୀ ଅଭିଷେକ ଘୋଷ, ଅର୍ଜନ ବ୍ୟାଙ୍କ ଡାଇରେକ୍ଟର ନୀଳମଣି କର, ବିରାଟବଜାର ପୂଜା କମିଟି ସଭାପତି ପ୍ରଶାନ୍ତ କୁମାର ବରାଳ, ସମାଜସେବୀ ଅଶୋକ କୁମାର ମାଝୀ, ସମାଜସେବୀ ପ୍ରିୟବ୍ରତ ସ୍ୱାଇଁ, ବିଶେଷ ସମ୍ମାନିତ ଅତିଥି ଭାବେ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଂଜନ ସାହୁ, ଏଏସଆଇ ଅବିନାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସଙ୍ଗଠନ ପକ୍ଷରୁ ନିରପେକ୍ଷ ସମ୍ବାଦ ପରିବେଷଣ କରିବା ସହିତ ବିଭିନ୍ନ ସାମାଜିକମୂଳକ କାର୍ଯ୍ୟ କରାଯିବ ବୋଲି ଟ୍ରଷ୍ଟର ଉପଦେଷ୍ଟା ରଚିକାନ୍ତ ପଟ୍ଟନାୟକ ଓ ନରେଶ କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ସ୍ୱାଧୀନ ଦାସ, ସଭାପତି ସୁବ୍ରତ କୁମାର ସାମଲ, ଉପସଭାପତି ସୁଧାଂଶୁ ଶେଖର ପରିଡ଼ା, ସମ୍ପାଦକ ଲୋକନାଥ ମାଝୀ, ସହସମ୍ପାଦକ ବିଶ୍ୱଜିତ୍ ବିଶ୍ୱାଳ ଓ କୋଷାଧ୍ୟକ୍ଷ ନାରାୟଣ ଚନ୍ଦ୍ର ଜେନାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଶେଷରେ ଟ୍ରଷ୍ଟର ସଭାପତି ଶ୍ରୀ ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated: 25.06.2025, I Sanjukta Behera, Address: At-Arakhpadar, Kanthipadar, Po- Harabhanga, Dist-Boudh, Odisha, PIN-762020, declare that I have changed my son's name from Priatam Behera to Pritam Behera. Henceforth, He shall be known as Pritam Behera for all purposes.

Sd/-Sanjukta Behera



କୋଲକାତା: ପୁଣି ପଦାରେ ପଡିଛି ଟିଏମସି ନେତା ମହୁଆ ମୋଇତ୍ର ଏବଂ କଲ୍ୟାଣ ବାନାର୍ଜି କଳି । ଏଥର ସିଧା ମହୁଆଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଟାର୍ଗେଟ କରିଛନ୍ତି କଲ୍ୟାଣ । ତେବେ ଟିଏମସି ସାଂସଦ ମହୁଆ ମୋଇତ୍ରା କଲ୍ୟାଣ ବାନାର୍ଜୀଙ୍କ ବୟାନକୁ ସମାଲୋଚନା କରିଥିଲେ, ସେ ରାଗି ଯାଇଥିଲେ ଏବଂ ବ୍ୟକ୍ତିଗତ ଆକ୍ରମଣ ଆରମ୍ଭ କରିଛନ୍ତି । କଲ୍ୟାଣ ବାନାର୍ଜୀ ମୋଇତ୍ରାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ କଟାକ୍ଷ କରି କହିଛନ୍ତି, ତାଙ୍କ ବିବାହକୁ ଟାର୍ଗେଟ କରି କହିଛନ୍ତି ଯେ ସେ ୪୦ ବର୍ଷ ଧରି ବିବାହିତ ଜଣେ ବ୍ୟକ୍ତିଙ୍କ ପରିବାରକୁ ଭାଙ୍ଗି ଦେଇଛନ୍ତି। ଓଡ଼ିଶାର ବିଜେଡି ପୂର୍ବତନ ସାଂସଦ ପିନାକୀ ମିଶ୍ରଙ୍କ ସହ ତାଙ୍କ ବିବାହକୁ ଉଲ୍ଲେଖ କରି ସେ ଏହା କହିଛନ୍ତି। ମହୁଆ ତାଙ୍କ ହନିମୁନ ପରେ ଭାରତ ଫେରି ଆସି ମୋ ସହିତ ଝଗଡ଼ା କରିବା ଆରମ୍ଭ କରିଛନ୍ତି । ସେ ମୋତେ ମହିଳା ବିରୋଧୀ ବୋଲି ଅଭିଯୋଗ କରିଛନ୍ତି, ସେ କ'ଣ ସେ ୪୦ ବର୍ଷର ବିବାହ ଭାଙ୍ଗି ୬୫ ବର୍ଷ ବୟସ୍କ ଜଣେ ବ୍ୟକ୍ତିଙ୍କୁ ବିବାହ କରିଛନ୍ତି।

# ଜାତୀୟ ହଳଦୀ ବୋର୍ଡର ମୁଖ୍ୟାଳୟକୁ ଉଦ୍‌ଘାଟନ କଲେ ଶାହ



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ରବିବାର ତେଲଙ୍ଗାନାର ନିଜାମାବାଦରେ ଜାତୀୟ ହଳଦୀ ବୋର୍ଡର ମୁଖ୍ୟାଳୟକୁ ଉଦଘାଟନ କରିଛନ୍ତି । ଏହି ଅବସରରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ, କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ହଳଦୀ ବୋର୍ଡ ପ୍ରତିଷ୍ଠା କରି ସାରା ଦେଶରେ, ବିଶେଷ କରି ତେଲଙ୍ଗାନାର ଲକ୍ଷ ଲକ୍ଷ ହଳଦୀ ଚାଷୀଙ୍କ ୪୦ ବର୍ଷ ପୁରୁଣା ଦାବି ପୂରଣ କରିଛନ୍ତି। ସେ କହିଥିଲେ ଯେ ସାରା ଦେଶରେ, ବିଶେଷକରି ତେଲଙ୍ଗାନା ଏବଂ ନିଜାମାବାଦର ହଳଦୀ ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ଆଜି ପୂରଣ ହେଉଛି। ସେ ଉଲ୍ଲେଖ କରିଥିଲେ ଯେ ନିଜାମାବାଦ ଦଶନ୍ଧି ଦଶନ୍ଧି ଧରି ହଳଦୀର ରାଜଧାନୀ ଭାବେ ପରିଚିତ ଏବଂ ଏଠାକାର କୃଷକମାନେ ଶହ ଶହ ବର୍ଷ ଧରି ହଳଦୀ ଚାଷ କରିଆସୁଛନ୍ତି, ତଥାପି ଏହା ବିଶ୍ୱ ବଜାରରେ ପହଞ୍ଚି ପାରିନାହିଁ। ଶ୍ରୀ ଶାହ କହିଥିଲେ ଯେ ଥରେ ଜାତୀୟ ହଳଦୀ ବୋର୍ଡ ଆନୁଷ୍ଠାନିକ ଭାବେ କାର୍ଯ୍ୟ ଆରମ୍ଭ କରିବା ପରେ ହଳଦୀ ଚାଷୀ ମଧ୍ୟସ୍ଥିଙ୍କ ପ୍ରଭାବରୁ ମୁକ୍ତ ହେବେ। ସେ କହିଥିଲେ ଯେ ଜାତୀୟ ହଳଦୀ ବୋର୍ଡ ହଳଦୀ ପ୍ୟାକେଜିଂ, ବ୍ରାଣ୍ଡିଂ, ବିପଣନ ଏବଂ ରପ୍ତାନି ପାଇଁ ଏକ ସମ୍ପୂର୍ଣ୍ଣ ଶୃଙ୍ଖଳା ପ୍ରତିଷ୍ଠା କରିବ। ସେ ଉଲ୍ଲେଖ କରିଥିଲେ ଯେ ହଳଦୀ ହେଉଛି ଆଣ୍ଟି-ଭାଇରାଲ୍, ଆଣ୍ଟି-କ୍ୟାନସର ଏବଂ ଆଣ୍ଟି-ଇନଫ୍ଲାମେଟୋରୀ ଏବଂ ଏହାର ଔଷଧୀୟ ଗୁଣ ହେତୁ ଏହା ବିଶ୍ୱବ୍ୟାପୀ ଏକ ଚମତ୍କାର ଔଷଧ ଭାବେ ଜଣାଶୁଣା। ଭାରତ ସରକାର ୨୦୩୦ ମସିହା ସୁଦ୍ଧା ହଳଦୀ ରପ୍ତାନୀରେ ଏକ ବିଲିୟନ ଡଲାର ହାସଲ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଏବଂ ଏଥିପାଇଁ ସମସ୍ତ ଆବଶ୍ୟକୀୟ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ହଳଦୀର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲାଭ ଉପରେ ଗବେଷଣା ଏବଂ ବିକାଶ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ ହେବ। ଶ୍ରୀ ଅମିତ ଶାହ କହିଥିଲେ ଯେ ତେଲଙ୍ଗାନାର ନିଜାମାବାଦ, ଜଗତିଆଲ, ନିର୍ମଳ ଏବଂ କାମାରେଡ୍ଡି ଜିଲ୍ଲା ଭାରତର ସର୍ବାଧିକ ହଳଦୀ ଉତ୍ପାଦନ କରୁଥିବା ଜିଲ୍ଲା ମଧ୍ୟରେ ରହିଛି। ସେ ଉଲ୍ଲେଖ କରିଥିଲେ ଯେ ୨୦୨୫ ମସିହାରେ, ହଳଦୀ ଚାଷୀମାନଙ୍କୁ ହଳଦୀ ପାଇଁ କ୍ୱିଣ୍ଟାଲ ପିଛା ୧୮,୦୦୦ ରୁ ୧୯,୦୦୦ ଟଙ୍କା ମୂଲ୍ୟ ମିଳିଥିଲା, ଏବଂ ଆଗାମୀ ତିନି ବର୍ଷ ମଧ୍ୟରେ କୃଷକମାନଙ୍କୁ କ୍ୱିଣ୍ଟାଲ ପିଛା ଅତିରିକ୍ତ ୧୦୦୦ ଟଙ୍କା ପାଇବା ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରାଯିବ। ଶ୍ରୀ ଶାହ ଉଲ୍ଲେଖ କରିଥିଲେ ଯେ ୨୦୨୩-୨୪ ରେ, ଭାରତରେ ୩ ଲକ୍ଷ ହେକ୍ଟର ଜମିରେ ହଳଦୀ ଚାଷ କରାଯାଇଥିଲା, ଯାହାର ଫଳସ୍ୱରୂପ ୧୦.୭୪ ଲକ୍ଷ ଟନ ଉତ୍ପାଦନ ହୋଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ରପ୍ତାନି ସହିତ ଜଡ଼ିତ କୃଷକମାନଙ୍କ ଲାଭ ପାଇଁ ଜାତୀୟ ସମବାୟ ରପ୍ତାନି ଲିମିଟେଡ ଏବଂ ଜୈବିକ ଚାଷରେ ନିୟୋଜିତ କୃଷକମାନଙ୍କ ପାଇଁ ଜାତୀୟ ସମବାୟ ଜୈବିକ ଲିମିଟେଡ ପ୍ରତିଷ୍ଠା କରିଛନ୍ତି। ସେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ କାର୍ଯ୍ୟକାଳରେ ପ୍ରତିଶ୍ରୁତି ପୂରଣ କରିବାର ଏକ ସଂସ୍କୃତିକୁ ପ୍ରୋତ୍ସାହିତ କରିଛନ୍ତି।

# ଚଳିତ ବର୍ଷ ସୁଦ୍ଧା ନୂଆ ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବ ଭାରତୀୟ ରେଳବାଇ



ନୂଆଦିଲ୍ଲୀ: ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମ୍ପ୍ରତି ଏହି ସଂସ୍କାର ମୂଳକ ପଦକ୍ଷେପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଛନ୍ତି। ଟିକେଟ୍ ସଂରକ୍ଷଣ ବ୍ୟବସ୍ଥାକୁ ସ୍ମାର୍ଟ, ସ୍ୱଚ୍ଛ, ସୁଗମ ଏବଂ ଦକ୍ଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଏହି ଯୋଜନା ଯାତ୍ରୀଙ୍କ ସୁବିଧା ଉପରେ ଧ୍ୟାନ ଦେବ । ନୂଆ ବ୍ୟବସ୍ଥା ଯାତ୍ରୀମାନଙ୍କ ପାଇଁ ଏକ ସୁଗମ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ନିଶ୍ଚିତ କରିବ। ଯାତ୍ରାରେ ଅନିଶ୍ଚିତତାକୁ ଦୂର କରିବା ପାଇଁ ଆଗୁଆ ଟିକେଟ୍ ଧାରୀ ଯାତ୍ରୀଙ୍କ ତାଲିକା ପ୍ରକାଶ କରାଯିବ। ସମ୍ପ୍ରତି ଟିକେଟ୍ ସଂରକ୍ଷଣ ତାଲିକା ଟ୍ରେନ ଯାତ୍ରା ଆରମ୍ଭ କରିବାର ଚାରି ଘଣ୍ଟା ପୂର୍ବରୁ ପ୍ରସ୍ତୁତ କରାଯାଉଛି। ଏହା ଯାତ୍ରୀଙ୍କ ମନରେ ଅନିଶ୍ଚିତତା ସୃଷ୍ଟି କରୁଛି । ଯେଉଁଠାରେ ଯାତ୍ରୀମାନେ ନିକଟସ୍ଥ ଅଞ୍ଚଳରୁ ଟ୍ରେନ୍ ଧରିବା ପାଇଁ ଆସୁଛନ୍ତି ସେଠାରେ ଏହି ଅନିଶ୍ଚିତତା ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି । ଏହି ଅନିଶ୍ଚିତତାକୁ ଦୂର କରିବା ଲାଗି ଯାତ୍ରା ଆରମ୍ଭ କରିବାର ଆଠ ଘଣ୍ଟା ପୂର୍ବରୁ ସଂରକ୍ଷିତ ଟିକେଟ୍ ତାଲିକା ପ୍ରକାଶ କରାଯିବ । କୌଣସି ନିର୍ଦ୍ଦିଷ୍ଟ ଦିନର ଅପରାହ୍ନ ୨ଟା ପୂର୍ବରୁ ଛାଡୁଥିବା ଟ୍ରେନ୍ ପାଇଁ ପୂର୍ବ ଦିନ ରାତି ୯ଟା ସୁଦ୍ଧା ଟିକେଟ୍ ଧାରୀ ଯାତ୍ରୀଙ୍କ ତାଲିକା ପ୍ରସ୍ତୁତ କରାଯିବ। ରେଳମନ୍ତ୍ରୀ ଏହି ପ୍ରସ୍ତାବରେ ସହମତ ହୋଇଛନ୍ତି ଏବଂ କୌଣସି ବାଧା ନହେବା ପାଇଁ ପର୍ଯ୍ୟାୟକ୍ରମେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପଦକ୍ଷେପ ୱେଟଲିଷ୍ଟ ବା ପ୍ରତୀକ୍ଷା ଟିକେଟ୍ ଥିବା ଯାତ୍ରୀମାନଙ୍କ ପାଇଁ ଅନିଶ୍ଚିତତାକୁ ହ୍ରାସ କରିବ। ଯାତ୍ରୀମାନେ ୱେଟଲିଷ୍ଟ ଟିକେଟ୍ ସ୍ଥିତି ବିଷୟରେ ଆଗୁଆ ସୂଚନା ପାଇପାରିବେ। ଏହା ଦୂରଦୂରାନ୍ତର ସ୍ଥାନ କିମ୍ବା ପ୍ରମୁଖ ସହରଗୁଡ଼ିକର ଉପନଗରରୁ ଦୂରଗାମୀ ଟ୍ରେନ୍ ଧରିବା ପାଇଁ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଲାଭ ଦେବ। ୱେଟ୍ ଲିଷ୍ଟ ଟିକେଟ୍ ନିଶ୍ଚିତ ବା କନଫର୍ମ ନହେଲେ ବିକଳ୍ପ ବ୍ୟବସ୍ଥା କରିବାକୁ ଏହା ଅଧିକ ସମୟ ମଧ୍ୟ ପ୍ରଦାନ କରିବ। ରେଳମନ୍ତ୍ରୀ ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥାର ଉନ୍ନତିକରଣ ସମୀକ୍ଷା କରିଥିଲେ।

## ପୁରୀ ଦଳାଚକଟା ଘଟଣାରେ ରାହୁଲ ମର୍ମାହତ



ନୂଆଦିଲ୍ଲୀ: ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ରବିବାର ଦଳାଚକଟା ଘଟଣାରେ ରାହୁଲ ଗାନ୍ଧୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରାହୁଲ ତାଙ୍କ ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି, ଦଳାଚକଟା ଘଟଣା ଅତ୍ୟନ୍ତ ଦୁଃଖଦ ଓ ମର୍ମାହତ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ଗଭୀର ସମବେଦନା ଏବଂ ଆହତ ଭକ୍ତଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି। ମୁଁ ଓଡ଼ିଶା ସରକାରଙ୍କୁ ରିଲିଫ କାର୍ଯ୍ୟକୁ ତ୍ୱରାନିତ କରିବାକୁ ନିବେଦନ କରୁଛି ଏବଂ କଂଗ୍ରେସ କର୍ମୀମାନଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ କରିବାକୁ ଅନୁରୋଧ କରୁଛି। ଏହି ଦୁଃଖଦ ଘଟଣା ଏକ ଗମ୍ଭୀର ଚେତାବନୀ। ଏତେ ବଡ଼ ଘଟଣାରେ ସୁରକ୍ଷା ବ୍ୟବସ୍ଥା ଏବଂ ଭିଡ଼ ପରିଚାଳନା ପ୍ରସ୍ତୁତି ଗମ୍ଭୀରତାର ସହିତ ପ୍ରସ୍ତୁତ ଏବଂ ସମୀକ୍ଷା କରାଯିବା ଉଚିତ। ଜୀବନ ରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ଏବଂ ଏହି ଦାୟିତ୍ୱରେ କୌଣସି ଅବହେଳା ଗ୍ରହଣୀୟ ନୁହେଁ ବୋଲି ରାହୁଲ କହିଛନ୍ତି। ସୂଚନା ଥାଉକି, ଆଜି ତୃତୀୟ ଦିନରେ ଏକ ବଡ଼ଧରଣର ଅଘଟଣ ଘଟିଛି। ପ୍ରଶାସନର ଦାୟିତ୍ୱହୀନତା କାରଣରୁ ଅନେକ ଭକ୍ତ ଆହତ ହୋଇଥିବା ବେଳେ ଠେଲାପେଲାରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ୩ ଭକ୍ତଙ୍କ ମୃତ୍ୟୁ ଘଟିଛି।

## ଆୟୁର୍ବେଦ ପ୍ରୋସେସିଂ ସୁବିଧାର ଉଦ୍‌ଘାଟନ କଲେ ବିଷ୍ଣୁଦେବ

ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ଦୁର୍ଗ ଜିଲ୍ଲାର ପଟନ ବିଧାନସଭା ଆସନ ଅଧିନସ୍ଥ ଜାମଗାଁଓ କମ୍ପ୍ଲେକ୍ସରେ ଥିବା କେନ୍ଦ୍ରୀୟ ୱେୟାର ହାଉସ୍‌ଠାରେ ଥିବା ପରିସରରେ ଅତ୍ୟାଧୁନିକ ଆୟୁର୍ବେଦିକ ଔଷଧ ପ୍ରୋସେସିଂ ସୁବିଧାରଉଦ୍‌ଘାଟନ କରିଛନ୍ତି। ଛତିଶଗଡ କ୍ଷୁଦ୍ର ବନଜାତ ସାମଗ୍ରୀ ସମବାୟ ମହାସଂଘ ଏହି ସୁବିଧା ଉପଲବ୍ଧ କରାଇଛନ୍ତି। ଏହା ସଂପୂର୍ଣ୍ଣ ରୂପେ ଔଷଧୀୟ ପ୍ରସ୍ତୁତିରେ ସହାୟକ ହେବ ବୋଲି ଶ୍ରୀ ସାଏ କହିବା ସହ ସ୍ତ୍ରେୟର ବାୟୋଟେକ ପ୍ରା.ଲି. ର ମିଳିତ ସହଯୋଗରେ ଏହା ସଫଳ ହୋଇପାରିଛି ବୋଲି କହିଥିଲେ। ଏହାଫଳରେ ପ୍ରତ୍ୟେକ୍ଷ ଓ ପରୋକ୍ଷଭାବେ ଦୁଇ ହଜାର ଲୋକଙ୍କୁ ନିଯୁକ୍ତି ମିଳିପାରିବ। ଛତିଶଗଡର ୪୪% ଜଙ୍ଗଲ ଜମି। ତେଣୁସେଠାରେ ଆୟୁର୍ବେଦିକ ଔଷଧ ପ୍ରସ୍ତୁତି ପାଇଁ ଚାରା ରୋପଣର ଶୁଭାରମ୍ଭ କରାଯାଇଛି। ଯାହାକି ଆଗାମୀ ଦିନରେ ଆଦିବାସୀ ସମାଜର ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ। କେନ୍ଦ୍ରୀୟ ଭାରତର ଏହା ଏକ ମାଇଲଖୁଣ୍ଟ ଭାବେ ସ୍ଥାନ ପାଇବ ବୋଲି ଶ୍ରୀ ସାଏ କହିଥିଲେ। ଶ୍ରୀ ସାଏ କହିଥିଲେ ଏହା ଫଳରେ ଛତିଶଗଡ ଅଧିବାସୀ ଆୟୁର୍ବେଦିକ ଔଷଧର ସୁବିଧା ପାଇପାରିବେ। ଅନ୍ୟପକ୍ଷରେ ଶ୍ରୀ ସାଏ କହିଥିଲେ ଯେ ଚରଣ ପାଦୁକା ଯୋଜନାରେ ଜଙ୍ଗଲ କର୍ମଚାରୀଙ୍କୁ ଜୋତା ପ୍ରଦାନ କରାଯାଇଛି। ଜଙ୍ଗଲ ମନ୍ତ୍ରୀ କେଦାର କାଶ୍ୟପ ଏହି ଅବସରରେ କହିଥିଲେ ଯେ, ଛତିଶଗଡର ୪୪% ଜମି ଜଙ୍ଗଲ ହୋଇଥିବାରୁ ସେ ସବୁ ଅଞ୍ଚଳରେ ବିଭିନ୍ନ ଔଷଧୀୟ ବୃକ୍ଷ ମଧ୍ୟ ରହିଛି। ସେଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ ସରକାର ହାତକୁ ନେଇଛନ୍ତି। ସେଠାରୁ ୬୭ ପ୍ରକାରର ଜଙ୍ଗଲ ଜାତ ସାମଗ୍ରୀ ଉତ୍ପାଦନ ହୋଇପାରୁଛି। ଏହା ୨୦୦୦ ଆଦିବାସୀ ପରିବାରକୁ ସମ୍ବଳ ଯୋଗାଇବାରେ ସମର୍ଥ ହୋଇପାରିବ ବୋଲି ଶ୍ରୀ ସାଏ କହିଥିଲେ।



## ୟୁକ୍ରେନ୍ ଉପରେ ରୁଷର ଆକ୍ରମଣ

ନୂଆଦିଲ୍ଲୀ: ଶନିବାର ଏବଂ ରବିବାର ରାତିରେ ରୁଷ ୟୁକ୍ରେନ ଉପରେ ସବୁଠାରୁ ବଡ ବିମାନ ଆକ୍ରମଣ କରିଛି। ରୁଷର ଏହି ଆକ୍ରମଣ ପରେ, ତିନି ବର୍ଷ ଧରି ଚାଲିଥିବା ଯୁଦ୍ଧର ଅନ୍ତ ପାଇଁ ପ୍ରୟାସକୁ ଏକ ବଡ଼ ଝଟକା ଲାଗିଛି। ପ୍ରାଥମିକ ରିପୋର୍ଟ ଅନୁଯାୟୀ ଏଥିରେ ଜଣଙ୍କର ମୃତ୍ୟୁ ହୋଇଛି । ଆହୁରି ଅଧିକ ମୃତ୍ୟୁ ଏବଂ କ୍ଷୟକ୍ଷତି ଆଶଙ୍କା ରହିଛି । ୟୁକ୍ରେନୀୟ ବାୟୁସେନା ଅନୁଯାୟୀ, ଏହି ଆକ୍ରମଣ ସମୟରେ ରୁଷ କିଭ ଉପରେ ମୋଟ ୪୭୭ ଡ୍ରୋନ୍ ଏବଂ ୬୦ କ୍ଷେପଣାସ୍ତ୍ର ମାଡ଼ କରିଛି। ତଥାପି, ୟୁକ୍ରେନୀୟ ସେନା ଏହି ଡ୍ରୋନଗୁଡ଼ିକ ମଧ୍ୟରୁ ୨୪୯ଟିକୁ ଖସାଇ ଦେଇଥିବା ଦାବି କରିଛି । ଯେତେବେଳେ ୨୨୬ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ରକୁ ଇଲେକ୍ଟ୍ରୋନିକ୍ ସିଷ୍ଟମ ଦ୍ୱାରା ଜାମ୍ କରାଯାଇଥିବା କୁହାଯାଉଛି।

# ବାଣିଜ୍ୟ

Lauritz Knudsen
Electrical & Automation

ନୂଆଦିଲ୍ଲୀ: ଭାରତୀୟ ଇଲେକ୍ଟ୍ରିକ୍‌ାଲ ଓ ଅଟୋମେସନ୍ କ୍ଷେତ୍ରର ଅଗ୍ରଣୀ ସଂସ୍ଥା ଲୌରିଜ୍ ନୁଡ୍‌ସେନ୍ ଇଲେକ୍ଟ୍ରିକାଲ୍ ଆଣ୍ଡ୍ ଅଟୋମେସନ୍ ପକ୍ଷରୁ ଭାରତର ପ୍ରମୁଖ ଶିଳ୍ପ କ୍ଲଷ୍ଟର୍ ଓ ଅଭିବୃଦ୍ଧି କରିଡର୍‌ଗୁଡ଼ିକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ସର୍ବବୃହତ ଉତ୍ପାଦ ପୋର୍ଟଫୋଲିଓର ଶୁଭାରମ୍ଭ କରାଯାଇଛି। କମ୍ପାନି ପକ୍ଷରୁ ସାରା ଦେଶର ୩୦ଟି ପ୍ରମୁଖ ଶିଳ୍ପ ସହର ପରିଦର୍ଶନ କରି ସ୍ଥାନୀୟ ଲିଡର, ଅଂଶୀଦାର ଏବଂ ସହଯୋଗୀମାନଙ୍କ ସହ ଭାବ ବିନିମୟ କରାଯାଉଛି। ଲୋ ଭୋଲ୍‌ଟେଜ୍, ଶିଳ୍ପ ଅଟୋମେସନ୍ ଓ ସମାଧାନ ଉପରେ ଗୁରୁତ୍ୱ ଦେଇ ଲୌରିଜ୍ ନୁଡ୍‌ସେନ୍ ଏକ ପ୍ରଯୁକ୍ତି ଆଧାରିତ ନବସୃଜନର ନେତୃତ୍ୱ ନେଉଛି ଯାହା ଭାରତର ଶିଳ୍ପର ମୂଳଦୁଆକୁ ସୁଦୃଢ଼ କରିବ। ଭାରତ ୨୦୪୭ ଭିଜନ୍ ଅନୁସାରେ ଏକ ଉନ୍ନତ ପ୍ରଯୁକ୍ତି, ଅର୍ଥନୈତିକ ଦୃଷ୍ଟିରୁ ସୁଦୃଢ଼ ଓ ସ୍ମାର୍ଟ ଶକ୍ତି ଭାରତ ଗଠନ କରିବା ଲାଗି କମ୍ପାନିର ରହିଥିବା ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି। ଲୌରିଜ୍ ନୁଡସେନ୍ ଇଲେକ୍ଟ୍ରିକାଲ୍ ଆଣ୍ଡ୍ ଅଟୋମେସନ୍‌ର ସିଓଓ ନରେଶ କୁମାର କହିଛନ୍ତି ଯେ, 'ଲୌରିଜ ନୁଡସେନ୍‌ରେ ଆମର ଉଦ୍ଦେଶ୍ୟ ହେଉଛି ସ୍ମାର୍ଟ ପ୍ରଯୁକ୍ତି ପ୍ରଦାନ କରିବା ଯାହା ଗ୍ରାହକମାନଙ୍କୁ ସୁରକ୍ଷିତ, ଦ୍ରୁତ ଏବଂ ବୁଦ୍ଧିମାନ ଭାବେ କାର୍ଯ୍ୟ କରିବା ଲାଗି ସଶକ୍ତ କରିବ।

## ଟାଟା ଏଆଇଏ ପକ୍ଷରୁ ଦୁଇ ନୂଆ ଫଣ୍ଡ୍‌ର ଶୁଭାରମ୍ଭ

TATA AIA LIFE INSURANCE

ନୂଆଦିଲ୍ଲୀ: ଭାରତ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ଭାବେ ଉଭା ହୋଇଥିବା ବେଳେ ଦେଶର ଅନ୍ୟତମ ଅଗ୍ରଣୀ ଜୀବନ ବୀମା କମ୍ପାନି ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସ ଆପଣଙ୍କୁ ନିଜ ସଂପତି ବଢ଼ାଇବା ସହିତ ବୀମା ସହ ଯୋଡ଼ି ହୋଇଥିବା ନିବେଶ ଉତ୍ପାଦ ଜରିଆରେ ଆପଣଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବାର ଅପୂର୍ବ ସୁଯୋଗ ପ୍ରଦାନ କରୁଛି। ଭାରତର ଅର୍ଥନୈତିକ ଅଭିବୃଦ୍ଧି ବ୍ୟାପକ ସୁଯୋଗ ସୃଷ୍ଟି କରିଥିବା ବେଳେ ସେହି ସମ୍ଭାବନା ହାସଲ କରିବାରେ ସାହାଯ୍ୟ କରିବା ଲାଗି କମ୍ପାନି ପକ୍ଷରୁ ଦୁଇଟି ନୂଆ ଫଣ୍ଡ୍‌ର ଶୁଭାରମ୍ଭ କରାଯାଇଛି। ତାହା ହେଉଛି ଟାଟା ଏଆଇଏ ଟ୍ୟାପ୍ ୨୦୦ ଆଲ୍‌ଫା ୩୦ ଇଣ୍ଡେକ୍ସ ଫଣ୍ଡ୍ ଓ ଟାଟା ଏଆଇଏ ଟପ୍ ୨୦୦ ଆଲ୍‌ଫା ୩୦ ଇଣ୍ଡେକ୍ସ ପେନ୍‌ସନ୍ ଫଣ୍ଡ୍। ଯେଉଁମାନେ ନିଜ ସଂପତିକୁ ବଢ଼ାଇବା ସହିତ ପରିବାରର ଭବିଷ୍ୟତ ସୁରକ୍ଷିତ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ପ୍ରସ୍ତୁତ ହୋଇଛି ଟାଟା ଏଆଇଏ ଟପ୍ ୨୦୦ ଆଲ୍‌ଫା ୩୦ ଇଣ୍ଡେକ୍ସ ଫଣ୍ଡ୍। ନୂଆ ଫଣ୍ଡ୍ ଅଫର ୨୦୨୫ ଜୁନ୍ ୨୩ରେ ଖୋଲିଛି। ଏହି ଅବଧିରେ ୟୁନିଟ୍ ପିଛା ୧୦ ଟଙ୍କାରେ ତାହା ଉପଲବ୍ଧ ହେବ ଏବଂ ଅଫର୍ ୨୦୨୫ ଜୁନ୍ ୩୦ରେ ବନ୍ଦ ହେବ। ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସର ୟୁନିଟ୍ ଲିଙ୍କଡ୍ ପେନ୍‌ସନ୍ ପ୍ଲାନ ଜରିଆରେ ନିବେଶ କରାଯିବ ଯାହା ବୀମା ସୁରକ୍ଷା ଓ ସଂପତି ବଢ଼ାଇବାର ଦ୍ୱେତ ଲାଭ ପ୍ରଦାନ କରିବ। ଟାଟା ଏଆଇଏର ମୁଖ୍ୟ ବିତରଣ ଅଧିକାରୀ-ପ୍ରୋପାଇଟରି ବିଜନେସ୍ ଆଣ୍ଡ୍ ଆଲାଏଡ୍ ଚ୍ୟାନେଲ୍ ଅମିତ ଡାଭେ କହିଛନ୍ତି ଯେ, 'ଭାରତ ଏବେ ରୂପାନ୍ତରୀତ ଅର୍ଥନୈତିକ ଅଭିବୃଦ୍ଧି ପର୍ଯ୍ୟାୟରେ ରହିଛି ଯାହା ଆସନ୍ତା କିଛି ଦଶନ୍ଧିରେ ବହୁ ଗୁଣା ବଢ଼ିବା ଆଶା କରାଯାଉଛି। ନୂତନ ଭାବେ ଶୁଭାରମ୍ଭ କରାଯାଇଥିବା ଆମ ଫଣ୍ଡ୍‌ଗୁଡ଼ିକ ସେହି ସୁଯୋଗର ଲାଭ ହାସଲ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଦୃଢ଼ ରିଟର୍ଣ୍ଣ ପାଇବା ଲାଗି ବ୍ୟାପକ ଡାଟା ଅନୁଶୀଳନ ବ୍ୟବହାର କରାଯାଇଛି। ସକାରାତ୍ମକ ଅଭିବୃଦ୍ଧି ଧାରାକୁ ହାସଲ କରିବା ଉପରେ ଏହି ଫଣ୍ଡ୍‌ରେ ଗୁରୁତ୍ୱ ଦିଆଯାଇଛି ଯାହା ନିବେଶକମାନଙ୍କୁ ଦୀର୍ଘକାଳୀନ ଲାଭ ପ୍ରଦାନ କରିବ ଏବଂ ସେମାନଙ୍କ ଆର୍ଥିକ ନିରାପତାକୁ ସୁଦୃଢ଼ କରିବ।'

## ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କୁ ବିଓବିର ସହାୟତା

ନୂଆଦିଲ୍ଲୀ: ଦେଶର ଅଗ୍ରଣୀ ରାଷ୍ଟ୍ରାୟତବ୍ୟାଙ୍କ-ବ୍ୟାଙ୍କ ଅଫ ବରୋଦା (ବିଓବି) ପକ୍ଷରୁ ଓଡ଼ିଶାର ପୁରୀ ରଥଯାତ୍ରାରେ ଅଂଶ ଗ୍ରହଣ କରୁଥିବା ଶ୍ରଦ୍ଧାଳୁମାନଙ୍କୁ ସହାୟତା ପ୍ରଦାନ କରାଯାଇଛି ।ଯାହା ଏହି ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ସମୟରେ ଭକ୍ତଙ୍କ ପାଇଁ ଏକ ସୁରକ୍ଷିତ ଓ ଆରାମଦାୟକ ଅନୁଭୂତି ସୁନିଶ୍ଚିତ କରିବ। ବ୍ୟାଙ୍କର ଏକ ଶାଖା ରଥ ଗଡ଼ିବାକୁ ଥିବା ରାସ୍ତାରେ ଥିବାରୁ ବ୍ୟାଙ୍କ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ସହାୟତା ପ୍ରଦାନ କରିବା ଲାଗି ପାନୀୟ ଜଳ ବଂଟନ, ରିଫ୍ରେସମେଂଟ, ଟୋପି ଓ ଛତାର ବ୍ୟବସ୍ଥା କରାଯାଇଛି। ଯାହା ଏହି ଗ୍ରୀଷ୍ମ ପ୍ରବାହ ଓ ବର୍ଷା ସମୟରେ ଆରାମ ଓ ଆଶ୍ୱସ୍ତି ପ୍ରଦାନ କରିବ। ଏହା ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବେଳେ ବ୍ୟାଙ୍କ ଅଫ ବରୋଦାର ଗୋଷ୍ଠୀ ସମ୍ପୃକ୍ତି ଓ ସାର୍ବଜନୀନ ସେବା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ବ୍ୟାଙ୍କ ଅଫ ବରୋଦାର ମହାପ୍ରବନ୍ଧକ ଓ ଜୋନାଲ ମୁଖ୍ୟ-ଭୁବନେଶ୍ୱର ଜୋନ ସ୍ୱପ୍ନା ବନ୍ଦୋପାଧ୍ୟାୟ କହିଛନ୍ତି ଯେ, 'ରଥଯାତ୍ରା କେବଳ ଏକ ଆଧାତ୍ମିକ ଯାତ୍ରା ନୁହେଁ, ଏହା ହେଉଛି ବିଶ୍ୱାସ ଓ ଶ୍ରଦ୍ଧାଳୁମାନଙ୍କର ଏକ ମିଳିତ ଉତ୍ସବ। ଏକ ଦାୟିତ୍ୱବାନ ଓ ଗୋଷ୍ଠୀ କୈନ୍ଦ୍ରୀକ ସଂସ୍ଥା ଭାବେ ବ୍ୟାଙ୍କ ଅଫ ବରୋଦା ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ଗର୍ବିତ, ଯାହା ଶ୍ରଦ୍ଧାଳୁଙ୍କ ପାଇଁ ରଥଯାତ୍ରାରେ ଏକ ଆରାମଦାୟକ ଓ ସମୃଦ୍ଧ ଅନୁଭୂତି ସୁନିଶ୍ଚିତ କରିବ।' ଏହି ଅଭିଯାନକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ବ୍ୟାଙ୍କ ଅଫ ବରୋଦାର କର୍ମଚାରୀମାନେ ସ୍ଥାନୀୟ ଅଧିକାରୀଙ୍କ ସହ ମିଶି ରଥଯାତ୍ରାରେ ସ୍ୱେଚ୍ଛା ସେବା କରିବେ।

## ଖୁଚୁରା ଋଣ ବଜାର ଚାହିଦା ପ୍ରଭାବିତ: ଟ୍ରାନ୍ସୟୁନିୟନ ସିବିଲ ରିପୋର୍ଟ

TransUnion CIBIL

ନୂଆଦିଲ୍ଲୀ: ୨୦୨୪-୨୫ ଆର୍ଥିକ ବର୍ଷର ଶେଷ ତ୍ରୈମାସିକରେ ଭାରତର ଖୁଚୁରା ଋଣ ବଜାରରେ ମନ୍ଥରତା ଦେଖିବାକୁ ମିଳିଥିଲା। ନୂଆ ଋଣ ସୃଷ୍ଟି ବାର୍ଷିକ ଭିତିରେ ୫ ପ୍ରତିଶତ ହାରରେ ବଢ଼ିଥିଲା ଯାହା ପୂର୍ବବର୍ଷର ସେହି ତ୍ରୈମାସିକରେ ହୋଇଥିବା ୧୨% ଅଭିବୃଦ୍ଧି ତୁଳନାରେ କମ। ସେଥିପାଇଁ କ୍ରେଡିଟ ମାର୍କେଟ ଇଣ୍ଡିକେଟର (ସିଏମଆଇ) ୯୭ ସହ ଦୁଇ ବର୍ଷର ନିମ୍ନ ସ୍ତରକୁ ଖସିଆସିଛି ବୋଲି ଟ୍ରାନ୍ସୟୁନିୟନ ସିବିଲ ପକ୍ଷରୁ ଜାରି କରାଯାଇଥିବା ଜୁନ ୨୦୨୫ ଋଣ ବଜାର ରିପୋର୍ଟରୁ ଜଣାପଡ଼ିଛି। ବିଶେଷ କରି ୩୫ ବର୍ଷ ଓ ତାଠାରୁ କମ ବୟସ ବର୍ଗରେ ଚାହିଦା ହ୍ରାସ ପାଇଥିବା ବେଳେ ଋଣ ପାଇଁ ନୂଆ ଗ୍ରାହକ ହାର ତିନି ପ୍ରତିଶତ କମ ହୋଇଛି। ଟ୍ରାନ୍ସୟୁନିୟନ ସିବିଲର ଏମଡି ଓ ସିଇଓ ଭବେଶ ଜୈନ କହିଛନ୍ତି ଯେ, 'ବିଶେଷ କରି ଯୁବବର୍ଗଙ୍କ ମଧ୍ୟରେ ଚାହିଦାରେ ରହୁଥିବା ଋଣ ଚାହିଦା କମ ହେବାରୁ ଉପଯୋଗିତା ଋଣ ଚାହିଦା ହ୍ରାସ ପାଇଛି। ଏହି ଋଣକୁ ଯୁବବର୍ଗର ଗ୍ରାହକମାନେ ଅଧିକ ପସନ୍ଦ କରିଥାନ୍ତି। ସେହି ସମୟରେ ବ୍ୟକ୍ତିଗତ ଋଣ ଓ କ୍ରେଡିଟ କାର୍ଡ ପାଇଁ ଖିଲାପ ସ୍ଥିର ହୋଇଯାଇଛି ଯାହା ଉନ୍ନତ ଋଣ ପରିଶୋଧ ଆଚରଣରେ ପ୍ରତିଫଳିତ ହୋଇଥିବା ବେଳେ ଏହାକୁ ଆର୍ଥିକ ସାକ୍ଷରତା ଉଦ୍ୟମ ଓ ଦାୟିତ୍ୱବାନ ଋଣ ଅଭ୍ୟାସର ସମର୍ଥନ ରହିଛି।' ୩୫ ବର୍ଷ କିମ୍ବା ତା'ଠାରୁ କମ ବୟସର ଗ୍ରାହକ ବର୍ଗରେ ଋଣ ଅନୁସନ୍ଧାନର ଭାଗ ୫୮ ପ୍ରତିଶତରୁ ହ୍ରାସ ପାଇ ୫୬ ପ୍ରତିଶତ ହୋଇଛି। ତେବେ ଅର୍ଦ୍ଧ ସହରାଂଚଳ ଓ ଗ୍ରାମାଂଚଳରେ ଋଣ ଚାହିଦା ଅପେକ୍ଷାକୃତ ଉନ୍ନତ ରହିଛି ।ଶ୍ରୀ ଜୈନ କହିଛନ୍ତି ଯେ ସହରାଂଚଳ ଓ ମେଟ୍ରୋ ଅଂଚଳରେ ଋଣ ଅଭିବୃଦ୍ଧିରେ ମାନ୍ଦାବସ୍ଥା ଦେଖାନଦେଇଥିବା ବେଳେ ଗ୍ରାମାଂଚଳ ଓ ଅର୍ଦ୍ଧ ସହରାଂଚଳ ଅଭିବୃଦ୍ଧିର ଇଂଜିନ ଭାବେ ଉଭା ହୋଇଛି। ଏହି ଅଂଚଳଗୁଡ଼ିକରେ ଋଣ ଅନୁସନ୍ଧାନରେ ବୃଦ୍ଧି ଘଟିବା ଆର୍ଥିକ ଅନ୍ତର୍ଭୁକ୍ତୀକରଣର ସୁଫଳ ମିଳିଥିବାକୁ ଦର୍ଶାଉଛି। ଏହା ପରିବର୍ତନ କେବଳ ଭୌଗୋଳିକ ଅଂଚଳ ନୁହେଁ, ବରଂ ଆଚରଣରେ ପ୍ରତିଫଳିତ ହୋଇଛି। ଏବେ ଆହ୍ୱାନ ହେଉଛି ଏହି ଉଦୀୟମାନ ବର୍ଗ ପାଇଁ ସୁହାଇବା ଭଳି ଋଣ ଉତ୍ପାଦ ଆଣିବା।' ଏହି ତ୍ରୈମାସିକରେ ଦେଖିବାକୁ ମିଳିଥିବା ଅନ୍ୟ ଏକ ଧାରା ହେଉଛି ଗୃହ ଋଣ ଓ ଦୁଇଚକିଆ ଯାନ ଋଣ ବର୍ଗରେ ଉଚ୍ଚ ମୂଲ୍ୟର ଋଣ ଚାହିଦା ବଢ଼ିଛି। କେବଳ ବ୍ୟକ୍ତିଗତ ଋଣକୁ ବାଦ ଦେଲେ ଅନ୍ୟ ସବୁ କ୍ଷେତ୍ରରେ ତାହାର ପ୍ରତିଫଳନ ରହିଛି। ସେଥିରୁ ଏହା ଜଣାପଡୁଛି ଯେ ଉଚ୍ଚ ମୂଲ୍ୟର ଋଣକୁ ଗ୍ରାହକମାନେ ଅଗ୍ରାଧିକାର ଦେଉଛନ୍ତି।

## ଏଚ୍‌ବିଡି ପକ୍ଷରୁ ନିବେଶକଙ୍କଠାରୁ ୩୩୬୯ କୋଟି ଟଙ୍କା ହାସଲ

ନୂଆଦିଲ୍ଲୀ: ଏଚ୍‌ବିଡି ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ ୧୪୧ ଆଙ୍କର ନିବେଶକଙ୍କୁ ୪,୫୫,୨୭,୦୨୬ ଇକ୍ୱିଟି ସେୟାର ଜାରି କରାଯାଇ ୩୩୬୯୦ କୋଟି ଟଙ୍କା ସଂଗ୍ରହ କରାଯାଇଛି। ପ୍ରସ୍ତାବ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ପୂର୍ବରୁ ଇକ୍ୱିଟି ସେୟାର ପିଛା ୭୪୦ ଟଙ୍କା ମୂଲ୍ୟରେ ଏହି ପାଣ୍ଠି ସଂଗ୍ରହ କରାଯାଇଛି। କମ୍ପାନିର ଇନିସିଆଲ ପବ୍ଲିକ୍ ଅଫରିଂ ୨୦୨୫ ଜୁନ୍ ୨୫, ବୁଧବାର ଦିନ ଖୋଲିବ ଏବଂ ୨୦୨୫ ଜୁନ୍ ୨୭ ଶୁକ୍ରବାର ଦିନ ବିଡ୍ ଦାଖଲ ଶେଷ ହେବ। ଏହି ଅଫର୍‌ରେ ଇକ୍ୱିଟି ସେୟାର ପିଛା ଦାମ୍ ୭୦୦ ଟଙ୍କାରୁ ୭୪୦ ଟଙ୍କା ମଧ୍ୟରେ ରହିଛି। ନିବେଶକମାନେ ସର୍ବନିମ୍ନ ୨୦ଟି ଇକ୍ୱିଟି ସେୟାର ପାଇଁ ବିଡ୍ ଦାଖଲ କରିପାରିବେ ଏବଂ ସେଥିରେ ୨୦ଟି ଲେଖାଏଁ ଇକ୍ୱିଟି ସେୟାର ଯୋଡ଼ିପାରିବେ। କମ୍ପାନିର ସେୟାର ହାସଲ କରିଥିବା ଆଙ୍କର ନିବେଶକମାନେ ମଧ୍ୟରେ ରହିଛନ୍ତି ଭାରତୀୟ ଜୀବନ ବୀମା ନିଗମ, ଆଇସିଆଇସିଆଇ ପ୍ରୁଡେନ୍ସିଆଲ ମ୍ୟୁଚୁଆଲ୍ ଫଣ୍ଡ, ଆମୁଣ୍ଡି ଫଣ୍ଡସ ଏସବିଆଇ ଏଫ୍‌ଏମ ଇଣ୍ଡିଆ ଇକ୍ୱିଟି, ଏସବିଆଇ ଇନଭେଷ୍ଟମେଂଟ୍ ଅପର୍ଚୁନିଟିଜ୍ ଫଣ୍ଡ, ଏସ୍‌ବିଆଇ ଅପ୍‌ଟିମାଲ୍ ଇକ୍ୱିଟି ଫଣ୍ଡ-ଲଙ୍ଗ ଟର୍ମ, ଏସବିଆଇ ମଲ୍‌ଟିକ୍ୟାପ୍ ଫଣ୍ଡ, ନିପନ ଇଣ୍ଡିଆ ଟ୍ରଷ୍ଟି ଲିମିଟେଡ, କୋଟକ ଇଏଲଏସଏସ ଟ୍ୟାକ୍ସ ସେଭର ଫଣ୍ଡ, ବ୍ଲାକରକ ଗ୍ଲୋବାଲ ଫଣ୍ଡସ ଇମର୍ଜିଂ ମାର୍କେଟ ଫଣ୍ଡସ, ଗଭର୍ଣ୍ଣମେଂଟ୍ ପେନ୍‌ସନ୍ ଫଣ୍ଡ୍ ଗ୍ଲୋବାଲ୍, ଆକ୍ସିସ ମ୍ୟୁଚୁଆଲ୍ ଫଣ୍ଡ, ଆଦିତ୍ୟ ବିର୍ଲା ସନ ଲାଇଫ, ଫାଇଡେଲିଟି ଫାର ଇଷ୍ଟ ଫଣ୍ଡ, ଆବୁଧାବି ଇନଭେଷ୍ଟମେଂଟ ଓ ଆହୁରି ଅନେକ ସଂସ୍ଥା। ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ଜେଏମ୍ ଫାଇନାନ୍ସିଆଲ୍, ବିଏନ୍‌ପି ପରିବାସ, ବିଓଏଫ୍‌ଏ ସିକ୍ୟୁରିଟିଜ୍ ଇଣ୍ଡିଆ, ଗୋଲ୍ଡମ୍ୟାନ୍ ସଚ୍‌ସ ସିକ୍ୟୁରିଟିଜ୍ ପ୍ରାଇଭେଟ୍ ଲିମିଟେଡ୍, ଏଚ୍‌ଏସ୍‌ବିସି ସିକ୍ୟୁରିଟିଜ୍ ଆଣ୍ଡ୍ କ୍ୟାପିଟାଲ୍ ମାର୍କେଟ୍‌ସ,ଆଇଆଇଏଫ୍‌ଏଲ୍ କ୍ୟାପିଟାଲ୍ ସର୍ଭିସେସ୍ ଲିମିଟେଡ୍, ଜେଫେରିଜ୍ ଇଣ୍ଡିଆ,ମୋର୍ଗାନ୍ ଷ୍ଟାଲନ୍‌ଲି ଇଣ୍ଡିଆ, ମୋତିଲାଲ ଓସ୍ୱାଲ୍ ଇନଭେଷ୍ଟମେଣ୍ଟ ଆଡଭାଇଜର୍ସ ଲିମିଟେଡ୍, ନୋମୁରା ଫାଇନାନ୍ସିଆଲ୍ ଆଡଭାଇଜରି ଆଣ୍ଡ୍ ସିକ୍ୟୁରିଟିଜ୍, ନୁଭାମା ୱେଲ୍‌ଥ ମ୍ୟାନେଜମେଂଟ୍ ଓ ୟୁବିଏସ୍ ସିକ୍ୟୁରିଟିଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍।

## ଗୁରୁତ୍ୱପୂର୍ଣ୍ଣ ସଫଳତା ଘୋଷଣା କଲା ଡିଏସ୍ ଗ୍ରୁପ୍



ନୂଆଦିଲ୍ଲୀ : ଏକ ଅଗ୍ରଣୀ ଏଫଏମସିଜି କମ୍ପାନୀ ଓ ମଲ୍ଟି-ବିଜ୍‌ନେସ୍ କର୍ପୋରେଶନ, ଧରମପାଲ ସତ୍ୟପାଲ ଗ୍ରୁପ (ଡିଏସ ଗ୍ରୁପ) ଏହାର ଅନ୍ୟତମ ଲୋକପ୍ରିୟ ବ୍ରାଣ୍ଡ ପଲ୍‌ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଘୋଷଣା କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ପଲ୍‌ସ କ୍ୟାଣ୍ଡି ୭୫୦ କୋଟି ଟଙ୍କାର ଉପଭୋକ୍ତା ମୂଲ୍ୟ ହାସଲ କରିଛି ଯାହାର ଅର୍ଥ ହେଉଛି ଏକ ବର୍ଷ ମଧ୍ୟରେ ୭୫୦ କୋଟି ପଲ୍‌ସ କ୍ୟାଣ୍ଡି ବିକ୍ରି ହୋଇଛି, ଯାହା ଏହାକୁ ଭାରତର ସର୍ବବୃହତ ବିତରିତ ହାର୍ଡ ବଏଲଡ କ୍ୟାଣ୍ଡିରେ ପରିଣତ କରୁଛି। ଗତ ୩ଟି ଆର୍ଥିକ ବର୍ଷରେ ପଲ୍‌ସ ହାର୍ଡ ବଏଲଡ କ୍ୟାଣ୍ଡି ସେଗ୍‌ମେଂଟ ଶିଳ୍ପରେ ୯%ର ସିଏଜିଆର ତୁଳନାରେ ୧୫%ର ସିଏଜିଆର ପୀକୃତ କରିଛି। ରାଜସ୍ୱରେ ଏହି ନିର'ର ଅଭିବୃଦ୍ଧି ଉଭୟ ସହରାଂଚଳ ଓ ଗ୍ରାମାଂଚଳ ବଜାରରେ ବ୍ରାଣ୍ଡର ମଜବୁତ ଉପସ୍ଥିତିକୁ ହାଇଲାଇଟ କରୁଛି। ବଜାର ତଥ୍ୟ ଅନୁଯାୟୀ, ପଲ୍‌ସ କ୍ୟାଣ୍ଡି ବର୍ତମାନ ଭାରତର ହାର୍ଡ-ବଏଲ୍‌ଡ କ୍ୟାଣ୍ଡି ସେଗ୍‌ମେଂଟରେ ୧୯%ର ବଜାର ଅଂଶ ଧାରଣ କରିଛି ଏବଂ ନିରନ୍ତର ଭାବେ ବୃଦ୍ଧି ପାଉଛି। ଏ ସମ୍ପର୍କରେ ଡିଏସ୍ ଗ୍ରୁପର ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, 'ଭାରତର ଏକ ଅଗ୍ରଣୀ ଭାରତୀୟ ଏଥ୍‌ନିକ କନ୍‌ଫେକ୍ସନେରୀ ବ୍ରାଣ୍ଡ ପଲ୍‌ସ ପାଇଁ ଡିଏସ୍ ଗ୍ରୁପର ଲକ୍ଷ୍ୟ ହେଉଛି ଏକ ମଲ୍ଟି-ଫର୍ମାଟ, ମଲ୍ଟି-ଅକେଜନ ପ୍ରଡକ୍ଟରେ ବିକଶିତ ହେବା। ଆମେ ସମ୍ପ୍ରସାରଣ ପାଇଁ ଆକ୍ରଣାମତ୍ମକ ଭାବେ ଉଭୟ ଘରୋଇ ଓ ଆନ୍ତର୍ଜାତୀୟ ବଜାରଗୁଡିକୁ ଅନୁସରଣ କରୁଛୁ। ଘରୋଇ କ୍ଷେତ୍ରରେ ଆମେ ଆମର ମଜବୁତ ବିତରଣ ନେଟ୍‌ୱର୍କକୁ ଉପଯୋଗ କରୁଛୁ ଯାହାର ଭାରତବ୍ୟାପୀ ୩୫ ଲକ୍ଷରୁ ଅଧିକ ଆଉଟଲେଟ ରହିଛି। ପଲ୍‌ସ କ୍ୟାଣ୍ଡି ଭାରତର ହାର୍ଡ-ବଏଲଡ ସେକ୍ଟରକୁ ଅଗ୍ରଣୀ କରିଥିଲା ଏବଂ ଏହାର ଅଣପାରମ୍ପରିକ ମାର୍କେଟିଂ ମଧ୍ୟ ସ୍ୱୀକୃତି ହାସଲ କରିଥିଲା, ବିଶେଷ କରି 'ପଲ୍‌ସ ଅଫ ଦ ସ୍କାଏ' କ୍ୟାମ୍ପେନ ଯାହା ଉତରାୟନ ୨୦୨୩ ସମୟରେ ଏକାସଙ୍ଗେ ୧୧୫୦ ଗୁଡି ଉଡାଇବା ପାଇଁ ଲିମ୍‌କା ବୁକ୍ ଅଫ ରେକର୍ଡସରେ ପ୍ରବେଶ କରିଥିଲା, ଯାହା ଏହାକୁ ଲିମ୍‌କା ବୁକ ଅଫ ରେକର୍ଡସରେ ପ୍ରବେଶ କରିଥିବା ଏକମାତ୍ର ହାର୍ଡ ବଏଲଡ କ୍ୟାଣ୍ଡିରେ ପରିଣତ କରିଛି। ପଲ୍‌ସ ପୁରସ୍କାରପ୍ରାପ୍ତ 'ପଲ୍‌ସ କା ପଣ୍ଡାଲ୍', ପଲ୍‌ସ ଗଣେଶ ମହୋତ୍ସବ ଭଳି ଅଭିଯାନ ମାଧ୍ୟମରେ ଉନ୍ନତ ବ୍ରାଣ୍ଡ ସମ୍ପୃକ୍ତି ହାସଲ କରିଥିଲା ଏବଂ ବିଭିନ୍ନ କ୍ୟାମ୍ପେନ ପାଇଁ ବ୍ୟାପକ ଶିଳ୍ପ ପ୍ରଶଂସା ମଧ୍ୟ ହାସଲ କରିଥିଲା ଯେଉଁଥିରେ ଆବିସ୍ ସାଉଥ ଏସିଆ ଓ କ୍ୟୁରିଅସ କ୍ରିଏଟିଭ ଆୱାର୍ଡ ଭଳି ପ୍ଲାଟଫର୍ମଗୁଡିକରୁ ସ୍ୱୀକୃତି ସାମିଲ ରହିଛି। ପଲ୍‌ସ କ୍ୟାଣ୍ଡି ବ୍ୟତୀତ ଡିଏସ୍ ଗ୍ରୁପ ପାସ୍ ପାସ୍, ରଜନୀଗନ୍ଧା ସିଲଭର ପର୍ଲସ, ଚିଙ୍ଗଲ୍‌ସ, ଓଭାଲ, ପିନାଟା, ଚେରିଓ, ପଲ୍‌ସ ଗୋଲମୋଲ ଓ ଲଭ୍‌ଇଟ ଭଳି ଏହାର ପ୍ରମୁଖ ବ୍ରାଣ୍ଡଗୁଡିକ ଆକର୍ଷଣୀୟ ବ୍ରାଣ୍ଡ ବିଶ୍ଳେଷଣ ଓ ସ୍ୱତନ୍ତ୍ର ଉପଭୋକ୍ତା ପ୍ରସ୍ତାବଗୁଡିକୁ ମଧ୍ୟ ପ୍ରସ୍ତୁତ କରୁଛି।

## ଓମ୍ନିଟେକ୍ ପକ୍ଷରୁ ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ: ପ୍ରେସିସନ୍ ଇଞ୍ଜିନିୟରିଂ ଉପାଦାନ ନିର୍ମାତା ଓମ୍ନିଟେକ୍ ଇଞ୍ଜିନିୟରିଂ ଲିମିଟେଡ୍ ପକ୍ଷରୁ ୮୫୦ କୋଟି ଟଙ୍କାର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍‌ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଏହି ଆଇପିଓରେ ୫୨୦ କୋଟି ଟଙ୍କା ପର୍ଯ୍ୟନ୍ତର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର୍ ଫର୍ ସେଲ୍‌ରେ କମ୍ପାନିର ପ୍ରତିଷ୍ଠାତା ଉଦୟ କୁମାର ଅରୁଣକୁମାର ପାରେଖ ୩୩୦ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ। କମ୍ପାନି ପକ୍ଷରୁ ୧୦୪ କୋଟି ଟଙ୍କାର ପ୍ରାକ୍-ଆଇପିଓ ପ୍ଲେସ୍‌ମେଂଟ୍ କରାଯିବ। ଯଦି ତାହା ସଫଳ ହେବ ତେବେ ସେହି ଅନୁସାରେ ମୂଳ ଇସ୍ୟୁର ଆକାର କମ୍ ହୋଇଯିବ। ଏହି ଅଫରରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ ଋଣ ପରିଶୋଧ କରିବାରେ, ଦୁଇଟି ନୂଆ ଉତ୍ପାଦନ କାରଖାନା ସ୍ଥାପନ କରିବା, ପୁଞ୍ଜି ବ୍ୟୟ ଆବଶ୍ୟକତା ପୂରଣ କରିବା ଏବଂ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରାଯିବ। ଓମ୍ନିଟେକ୍ ଇଞ୍ଜିନିୟରିଂ ଉଚ୍ଚ ମାନର ହାଇ-ପ୍ରେସିସନ୍ ଇଞ୍ଜିନିୟରିଂ ଉପକରଣ ଉତ୍ପାଦନ କରୁଥିବା ବେଳେ ଶକ୍ତି, ମୋସନ ନିୟନ୍ତ୍ରଣ ଓ ଅଟୋମେସନ, ଶିଳ୍ପ ଉପକରଣ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ବିବିଧ ଶିଳ୍ପ ପ୍ରୟୋଗ ପାଇଁ ବିଶ୍ୱସ୍ତରୀୟ ଗ୍ରାହକମାନଙ୍କୁ ଯୋଗାଣ କରୁଛି। କମ୍ପାନିର କ୍ଲାଏଂଟ୍‌ମାନଙ୍କ ମଧ୍ୟରେ ରହିଛନ୍ତି ହାଲିବୁର୍ଟନ ଏନର୍ଜି ସର୍ଭିସେସ୍, ସୁଜଲନ, ଓସକୋଶ ଏରୋଟେକ, ୱେଦରଫୋର୍ଡ, ଲୁଫକିନ ଇଣ୍ଡଷ୍ଟ୍ରିଜ, ଅଏଲଗିୟର, ଡୋନାଲ୍ଡସନ କମ୍ପାନି, ପିୟୁଏସଏଚ ଇଣ୍ଡଷ୍ଟ୍ରିଜ୍ ଓ ଭାରତ ଏରୋସ୍ପେସ୍ ମେଟାଲ୍‌ସ। ଏହା ଆମେରିକା, ୟୁଏଇ, ଜର୍ମାନୀ, ବୁଲଗାରିଆ ଓ ସ୍ୱିଡେନ ସମେତ ୨୨ଟି ଦେଶର ୨୨୦ରୁ ଅଧିକ ଗ୍ରାହକଙ୍କୁ ହାଇ ପ୍ରେସିସନ ଉପକରଣ ପ୍ରଦାନ କରୁଛି। କମ୍ପାନିର ସେୟାରକୁ ବିଏସଇ ଓ ଏନଏସଇରେ ତାଲିକାଭୁକ୍ତ କରିବା ପ୍ରସ୍ତାବ ରହିଛି। ଏହି ଅଫରର ବୁକ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ଇକ୍ୱିରସ କ୍ୟାପିଟାଲ୍ ଓ ଆଇସିଆଇସିଆଇ ସିକ୍ୟୁରିଟିଜ୍ ଏବଂ ଆଇପିର ରେଜିଷ୍ଟ୍ରାର ହେଉଛି ଏମୟୁଏଫ୍‌ଜି ଇନଟାଇମ୍ ଇଣ୍ଡିଆ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚେନ୍ନାଇରେ ଆୟୋଜିତ ମାଷ୍ଟର୍ସ କପ୍ ହକିରେ ଓଡ଼ିଶା ମହିଳା ଦଳ ବିଜେତା ହୋଇଥିଲା ବେଳେ ପୁରୁଷ ଦଳ ଚତୁର୍ଥ ସ୍ଥାନରେ ପଦକରୁ ବଞ୍ଚିତ ହୋଇଛି। ମହିଳା ଫାଇନାଲରେ ଓଡ଼ିଶା ୧-୦ ଗୋଲରେ ପଞ୍ଜାବକୁ ହରାଇଛି। କଡ଼ା ସଂଘର୍ଷ ପୂର୍ଣ୍ଣ ଫାଇନାଲର ପ୍ରଥମ ଦୁଇ କ୍ୱାର୍ଟର ଗୋଲ୍ ଶୂନ୍ୟରେ ଶେଷ ହୋଇଥିଲା। ୩୪ତମ ମିନିଟ୍‌ରେ ଓଡ଼ିଶାକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ରଞ୍ଜିତା ବେକ୍ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହା ପରେ ଦଳ ରକ୍ଷଣାତ୍ମକ ଖେଳି ବିପକ୍ଷ ଦଳକୁ ସୁଯୋଗ ଦେଇ ନଥିଲା। ଶେଷ କ୍ୱାର୍ଟର ଗୋଲଶୂନ୍ୟରେ ଶେଷ ହେବାରୁ ଓଡ଼ିଶା ଏହି ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ବିଜେତା ହେବାର ଗୌରବ ଅର୍ଜନ କରିଥିଲା। ତୃତୀୟ ସ୍ଥାନ ମୁକାବିଲାରେ ହରିୟାଣା ୪-୩ ଗୋଲରେ ତାମିଲନାଡୁକୁ ହରାଇ କାଂସ୍ୟ ଜିତିଥିଲା। ପୁରୁଷରେ ତାମିଲନାଡୁ ବିଜେତା ହୋଇଥିଲା ବେଳେ ଓଡ଼ିଶା ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛି। ଶୁକ୍ରବାର ଫାଇନାଲରେ ତାମିଲନାଡୁ ୫-୦ ଗୋଲରେ ମହାରାଷ୍ଟ୍ରକୁ ମାତ୍ ଦେଇଥିଲା। ତାମିଲନାଡୁର ଡି ମୁଥୁସେଲଭାନ, ଏସ୍ ସୁଦର୍ଶନ, ଗୋଥାମନ, ଥମରାଇକାନନ ଓ ଭି ରାମଦଦୋସ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଏହା ପୂର୍ବରୁ ଖେଳାଯାଇଥିବା କାଂସ୍ୟ ମୁକାବିଲାରେ ଲାଜରୁସ ବାର୍ଲାଙ୍କ ନେତୃତ୍ୱାଧୀନ ଓଡ଼ିଶା ୧-୨ ଗୋଲରେ ଚଣ୍ଡିଗଡ଼ରୁ ହାରି ପଦକ ହାତଛଡ଼ା କରିଛି। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟରେ ଶେଷ ହେବା ପରେ ଦ୍ୱିତୀୟ କ୍ୱାର୍ଟରରେ ରବୀନ୍ଦର ସିଂହଙ୍କ ଫିଲଡ ଗୋଲରେ ଚଣ୍ଡିଗଡ଼ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା।



## ମହିଳା ଭାରତ ଓ ଇଂଲଣ୍ଡ ଟି-୨୦ ସିରିଜ୍

# ବିଜୟରୁ ଭାରତର ଅଭିଯାନ

ନଟିଂହାମ: ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା ଦଳ ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ଶତକ ବଳରେ ବଡ଼ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଘରୋଇ ଦଳ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌କୁ ଭାରତ ୯୭ ରନ୍‌ରେ ଜିତି ନେଇଛି। ଇଂଲଣ୍ଡ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ପ୍ରଥମ ୱିକେଟ୍‌ରେ ୭୭ ରନ୍ ଯୋଡ଼ି ଭଲ ଆରମ୍ଭ ଦେଇଥିଲେ। ଶେଫାଳି ୨୦ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ହର୍ଲିନ ଦେଓଲ ୪୩ ରନ୍ (୨୩ ବଲ୍, ୭ ଚୌକା)ଙ୍କ ସହ ଦ୍ୱିତୀୟ ୱିକେଟ୍‌ରେ ସ୍ମୃତି ୯୪ ରନ୍ ଯୋଡ଼ିଥିଲେ। ସ୍ମୃତି ୧୧୨ (୬୨ ବଲ୍, ୧୫ ଚୌକା, ୩ ଛକା) ରନ୍ କରି ୧୯.୨ ଓଭରରେ ଆଉଟ୍ ହୋଇଥିଲା ବେଳେ ଭାରତ ୨୦ ଓଭରରେ ୫ ୱିକେଟ୍ ହରାଇ ୨୧୦ ରନ୍‌ର ବଡ଼ ସ୍କୋର କରିଥିଲା। ଲେରାନେ ବେଲ୍ ୩ ୱିକେଟ୍ ନେଇଥିଲେ। ଜବାବରେ ଇଂଲଣ୍ଡ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ୧୪.୫ ଓଭରରେ ୧୧୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। କେବଳ



ତାମି ବିଉମଣ୍ଟ ୬୬ (୪୨ ବଲ୍, ୧୦ ଚୌକା, ୧ ଛକା) କିଛିଟା ଲଢ଼ିଥିଲେ। ୮ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଭାରତ ପକ୍ଷରୁ ପଦାର୍ପଣ କରିଥିବା ଶ୍ରୀ ଚାରଣୀ ୪/୧୨ ବୋଲିଂ ସଫଳତା ପାଇଥିଲା ବେଳେ ଦୀପ୍ତି ଶର୍ମା ଓ ରାଧା ଯାଦବ ୨ ଲେଖାଏଁ ୱିକେଟ୍ ନେଇଥିଲେ। ଶତକୀୟ ପାଳି ପାଇଁ ସ୍ମୃତି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

### ବିରଳ ରେକର୍ଡ କଲେ ସ୍ମୃତି ମାନ୍ଧାନା

ନଟିଂହାମ୍: ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି ଭାରତୀୟ ମହିଳା କ୍ରିକେଟ ଦଳର ଖେଳାଳି ସ୍ମୃତି ମାନ୍ଧାନା। ଅନ୍ତର୍ଜାତୀୟ କ୍ରିକେଟର ୩ଟି ଯାକ ଫର୍ମାଟରେ ସେ ଶତକ ହାସଲ କରିବାରେ ସଫଳତା ଅର୍ଜନ କରିଛନ୍ତି। ସ୍ମୃତି ପ୍ରଥମ ଭାରତୀୟ ମହିଳା କ୍ରିକେଟର, ଯିଏକି ସମସ୍ତ ଫର୍ମାଟ ଯଥା ଦିନିକିଆ, ଟି-୨୦ ଏବଂ ଟେଷ୍ଟରେ ଶତକ ହାସଲ କରିଛନ୍ତି। ପୂର୍ବରୁ ଦିନିକିଆ ଏବଂ ଟେଷ୍ଟ କ୍ରିକେଟରେ ସ୍ମୃତି ଶତକ ହାସଲ କରିଥିଲେ। କିନ୍ତୁ ଟି-୨୦ ଫର୍ମାଟରେ ତାଙ୍କ ନାମରେ ଶତକ ନ ଥିଲା। ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ ଦଳ ଘରୋଇ ଟିମ୍ ସହିତ ଟି-୨୦ ମ୍ୟାଚ ଖେଳୁଛି। ଶନିବାର ଇଂଲଣ୍ଡ ବିପକ୍ଷରେ ଅନୁଷ୍ଠିତ ଏକ ଟି-୨୦ ମ୍ୟାଚରେ ସେ ଶତକ ହାସଲ କରି ଏହି ଇତିହାସ ରଚିଛନ୍ତି। ସେ ୬୨ ବଲରୁ ୧୧୨ ରନ କରିଥିଲେ, ଯେଉଁଥିରେ ୧୫ଟି ଚୌକା ଏବଂ ୩ଟି ଛକା ସାମିଲ ଥିଲା।

## କଣ୍ଟିନେଣ୍ଟାଲ କପ୍

# ଫାଇନାଲ୍‌ରେ ମାଲ୍‌ତା ବିଜୟୀ

ନୂଆଦିଲ୍ଲୀ: କଣ୍ଟିନେଣ୍ଟାଲ କପର ଫାଇନାଲ ରବିବାର ଅଷ୍ଟ୍ରିଆ ଓ ମାଲ୍‌ତା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ମାଲ୍‌ତା ୪୭ ରନ୍‌ରେ ଜିତି ନେଇଛି। ଅଷ୍ଟ୍ରିଆ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଯାହାଫଳରେ ମାଲ୍‌ଟା ବ୍ୟାଟିଂ କରିଥିଲା।



ଯାହାଫଳରେ ମାଲ୍‌ତା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୯ୱିକେଟ ହରାଇ ୧୪୮ରନ୍ କରିଥିଲା। ଦଳ ପକ୍ଷରୁ ୱିକେଟ୍‌କିପର ଓ ଅଧିନାୟକ ବ୍ୟାଟିଂ କରିବାକୁ ମୈଦାନକୁ ଓହ୍ଲାଇଥିଲେ। ୱିକେଟ୍‌କିପର ରକି ଡିଆନିଶ ମାତ୍ର ୭ରନ୍ କରି ସଅଳ ଆଉଟ ହୋଇଯାଇଥିଲେ। ଅଧିନାୟକ ମେହବୁବ ଅଲି ଦୃଢ଼ତାର ସହ ବ୍ୟାଟିଂ କରି ମାତ୍ର ୨୩ଟି ବଲ ଖେଳି ୯ଚୌକା, ଗୋଟିଏ ଛକା ସହାୟତାରେ ୪୪ରନ୍ କରିଥିଲେ। ମାତ୍ର ମଧ୍ୟମକ୍ରମ ବ୍ୟାଟିଂ ବିଫଳତା ଯୋଗୁଁ ଦଳ ବଡ ସ୍କୋର କରିପାରି ନଥିଲା। ପ୍ରିୟାନ ପୁଷ୍ପରାଜନ ୫, ମହମ୍ମଦ କ୍ୱାସିମ୍ ୨୦, ଯଶପାଲ ସିଂ ୭, ଇମ୍ରାନ୍ ଅମିର ୧୭, ମହମ୍ମଦ ଇଜ୍‌ମାଲ ୧୧, ସିୟାଜ ପଟେଲ ୩, ଗୌରଭ ମାଲ୍‌ଥାହାନି ୨୩, ଯଶୱିନ୍ଦର ସିଂ ୧ ଓ ୱାସିମ୍ ଆବାସ୍ ୦ରନ୍ କରିଥିଲେ। ଅଷ୍ଟ୍ରିଆ ପକ୍ଷରୁ ଅଧିନାୟକ ଆକ୍ୱିବ ଇକ୍‌ବାଲ ୨, ସାହେଲ ଜାଦ୍ରାନ୍ ୧, ସାଦ୍ ଚିମା ୩ ଓ କରନବୀର ସିଂ ୨ ୱିକେଟ ଅକ୍ତିଆର କରିଥିଲେ। ୧୪୯ରନ୍‌ର ଟାର୍ଗେଟ ନେଇ ମାଲ୍‌ତା ମୈଦାନକୁ ଓହ୍ଲାଇଥିଲା। ଦଳ ମାତ୍ର ୧୭.୫ ଓଭରରେ ୧୦ୱିକେଟ ହରାଇ ୧୦୧ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ କରନବୀର ସିଂ କୌଣସି ରନ୍ ନକରି ଆଉଟ ହୋଇଯାଇଥିଲେ। ସେହିପରି ବିର୍ଲା ଜାଲମାଲ ୨, ରାଜମାଲ ସିଂୱାଲ ୦, ଇମ୍ରାନ୍ ଅସିଫ୍ ୪, ଅଧିନାୟକ ଆକ୍ୟୁବ୍ ଇକ୍‌ବାଲ ୨୧, ମନସୂର ସାଫି ୨୪, ବାସର ଖାନ୍ ୨, ୱିକେଟ୍‌କିପର ମେହର ଚିମା ୧୧, ମହମ୍ମଦ ୱାକର ଜାଲମାଇ ୧୨, ସାହେଲ ଜାଦ୍ରାନ୍ ୧୨, ସାଦ୍ ଚିମା ୨ରନ୍ କରିଥିଲେ। ମାଲ୍‌ଦା ପକ୍ଷରୁ ଅଧିନାୟକ ମେହବୁବ୍, ଇମ୍ରାନ୍ ଅମିର, ମହମ୍ମଦ କ୍ୱାସିମ୍ ପ୍ରତ୍ୟେ ଦୁଇଟି ଲେଖାଏଁ ୱିକେଟ ନେଇଥିବା ବେଳେ ୱାସିମ୍ ଆବାସ ୩ ଓ ପ୍ରିୟାନ୍ ପୁଷ୍ପରାଜନ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

## ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ଚୟନ ପ୍ରକ୍ରିୟା ଶେଷ




ମାଲକାନାଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଜିଲା ଆଥ୍ଲେଟିକ ଆସୋସିଏସନ ପକ୍ଷରୁ ସାହାଣୀ କପ୍ ଫୁଟବଲ-୨୦୨୫ ପାଇଁ ମନୋନୟନ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ଜିଲ୍ଲାର ୯୮ ଜଣ ଖେଳାଳୀ ଅଂଶଗ୍ରହଣ କରିଥିଲେ। ସେଥିରୁ ୨୨ କ୍ରୀଡାବିତ୍‌ଙ୍କୁ ଚୟନ କରାଯାଇଥିବା ବେଳେ ୪ ଜଣଙ୍କୁ ସଂରକ୍ଷିତ ରଖାଯାଇଛି। ମନୋନୟନ କମିଟିର ଅଧକ୍ଷ ଏସ୍ ପ୍ରସାଦ ରାଓ, ସଦସ୍ୟ ଟୋକାଲ ବିଚେମ୍, ସୁଜିତ ପ୍ରଧାନ ଓ ସୁବ୍ରତ ମଲ୍ଲିକ ଖେଳାଳୀଙ୍କୁ ଚୟନ କରିଥିବା ବେଳେ ସତବୀର ସିଂ ରିୟାର ରେଫରୀ ଭାବେ କ୍ରୀଡା ପରିଚାଳନା କରିଥିଲେ । ଏଥିରେ ଜିଲା କ୍ରୀଡା ଅଧୀକାରୀ ଅଜୟ ମାଣ୍ଡାଙ୍ଗୀ, ଜିଲା ଆଥଲେଟିକ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ରାମହରି ପଣ୍ଡା, ଯୁଗ୍ମ ସମ୍ପାଦକ ଗୋପୀ କୃଷ୍ଣ ପଟ୍ଟନାୟକ ଯୋଗଦେଇ କ୍ରୀଡାବିତଙ୍କୁ ଶୃଙ୍ଖଳିତ ଭାବେ ଉଚ୍ଚମାନର କ୍ରୀଡା ପ୍ରଦର୍ଶନ କରି ଜିଲ୍ଲାର ମାନ ରଖିବାକୁ ପରାମର୍ଶ ଦେଇଥିଲେ ।

## ୱେଷ୍ଟଇଣ୍ଡିଜ୍ ଖେଳାଳି ଦଣ୍ଡିତ

ନୂଆଦିଲ୍ଲୀ: ବାରବାଡୋସର ବ୍ରିଜଟାଉନରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ୱେଷ୍ଟଇଣ୍ଡିଜକୁ ୧୫୯ ରନରେ ପରାସ୍ତ କରି ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ ରେ ଆଗୁଆ ରହିଛି। ଏହି ଟେଷ୍ଟ ମ୍ୟାଚରେ ଅନେକ ବିବାଦୀୟ ନିଷ୍ପତ୍ତି ହୋଇଥିଲା, ଯାହା ୱେଷ୍ଟଇଣ୍ଡିଜ ଦଳକୁ କ୍ଷତି ପହଞ୍ଚାଇଛି। ଦଳର ମୁଖ୍ୟ ପ୍ରଶିକ୍ଷକ ଡାରେନ ସାମିଙ୍କୁ ଥାର୍ଡ ଅମ୍ପାୟରଙ୍କ ଏହି ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କରିବା ପାଇଁ ଦଣ୍ଡିତ କରାଯାଇଛି। ଏହାର ୪୮ ଘଣ୍ଟା ମଧ୍ୟରେ ୱେଷ୍ଟଇଣ୍ଡିଜ ଦଳକୁ ଦୁଇଗୁଣ ଝଟକା ଦେଇଛି। ୱେଷ୍ଟଇଣ୍ଡିଜ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚରେ, ତୃତୀୟ ଅମ୍ପାୟର ଆଡ୍ରିଆନ ହୋଲ୍ଡଷ୍ଟକ ଦ୍ୱାରା ମୋଟ ୫ଟି ନିଷ୍ପତ୍ତି ଦିଆଯାଇଥିଲା, ଯାହାକୁ ନେଇ ପ୍ରଶ୍ନ କରାଯାଇଥିଲା। ଏହି ନିଷ୍ପତ୍ତି ମଧ୍ୟରୁ ଚାରୋଟି ୱେଷ୍ଟଇଣ୍ଡିଜ ବିରୁଦ୍ଧରେ ଦିଆଯାଇଥିଲା। ୱେଷ୍ଟଇଣ୍ଡିଜ ମୁଖ୍ୟ ପ୍ରଶିକ୍ଷକ ଡାରେନ ସାମି ଏକ ଖବରଦାତା ସମ୍ମିଳନୀରେ ତୃତୀୟ ଅମ୍ପାୟରଙ୍କ ନାମ ନେଇ ଏହି ନିଷ୍ପତ୍ତିଗୁଡ଼ିକୁ ଟାର୍ଗେଟ କରିଥିଲେ। ଏହା ପରେ ଆଇସିସି ସାମିଙ୍କ ଉପରେ ୧୫ ପ୍ରତିଶତ ମ୍ୟାଚ ଫି ସହିତ ଡିମେରିଟ ପଏଣ୍ଟ ଜରିମାନା ଲଗାଇଛି। ଏହା ବ୍ୟତୀତ, ଆଇସିସି ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ଜାଡେନ ସିଲ୍ସଙ୍କ ଉପରେ ମଧ୍ୟ ମ୍ୟାଚ୍ ଫିର ୧୫% ଜରିମାନା ଲଗାଇଛି।

## ଓଏସ୍‌ଜା ପକ୍ଷରୁ 'ଓଡ଼ିଶା କ୍ରୀଡା ବିକାଶ ଓ ସୁଯୋଗ' କନକ୍ଲେଭ୍

# କ୍ରୀଡ଼ାବିତ୍‌ଙ୍କ ସହ ଅଂଶ ଗ୍ରହଣ କଲେ ଜାତୀୟସ୍ତରୀୟ ସାମ୍ବାଦିକ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓଏସ୍‌ଜା) ପକ୍ଷରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ 'ଓଡ଼ିଶା କ୍ରୀଡ଼ା: ବିକାଶ ଓ ସୁଯୋଗ' ଶୀର୍ଷକ କନ୍‌କ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବଛାବଛା କ୍ରୀଡ଼ା ସାମ୍ବାଦିକ ଓ କ୍ରୀଡ଼ାବିତ୍‌ଙ୍କ ସହ ସାରା ଦେଶର




୨୪ଜଣ ଜାତୀୟସ୍ତରୀୟ କ୍ରୀଡ଼ା ସାମ୍ବାଦିକ ଅଂଶଗ୍ରହଣ କରିଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦ ଏବଂ ହକି କିମ୍ବଦନ୍ତୀ ତଥା ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ସିଂହଦେଓ କହିଥିଲେ, ଜଣେ କ୍ରୀଡ଼ାବିତ୍‌ଙ୍କ ପେସାଦାର ଜୀବନ ଏକ ସୀମିତ ସମୟ ପାଇଁ ରହିଥାଏ। ତେଣୁ ସବୁବେଳେ ସକାରାତ୍ମକ ଖବର ପରିବେଷଣ କରି କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ହେଉଛି କ୍ରୀଡ଼ା ସାମ୍ବାଦିକଙ୍କ ଧର୍ମ ଓ କର୍ତ୍ତବ୍ୟ। କ୍ରୀଡ଼ା ବିକାଶ ଲାଗି କୋଟିକୋଟି ଟଙ୍କା ଦରକାର ନାହିଁ ବୋଲି କହି ଖୋଖୋ ଓ ମଲଖମ୍ବ ଭଳି ଖେଳର ଉଦାହରଣ ଦେଇଥିଲେ ସେ। ଏସୀୟ ଦୌଡ଼କୁଦର ମହିଳା ୪ଗୁଣା ୧୦୦ ରିଲେରେ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଥିବା ଶ୍ରାବଣୀ, ଶକ୍ତିବର୍ଦ୍ଧକ ଔଷଧ ସେବନ ନେଇ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ସଚେତନତାର ଅଭାବକୁ ନେଇ ଚିନ୍ତା ପ୍ରକଟ କରିବା ସହ ବିଦେଶୀ ପ୍ରଶିକ୍ଷକଙ୍କ ନିଯୁକ୍ତିକୁ ଆଗ୍ରାଧିକାର ଦିଆଯିବା ଧାରାକୁ ପସନ୍ଦ କରି ନଥିଲେ। ସେହିପରି ଓଡ଼ିଶା ଓ ଭାରତୀୟ ହକିର ବିକାଶ ନେଇ ସନ୍ତୋଷ ଜାହିର କରିବା ସହ ଭାରତୀୟ ହକି ଏବେ ସୁରକ୍ଷିତ ହାତରେ ରହିଛି ବୋଲି ଦିଲ୍ଲୀପ ତିର୍କୀ କହିଥିଲେ। ବିଶେଷକରି ହକିକୁ ପ୍ରୋତ୍ସାହିତ କରିବାରେ ଓଡ଼ିଶାରେ ପରବର୍ତ୍ତୀ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଓଏସ୍‌ଜାର ସଭାପତି ସନ୍ଦୀପ ମିଶ୍ର ଉଦ୍‌ଘାଟନୀ ଭାଷଣ ଦେଇଥିବା ବେଳେ ସନ୍ଦୀପ ମିଶ୍ର ମୁଖ୍ୟ ଭାଷଣ ପ୍ରଦାନ କରି ସ୍ୱାଧୀନତା ପରବର୍ତ୍ତୀ ଯୁଗରେ ଓଡ଼ିଶାରେ କ୍ରୀଡାର ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ରାଜ୍ୟକୁ ପ୍ରକୃତରେ ଏକ କ୍ରୀଡା ଶକ୍ତି କେନ୍ଦ୍ର କରିବା ପାଇଁ ଏକ କ୍ରୀଡା ସଂସ୍କୃତି ସୃଷ୍ଟି କରିବା ପାଇଁ ପ୍ରୟାସ କରାଯିବା ଉଚିତ। ସର୍ବଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘର ପୂର୍ବତନ ସଭାପତି ଜି ବିଶ୍ୱନାଥ ଓ ସୁବୋଧ ମଲ୍ଲ ବରୁଆଙ୍କ ସହ ଓଏସ୍‌ଜାର ସନାତନ ପାଣି, କେ ରବି ଓ ହିମାଂଶୁ ପତି ମିଶ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଓଏସ୍ ?ଜା ସଂପାଦକ ସୁରେଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଓଏସ୍‌ଜା ସଂପାଦକ ସୁରେଶ କୁମାର ସ୍ୱାଇଁ, ସଭାପତି ସନ୍ଦୀପ ମିଶ୍ର, ପୂର୍ବତନ ସଭାପତି କେ. ରବିଙ୍କ ସହ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, କେ. ରବିକୁମାର, ରଶ୍ମିରଞ୍ଜନ ପରିଡ଼ା, ମହମ୍ମଦ ଜାଫର ଇକ୍ ?ବାଲ, ସୁଖରାମ ମାଝୀ ପ୍ରମୁଖଙ୍କ ଭଳି କ୍ରୀଡ଼ା ତାରକା ଉପସ୍ଥିତ ଥିଲେ। ସାଗରିକା ପରିଡ଼ାଙ୍କ ନିର୍ଦ୍ଦେଶନାରେ ସୁନୟନା ଡ୍ୟାନ୍ସ ଗ୍ରୁପ୍‌ର କୁନିକୁନି ପିଲାମାନେ ଓଡ଼ିଶୀ, ସମ୍ବଲପୁରୀ ଆଦି ନୃତ୍ୟ ପରିବେଷଣ କରି ରାଜ୍ୟ ବାହାରୁ ଆସିଥିବା ସାମ୍ବାଦିକମାନଙ୍କୁ ଓଡ଼ିଶାର ମହନୀୟ କଳା ସଂସ୍କୃତିର ଝଲକ ଦେଖାଇଥିଲେ।

## ଚେନ୍ନାଇ ପକ୍ଷରୁ ଖେଳିବେ ସଞ୍ଜୁ ସାମସନ !

ଚେନ୍ନାଇ: ଆଇପିଏଲର ୧୯ତମ ସିଜନରେ ଏକ ବଡ ଧରଣର ଅଦଳ ବଦଳ ଦେଖିବାକୁ ମିଳିପାରେ। ଏକ ରିପୋର୍ଟ ଅନୁସାରେ ଚେନ୍ନାଇ ସୁପର କିଙ୍ଗସ ସଞ୍ଜୁ ସାମସନଙ୍କୁ ନେବା ପାଇଁ ଜୋରସୋରରେ ଉଦ୍ୟମ ଆରମ୍ଭ କରିଛି। ଏଥିପାଇଁ ରାଜସ୍ଥାନ ରୟାଲ୍ସ ସହିତ ଦଳ ଯୋଗାଯୋଗରେ ରହିଛି। ରବିଚନ୍ଦ୍ରନ ଅଶ୍ୱୀନ ଓ ଶିବମ ଦୁବେଙ୍କ ବଦଳରେ ସଞ୍ଜୁ ଚେନ୍ନାଇ ଟିମରେ ସାମିଲ ହେବେ । ଉପରୋକ୍ତ ଦୁଇ ଖେଳାଳି ରାଜସ୍ଥାନ ଟିମ ପକ୍ଷରୁ ଖେଳିବେ । କିଛି ଦିନ ତଳେ କେରଳର ଏହି ବ୍ୟାଟ୍ସମ୍ୟାନ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଥିଲେ । ସେଥିରେ ଆଗାମୀ ସିଜନରେ ମୁଁ ଚେନ୍ନାଇ ପକ୍ଷରୁ ଖେଳିପାରେ ବୋଲି ଉଲ୍ଲେଖ କରିଥିଲେ । ଅଶ୍ୱୀନଙ୍କ ନିକଟତର ମନେ କରାଯାଉଥିବା ପ୍ରସନ୍ନା ଅଘୋରାମ ଏହା ଦୃଢ଼ତା ସହକାରେ କହିଛନ୍ତି । ଅବଶ୍ୟ ସେ କାହାର ନାମ ନ ନେଇ କହିଥିଲେ,




ଚେନ୍ନାଇର ଜଣେ ଅଫ ସ୍ପିନର ଓ ବ୍ୟାଟ୍ସମ୍ୟାନ ରାଜସ୍ଥାନକୁ ଯିବେ । ତାଙ୍କ ବଦଳରେ ଜଣେ ୱିକେଟକିପର ବ୍ୟାଟ୍ସମ୍ୟାନ ଚେନ୍ନାଇକୁ ଆସିବେ । ୧୦ ବର୍ଷ ପରେ ଅଶ୍ୱୀନ ଚେନ୍ନାଇ ଟିମକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ମାତ୍ର ୨୦୨୫ ସିଜନରେ ସେ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ । ଅଶ୍ୱୀନ ୯ ମ୍ୟାଚରେ ୭ ୱିକେଟ ନେଇଥିଲେ । ରାଜସ୍ଥାନ ପକ୍ଷରୁ ଖେଳିବା ବେଳେ ଅଶ୍ୱୀନଙ୍କ ପ୍ରଦର୍ଶନ ସର୍ବଦା ଭଲ ରହିଥାଏ । ମହେନ୍ଦ୍ର ସିଂ ଧୋନୀ ଓ ରିତୁରାଜ ଗାଏକ୍ୱାଡଙ୍କ ଉପସ୍ଥିତିରେ ଚେନ୍ନାଇ ସେଭଳି ପ୍ରଦର୍ଶନ କରିପାରୁ ନାହିଁ । ରିତୁରାଜ ମଧ୍ୟ ହାତ କଣ୍ଢେଇ ହେବା ପାଇଁ ପସନ୍ଦ କରୁ ନାହାନ୍ତି । ଯଦି ସଞ୍ଜୁ ଆସିବେ ତେବେ ସେ ଚେନ୍ନାଇ ନେତୃତ୍ୱ ଦାୟିତ୍ୱ ମଧ୍ୟ ତୁଲାଇ ପାରନ୍ତି । ତେବେ ଫ୍ରାଂଚାଇଜର କିମ୍ବା ଖେଳାଳିମାନଙ୍କ ମଧ୍ୟରୁ ଏ ସମ୍ପର୍କରେ କୌଣସି ବୟାନ ଆସି ନାହିଁ । ଖବରର ସତ୍ୟତା ନେଇ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡିବ ।

# ସିଆଇଏସ୍‌ସିଇ ଜୋନାଲ ଦୌଡ଼କୁଦ ପ୍ରତିଯୋଗିତା



ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ବେଲପାହାଡ଼ ସ୍ଥିତ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟରେ ଶନିବାର କାଉନସିଲ ଫର ଇଣ୍ଡିଆନ ସାର୍ଟିଫିକେଟ ଏଗଜାମିନେଶନ (ସିଆଇଏସସିଇ) ଜୋନାଲ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଝାରସୁଗୁଡ଼ା ଜୋନ ଅନ୍ତର୍ଗତ ୮ ଗୋଟି ଆଇସିଏସସି ବିଦ୍ୟାଳୟର ମୋଟ ୧୨୦ ଜଣ ଖେଳାଳୀ ଭାଗ ନେଇଥିଲେ। ୧୪ ବର୍ଷରୁ କମ, ୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ବିଭାଗରେ ଉଭୟ ବାଳିକା ଓ ବାଳକମାନଙ୍କ ମଧ୍ୟରେ ବିଭିନ୍ନ ଦୌଡ଼କୁଦ ପ୍ରତିଯୋଗିତା ହୋଇଥିଲା। ଉଦଘାଟନୀ ଉତ୍ସବରେ ସ୍ଥାନୀୟ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୋମେଶ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟିର ସମ୍ପାଦକ କାହ୍ନୁଚରଣ ପ୍ରଧାନ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧକ୍ଷ ସ୍ୱାଗତ ଭାଷଣ ଉପସ୍ଥାପନ କରିଥିଲେ। ଶାରିରୀକ ଶିକ୍ଷା ଶିକ୍ଷକ ତଥା ପ୍ରତିଯୋଗିତାର ଫିଲ୍ଡ ମାର୍ଶଲ ହମିଦ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଉପାଧକ୍ଷ ପ୍ରଫୁଲ୍ଲ ମହାପାତ୍ର, ଉପାଧକ୍ଷ ବିଜୟ ଗୌଡ଼ ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବରେ ପରିଚାଳନା କମିଟିର ସମ୍ପାଦକ କାହ୍ନୁଚରଣ ପ୍ରଧାନ ଉପସ୍ଥିତ ରହି କୃତୀ ଖେଳାଳୀମାନଙ୍କୁ ପ୍ରମାଣପତ୍ର ଓ ପଦକ ପୁରସ୍କୃତ କରିଥିଲେ। ସର୍ବୋତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନ କରିଥିବା ଖେଳାଳୀମାନେ ଆସନ୍ତା ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତାକୁ ଶାରୀରିକ ଶିକ୍ଷା ଶିକ୍ଷକ ହମିଦ ମହାପାତ୍ର, ଦେବେନ୍ଦ୍ର ବେହେରା, ଚନାନ୍ତି ମିଞ୍ଜ, ଶାନ୍ତି ନାଏକ, ନନ୍ଦିନୀ ରାଉତ, ପଞ୍ଚାନନ ପାଣିଗ୍ରାହୀ, ଅଭିଲାଶ ସାହୁ, ସଞ୍ଜୟ ପାଢ଼ୀ, ଅକ୍ଷୟ ନାୟକ, ଜୟନ୍ତ ଲାକ୍ରା, ରଶ୍ମିତା ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଅଶୋକ ଧୀରସାମନ୍ତ, ସୁନନ୍ଦ ପଣ୍ଡା, ମନୋଜ ବିନ୍ଧାଣୀ, ଅଶୋକ ରାଉତରାୟ, ଧର୍ମେନ୍ଦ୍ର ବିଶ୍ୱକର୍ମା, ପ୍ରତୀକ ମହାନ୍ତି, ସିମ୍ରନ୍ ସିଂ, କବିତା ପଟେଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ

# ବୋଲିଂ ଆଉ ଫିଲ୍ଡିଂକୁ ନେଇ ଚିନ୍ତାରେ ଭାରତ

ବର୍ମିଂହାମ: ଲିଡ୍‌ସରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର ନୈରାଶଜନକ ବୋଲିଂ କରିଥିଲା। ସେହିପରି ଫିଲ୍ଡିଂରେ ମଧ୍ୟ ନୈରାଶ ପ୍ରଦର୍ଶନ କରିଥିଲା। ବହୁ କ୍ୟାଚ୍ ହାତଛଡା କରିବାରୁ ଭାରତ ଏକପ୍ରକାର ମ୍ୟାଚ୍ ହାରି ଯାଇଥିଲା। ପ୍ରମୁଖ ବୋଲର ଯଶପ୍ରୀତ ବୁମ୍‌ରା ଦ୍ୱିତୀୟ ପାଳିରେ ନିଷ୍ପ୍ରଭ ରହିବା ପରେ ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର ଓ ପ୍ରସିଦ୍ଧ କ୍ରିଷ୍ଣାକୁ ନିର୍ଦ୍ଧୁମ ଛେଚି ଶେଷ ଦିନରେ ଅତି ସହଜରେ ୩୫୧ ରନ୍ ସଂଗ୍ରହ କରି ନେଇଥିଲା ଇଂଲଣ୍ଡ। ବୁମ୍‌ରା ଉଭୟ ପାଳିରେ ୪୩.୪ ଓଭର ବୋଲିଂ କରିଥିଲେ। ଫଳରେ ସେ ଏବେ ବର୍ମିଂହାମରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ୍‌ରେ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବୁମ୍‌ରା ନିୟମିତ ଅଭ୍ୟାସ ନ କରିବା ମଧ୍ୟ ଦଳର ଚିନ୍ତା ବଢ଼ାଇଛି। ସେପଟେ ଲିଡ୍‌ସ ଟେଷ୍ଟ୍‌ରେ ୮ଟି କ୍ୟାଚ୍ ହାତଛଡ଼ା କରିବା ପରେ ଫିଲ୍‌ଡିଂ ମଧ୍ୟ ଟିମ୍ ଇଣ୍ଡିଆ ପାଇଁ ଆଉ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ବୋଲିଂ ସହ ଫିଲ୍‌ଡିଂ ନ ସୁଧାରିଲେ ବର୍ମିଂହାମ ଟେଷ୍ଟ୍ ବଞ୍ଚାଇବା ଶୁବମନ ଗିଲ୍‌ଙ୍କ ଯୁବ ଦଳ ପାଇଁ ଆହୁରି କଷ୍ଟକର ହେବ ବୋଲି ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର୍ ବ୍ରାଡ୍ ହାଡିନ୍ କହିଛନ୍ତି। ବୁମ୍‌ରା ଜୁଲାଇ



୨ରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ୍ ନ ଖେଳିଲେ, ବାମହାତୀ ଯୁବ ବୋଲର ଅର୍ଶଦୀପ ସିଂହ ତାଙ୍କ ସ୍ଥାନ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ଶନିବାର ଅର୍ଶଦୀପ ବହୁସମୟ ଧରି ନେଟ୍‌ସରେ ଅଭ୍ୟାସ କରି ଏହାର ସଙ୍କେତ ଦେଇଛନ୍ତି। ସେପଟେ ବୁମ୍‌ରାଙ୍କ ସହ ପ୍ରଥମ ଟେଷ୍ଟ୍ ଖେଳିଥିବା ପ୍ରସିଦ୍ଧ କ୍ରିଷ୍ଣା ଆଜି ଅଭ୍ୟାସ କରି ନଥିଲେ। ଦିନିକିଆ କ୍ରିକେଟ୍‌ରେ ନିଜକୁ ସ୍ଥାପିତ କରିସାରିଥିବା ଅର୍ଶଦୀପ ଏପର୍ଯ୍ୟନ୍ତ ଟେଷ୍ଟ୍ କ୍ରିକେଟ୍ ଖେଳି ନାହାନ୍ତି। ଭାରତୀୟ ଦଳରେ ଥିବା ଆକାଶ ଦୀପ ୭ ଟେଷ୍ଟ୍ ଖେଳିଥିଲା ବେଳେ ପ୍ରସିଦ୍ଧ ମାତ୍ର ୪ ଟେଷ୍ଟ୍ ଖେଳିଛନ୍ତି। ଅର୍ଶଦୀପ ଗୋଟିଏ ହେଲେ ବି ଟେଷ୍ଟ୍ ଖେଳି ନାହାନ୍ତି। ଏଭଳି ଏକ ଅନଭିଜ୍ଞ ଦ୍ରୁତ ବୋଲିଂ ବାହିନୀ ପାଇଁ ଭାରତ ବର୍ମିଂହାମରେ କଠିନ ପରୀକ୍ଷାର ସମ୍ମୁଖୀନ ହେବ। ବୋଲିଂ ପ୍ରଶିକ୍ଷକ ମର୍ଣ୍ଣି ମର୍କେଲ ଏବଂ ମୁଖ୍ୟପ୍ରଶିକ୍ଷକ ଗୌତମ ଗମ୍ଭୀର ଏକଥା ଜାଣି ନୂଆ ରଣନୀତି ନେଇ ପଡ଼ିଆକୁ ଓହ୍ଲାଇବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଲିଡ୍‌ସ ଟେଷ୍ଟ୍‌ର ଉଭୟ ପାଳିରେ ଭାରତ ଦୃଢ଼ ସ୍ଥିତିରେ ଥାଇ ମଧ୍ୟ ବଡ଼ ସ୍କୋର୍ କରି ପାରି ନଥିଲା। ନିମ୍ନ ଓ ମଧ୍ୟକ୍ରମ ବ୍ୟାଟରମାନେ ପୂରା ବିଫଳ ହେବା ଏହାର ପ୍ରମୁଖ କାରଣ ଥିଲା। ପ୍ରଥମ ପାଳିରେ ଭାରତ ୪୧ ରନ୍‌ରେ ଶେଷ ୭ଟି ଏବଂ ଦ୍ୱିତୀୟରେ ୩୧ ରନ୍‌ରେ ଅନ୍ତିମ ୬ ୱିକେଟ୍ ହରାଇ ଇଂଲଣ୍ଡକୁ ମ୍ୟାଚ୍ ଜିତି ନେବାର ସୁଯୋଗ ଦେଇଥିଲା। ବର୍ମିଂହାମରେ ଏହି ଦୁର୍ବଳତା ଦୂର କରିବା ଲାଗି ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବେଠୁ ପ୍ରୟାସ ଆରମ୍ଭ କରିଛନ୍ତି। ସେଥିପାଇଁ ଶନିବାର ବର୍ମିଂହାମରେ ମହମ୍ମଦ ସିରାଜ ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟାକଙ୍କ ତତ୍ତ୍ୱାବଧାନରେ ବହୁ ସମୟ ନେଟ୍‌ସ କରୁଥିବା ଦେଖିବାକୁ ମିଳିଥିଲା।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



କଳା ଓଠ ମୁହଁର ସୌନ୍ଦର୍ଯ୍ୟ ହ୍ରାସ କରିଥାଏ। ଏହାକୁ ଲୁଚାଇବା ଲାଗି ଅନେକେ ଲିପ୍‌ଷ୍ଟିକ୍ ଲଗାଇଥାନ୍ତି। ହେଲେ କେତେକ ଘରୋଇ ଉପାୟରେ ଆପଣ ଚାହିଁଲେ ଓଠକୁ ଗୋଲାପି କରିପାରିବେ। ଜାଣିରଖନ୍ତୁ ଟିପ୍ସ...

ଲେମ୍ବୁରସ ଏବଂ ମହୁ ପ୍ୟାକ୍ ଓଠର କଳାରଙ୍ଗ ଦୂରକରି ଗୋଲାପି କରିବାରେ ବେଶ୍ ସାହାଯ୍ୟ କରିଥାଏ। ଏଥିପାଇଁ ଅଧଚାମଚ ଲେଖାଏ ଲେମ୍ବୁରସ ଏବଂ ମହୁ ନେଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ ଓଠରେ ଲଗାଇ ୫ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଘଷିଲେ ଡେଡ୍ ସେଲ୍ ବାହାରିଯିବ। ପରେ ଓଠକୁ ନରମ କପଡ଼ାରେ ପୋଛି ୨ ଟୋପା ନଡ଼ିଆତେଲ ଲଗାଇ ହାଲକା ମସାଜ କରନ୍ତୁ। ପ୍ରତିଦିନ ଏପରି କଲେ ଓଠ ନରମ ହେବା ସହ ଏହାର ରଙ୍ଗ ପରିବର୍ତ୍ତନ ହୋଇ ଗୋଲାପି ଲାଗିବ।

ବିଟ୍ ରସ ମଧ୍ୟ ଓଠକୁ ଗୋଲାପି କରିବାରେ ବେଶ୍ ଲାଭଦାୟକ। ୧ ଚାମଚ ବିଟ୍ ରସରେ ୨-୩ ବୁନ୍ଦା ନଡ଼ିଆତେଲ ପକାଇ ଭଲଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ଓଠରେ ଲଗାଇ ୩-୪ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଘଷନ୍ତୁ।

ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ତୁଳା ସାହାଯ୍ୟରେ ଅଳ୍ପ ଗୋଲାପଜଳ ନେଇ ଓଠରେ ଲଗାଇ ଧୀରେ ଧୀରେ ଘଷି ଡେଡ୍ ସେଲ୍ ବାହାର କରିଦିଅନ୍ତୁ। ଓଠକୁ ପୋଛି ଲିପ୍ ବାମ୍ ଲଗାନ୍ତୁ। ଏହାଦ୍ୱାରା ଧୀରେ ଧୀରେ ନୂଆ ସେଲ୍ ସୃଷ୍ଟି ହେବା ସହ ଓଠ ପୂର୍ବାପେକ୍ଷା ନରମ ଏବଂ ଗୋଲାପି ଲାଗିବ।



## ସାମନାକୁ ଆସିଲା ଶେଫାଲିଙ୍କ ମୃତ୍ୟୁ ରହସ୍ୟ

### ଯବାନ ଦେଖାଯିବା ପାଇଁ ଖାଉଥିଲେ ଆଣ୍ଟି-ଏଜିଂ ମେଡିସିନ



ଅଭିନେତ୍ରୀ ଏବଂ ମଡେଲ ଶେଫାଳି ଜରିଓ୍ୱାଲାଙ୍କ ମୃତ୍ୟୁ ସମସ୍ତଙ୍କୁ ଚକିତ କରିଦେଇଛି। ତାଙ୍କର ବୟସ ମାତ୍ର ୪୨ ବର୍ଷ ଥିଲା। ସେ ବହୁତ ଫିଟ୍ ଥିଲେ। ରିପୋର୍ଟ ଅନୁଯାୟୀ, ହୃଦଘାତରେ ଶେଫାଳିଙ୍କ ମୃତ୍ୟୁ ହୋଇଛି। ପୋଲିସ ଏହାକୁ ଅନେକ ଦୃଷ୍ଟିକୋଣରୁ ତଦନ୍ତ କରୁଛି। ପୋଲିସ ତଦନ୍ତରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ସାମ୍ନାକୁ ଆସିଛି। ତଦନ୍ତରୁ ଜଣାପଡିଛି ଯେ ଶେଫାଳି ଗତ ୭-୮ ବର୍ଷ ଧରି ନିୟମିତ ଭାବରେ ବାର୍ଦ୍ଧକ୍ୟ ପ୍ରତିରୋଧୀ(ଆଣ୍ଟି-ଏଜିଂ) ଔଷଧ ଖାଉଥିଲେ। ଜୁନ୍ ୨୭ ତାରିଖରେ ତାଙ୍କ ଘରେ ଏକ ପୂଜା ଉତ୍ସବ ଥିଲା, ଏନେଇ ଶେଫାଳି ଉପବାସ କରିଥିଲେ, କିନ୍ତୁ ଏହା ସତ୍ତ୍ୱେ, ସେ ସେହି ଦିନ ଅପରାହ୍ନରେ ଆଣ୍ଟି-ଏଜିଂ ଔଷଧର ଏକ ଇଞ୍ଜେକ୍ସନ ନେଇଥିଲେ। ଅନେକ ବର୍ଷ ପୂର୍ବରୁ ଡାକ୍ତରଙ୍କ ପରାମର୍ଶରେ ଶେଫାଳିଙ୍କୁ ଏହି ଔଷଧ ଦିଆଯାଇଥିଲା, ଏବଂ ସେବେଠାରୁ ସେ ପ୍ରତି ମାସରେ ଏହି ଚିକିତ୍ସା କରୁଥିଲେ। ପୋଲିସ ସନ୍ଦେହ କରୁଛି ଯେ ଏହି ଔଷଧ ତାଙ୍କର ହଠାତ୍ ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇପାରେ, ଯାହା ତାଙ୍କ ହୃଦଘାତର କାରଣ ହୋଇଛି। ସୂଚନା ଅନୁସାରେ ଘଟଣା ଦିନ, ରାତି ୧୦ ରୁ ୧୧ଟା ମଧ୍ୟରେ, ଶେଫାଳିଙ୍କ ସ୍ୱାସ୍ଥ୍ୟ ହଠାତ୍ ଖରାପ ହୋଇଗଲା, ତାଙ୍କ ଶରୀର ଥରିବାକୁ ଲାଗିଲା ଏବଂ ସେ ଚେତାଶୂନ୍ୟ ହୋଇଗଲେ। ଶେଫାଳିଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା। ଶେଫାଳିଙ୍କ ସ୍ୱାମୀ ପରାଗ ତ୍ୟାଗୀ, ମା' ଏବଂ ପରିବାରର ଅନ୍ୟ କିଛି ସଦସ୍ୟ ଘରେ ଥିଲେ। ଫୋରେନ୍‌ସିକ୍ ଟିମ୍ ତାଙ୍କ ଘରୁ ବିଭିନ୍ନ ପ୍ରକାରର ଔଷଧ ଜବତ କରିଛି। ଏଥିରେ ବାର୍ଦ୍ଧକ୍ୟ ବିରୋଧୀ ଭାଏଲ, ଭିଟାମିନ୍ ସପ୍ଲିମେଣ୍ଟ ଏବଂ ଗ୍ୟାଷ୍ଟ୍ରିକ୍ ସମ୍ବନ୍ଧୀୟ ବଟିକା ରହିଛି। ଏପର୍ଯ୍ୟନ୍ତ ପୋଲିସ ଏହି ମାମଲାକୁ ନେଇ ପରିବାର ସଦସ୍ୟ, ଘରର ଚାକର ଏବଂ ବେଲଭ୍ୟୁ ହସ୍ପିଟାଲର ଡାକ୍ତରଙ୍କ ସମେତ ୮ ଜଣଙ୍କ ବୟାନ ରେକର୍ଡ କରିଛି। ତଦନ୍ତ ସମୟରେ କୌଣସି ପ୍ରକାରର ବିବାଦ କିମ୍ବା ଝଗଡ଼ାର ସଙ୍କେତ ମିଳି ନାହିଁ। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ଏବଂ ଫୋରେନ୍‌ସିକ୍ ଟିମ୍ ଏବେ ପୋଷ୍ଟମର୍ଟମ ରିପୋର୍ଟ ଏବଂ ଔଷଧର ଲ୍ୟାବ୍ ପରୀକ୍ଷା ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଏହି ମାମଲାର ତଦନ୍ତ ଚାଲିଛି ଏବଂ ଖୁବ ଶୀଘ୍ର ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିବାର ଆଶା କରାଯାଉଛି। ଶେଫାଳିଙ୍କର ୨୭ ରୁ ୨୮ ଜୁନ୍ ମଧ୍ୟରେ ଗୁରୁବାର ବିଳମ୍ବିତ ରାତିରେ ହଠାତ୍ ହୃଦଘାତ ହୋଇଥିଲା। ଏହା ପରେ ସ୍ୱାମୀ ପରାଗ ତ୍ୟାଗୀ ଏବଂ ଅନ୍ୟ ତିନି ଜଣ ତାଙ୍କୁ ମୁମ୍ବାଇର ବେଲଭ୍ୟୁ ମଲ୍ଟିସ୍ପେଶାଲିଟି ହସ୍ପିଟାଲକୁ ନେଇଯାଇଥିଲେ, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପିଲାଦିନର କଷ୍ଟ ବଖାଣିଲେ ଶ୍ରୀଲୀଳା



ଶ୍ରୀଲୀଳା ସାଉଥ୍ ଶିଳ୍ପର ଜଣେ ସଫଳ ଅଭିନେତ୍ରୀ ଏବଂ ଜଣେ ତାଲିମପ୍ରାପ୍ତ ଡାକ୍ତର ମଧ୍ୟ। ସେ ୨୦୨୧ ମସିହାରେ ହାଇଦ୍ରାବାଦର ଏକ କଲେଜରୁ ଡାକ୍ତରୀ ଡିଗ୍ରୀ ହାସଲ କରିଥିଲେ। ତାଙ୍କ ବାପାମାଆଙ୍କ ଛାଡପତ୍ର ପରେ ତାଙ୍କର ଜନ୍ମ ହୋଇଥିଲା। ଏହି କାରଣରୁ, ତାଙ୍କ ବାପା ତାଙ୍କୁ ଗ୍ରହଣ କରି ନଥିଲେ। ସେ ୧୬ ବର୍ଷ ବୟସରେ 'ଚିତ୍ରାଙ୍ଗଦା' ଚଳଚ୍ଚିତ୍ରରେ ଶିଶୁ କଳାକାର ଭାବରେ ତାଙ୍କର ଫିଲ୍ମ କ୍ୟାରିଅର ଆରମ୍ଭ କରିଥିଲେ। ଏହା ପରେ, ତାଙ୍କୁ ୨୦୧୯ ମସିହାରେ 'କିସ୍' ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ବହୁତ କମ୍ ସମୟ ମଧ୍ୟରେ ସେ ଟଲିଉଡ୍‌ରୁ ବଲିଉଡ୍ ପର୍ଯ୍ୟନ୍ତ ନିଜର ଛାପ ସୃଷ୍ଟି କରିନେଲେ। ସେ ରାମ ପୋଥିନେନି, ନନ୍ଦମୁରୀ ବାଳକୃଷ୍ଣ ଏବଂ ମହେଶ ବାବୁଙ୍କ ଭଳି ବଡ଼ ବଡ଼ ଅଭିନେତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ୨୦୨୪ ମସିହାରେ ତାଙ୍କୁ ମହେଶ ବାବୁଙ୍କ ସହ 'ଗୁଣ୍ଟୁର କରମ' ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ କାମ କରିବାର ସୁଯୋଗ ମିଳିଥିଲା। ଏହି ଚଳଚ୍ଚିତ୍ର ତାଙ୍କ ଜୀବନରେ ମୋଡ଼ ଆଣିଥିଲା ଏବଂ ତାଙ୍କର ଲୋକପ୍ରିୟତା ମଧ୍ୟ ବହୁତ ବୃଦ୍ଧି ପାଇଥିଲା। ୨୦୨୨ ମସିହାରେ, ୨୦ ବର୍ଷ ବୟସରେ, ଶ୍ରୀଲୀଳା ୨ ଜଣ ଦିବ୍ୟାଙ୍ଗ ପିଲାଙ୍କୁ ପୋଷ୍ୟ ଭାବରେ ଗ୍ରହଣ କରିଥିଲେ। ସେ ଜଣେ ମାଆ ପରି ସେମାନଙ୍କର ସମସ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି। ତାଙ୍କର ଆଗାମୀ ପ୍ରୋଜେକ୍ଟ ବିଷୟରେ କହିବାକୁ ଗଲେ, ସେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଆଶିକୀ ୩'ରେ କାର୍ତ୍ତିକ ଆର୍ଯ୍ୟନଙ୍କ ସହ ନଜର ଆସିବେ।

## ଏହି ୫ଟି ସ୍ଥାନରେ କେବେ ବି କରନ୍ତୁ ନାହିଁ ଭୋଜନ



ବର୍ତ୍ତମାନର ଜୀବନଶୈଳୀ କାରଣରୁ ଲୋକେ ଯେଉଁଠାରେ ସୁବିଧା ପାଆନ୍ତି ସେହି ସ୍ଥାନରେ ଭୋଜନ କରନ୍ତି । କୌଣସି ସଠିକ୍ ସ୍ଥାନ ଚୟନ କରୁନଥିବା ଅନେକ ସ୍ଥାନରେ ଦେଖାଯାଏ । ମାତ୍ର ବାସ୍ତୁ ଅନୁଯାୟୀ ଏପରି କରିବା ଆଦୌ ଉଚିତ୍ ନୁହେଁ । ମାନ୍ୟତା ଅନୁଯାୟୀ ଭୋଜନକୁ ନେଇ ବାସ୍ତୁ ଶାସ୍ତ୍ରରେ କିଛି ନିୟମ ବର୍ଣ୍ଣନା କରାଯାଇଛି । ସେହି ନିୟମର ପାଳନ କରିବା ଦ୍ୱାରା ମା'ଲକ୍ଷ୍ମୀଙ୍କ କୃପା ସର୍ବଦା ରହିଥାଏ । ନଚେତ୍ ବାସ୍ତୁ ଦୋଷ ଲାଗିବା ସହ ଅଭାବ ଲାଗି ରହିଥାଏ । ଜାଣନ୍ତୁ ଭୋଜନ ସହ ଜଡିତ ଏହି ବାସ୍ତୁ ନିୟମ ବିଷୟରେ..

■ ଅନେକ ସମୟରେ ଦେଖାଯାଏ ଲୋକେ ଖଟ ଉପରେ ବସି ଭୋଜନ କରନ୍ତି । ଯାହା ବାସ୍ତୁ ଅନୁଯାୟୀ ଅନୁଚିତ୍ । ଏହାଦ୍ୱାରା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡିଥାଏ । ଆର୍ଥିକ ସମସ୍ୟା ଲାଗି ରହିଥାଏ । ମାନସିକ ଦୁଃଶ୍ଚିନ୍ତା ଲାଗି ରହିଥାଏ । ଖଟରେ ବସି ଖାଦ୍ୟ ସେବନ କରିବାକୁ ବାରଣ କରାଯାଇଛି ।

■ ଅସନା ଅପରିଷ୍କାର କରି ଭୋଜନ କରନ୍ତୁ ନାହିଁ । ଭୋଜନ ପୂର୍ବରୁ ଘରକୁ ସର୍ବଦା ପରିଷ୍କାର କରନ୍ତୁ । ନଚେତ୍ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ ।

■ ପୂଜା ଘରର ଅତି ନିକଟରେ ବସି ଭୋଜନ କରନ୍ତୁ ନାହିଁ । ନଚେତ୍ ଭଗବାନ ଅସନ୍ତୁଷ୍ଟ ହୋଇଥାନ୍ତି । ଘରୁ ସୁଖସମୃଦ୍ଧି ଦୂର ହୋଇଥାଏ ।

■ କିଛି ଲୋକେ ରୋଷେଇ ଘରେ ବସି ଭୋଜନ କରନ୍ତି । ମାତ୍ର ରୋଷେଇ ଘରେ କଦାପି ଭୋଜନ କରିବା ଉଚିତ୍ ନୁହେଁ । ଏହାଦ୍ୱାରା ଘରୁ ସୁଖଶାନ୍ତି ଦୂର ହୋଇଯାଏ । କଳହ ଲାଗି ରହିଥାଏ ।

■ କବାଟ କିମ୍ବା ଚଉକାଠ ନିକଟରେ ମଧ୍ୟ ଭୋଜନ କର ନ୍ତୁ ନାହିଁ । ଏହାଦ୍ୱାରା ନକରାତ୍ମକ ଶକ୍ତି ପ୍ରବେଶ କରିବା ସହ ମା' ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇ ଥାନ୍ତି ।

## କଥା କଥାରେ ରାଗୁଛନ୍ତି ସାମନ୍ଥା



ମଝିରେ ମଝିରେ ଚର୍ଚ୍ଚାରେ ରହନ୍ତି ଦକ୍ଷିଣୀ ସୁନ୍ଦରୀ ସାମନ୍ଥା ରୁଥ୍ ପ୍ରଭୁ । ନାଗା ଚୈତନ୍ୟଙ୍କ ସହ ପ୍ରେମ, ବିବାହ ଓ ବିଚ୍ଛେଦ- ସାମନ୍ଥାଙ୍କୁ ନେଇ କମ୍ ଚର୍ଚ୍ଚା ହୋଇନି । ଏକ ବିରଳ ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହେବା ନେଇ ମଧ୍ୟ ସେ ଚର୍ଚ୍ଚାରେ ଥିଲେ । ଏବେ ତାଙ୍କୁ ନେଇ ଆଉ ଏକ ଚର୍ଚ୍ଚା ଆରମ୍ଭ ହୋଇଛି ଯେ ଟିକେ ଟିକେ କଥାରେ କାଳେ ସେ ରାଗିଯାଉଛନ୍ତି। ତାଙ୍କୁ କେହି କିଛି ପ୍ରଶ୍ନ କଲେ ସେ ଚିଡ଼ି ଉଠୁଛନ୍ତି। ହେଲେ ତାଙ୍କ ପିଆର୍ ଟିମ୍ ଭିନ୍ନ କଥା କହୁଛି । ପିଆର୍ ଟିମ୍ ଅନୁସାରେ ସାମନ୍ଥା ରାଗୁନାହାନ୍ତି, ବରଂ କପଟ ରାଗ ଦେଖାଉଛନ୍ତି । ତାଙ୍କ ହୃଦୟ ଯଥେଷ୍ଟ କୋମଳ । ସେ ପ୍ରଶଂସକମାନଙ୍କ ପ୍ରତି କେବେ ବି ଖରାପ ଆଚରଣ ପ୍ରଦର୍ଶନ କରିନାହାନ୍ତି । କିନ୍ତୁ କ୍ୟାମେରା ତ ଭିନ୍ନ କଥା କହୁଛି । ସଂପ୍ରତି ମୁମ୍ବାଇର ବାନ୍ଦ୍ରାସ୍ଥିତ ଏକ ଜିମ୍‌ରୁ ସେ ବାହାରି ନିଜ କାର୍ ଆଡ଼କୁ ଯାଉଥିଲେ। ସେହି ସମୟରେ ତାଙ୍କ ଉପରେ କେତେଜଣ ପାପାରାଜ୍ଜିଙ୍କ ନଜର ପଡିଲା । ସେମାନେ ସାମନ୍ଥାଙ୍କର ଫଟୋ ଉଠାଇନଥିଲେ । କେବଳ ସୁପ୍ରଭାତ ଜଣାଇଥିଲେ । ଏତିକିରେ ଚିହିଁକି ଉଠିଥିଲେ ସାମନ୍ଥା । ଏହା ଦେଖି ସାମନ୍ଥାଙ୍କ ରାଗ କହିଲେ ନ ସରେ। ସାମନ୍ଥାଙ୍କ ଏପରି ରୂପ ଆଗରୁ କେହି ଦେଖିନଥିଲେ । ସେଦିନର ସାମନ୍ଥା ଯେପରି ରୁଢ଼ ବ୍ୟବହାର କରିଥିଲେ ତାହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି । ଅନେକ ନେଟିଜେନ୍ ତାଙ୍କର ଏପରି ବ୍ୟବହାରକୁ ନିନ୍ଦା କରିଛନ୍ତି। ଶୁଣିବାକୁ ମିଳିଛି ସାମନ୍ଥା ଏବେ ଜଣେ ଦକ୍ଷିଣ ଭାରତୀୟ ନିର୍ଦ୍ଦେଶକଙ୍କୁ ଡେଟ୍ କରୁଛନ୍ତି । କାଳେ ସେହି ଖବର ପାପାରାଜ୍ଜିମାନେ ବାହାରେ ପ୍ରକାଶ କରିଦେବେ ସେ ନେଇ ଚିନ୍ତାରେ ଅଛନ୍ତି ସାମନ୍ଥା । ଅନେକ ସୋସିଆଲ୍ ମିଡିଆ ବ୍ୟବହାରକାରୀ ଲେଖିଛନ୍ତି ନୂଆ ଫିଲ୍ମଟିଏ ଆସୁ । ଏହାପରେ ଦେଖାଯିବ ଏହି ଅଭିନେତ୍ରୀଙ୍କ ବ୍ୟବହାର ଅଚାନକ କେମିତି ବଦଳିଯିବ । କେହି କେହି ଲେଖିଛନ୍ତି ଗୋଟିଏ ପରେ ଗୋଟିଏ ଫ୍ଲପ୍ ସିନେମା ପରେ ବି ଏମିତି ମନୋଭାବ କେଉଁଠୁ ଆସେ ? କେହି କେହି ତାଙ୍କ ଓଜନ କମାଇବା ସହିତ ମନକୁ ଶାନ୍ତ ରଖିବାର ପରାମର୍ଶ ବି ଦେଇଛନ୍ତି । ଦେଖାଯାଉ ସାମନ୍ଥା ପ୍ରଶଂସକମାନଙ୍କ କଥା କେତେ ମାନୁଛନ୍ତି ।



## ଲାଭଦାୟକ ବାସି ରୁଟି

*ଯେତେବେଳେ ରାତିରେ ରୁଟି ଅତ୍ୟଧିକ ହୋଇଯାଏ ସେମାନେ ପ୍ରାୟତଃ ଫିଙ୍ଗି ଦେଇଥାନ୍ତି ।କିନ୍ତୁ ଯଦି ଆପଣ ମଧ୍ୟ ଏହି ଭୁଲ୍ କରୁଛନ୍ତି ତେବେ ଆପଣ ଜାଣି ନାହାଁନ୍ତି ଯେ ଆପଣ ନିଜ ସ୍ୱାସ୍ଥ୍ୟ ସହିତ କେତେ ଖେଳୁଛନ୍ତି । କହିବାକୁ ଗଲେ ଆପଣ ଯେଉଁ ରୁଟି ଖାଉନାହାନ୍ତି ସେହି ରୁଟିରେ ଅନେକ ଫାଇଦା ଅଛି । ଯାହା ଦ୍ୱାରା ଆପଣଙ୍କ ଓଜନ ବୃଦ୍ଧି ହୁଏ ନାହିଁ । ଏହା ମଧ୍ୟ ଆପଣଙ୍କୁ ଓଜନ ହ୍ରାସ କରିପାରେ ..*

ପ୍ରାୟତଃ ଘରେ ବଳିଯାଇଥିବା ରୁଟିକୁ ପଶୁକୁ ଦିଆଯାଏ କିମ୍ବା ଫିଙ୍ଗି ଦିଆଯାଏ। ଏହାର କାରଣ ହେଉଛି ଲୋକମାନେ ପ୍ରାୟତଃ ରହିଥିବା ରୁଟି ଖାଆନ୍ତି ନାହିଁ । କିନ୍ତୁ ଆପଣ ଜାଣନ୍ତି କି ଏହି ରୁଟି ତାଜା ରୁଟି ଅପେକ୍ଷା ଅଧିକ ଲାଭଦାୟକ । ଆସନ୍ତୁ ଜାଣିବା କିପରି ?

♦ ତାଜା ଗହମ ରୁଟି ତୁଳନାରେ ବାସି ରୁଟିରେ ଗ୍ଲାଇସେମିକ୍ ଇଣ୍ଡେକ୍ସ ବହୁତ କମ୍ ଥାଏ। ରୁଟି ଥଣ୍ଡା ହେବା ସହିତ ଏହାର କାର୍ବୋହାଇଡ୍ରେଟ୍ ଗଠନ ବଦଳିଯାଏ ଏବଂ ଚିନିରେ ପରିଣତ ହେବା ମନ୍ଥର ହୋଇଯାଏ । ଏହି କାରଣରୁ, ଏହା ରକ୍ତରେ ଧୀରେ ଧୀରେ ରକ୍ତରେ ଶର୍କରା ମୁକ୍ତ କରିଥାଏ । ଏହାର ଅର୍ଥ ଯଦି ଆପଣ ଜଳଖିଆ ପାଇଁ ପୁରୁଣା ରୁଟି ଖାଆନ୍ତି, ତେବେ ଏହା ଏକ ଲାଭଜନକ ହେବ ଏବଂ ଆପଣଙ୍କ ପାଇଁ କ୍ଷତି ନୁହେଁ ।

♦ ଯେତେବେଳେ ଜିନିଷଗୁଡ଼ିକ ଅକାମୀ ହୋଇଯାଏ ସେଥିରେ ଫେର୍ମେଣ୍ଟେସନ ପ୍ରକ୍ରିୟା ହୁଏ । ଏହି ପ୍ରକ୍ରିୟା ଯେକୌଣସି ଖାଦ୍ୟକୁ ଏକ ସୁପରଫୁଡ୍ କରିଥାଏ । କହିବାକୁ ଗଲେ ଯେତେବେଳେ ରୁଟି ବାସି ହୋଇଯାଏ ଏହା ପ୍ରୋବୋଟିକ୍ସର ଉତ୍ସ ହୋଇଯାଏ ଯାହା ସ୍ୱାସ୍ଥ୍ୟ ପାଇଁ ଜରୁରୀ ବ୍ୟାକ୍ଟେରିଆକୁ ପୁଷ୍ଟିକର କରିଥାଏ । ଅନ୍ତନଳୀରେ ଥିବା ଏହି ଜୀବାଣୁ ହଜମ ପ୍ରକ୍ରିୟାରେ ଉନ୍ନତି ପୋଷକ ତତ୍ତ୍ୱର ଆଣିଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତିରେ ଉନ୍ନତି ଆଣିବାରେ କାର୍ଯ୍ୟ କରଥାଏ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ମାହାଙ୍ଗା, (ଭାସ୍କର ନ୍ୟୁଜ୍): ଭଗବତୀ ବିଦ୍ୟାପୀଠ, ଶୁକ୍ଳେଶ୍ୱର ପୁରାତନ ଛାତ୍ର ସଂସଦର ଏକ ବୈଠକ ଗୌଡ଼ପଡା ଆଇବି ଠାରେ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସଂସଦର ସଭାପତି ସହଦେବ ଖଟୁଆଙ୍କ ସଭାପତିତ୍ୱରେ ଉପଦେଷ୍ଟା ଉପେନ୍ଦ୍ରନାଥ ବେହେରା, ସମ୍ପାଦକ ଅରୁଣ କୁମାର ବାରିକ, ଉପସଭାପତି କୈଳାସ ଚନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ଜ୍ଞାନ ମହାପାତ୍ର ପ୍ରମୁଖ ଯୋଗଦେଇ ପୁରାତନ ଛାତ୍ର ସଂସଦର ଅଡିଟୋରିୟମ ନିର୍ମାଣ ଓ କାର୍ଯ୍ୟର ପୂର୍ଣ୍ଣାଙ୍ଗତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଶାରଦା ପ୍ରଧାନ ଯୋଗଦେଇ ଅଡିଟୋରିୟମ ନିର୍ମାଣରେ କାର୍ଯ୍ୟର ଯଥା ଶୀଘ୍ର ସମ୍ପୂର୍ଣ୍ଣତା ଦଶହରା ପୂର୍ବରୁ ଶେଷ କରିବାକୁ ନିର୍ମାଣକାର୍ଯ୍ୟର ଠିକାଦାର ମାନସ ରଞ୍ଜନ ପଣ୍ଡାଙ୍କୁ ପରାମର୍ଶ ଦେବା ସହ ଆବଶ୍ୟକୀୟ ଅର୍ଥ ସେ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାହାଙ୍ଗା ବିଡିଓ ମୋନାଲିସା ସରକାର, ସରକାରୀ ଯନ୍ତ୍ରୀ ସଦାପ ଦାସ ଓ ପ୍ରଧାନ ଶିକ୍ଷକ ନୀଳମାଧବ ପଣ୍ଡା ପ୍ରମୁଖ ଉପସ୍ଥିତିରେ କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ରଥଯାତ୍ରା ପରେ ପୁନଃ କାର୍ଯ୍ୟ ଆରମ୍ଭ ହେବା ସହିତ ବିଧାୟକଙ୍କ ସହଯୋଗକୁ ପୁରାତନ ଛାତ୍ରସଂସଦର କର୍ମକର୍ତ୍ତାମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା।



## ଗୋରୁ ଚାଲାଣକାରୀ କାର୍ ଦୁର୍ଘଟଣାଗ୍ରସ୍ତ, ୪ ଗୋରୁ ଉଦ୍ଧାର



ବୋଲଗଡ, (ଭାସ୍କର ନ୍ୟୁଜ୍): ଡାଳତୋଳା ବଜାରରେ ଗୋରୁ ଚାଲାଣ ପାଇଁ ବ୍ୟବହୃତ କାରଟି ରବିବାର ଦିନ ଭୋର ସମୟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏଥିରୁ ମୋଟ ୪ ଗୋଟି ଗୋରୁ ପୁଲିସ ଉଦ୍ଧାର କରିଥିବା ବେଳେ ବ୍ୟବହୃତ ଗାଡିଟିକୁ ଜବତ କରିଛି। ସୂଚନା ଅନୁଯାୟୀ ଗୋ ଚାଲାଣ ପାଇଁ ବ୍ୟବହୃତ କାରର ସିଟ ଗୁଡ଼ିକ ବାହାର କରିବା ସହ ସ୍ଥାନୀୟ ଅଞ୍ଚଳରେ ଗୋରୁ ନ କିଣି ଚୋରି କରି ଚାଲାଣ କରାଯାଉ ଥିଲା। ଏହି ଦୁର୍ଘଟଣା ଯୋଗୁଁ ଡାଳତୋଳା ବଜାରରେ ଥିବା ଲେଡିଜ କର୍ଣ୍ଣର ଏବଂ ମ୍ୟାଚିଂ ସେଣ୍ଟରକୁ ଧକ୍କା ଦେଇଥିବାରୁ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ରୁଜି ସହ ଜିନିଷପତ୍ର ନଷ୍ଟ ହୋଇଯାଇଛି। ଚାଳକ ସମେତ ଗାଡ଼ିରେ ଥିବା ଲୋକମାନେ ଘଟଣା ସ୍ଥଳରୁ ସଙ୍ଗେସଙ୍ଗେ ଫେରାର ହୋଇ ଯାଇଥିବା ବେଳେ ଦୋକାନ ମାଲିକ ଖୋର୍ଦ୍ଧା ସଦର ଥାନାକୁ ଫୋନ କରି ଜଣାଇଥିଲେ। ଘଟଣାସ୍ଥଳରେ ପୁଲିସ ପହଁଚି କାର ଭିତରୁ ଗୋରୁଗୁଡିକ ଉଦ୍ଧାର କରୁଥିବା ସମୟରେ ୧ଟି ଗୋରୁ ପଳାଇ ଯାଇଥିବାରୁ ୩ଟି ଗୋରୁଙ୍କୁ ଚୋରି ହୋଇଥିବା ସ୍ଥାନୀୟ ରାଉତପଡା ଗ୍ରାମର ଲୋକଙ୍କ ଜିମା ଦିଆଯାଇଥିଲା।

## ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

ରାୟଗଡା, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକ ଡାକୁଲୁଗୁଡା ଗ୍ରାମ ନିକଟରେ ବାଇକ ଦୁର୍ଘଟଣାରେ ୨ଜଣ ମୃତ୍ୟୁ ହାଇଥିବା ବେଳେ ଜଣେ ଗୁରୁତୁର ହୋଇଛନ୍ତି। ମୃତକ ହେଲେ ମନୋଜ ସାରାକା (୩୦) ଓ ଗାହିଁ ହୁଇକା (୨୮)। ପ୍ରକାଶ ଥାଉ କି ଯେ ବିଷମକଟକ ବ୍ଲକ ଡୁମୁରିନେଳି ଗ୍ରାମର ୩ ଜଣ ଯୁବକ ଏକ ବାଇକରେ ମୁନିଗୁଡାରୁ ନିଜ ଗାଁ ଡୁମୁରିନେଳିକୁ ଶନିବାର ଫେରୁଥିବା ବେଳେ ପାଇକ ଡାକୁଲ ଗୁଡା ଗ୍ରାମ ନିକଟରେ ବାଇକଟି ଭାରସାମ୍ୟ ହରାଇ ରାସ୍ତାରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଏଥିରେ ୩ ଜଣଙ୍କ ମଧ୍ୟରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକ ଆହତଙ୍କୁ ଉଦ୍ଧାର କରି ମୁନିଗୁଡା ମେଡିକାଲକୁ ନିଆଯାଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି। ଆହତ ହାଡୁ ପୀଡିକାକା ସେଠାରେ ଚିକିତ୍ସାତ ହେଉଛି। ତାଙ୍କ ଅବସ୍ଥା ସଙ୍କଟପୂର୍ଣ୍ଣ ଥିବା ଜଣାପଡିଛି। ମୁନିଗୁଡା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିବା ସହ ଦୁଇ ମୃତ୍ୟୁଦେହ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତିରତ କରାଯାଇଛି

## ସରକାରୀ ଜାଗାରୁ ଚାକୁଣ୍ଡା ଚୋରି ଅଭିଯୋଗ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ କାକତିଆ ସ୍ଥିତ କେନ୍ଦ୍ରାପଡ଼ା କେନାଲର ୧୧ ନଂ (କ) ଶାଖା ନାଳବନ୍ଧରୁ ସରକାରୀ ଜାଗାରେ ଥିବା ଏକ ଚାଖୁଣ୍ଡା ଗଛକୁ ଜନୈକ ବ୍ୟକ୍ତି କାଟି ଦେଇଥିବା ଅଭିଯୋଗ ହୋଇଛି। ସୂଚନାରୁ ପ୍ରକାଶ ଏହି ଗଛଟି ନାଳବନ୍ଧରେ ସରକାରୀ ଜାଗାରେ ଥିବାବେଳେ ଗତକାଲିର ଶ୍ରୀଗୁଣ୍ଡିଚା ଛୁଟି। ଚତୁର୍ଥ ଶନିବାର ଓ ରବିବାର ସରକାରୀ ଛୁଟି ହୋଇଥିବା ସୁଯୋଗରେ ଏହି ଗଛଟିକୁ କାଟି ଦେଇଥିବା ଦେଖିବାକୁ ମିଳିଛି। ତେବେ ଆସନ୍ତା କାଲିର ଛୁଟି ସୁଯୋଗରେ ଏହାକୁ ମଧ ସମ୍ପୃକ୍ତ ବ୍ୟକ୍ତି ସେହି ସ୍ଥାନରେ ପଡ଼ିଥିବା କାଠଗଣ୍ଡି ଗୁଡ଼ିକ ଚାଲାଣ କରିଦେବାକୁ ମସୁଧା ଚଳାଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକ ମାନେ ରାଜସ୍ୱ ନିରୀକ୍ଷକ ଓ ଜଳସେଚନ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା ପ୍ରକାଶ କରିଛନ୍ତି।

## ନଦୀ ବନ୍ଧ ପ୍ରତି ବିପଦ ଆଶଙ୍କା

# ନଦୀ ଶଯ୍ୟାରୁ ଅବାଧରେ ଚାଲିଛି ବାଲି ଚୋରାଚାଲାଣ





ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ-ଲୁଣା- ଚିତ୍ରୋତ୍ପଳା ନଦୀର ବିଭିନ୍ନ ସ୍ଥାନରୁ ମାଫିଆଙ୍କ ଦ୍ୱାରା ସମସ୍ତ ସରକାରୀ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଙ୍ଘନ କରାଯାଇ ଅବାଧରେ ବାଲି ଚାଲାଣ କରାଯାଉଥିବାର ଅଭିଯୋଗ ହୋଇଛି। ଅବାଧରେ ବାଲି ଚାଲାଣ ଯୋଗୁ ନଦୀ ବନ୍ଧ ପ୍ରତି ବିପଦର ଆଶଙ୍କା ଦେଖାଦେଇଛି। ସେପଟେ ସରକାରଙ୍କ କୋଟି କୋଟି ରାଜସ୍ୱ ହାନୀ ହେଉଥିବାର ବେଳେ ପ୍ରଶାସନିକ ଅଧିକାରୀମାନେ ଏହି ଘଟଣାକୁ ଦେଖି ମଧ ନଦେଖିଲା ଭଳି ଅଭିନୟ କରୁଥିବାର ଦେଖିବାକୁ ମିଳିଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳଟି କିଶନନଗର ଓ ନିଶ୍ଚିନ୍ତକୋଇଲି ତହସିଲର କ୍ଷେତ୍ରଫଳରେ ରହିଛି। ଏହି ଦୁଇଟି ତହସିଲ ଅଞ୍ଚଳ ଦେଇ ମହାନଦୀ, ଲୁଣା ଓ ଚିତ୍ରୋତ୍ପଳା ସମେତ କେତୋଟି ଛୋଟଛୋଟ ନଦୀ ବହିଯାଇଛି। ଏହି ୩ଟି ନଦୀରେ ଥିବା ବାଲି ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି। ଏହି ୩ଟି ନଦୀର ବିଭିନ୍ନ ଘାଟମାନଙ୍କରେ ବାଲି ମାଫିଆ ମାନେ ବେଆଇନ ଭାବେ ରାତ୍ରର ବିଳମ୍ବିତ ପ୍ରହଣରେ ବାଲି ଉଠାଉଥିବାର ଅଭିଯୋଗ ହୋଇଛି। ଘାଟ ଗୁଡିକ ନିଲାମ ଅବଧି ଶେଷ ହୋଇଥିଲେ ସୁଧା ବାଲି ମାଫିଆ ମାନେ ପ୍ରଶାସନକୁ ହାତବାରିସି କରି ବାଲି ଉଠାଉଥିବାର ଅଭିଯୋଗ ହୋଇଛି। ଫଳରେ ସରକାରଙ୍କ କୋଟି କୋଟି ରାଜସ୍ୱ ହାନି ହେଉଛି। ସୂଚନା ମୁତାବକ ନିଶ୍ଚିନ୍ତକୋଇଲି ତହସିଲ ଅଧିନସ୍ଥ ଚିତ୍ରୋତ୍ପଳା ଓ ଲୁଣା ନଦୀ ଶର୍ଯ୍ୟାରୁ ବିଭିନ୍ନ ବାଲି ଘାଟ ରହିଛି। ସେଥିମଧ୍ୟରୁ ଜନାର୍ଦ୍ଦନପୁର ଶନିଶ୍ଚରଗଡା, ଛତ୍ରଗଡା, ପୁରୁଣାପାରି, କଳମିଶ୍ରି, ନେମାଳ, ବାବୁଜଙ୍ଗ, ପାଳଦା, ମହମ୍ମଦପୁର, ସହଦେବପୁର, କୋଳଣପୁର, ଖଣ୍ଡସାହି କାଳିଆବୁଦା, ଅସୁରେଶ୍ୱର, ଲୋକନାଥପୁର, ଦୋମାଣ୍ଡୋ, ଦାଉଦପୁର, ନଗସପୁର, ବରହମପୁର ଆଦି ସ୍ଥାନରୁ ଅବାଧରେ ବିଳମ୍ବିତ ରାତ୍ରିରେ ନଦୀରୁ ବାଲି ଉଠାଣ କରାଯାଉଥିବା ସାଧାରଣରେ ଅଭିଯୋଗ। ସରକାର ବର୍ତ୍ତମାନ ସମୟରେ ବାଲି ଘାଟ ନିଲାମ ନହୋଇଥିବା ସମୟରେ ବାଲି ମାଫିଆ ମାନେ ସୁବିଧାରେ ଏହାର ଫାଇଦା ନେଇ ମାଲେମାଲ ହେଉଥିବାର ଅଭିଯୋଗ ହୋଇଛି। ଯିବ ବିରୋଧ କରୁଛି ତାକୁ ନାଲି ଆଖି ଦେଖାଇବାକୁ ପଛାଉନାହାନ୍ତି। ଏପରିସ୍ଥଳେ ପ୍ରଶାସନର ନିରବଦ୍ରଷ୍ଟା ସାଜିବା ପାଇଁ ଆଜି ସରକାରଙ୍କ ରାଜସ୍ୱରୁ କୋଟି କୋଟି କ୍ଷତି ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ବର୍ତ୍ତମାନ ସମୟରେ ସରକାରଙ୍କ ତରଫରୁ ବିଭିନ୍ନ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ ଚାଲିଥିଲା ବେଳେ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ଲୋକେ ଏହି ଉନ୍ନୟନ ମୂଳକ କାର୍ଯ୍ୟ କରୁଛନ୍ତି। ତେବେ ନିର୍ମାଣ କାର୍ଯ୍ୟ ପାଇଁ ଏହି ଗୋଷ୍ଠୀର କର୍ମୀମାନେ ପୋଲିସ ପ୍ରଶାସନକୁ ହାତ କରି ରାତ୍ରିର ବିଳମ୍ବିତ ପ୍ରହରରେ ବେଆଇନ ଚୋରା ବାଲି ଉଠାଇ ଉନ୍ନୟନ କାର୍ଯ୍ୟ କରାଯାଉଥିବାର ଅଭିଯୋଗ ଆସିଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକମାନେ ବହୁବାର ପ୍ରଶାସନକୁ ଅବଗତ କଲା ପରେ ମଧ କୌଣସି ସୁଫଳ ମିଳୁନି। ବେଆଇନ ବାଲି ଚାଲାଣ ବେଳେ ରାସ୍ତାଘାଟ ପରିସ୍ଥିତି ଅତ୍ୟନ୍ତ ଖରାପ ହୋଇଯାଉଛି। ଏପରିକି ନଦୀବନ୍ଧ ପ୍ରତି ବିପଦ ଆଶଙ୍କା ପ୍ରକାଶ ପାଇଛି। ବାଲି ଘାଟରେ ଟ୍ରାକ୍ଟର, ଜେସିବି, ହାଇଓ୍ୱା ପ୍ରଭୃତିରେ ସାହାଯ୍ୟରେ ବିଳମ୍ବିତ ରାତ୍ରିରେ ବାଲି ଉଠାଇ ଚାଲାଣ କରାଯାଇଥିବା ହେତୁ ସ୍ଥାନୀୟ ପୋଲିସ ପ୍ରଶାସନ, ତହସିଲ ପ୍ରଶାସନ ନା ଖଣି ବିଭାଗର ବିଭଗୀୟ ଅଧିକାରୀମାନ ଏହାକୁ ଜାଣି ନଜାଣିଲା ପରି ଅଭିନୟ କରୁଛନ୍ତି। ସରକାର କୋଟିକୋଟି ଟଙ୍କା ରାଜସ୍ୱ ହାନୀ ହେଉଛି। ଅପରପକ୍ଷରେ ଏହି ନଦୀ ୩ଟିରେ ଦିନକୁଦିନ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହି ଅଞ୍ଚଳରେ ତୁହାକୁ ତୁହା ବର୍ଷ ହେଉଥିବା କାରଣରୁ ନଦୀ ବନ୍ଧ ଗୁଡିକ ଦୁର୍ବଳ ଅବସ୍ଥାରେ ରହିଛି। ଏପରିସ୍ଥଳେ ବାଲି ମାଫିଆ ମାନେ ଭାରୀ ଯାନ ସାହାଯ୍ୟରେ ବାଲି ଚାଲାଣ କରୁଥିବା କାରଣରୁ ନଦୀ ବନ୍ଧ ପ୍ରତି ବିପଦର ଆଶଙ୍କା ସୃଷ୍ଟି ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଏହି ନଦୀ ଗୁଡିକରେ ଘାଇ ସୃଷ୍ଟି ହେବା ସହ ଜନ ଜୀବନ ପ୍ରତି ବିପଦର ଆଶଙ୍କା ସୃଷ୍ଟି ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସରକାର ଏହିହି ବେଆଇନ ବାଲି ଉଠାଣ ଉପରେ ରୋକ ଲଗାଇବା ପାଇଁ ସାଧାରଣରେ ଦାବି ହୋଇଛି।

## ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ପ୍ରଫେସର୍ ପ୍ରଶାନ୍ତ ଚନ୍ଦ୍ର ମହଲାନୋବିଜ୍‌ଙ୍କ ଜନ୍ମଦିନଟିକୁ ଜାତୀୟ ପରିସଂଖ୍ୟାନ ଦିବସ ଭାବରେ କେନ୍ଦୁଝର ଜିଲ୍ଲା ସ୍ଥିତ ଜିଲ୍ଲାପାଳଙ୍କ ଦରବାର ହଲରେ ପାଳିତ ହୋଇଯାଇଛି। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗଜେନ୍ଦ୍ର କୁମାର ବେହେରା ବୈଠକରେ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ଧରଣୀଧର ବିଶ୍ୱ ବିଦ୍ୟାଳୟର ସହପ୍ରାଧ୍ୟାପକ (ଅର୍ଥନୀତି) ଡାକ୍ତର ଦାମୋଦର ସାହୁ, ସରକାରୀ ମହିଳା ମହାବିଦ୍ୟାଳୟର ସହପ୍ରାଧ୍ୟାପକ (ବାଣିଜ୍ୟ) ଡ଼ାକ୍ତର ଅଜିତ କୁମାର ବରାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌମ୍ୟ ସାର୍ଥକ ରାୟ, ଜିଲ୍ଲା ସ୍ତରୀୟ ଅଧିକାରୀ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ର ଛାତ୍ର ଛାତ୍ରୀ ଓ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଧାନ ପରିସଂଖ୍ୟାନ ରାଜ୍ୟ ଏବଂ ଜାତୀୟ ସ୍ତରରେ ଦେଶ ବିକାଶରେ କିପରି ଭୂମିକା ପ୍ରଦାନ କରେ ତାର ସବିଶେଷ ଆଲୋକପାତ କରିଥିଲେ। ତଥ୍ୟ ବିନା ଦେଶରେ ଯୋଜନା ପ୍ରଣୟନ କରାଯାଇ ନ ପାରେ, ତା ଉପରେ ଗୁରୁତ୍ୱାରୋପ କରିଥିଲେ। ବକ୍ତା ବରାଳ କହିଥିଲେ ଯେ ଲକ୍ଷ୍ୟ ବିହୀନ ଜୀବନ ନିରର୍ଥକ ଅଟେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବିନା ପରିସଂଖ୍ୟାନରେ ସମ୍ଭବ ହୋଇନଥାଏ। ମୁଖ୍ୟ ବକ୍ତା ସାହୁ କହିଥିଲେ ଯେ ପରିସଂଖ୍ୟାନ ସବୁ କ୍ଷେତ୍ରରେ ପ୍ରଯୁଜ୍ୟ। ଜାତୀୟ ନମୁନା ସର୍ଭେ ଦ୍ୱାରା ପ୍ରତ୍ୟେକ ସମାଜର ପ୍ରତି କ୍ଷେତ୍ରରେ ତଥ୍ୟ ସଂଗ୍ରହ କରି ଭବିଷ୍ୟତ ର ଯୋଜନା ପ୍ରସ୍ତୁତ କରାଯାଏ ତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଉପନିର୍ଦ୍ଦେଶକ ବେହେରା କହିଥିଲେ ଯେ ପରିସଂଖ୍ୟାନ ଆମ ଜୀବନର ପ୍ରତେକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ଦ୍ୱାରା ଆମ ଦେଶର ସାମାଜିକ ଏବଂ ଅର୍ଥନୈତିକ ପରିସ୍ଥିତିର ପରିବର୍ତ୍ତନ ସମ୍ଭବ ହୋଇଥାଏ। ସଠିକ୍ ତଥ୍ୟ ସଂଗ୍ରହ ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରେ। ଯଦ୍ୱାରା ସରକାରଙ୍କୁ ଠିକ୍ ଯୋଜନା ପ୍ରଣୟନ କରି ଦେଶ ବିକାଶକୁ ତ୍ୱରାନ୍ୱିତ କରିଥାଏ। ଏହି ଉତ୍ସବରେ ସାମଗ୍ରିକ ଭାବରେ ପରିସଂଖ୍ୟାନ କ୍ଷେତ୍ର କାର୍ଯ୍ୟରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ୨୦୨୪-୨୫ କୃଷି ବର୍ଷ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଯଥା ଘଟଗାଁ ବ୍ଲକର ପ୍ରବୋଧ କୁମାର ଜେନା, ଆନନ୍ଦପୁର ବ୍ଲକର ମଳୟ ରଞ୍ଜନ ପରିଡା, ପାଟଣା ବ୍ଲକର ସାଲଖାନ ସୋରେନ ଏବଂ ସେହିପରି ୨୦୨୫-୨୬ କୃଷି ବର୍ଷ ପାଇଁ ଉତ୍ତମ ପ୍ରଦର୍ଶନ ନିମନ୍ତେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଯଥା ଘଷିପୁରାର ବ୍ଲକର ସନାତନ ସାହୁ, ଯୁଗ୍ମ ଦ୍ୱିତୀୟରେ ଝୁମ୍ପୁରା ବ୍ଲକର ତାପସ କୁମାର ପ୍ରଧାନ ଓ ହରିଚନ୍ଦନପୁର ବ୍ଲକର ପ୍ରଦୀପ କୁମାର ଜେନା ଏବଂ କେନ୍ଦୁଝର ସଦର ବ୍ଲକର ଭାଗ୍ୟଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଇ ବୈଠକରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ର ସହ ନିର୍ଦ୍ଦେଶକ ଜୟରାମ ଟୁଡୁ, ପରିସଂଖ୍ୟାନ ଅଧିକାରୀ ଚନ୍ଦ୍ରମୋହନ ସିଂହ, ପବିତ୍ର ମୋହନ ନାୟକ, ସୁଶ୍ରୀ ଅନୁପମା ପାତ୍ର ବରିଷ୍ଠ ଅର୍ଥନୀତି ଅନୁସନ୍ଧାନକାରି ପୃଥ୍ୱୀରାଜ ସୋରେନ, ମାଧୁରୀ ପ୍ରିୟା ହନହଗା, ପ୍ରଶାନ୍ତ ପ୍ରଧାନ, ଅନୁସନ୍ଧାନକାରି ବିନ୍ଧିଆ ମୁଣ୍ଡା, ଦୋଳମଣି ହଂସ, ବିଷ୍ଣୁପ୍ରିୟା ଓଝା ଓ ଡିପିଏମୟୁର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରାଜ୍ୟ ବିଜେପି ସଭାପତି ନିର୍ବାଚନ, ମତଦାନ କରିବେ ଗିରିଶ ସାମଲ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ପକ୍ଷରୁ ଭାରତୀୟ ଜନତା ପାର୍ଟି ଯୁବନେତା ଗିରିଶ ଚନ୍ଦ୍ର ସାମଲ ମଙ୍ଗଳବାର ହେବାକୁ ଥିବା ରାଜ୍ୟ ବିଜେପି ସଭାପତି ନିର୍ବାଚନରେ ମତଦାନ କରିବେ। ଭୁବନେଶ୍ୱର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ତଥା ସଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଦ୍ୱାରା ରବିବାର ପ୍ରକାଶିତ ଚୁଡାନ୍ତ ମତଦାତା ତାଲିକାର ୩୩ନଂ କ୍ରମାଙ୍କରେ ସାମଲ ମତଦାତା ଭାବେ ଅର୍ନ୍ତଭୁକ୍ତ ହୋଇଥିବା ଜଣାଯାଇଛି। ୨୭୩ ଜଣ ବିଶିଷ୍ଟ ଏହି ତାଲିକାରେ ଭଦ୍ରକ ଜିଲ୍ଲାରୁ ୧୦ ଜଣ ମତଦାତା ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂସଦ ଅଭିମନ୍ୟୁ ସେଠୀ, ଦଳର ଜିଲ୍ଲା ସଭାପତି ଭଗବାନ ପଣ୍ଡା, ମଧୁସୂଦନ ପାଢୀ(ବାସୁଦେବପୁର), ଅମରେଶ ଚନ୍ଦ୍ର ନାୟକ (ଭଦ୍ରକ), ସୁରଜିତ କୁମାର ପାଲ (ଭଦ୍ରକ), ଦେବେନ୍ଦ୍ର କୁମାର ନାୟକ (ଧାମରା), ଭାରତୀ ବିଶ୍ୱାଳ(ଚାନ୍ଦବାଲି), ଅନନ୍ତ ବେହେରା (ତିହିଡି), ଦେବେନ୍ଦ୍ର ପୁହାଣ (ଧାମନଗର) ମତଦାତା ଭାବେ ତାଲିକାରେ ଅର୍ନ୍ତଭୁକ୍ତ ହୋଇଥିବା ଜଣାଯାଇଛି।

## ସମସ୍ୟାରେ ଗତି କରୁଛନ୍ତି ବାଉଁଶ କାରିଗର

- ବାଉଁଶ ସାମଗ୍ରୀ ପ୍ରସ୍ତୁତିକୁ କୁଟୀର ଶିଳ୍ପ ମାନ୍ୟତା ଦାବି
- ମିଳୁନି ତାଲିମ୍ କି ସରକାରୀ ଋଣ
- କୌଳିକ ବୃତ୍ତି ହରାଇ ମଜୁରୀ ଖଟୁଛନ୍ତି କାରିଗର



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଘର ତିଆରିଠୁ ଆରମ୍ଭ କରି ଘରକରଣା ଜିନିଷ ପର୍ଯ୍ୟନ୍ତ ସବୁଠି ବାଉଁଶର ଆବଶ୍ୟକତା ରହିଛି। ବାଉଁଶରୁ ତିଆରି ଟୋକେଇ, କୁଲା, ଡାଲା ଭଳି ବିଭିନ୍ନ ପ୍ରକାର ସାମଗ୍ରୀର ଚାହିଦା ଏବେ ବି ରହିଛି। ବ୍ରତଘର, ବିବାହ, ତୋରଣ ମନ୍ଦିର ପ୍ରତିଷ୍ଠା ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟରେ ବାଉଁଶକୁ ଲୋକେ ଖୋଜିଥାନ୍ତି। ହେଲେ ସରକାରୀ ପ୍ରୋତ୍ସାହନ ଓ ସହାୟତା ଅଭାବରୁ ବାଉଁଶ କାରିଗର ମାନେ ଆର୍ଥିକ ଅନଟନରେ ଜୀବନ ଜିଉଁଛନ୍ତି। ପ୍ଲାଷ୍ଟିକି ସାମଗ୍ରୀର ବିପୁଳ ବ୍ୟବହାର ବାଉଁଶ ଶିଳ୍ପୀଙ୍କ ବେଉସା ଉପରେ ପ୍ରଭାବ ପକାଇଛି। ଏଣୁ ଆଗକୁ ପ୍ରଦୂଷଣ ମୁକ୍ତ ବାଉଁଶ ତିଆରି ସାମଗ୍ରୀ ଦେଖିବାକୁ ମିଳିବନି। ଏହା ସତ୍ତ୍ୱେ ନିଜର କୌଳିକ ବୃତ୍ତିକୁ ଛାଡି ନାହାନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କରଞ୍ଜପୁର (ଗୋପାଳପୁର) ଓ କେନ୍ଦ୍ରାପଟି ଗ୍ରାମର ଶତାଧିକ କାରିଗର। ଯଦିଓ ଏହି ୨ ଗ୍ରାମରେ ପାଖାପାଖି ୨ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ମାତ୍ର କୌଳିକ ବୃତ୍ତିରେ ପେଟରେ ଭୋକ ନ ମେଣ୍ଟିବାରୁ ପ୍ରାୟ ଅଧିକାଂଶ ପରିବାର ମୂଲମଜୁରୀ ଲାଗୁଛନ୍ତି। କିନ୍ତୁ ବେଉସାକୁ ଆଦରି ପରିବାର ଚଳାଇବା କଷ୍ଟକର ହେଲେ ବି କାରିଗର ଶିବ ମଲ୍ଲିକଙ୍କ ପରିବାର ବାଉଁଶ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ତାଙ୍କ କହିବା କଥା ବାଉଁଶ ବଜାର ଦର ଅନୁସାରେ ସେଥିରୁ ତିଆରି ସାମଗ୍ରୀ ବିକ୍ରି କରି ଭଲ ଦି'ପଇସା ରୋଜଗାର ସମ୍ଭବ ନୁହେଁ। ଏମିତିକି ଅନେକ ପରିବାର ଏହି ବାଉଁଶ ସାମଗ୍ରୀ ତିଆରି କରିଥାନ୍ତି। ବେତ ଶିଳ୍ପ ଭଳି ବାଉଁଶରୁ ପ୍ରସ୍ତୁତ ସୋଫା, ଝୁଲା, ଟୁଲ ତିଆରି ହୋଇପାରିବ। ମାତ୍ର ଏଭଳି ସାମଗ୍ରୀ ପ୍ରସ୍ତୁତ ପାଇଁ ସରକାରୀ ତାଲିମ୍ ଓ ସରକାରୀ ଋଣ ବ୍ୟବସ୍ଥା କରାଯାଇ ପାରିଲେ ଭଲ ବ୍ୟବସାୟ ହେବ ବୋଲି ଶିବ ମଲ୍ଲିକ କହିଛନ୍ତି। ପାରମ୍ପରିକ ଡାଲା, ଟୋକେଇ, ବାଉଁଶିଆ ଅର୍ଡର ମୁତାବକ ପର୍ବପର୍ବାଣି ପାଇଁ ଛୋଟ ଛୋଟ ତୋରଣ ତିଆରି କରିଥାନ୍ତି। ଏବେ ପ୍ଲାଷ୍ଟିକିର ବହୁଳ ବ୍ୟବହାର ଯୋଗୁଁ କମ୍ ଦାମରେ ବାଉଁଶ ସାମଗ୍ରୀ ଲୋକେ ଚାହୁଁଛନ୍ତି। ଅର୍ଡର ସାମଗ୍ରୀକୁ ବାଦ ଦେଲେ ଅନ୍ୟ ସାମଗ୍ରୀ ନିକଟସ୍ଥ ଅସ୍ତରଙ୍ଗ ହାଟ ଓ ଗ୍ରାମାଞ୍ଚଳ ରେ ବୁଲି ବୁଲି ବିକିବାକୁ ପଡିଥାଏ। ବେତ ଶିଳ୍ପ ଭଳି ଯଦି ରାଜ୍ୟ ସରକାରଙ୍କ ପକ୍ଷରୁ ବାଉଁଶ ସାମଗ୍ରୀ ପ୍ରସ୍ତୁତ ପାଇଁ କୁଟୀର ଶିଳ୍ପ ଭଳି ପ୍ରୋତ୍ସାହନ ଯୋଗାଇ ଦିଆଯାନ୍ତା ତେବେ ଶହଶହ ପରିବାର ଓ ବାଉଁଶ କାରିଗର ଏଥିରେ ଉପକୃତ ହୁଅନ୍ତେ ବୋଲି ଶିବ ମଲ୍ଲିକ କହିଛନ୍ତି।

## ଗୋଦାବରୀଶ ଆବାସିକ ବିଦ୍ୟାଳୟ ନାମ ଚୟନ ପାଇଁ ଦାବିପତ୍ର



କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବ୍ଲକ ଅନ୍ତର୍ଗତ ପାଟବିଲ ଗ୍ରା.ପ. ବିଶିପୁର ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ଆବାସିକ ବିଦ୍ୟାଳୟ ନିମନ୍ତେ ଚୟନ ଦାବିରେ ଗ୍ରାମର ଯୁଧିଷ୍ଠିର ରଣଶିଆ ଓ ସୁଲୋଚନା ପଧୁରିଆଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ କରଞ୍ଜିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇଥିଲେ। ଦୀର୍ଘ ୨ଘଣ୍ଟାରୁ ଊର୍ଦ୍ଧ୍ୱସମୟ ଗୋଷ୍ଠୀ ଶିକ୍ଷା ଅଧିକାରିଣୀଙ୍କ ଅପେକ୍ଷା ପରେ ମଧ ସେ କାର୍ଯ୍ୟାଳୟକୁ ଆସି ନଥିଲେ କିମ୍ବା ଫୋନ ମଧ ଉଠଇ ନଥିଲେ। ଶେଷରେ ବାଧହୋଇ ଗ୍ରାମବାସୀ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଭଦ୍ରା ମହାନ୍ତଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମବାସୀଙ୍କ ଦାବି ଅନୁଯାୟୀ ବିଶିପୁର ରାଜସ୍ୱ ଗ୍ରାମରେ ହାରାହାରି ୨୦୦୦ରୁ ତଦୁର୍ଦ୍ଧ ଅଧିବାସୀ ବସବାସ କରୁଛନ୍ତି ଏବଂ ବିଶିପୁର ଉଚ୍ଚପ୍ରାଥମିକ ସ୍କୁଲରେ ଏବେ ପ୍ରାୟ ୨୦୦ ପିଲା ପଢୁଛନ୍ତି। ଏହି ଗ୍ରାମରେ ଅଧିକାଂଶ ଲୋକ ଆଦିବାସୀ ଓ ଦିନ ମଜୁରିଆ ଶ୍ରେଣୀର ଅଟନ୍ତି। ସେମାନେ ନିଜ ଗ୍ରାମରେ ବା ନିକଟବର୍ତ୍ତୀ ଗ୍ରାମରେ ଆବାସିକ ବିଦ୍ୟାଳୟ ନଥିବାରୁ ଛାତ୍ରଛାତ୍ରୀ ପାଠପଢ଼ାରେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏଣୁ ବିଶିପୁର ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ଆବାସିକ ବିଦ୍ୟାଳୟ ନିମନ୍ତେ ଚୟନ ଦାବୀରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଦାବିପତ୍ର ପ୍ରଦାନ ସମୟ ରେ କୁନି ଦାସ, ଜାଇ ନାଏକ, ବାବୁଲା ଦାସ, ବାସୁଦେବ ରାମଜୁଡ଼ିଆ, ରମାକାନ୍ତ ମହାନ୍ତଙ୍କ ସମେତ ଶତାଧିକ ଅଭିଭାବକ ଉପସ୍ଥିତ ଥିଲେ ଦାବିପତ୍ର ଗ୍ରହଣ କରିବା ପରେ ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରିଣୀ ସୁଭଦ୍ରା ମହାନ୍ତ ଉପସ୍ଥିତ ଅଭିଭାବକ ଓ ଗ୍ରାମବାସୀଙ୍କୁ ଦାବିପତ୍ରକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯିବ ବୋଲି ସୂଚନା ଦେଇଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଗ୍ରାମବାସୀ ଓ ଅଭିଭାବକ ବୃନ୍ଦ ପୂର୍ବରୁ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ହୋଇ ବିଶିପୁର ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭାବେ ଚୟନ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ।

## ସୁରଜିତ ମହାନ୍ତିଙ୍କ ପରଲୋକ



ମାହାଙ୍ଗା, (ଭାସ୍କର ନ୍ୟୁଜ୍): ମାହାଙ୍ଗା ଥାନା ଅନ୍ତର୍ଗତ ଜଲେଶ୍ୱରପୁର ପଞ୍ଚାୟତ ଅଧୀନ ଜଲେଶ୍ୱରପୁର ମହାନ୍ତି ସାହି ଗ୍ରାମର ସୁରଜିତ କୁମାର ମହାନ୍ତି (୫୪)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ଗତ କିଛିଦିନ ହେବ କର୍କଟ ରୋଗରେ ପୀଡିତ ଥିଲେ। ତାଙ୍କର କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିବା ଜଣାଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ସାନ ଭାଇ ତନ୍ମୟ କାନୁନଗୋ ମୁଖାଗ୍ନି ଦେଇଥିଲେ। ତାଙ୍କର ଶେଷକୃତ୍ୟ ସମୟରେ ବନ୍ଧୁ, ପରିବାର ବର୍ଗଙ୍କ ସମେତ ଜ୍ଞାନେନ୍ଦ୍ର ମହାନ୍ତି, ସ୍ନେହାସ ମହାନ୍ତି, ମାନସରଞ୍ଜନ ମହାନ୍ତି, ରଶ୍ମିରଂଜନ ମହାନ୍ତି, ବିଶ୍ୱଜିତ ମହାନ୍ତି, ସମ୍ବିତ ମହାନ୍ତି, ଦୁର୍ଗାଚରଣ ମହାନ୍ତି, ବିଶ୍ୱଜିତ ଦାସ, ଶ୍ରୀକାନ୍ତ ମହାନ୍ତି, ତାପସ ମହାନ୍ତି, ବଦ୍ରିପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସୁରଜିତଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଚିନ୍ତନ ବୈଠକ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଏକ ଜିଲ୍ଲା ସ୍ତରୀୟ ଚିନ୍ତନ ବୈଠକ ପବ୍ଲିକ ରିଡିଙ୍ଗ ରୁମ୍ ପରିସରରେ ଆୟୋଜିତ ହୋଇଯାଇଛି। ସଂଗଠନର ବରିଷ୍ଠ ସଭଣ କୈଳାସ ଚନ୍ଦ୍ର ମଲିକଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ପର୍ଯ୍ୟବେକ୍ଷକ ରୂପେ ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ଯୋଗଦେଇ ନିଶା ନିବାରଣ ଆଇନ କାର୍ଯ୍ୟକାରୀ କରିବାରେ ରାଜ୍ୟବାସୀଙ୍କ ପ୍ରତି ସରକାରଙ୍କ ପ୍ରତାରଣା ବିରୋଧରେ କେନ୍ଦ୍ରାପଡ଼ରୁ ଲଢେଇର ବିଗୁଲ୍ ଫୁଙ୍କି ଥିଲେ। ସଂଗଠନର ମହିଳା ଶାଖା ସଭାପତି ଅପର୍ଣ୍ଣା ନାୟକ ନିଶା ପ୍ରସାର ନୀତି ଯୋଗୁ ମହିଳାମାନଙ୍କ ଦୟନୀୟ ସ୍ଥିତି ପାଇଁ ସରକାରଙ୍କୁ ଦାୟୀ କରିଥିଲେ। ଚିନ୍ତନ ସଭାର ଆଲୋଚନା ଆରମ୍ଭ କରି ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳ ସରକାରଙ୍କ ଛଳନାପୂର୍ଣ୍ଣ ନିଶାମୁକ୍ତି ସଚେତନତା ସାଧାରଣ ଜନତାଙ୍କ ପ୍ରତି ଏକ ଧୋକ୍କାବାଜି ବୋଲି ଅଭିହିତ କରିବା ସହ ଆସନ୍ତା ଚାରିମାସ ମଧ୍ୟରେ ସରକାର ନିଶା ନିବାରଣ ଆଇନ କାର୍ଯ୍ୟକାରୀ ନକରିଲେ ନଭେମ୍ବର ମାସରୁ ସଂଗଠନ ପ୍ରତିରୋଧ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦେଇଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକର ନେତୃତ୍ୱମାନଙ୍କ ମଧ୍ୟରୁ ବୀରେନ୍ଦ୍ର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ନନ୍ଦ, ଦିଲ୍ଲୀପ କୁମାର ନାୟକ, ସୋହାନା ବେଗମ୍, ଦ୍ରୌପଦୀ ରାଉତ, ସୁଜାତା ସାମନ୍ତରାୟ, ମନୋଜ ମହାନ୍ତି, ସସ୍ମିତା ବେହେରା, ସସ୍ମିତା ଦାସ, ଚନ୍ଦନ ଲେଙ୍କା, ଉଦିତ୍ ପ୍ରସାଦ ଲେଙ୍କା, ରାଜେନ୍ଦ୍ର ମଲିକ, ଅକ୍ଷୟ କୁମାର ବେହେରା, ମାନସ କୁମାର ଓଝା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆଗାମୀ ଆନ୍ଦୋଳନ ପାଇଁ ଆସନ୍ତା ଜୁଲାଇ ମାସ ମଧ୍ୟରେ ବ୍ଲକ ସ୍ତରୀୟ ଓ ସେପଟେମ୍ବର ମଧ୍ୟରେ ପଞ୍ଚାୟତ ସ୍ତରୀୟ ପ୍ରସ୍ତୁତି ବୈଠକ ଶେଷ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଶେଷରେ ବିଷ୍ଣୁ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, ଡ. ଚୈତନ୍ୟ ଚରଣ ପରିଡା, ଭାଗୀରଥି ଜେନା, ମୁକ୍ତାର ଖାଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ଦୁଇ ଭାଇଙ୍କ ଘର ଭାଙ୍ଗିଲା



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଚଳିତ ଲଗାଣବର୍ଷାରେ କରଞ୍ଜିଆ ବାସୀ ବେହାଲ ହୋଇପଡିଛନ୍ତି। ଏହି ବ୍ଲକର ବିଭିନ୍ନ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେଥିରୁ ବଡଦେଉଳି ଗ୍ରାମ ପଞ୍ଚାୟତ ସରଧା ଗ୍ରାମରେ ଗୋଟିଏ ପରିବାରର ଦୁଇ ଭାଇଙ୍କ ଘର କାନ୍ଥ ଭାଙ୍ଗିଯାଇଛି, ଅଳ୍ପକେ ଜୀବନ ବଞ୍ଚିଯାଇଛି। ସୂଚନା ଅନୁଯାୟୀ ଶନିବାର ରାତ୍ରରେ ପ୍ରଚୁରମାତ୍ରାରେ ବର୍ଷା ହେବାରୁ ସରଧା ଗ୍ରାମର କ୍ଷେତ୍ର ମୋହନ ନାଏକ ଓ ଶିରିଶ ଚନ୍ଦ୍ର ନାଏକଙ୍କ ଖପର ଘରର କାନ୍ଥ ଭାଙ୍ଗିଯାଇଛି। ହେଲେ ଘରେ ଶୋଇଥିବା ପରିବାର ଲୋକଙ୍କ କ୍ଷୟକ୍ଷତି ହୋଇ ନଥିବା ଜଣାପଡ଼ିଛି। କାନ୍ଥ ପଡ଼ିବା ସ୍ଥାନରେ କ୍ଷେତ୍ର ନାଏକଙ୍କ ପୁଅ ଭାଲୁ ନାଏକ ଶୋଇଥିଲେ। ହଠାତ କାନ୍ଥ ପଡିଯିବାରୁ ଭୟଭିତ ହୋଇ ଦୌଡି ବାହାରି ଆସିଥିଲେ। ସୂଚନା ଥାଉକି କ୍ଷେତ୍ର ମୋହନ ନାଏକ ଓ ଶିରିଶ୍ ଚନ୍ଦ୍ର ନାଏକ ଉଭୟ ଶ୍ରମିକ ଶ୍ରେଣୀର ଅଟନ୍ତି। ଏବେ ଦୁଇ ଭାଇ ଶଯ୍ୟାଶାୟୀ। ତେଣୁ ପରିବାରଙ୍କୁ ତୁରନ୍ତ ସାହଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀମାନେ ସରକାରଙ୍କ ପାଖରେ ଦାବି କରିଛନ୍ତି।

ଓଡ଼ିଶା ଭାସ୍କର ODISHA BHASKAR

# ରାଜ୍ୟ ଖବର

ପୃଷ୍ଠା- ୧୦ Page- 10 ଭୁବନେଶ୍ୱର Bhubaneswar ୩୦.୦୬.୨୦୨୫ 30.06.2025



ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଗୋଲକାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଶ୍ରୀ ଦଧିବାମନଜୀଉଙ୍କ ରଥ ଆଜି ସନ୍ଧ୍ୟାରେ ମାଉସୀମା ମନ୍ଦିର ଚକଡ଼ା ଲାଗିଛି। ବିଧି ଓ ପରମ୍ପରା ଅନୁଯାୟୀ ଗତକାଲି ଅପରାହ୍ନରେ ଗୋଟି ପହଣ୍ଡିରେ ମନ୍ଦିରର ସେବାୟତମାନେ ଶ୍ରୀଜୀଉଙ୍କୁ ଗୋଟି ପହଣ୍ଡିରେ ଆଣି ରଥାରୂଢ଼ କରିଥିଲେ। ପରେ ମଙ୍ଗଳାର୍ପଣ ସହ ଛେରାପହଁରା କାର୍ଯ୍ୟକରିବା ସହ ଶ୍ରୀଜୀଉଙ୍କ ରଥକୁ ଅଳ୍ପ କିଛିବାଟ ଟଣାଯିବା ପରେ ପ୍ରଥମ ଦିନ ହୋଇଥିଲା। ତେବେ ରବିବାର ଅପରାହ୍ନରେ ହଜାରହଜାର ଶ୍ରଦ୍ଧାଳୁ ପୁନର୍ବାର ଶ୍ରୀ ଦଧିବାମନଜୀଉଙ୍କ ରଥକୁ ଟାଣି ଟାଣି ନେଇ ମାଉସୀମା ମନ୍ଦିର ଚକଡ଼ାରେ ଲଗାଇ ଦେଇଥିଲେ। ଏହି ଅବସରରେ ରଥଦାଣ୍ଡ ଲୋକାରଣ୍ୟ ହୋଇ ଉଠିଥିଲା। ରଥ ଟଣା ସମୟରେ ଶ୍ରୀଜୀଉଙ୍କ ରଥ ସମ୍ମୁଖରେ ବାଜା, ସଂକୀର୍ତ୍ତନ, ଘଣ୍ଟ ଏବଂ ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳି ଧ୍ୱନୀରେ ରଥଦାଣ୍ଡକୁ ପ୍ରକମ୍ପିତ କରି ଦେଇଥିଲା। ପରମ୍ପରା ଅନୁଯାୟୀ ରଥାରୂଢ଼ ଠାକୁରଙ୍କୁ ବିଭିନ୍ନ ସ୍ଥାନରେ ଭୋଗଲାଗି କରାଯାଇଥିଲା। ତେବେ ସନ୍ଧ୍ୟାରେ ରଥ ଉପରେ ଶ୍ରୀଜୀଉଙ୍କ ସମସ୍ତ ନିତିକାନ୍ତି କରାଯିବା ପରେ ପୂଜକ ଓ ସେବାୟତମାନେ ଗୋଟି ପହଣ୍ଡିରେ ଶ୍ରୀଜୀଉଙ୍କୁ ମାଉସୀମା ମନ୍ଦିରରେ ଥିବା ସିଂହାସନରେ ବିଜେ କରାଇଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ଡେରାବିଶ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ସମସ୍ୟା ଘେରରେ କୁଳ ସୁକରପଡା ସରକାରୀ ଉଚ୍ଚ ବିଦ୍ୟାଳୟ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ଶିକ୍ଷାକୁ ସାର୍ବଜନୀନ ଓ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରାଇବା ନିମନ୍ତେ ସରକାର ସମଗ୍ର ଶିକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ, ପୋଷାକ, ଜୋତା ଓ ମୋଜା ଯୋଗାଇ ଦେଉଛନ୍ତି। ବିଦ୍ୟାଳୟ ଗୃହକୁ ସର୍ବାଙ୍ଗ ସୁନ୍ଦର ରୂପେ ଗଢି ତୋଳିବା ପାଇଁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ସରକାର ବିଦ୍ୟାଳୟର ଭିତ୍ତିଭୂମି ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ବିଦ୍ୟାଳୟରେ ଶିକ୍ଷକ ଅଭାବ ଜନିତ ସମସ୍ୟା ପ୍ରତି ଗୁରୁତ୍ୱାରୋପ କରୁନଥିବା କାରଣରୁ ଛାତ୍ରାଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ଏକ ନଗ୍ନ ନମୁନା ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଡୋଳୋ ଗ୍ରାମପଞ୍ଚାୟତ କୁଳସୁକରପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ଶିକ୍ଷକ ଅଭାବ ଜନିତ କାରଣରୁ ଶିକ୍ଷାଦାନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବାର ଛାତ୍ରାଭିଭାବକ ମହଲରେ ଅଭିଯୋଗ ହୋଇଛି। କୁଳସୁକରପଡା ସରକାରୀ ଉଚ୍ଚ ବିଦ୍ୟାଳୟ ଗତ ୧୯୮୦ ମସିହାରେ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୦ଟି ଶ୍ରେଣୀ ରହିଛି। ଏହି ଶ୍ରେଣୀରେ ୧୧୮ଜଣରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଚଳିତ ବର୍ଷ ସରକାରଙ୍କ ତରଫରୁ ଏହି ବିଦ୍ୟାଳୟରେ ବାଳ ବାଟିକା ଶ୍ରେଣୀ ନୂତନ ଭାବେ ଖୋଲାଯାଇଛି। ତେବେ ବାଲ ବାଟିକାକୁ ମିଶାଇଲେ ବିଦ୍ୟାଳୟରେ ୧୧ଟି ଶ୍ରେଣୀ ରହିଛି। ଏହି ୧୧ଟି ଶ୍ରେଣୀ ନିମନ୍ତେ ଅତିକମରେ ୧୧ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିବା କଥା। ଏହି ସରକାରୀ ଉଚ୍ଚ ବିଦ୍ୟାଳୟରେ ମାତ୍ର ୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରମେଶ ଚନ୍ଦ୍ର ଦାସ ଗତ ୭ବର୍ଷ ହେଲା କାର୍ଯ୍ୟରୁ ଅବସରଗ୍ରହଣ କଲେଣି। ଅଦ୍ୟାବଧି ଏହି ବିଦ୍ୟାଳୟକୁ ତାଙ୍କ ବଦଳରେ କୌଣସି ନୂତନ ହିନ୍ଦୀ ଶିକ୍ଷକ ଯୋଗାଇ ନଥିବାର ଅଭିଯୋଗ ହୋଇଛି। ସରକାର ରାଷ୍ଟ୍ରଭାଷା ହିନ୍ଦୀର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ଏହି ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ନଥିବା କାରଣରୁ ଛାତ୍ରଛାତ୍ରୀମାନେ ହିନ୍ଦୀ ଶିକ୍ଷା ଲାଭରୁ ବଞ୍ଚିତ ହେଉଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଏହି ବିଦ୍ୟାଳୟର ଦେବଭାଷା ସଂସ୍କୃତ ଶିକ୍ଷକ ହରିହର ମହାପାତ୍ର ଗତ ୨୦୧୯ ମସିହା ଜୁଲାଇ ମାସରୁ କାର୍ଯ୍ୟରୁ ଅବସର ଗ୍ରହଣ କଲେଣି। ତାଙ୍କ ବଦଳରେ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସଂସ୍କୃତ ଶିକ୍ଷକ ଯୋଗାଇ ଦିଆଯାଇନାହିଁ। ଫଳରେ ଛାତ୍ର ଛାତ୍ରୀମାନେ ସଂସ୍କୃତଭାଷା ଶିକ୍ଷା ଲାଭରୁ ବଞ୍ଚିତ ହେଉଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ କୁଳୁକପଡା କନାଳ ନେରେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିରେଖା ପାଢ଼ୀଙ୍କୁ ସପ୍ତାହକୁ ମାତ୍ର ଦୁଇ ଦିନ ଏହି ବିଦ୍ୟାଳୟକୁ ସଂସ୍କୃତ ଶିକ୍ଷା ଦେବା ନିମନ୍ତେ ଆସୁଥିବାର ଜଣାଯାଇଛି। ସେହିପରି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ଶେଖର ସାମଲ ଦୀର୍ଘ ଦିନ ହେଲା କାର୍ଯ୍ୟରୁ ଅବସର ଗ୍ରହଣ କରିସାରିଲେଣି। ତାଙ୍କ ବଦଳରେ ଏପର୍ଯ୍ୟନ୍ତ କୌଣସି ନୂତନ ପ୍ରଧାନ ଶିକ୍ଷକ ଯୋଗାଇ ଦିଆଯାଇନଥିବାର ଅଭିଯୋଗ ହୋଇଛି। ସ୍ଥାୟୀ ପ୍ରଧାନ ଶିକ୍ଷକ ନଥିବା କାରଣରୁ ବିଦ୍ୟାଳୟର ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ବିଦ୍ୟାଳୟର ବରିଷ୍ଠ କିରାଣୀ ନରହରି ରାଉତ ଦୀର୍ଘ ଦିନ ହେଲା କାର୍ଯ୍ୟରୁ ଅବସର ଗ୍ରହଣ କରିସାରିଲେଣି। ତାଙ୍କ ବଦଳରେ କୌଣସି ନୂତନ କିରାଣୀ ଯୋଗାଇ ଦିଆଯାଇ ନାହିଁ। କିରାଣୀ ପଦବୀ ଖାଲି ପଡିଥିବା କାରଣରୁ ବିଦ୍ୟାଳୟର ସରକାରୀ କାଗଜପତ୍ର ପ୍ରସ୍ତୁତି, ଛାତ୍ରଛାତ୍ରୀଙ୍କ ନାମଲେଖା ସମେତ ବିଭିନ୍ନ କାର୍ଯ୍ୟରେ ବାଧାସୃଷ୍ଟି ହେଉଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ବିଦ୍ୟାଳୟର ୩ଜଣ ପିଅନଙ୍କ ମଧ୍ୟରୁ ଦୁଇଜଣ କାର୍ଯ୍ୟରୁ ଅବସର ଗ୍ରହଣ କରିସାରିଲେଣି। ଏକମାତ୍ର ଥିବା ପିଅନ ଆଉ ୬ମାସରେ କାର୍ଯ୍ୟରୁ ଅବସର ଗ୍ରହଣ କରିବେ। ଫଳରେ ଏହି ବିଦ୍ୟାଳୟ ପିଅନଶୂନ୍ୟ ହୋଇପଡିବ। ତେବେ ଏହି ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ପଦବୀ ଗୁଡିକର ପୂରଣ ନିମନ୍ତେ ପ୍ରଶାସନିକ ସ୍ତରରେ ଆନ୍ତରିକତା ପ୍ରକାଶ ପାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତୁରନ୍ତ ଏହି ବିଦ୍ୟାଳୟର କର୍ମଚାରୀ ପଦବୀ ପୂରଣ କରାଯିବା ନିମନ୍ତେ ଛାତ୍ରାଭିଭାବକ ମହଲରେ ଦୃଢ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଛାତ୍ର ଛାତ୍ରୀମାନେ ବାଧ୍ୟ ହୋଇ ଆନ୍ଦୋଳାନାତ୍ମକ ପନ୍ଥା ଅବଲମ୍ବନ କରିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି।

## କୁମ୍ଭୀର ସହ ସଂଘର୍ଷ କରି ଅଳ୍ପକେ ବର୍ତ୍ତିଲେ ବୃଦ୍ଧ



ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ସିଙ୍ଗିରି - ଶ୍ରୀରାମପୁର ଘାଟ ନିକଟରେ ଆଜି ଅପରାହ୍ନରେ ପଟ୍ଟାମୁଣ୍ଡାଇ ଶ୍ରୀରାମପୁର ପାଳପାଟଣା ଗ୍ରାମର ସନାତନ ମାଝୀଙ୍କ ପୁଅ ରମେଶ ମାଝୀ ଶୌଚ ହେବାକୁ ଯାଇଥିବା ସମୟରେ ଏକ କୁମ୍ଭୀର ଆକ୍ରମଣର ଶିକାର ହୋଇଥିଲେ। ନଦୀରେ ଶୌଚ ହେବା ସମୟରେ କୁମ୍ଭୀର ତାଙ୍କୁ ଆକ୍ରମଣ କରିବା ସମୟରେ ସେ କୁମ୍ଭୀର ସହ ଦୀର୍ଘସମୟ ଧରି ସଂଘର୍ଷ କରିବା ପରେ ସୌଭାଗ୍ୟବଶତଃ କୁମ୍ଭୀରର କବଳରୁ ମୁକୁଳି ଯାଇଥିଲେ। ଆହତ ରମେଶ ନଦୀକୂଳରେ ପଡ଼ି ଜୀବନ ବଞ୍ଚେଇବା ପାଇଁ ଚିତ୍କାର କରୁଥିଲେ। ସେହି ସମୟରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ସଡ଼କ ବନ୍ଧୁ ସୁଶାନ୍ତ ତରାଇ ତାଙ୍କର ଏକ କାର୍ଯ୍ୟ ନେଇ ଘାଟ ପାରି ହେଉଥିବା ସମୟରେ ରମେଶଙ୍କ ଚିତ୍କାର ଶୁଣି ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର କରିବା ପରେ ସୁଶାନ୍ତ ସେହିଠାରେ ତାଙ୍କର ପ୍ରଥମେ ପ୍ରାଥମିକ ଚିକିତ୍ସା କରାଇ ତାଙ୍କୁ ନିଜ ସ୍କୁଟି ଯୋଗେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କର ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେଇ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ପଠାଇଥିବା ସୂଚନା ମିଳିଛି।

## ଦେଓ ନଦୀବନ୍ଧରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଚଳିତ ମୌସୁମୀ ଲଗାଣ ବର୍ଷାରେ ଦେଓ ନଦୀବନ୍ଧର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଭଣ୍ଡାରର ଅଧିକ ଜଳ ନିଷ୍କାସନ ନିମନ୍ତେ ବିଭାଗ ପ୍ରସ୍ତୁତ ହୋଇ ବନ୍ଧ ତଳିଆ ଅଞ୍ଚଳର ବାସିନ୍ଦାଙ୍କୁ ଡାକବାଜି ସାହାଯ୍ୟରେ ସତର୍କ ସୂଚନା ପ୍ରଦାନ କରି ରବିବାର ସକାଳ ୯.୩୦ମିନିଟରେ ବନ୍ଧରୁ ୨୧୨ କ୍ୟୁସେକ (ଘନ ମିଟର) ଜଳକୁ ୩ଟି ଗେଟ ଖୋଲି ନିଷ୍କାସନ କରାଯାଇଅଛି। ରବିବାର ଥିଲା ଚଳିତ ବର୍ଷ ବନ୍ଧରୁ ପ୍ରଥମ ଜଳ ନିଷ୍କାସନ, ଜଳ ନିଷ୍କାସନ ନିମନ୍ତେ ଦେଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅଜୟ କୁମାର ସେଠି ବନ୍ଧ ଅଧିକ୍ଷଣ ଯନ୍ତ୍ରୀ ଇ ସୁରଜ କୁମାର ପାତ୍ର ଭଗବାନ ନାଏକ କେନାଲ ଡ଼ିଭିଜନ ର ଅଧିକ୍ଷଣ ଯନ୍ତ୍ରୀ ଶୁଭବେଳ ଦେଖି ପୁଜା ପାଠ ସାରି ଗେଟ୍ ଖୋଲିଥିଲେ। ଏଥିରେ ଅନ୍ୟ କର୍ମଚାରି ମାନେ ଉପସ୍ଥିତ ଥାଇ ସହଯୋଗ କରିଥିଲେ।

## ଡାବୁଗାଁ ୟୁନିଅନ ବ୍ୟାଙ୍କ୍ ରାସ୍ତା ଅବସ୍ଥା ଶୋଚନୀୟ



ନବରଙ୍ଗପୁର, (ଭାସ୍କର ନ୍ୟୁଜ): ଓଡିଶା ଭାସ୍କରରେ ଖବର ପ୍ରସାରଣ ପରେ ପଛପଟ ରାସ୍ତାର ପୋଲକୁ ସରକାର ୩ରୁ ୪ଦିନ ମଧ୍ୟରେ ସମାପ୍ତ କରିଥିଲେ। କିନ୍ତୁ ମୁଖ୍ୟ ରାସ୍ତା ପୋଲ ଉପରେ କାହାର ନଜର ପଡୁନି। ସାପ୍ତାହିକ ହାଟକୁ ଲୋକ ସେହି ରାସ୍ତା ଦେଇ ଯିବାଆସିବା କରନ୍ତି। ଗାଈ, ଗୋରୁ, ଛେଳି, ମେଣ୍ଢାଙ୍କୁ ମଧ୍ୟ ସେହି ରାସ୍ତା ଦେଇ ବେପାରୀ ମାନେ ନେଇଥାନ୍ତି। ଡାବୁଗାଁର ପ୍ରତ୍ୟେକ ସାହିରେ ଷ୍ଟ୍ରୀଟଲାଇଟ ଅଛି, କିନ୍ତୁ ସେହି ସାହିର ଲୋକ ଏବେ ମଧ୍ୟ ଅନ୍ଧାରରେ ରହୁଛନ୍ତି। ନୂତନ ଭାବରେ ନିର୍ମିତ ମୈଦାଲପୁର ଠାରୁ ଛତିଶଗଡ ରାଜ୍ୟକୁ ଯୋଗାଯୋଗ କରୁଥିବା ରାସ୍ତା ସଠିକ ଭାବରେ ନିର୍ମିତ ହୋଇଛି। କିନ୍ତୁ ରାସ୍ତା କାମ ସମାପ୍ତ ହେବା ପରେ ପ୍ରତ୍ୟେକ ସାହି, ରାସନ ଦୋକାନ, ଔଷଧ ଦୋକାନ, +୨ର ଘରୋଇ ଶିକ୍ଷାକେନ୍ଦ୍ର, ବିପରୀତ ଦିଗରେ ମଧ୍ୟ ବହୁତ ଗୋଡିଏ ଦୈନନ୍ଦିନ ବ୍ୟବହାର ଉପଯୋଗ କାରି ଦୋକାନ ରହିଛି। ଓଡିଶା ଭାସ୍କରରେ ପ୍ରସାରଣ ପରେ ରାସ୍ତା ଏବଂ ସରକାରୀ ନାଳ ପ୍ରସ୍ତୁତ ହୋଇଥିଲା କିନ୍ତୁ ରାସ୍ତା କାମ ସମ୍ପୂର୍ଣ୍ଣ ଶେଷ ହେବା ପରେ ଆବର୍ଜନା ଯିବା ନାଳ ନିର୍ମିତ ହୋଇଥିଲା। ସେହି ଆବର୍ଜନା ଯିବା ପାଇଁ ଯେଉଁ ନାଳ ପୋଲ ନିର୍ମିତ ହୋଇଥିଲା ତାହାର ଉଚ୍ଚତା ରାସ୍ତା ଠାରୁ ଅଧିକ ହୋଇଯିବା କାରଣରୁ କାର, ବଡ ଗାଡି, ଏମିତିକି ବାଇକ ଯିବା ମଧ୍ୟ କଷ୍ଟ ହୋଇଯାଉଛି। ଯାହାଦ୍ୱାରା କି ବହୁତ ଦୁର୍ଘଟଣା ଘଟୁଛି। ତେଣୁ ସ୍ଥାନୀୟ ବାସିନ୍ଦା ସରପଞ୍ଚଙ୍କୁ ଦାବି କଲେ ମଧ୍ୟ କୌଣସି କାର୍ଯ୍ୟ ହେଉ ନାହିଁ। ସରକାର ସେହି ନାଳ ଉପରେ ନିର୍ମିତ ପୋଲ ଏବଂ ଷ୍ଟ୍ରୀଟଲାଇଟଗୁଡ଼ିକୁ ଠିକ ଭାବେ ନିର୍ମାଣ ନହେଲେ ବହୁତ ଲୋକ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହାରିବେ। ସେହି ସାହି ଅନ୍ଧାରରେ ଥିବାରୁ ଚୋରି ଡକାୟତି ମଧ୍ୟ ଘଟୁଛି। ଯଥାଶିଘ୍ର ସରକାର ସେହି ପୋଲଗୁଡିକର ମାରାମତି କରାନ୍ତୁ ଏବଂ ଷ୍ଟ୍ରୀଟଲାଇଟର ବ୍ୟବସ୍ଥା କରନ୍ତୁ। ସେହି ନାଳର ପୋଲଟି ରାସ୍ତାଠାରୁ ଉଚ୍ଚରେ ଥିବାରୁ ବର୍ଷା ହେଲେ ପାଣି ଭର୍ତ୍ତି ହୋଇ କୃତ୍ରିମ ପୋଖରୀ ସୃଷ୍ଟି କରୁଛି। ବର୍ଷା ହେଲେ ସେହି ରାସ୍ତା ଦେଇ ଯିବାଆସିବା କରିବା ଅସମ୍ଭବ। ସେହି ସାହିର ଲୋକଙ୍କ କହିବା କଥା କି ଯଦି ସରକାର କିଛି ପଦକ୍ଷପ ନ ନିଅନ୍ତି, ନିଜ ନିଜ ଭିତରେ ଚାନ୍ଦା କରି ସେହି ରାସ୍ତାକୁ ସଜାଡ଼ିବେ। ସେହି ସାହିରେ ଶହେରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ସାମାନ୍ୟ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି ମଧ୍ୟ ପସିପାରୁ ନାହିଁ। ଏବେ ବର୍ଷା ଦିନ ଆସିଲାଣି ଯଦି କୌଣସି କାରଣରୁ କେଉଁଠି ନିଆଁ ଲାଗେ କିମ୍ବା କୌଣସି ପରିବାର ଝାଡାବାନ୍ତିର ସମ୍ମୁଖୀନ ହୁଅନ୍ତି, ତେବେ ଜୀବନ ଯିବା ନିଶ୍ଚିତ। ସ୍ଥାନୀୟ ବାସିନ୍ଦାଙ୍କ ଦାବି ଯେ ଦୟାକରି ସେହି ସାହିର ପୋଲ ଏବଂ ଷ୍ଟ୍ରୀଟଲାଇଟ ନିର୍ମାଣ କରନ୍ତୁ ଏବଂ ଆମ୍ବୁଲାନ୍ସ ଏବଂଅଗ୍ନିଶମ ଗାଡି ଯିବା ପାଇଁ ରାସ୍ତା ସମ୍ପ୍ରସରଣ କରନ୍ତୁ।

## ଘାସଚାଷ ନିମନ୍ତେ ଚାଷୀଙ୍କୁ ପ୍ରଶିକ୍ଷଣ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡା ଆତ୍ମା ପକ୍ଷରୁ ଝାରପଡା କଲ୍ୟାଣୀ ମଣ୍ଡପରେ ଘାସଚାଷ ନିମନ୍ତେ ଚାଷୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଆତ୍ମା ଅଧ୍ୟକ୍ଷ ପ୍ରଦୀପ କୁମାର ପାତ୍ର ଯୋଗ ଦେଇଥିବା ବେଳେ କଣ୍ଟାପଡା ବିଡିଓ ମୃତ୍ୟୁଞ୍ଜୟ ବେଉରା, କଣ୍ଟାପଡା ବ୍ଲକ ସଂସଦକ ପ୍ରତିନିଧି ସଂଗ୍ରାମ ପଟ୍ଟନାୟକ, ଭିଏସ ସନ୍ଦୀପନା ଏକ ଉପସ୍ଥିତ ରହି କିଭଳି ଘାସ ଚାଷ କରାଗଲେ, ଡ଼ାଇରୀ ଫାର୍ମ, କରିଥିବା ଚାଷୀ ଓ ଘରେ ଗାଈ ରଖି ଚଳୁଥିବା ଚାଷୀମାନେ କିପରି ଉପକୃତ ହେବେ ଏ ନେଇ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାର ପକ୍ଷରୁ କାମଧେନୁ ଯୋଜନାରେ କିଭଳି ଚାଷୀମାନେ ଉପକୃତ ହେବେ ଏନେଇ ଆଲୋଚନା କରାଯାଇଥିଲା। ଆତ୍ମାର ସହଯୋଗରେ ଚାଷୀମାନେ କିପରି ଉପକୃତ ହେବେ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଚାଷୀମାନେ ଅନ୍ୟାନ୍ୟ ସୁବିଧା କିପରି ପାଇବେ ତାହା ମଧ୍ୟ ଆଲୋଚନା କରାଯାଇଥିଲା। ଚାଷୀ କିଶୋର ବେହେରା ବିଜୟ ଭୋଇ, ବିଳାସଜେନା, ସଂଜିବ ବିଶ୍ୱାଳ, ରମେଶରାଉଳ, ବସୁ ରାଉଳ, ସୁଦର୍ଶନ ଜେନା, ସୀମିତ ଶହେରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହିଥିଲେ।

## ସନଫିଷ୍ଟ ମାରୀ ଲାଇଟ୍ ଆଣିଛି ଶୀତଳ 'ସୂର୍ଯ୍ୟ ବରଦାନ'



ପୁରୀ, (ଭାସ୍କର ନ୍ୟୁଜ): ପୁରୀ ରଥଯାତ୍ରା ଭାରତର ସବୁଠାରୁ ପୂଜ୍ୟ ଆଧ୍ୟାତ୍ମିକ ଉତ୍ସବ ମଧ୍ୟରୁ ଗୋଟିଏ-ଏହା ଏଭଳି ଏକ ମୁହୂର୍ତ୍ତ ଯେତେବେଳେ ଲକ୍ଷ ଲକ୍ଷ ଲୋକ ପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥ ଅନୁସରଣ କରି ଅଟଳ ବିଶ୍ୱାସରେ ଏକାଠି ଚାଲିଥାନ୍ତି। ସନଫିଷ୍ଟ ମାରୀ ଲାଇଟ୍ ଚଳିତ ବର୍ଷ ଏହି ଚିରନ୍ତନ ପରମ୍ପରାକୁ ଏକ ଚିନ୍ତନଶୀଳ ଢଙ୍ଗରେ ସମର୍ଥନ କରୁଛି। ରଥଯାତ୍ରା ସମୟରେ ତୀର୍ଥଯାତ୍ରୀମାନେ ପ୍ରଖର ସୂର୍ଯ୍ୟକିରଣକୁ ଦୀର୍ଘ ସମୟ ସହ୍ୟ କରୁଥିବା ବେଳେ, ସନଫିଷ୍ଟ ସୂର୍ଯ୍ୟ ବରଦାନ ଏକ ଆଶ୍ୱସ୍ତି ଏବଂ ଶ୍ରଦ୍ଧାର ପ୍ରତୀକ ଭାବରେ ଉଭା ହୋଇଛି। ବ୍ରାଣ୍ଡ୍ ଏକ ଶୀତଳ ଅନୁଭୂତି ପ୍ରଦାନକାରୀ- ସୂର୍ଯ୍ୟ ବରଦାନ ଟୋପି ଉନ୍ମୋଚନ କରିଛି ଯେଉଁଥିରେ ବିଶ୍ୱାସଭାବ ଏବଂ ସୂର୍ଯ୍ୟଙ୍କର ଆଶୀର୍ବାଦ ଅନ୍ତର୍ନିବେଶ ହୋଇଛି। ଏହି ଟୋପି ଚନ୍ଦନ କାଠରେ ଏକ ସ୍ୱତନ୍ତ୍ର ମେନ୍ଥୋଲ ଆସ୍ତରଣ ସହିତ ପ୍ରସ୍ତୁତ କରାଯାଇଛି। ସୂର୍ଯ୍ୟକିରଣ ସନଫିଷ୍ଟ ସୂର୍ଯ୍ୟ ବରଦାନ ଟୋପି ଉପରେ ପଡିଲେ ତାହା ଟୋପିରେ ମେନ୍ଥୋଲର ଶୀତଳିକରଣ ପ୍ରକ୍ରିୟାକୁ ସକ୍ରିୟ କରିଥାଏ। ସେଥିପାଇଁ ଗରମ ଅନୁଭବ କରିବା ପରିବର୍ତ୍ତେ ସୂର୍ଯ୍ୟକିରଣ ଆପଣଙ୍କୁ ଶୀତଳ ଅନୁଭବ ପ୍ରଦାନ କରିବ ଏବଂ ସେହି ସମୟରେ ଆପଣ ଚନ୍ଦନକାଠର ଶାନ୍ତି ପ୍ରଦାନକାରୀ ସୁଗନ୍ଧର ଅନୁଭୂତି ପାଇପାରିବେ ଏବଂ ଏହା ଭକ୍ତମାନଙ୍କୁ ଭକ୍ତିରସରେ ପରିପୂର୍ଣ୍ଣ ଏକ ଥଣ୍ଡା ମସ୍ତିଷ୍କ ସହିତ ନୈସର୍ଗିକ ଯାତ୍ରାରେ ଆଗେଇନେବ। ଅଲି ହାରିସ ଶେରେ, ଚିଫ ଅପରେଟିଂ ଅଫିସର, ବିସ୍କୁଟସ୍ ଆଣ୍ଡ କେକସ୍ କ୍ଲଷ୍ଟର, ଫୁଡସ୍ ଡିଭିଜନ, ଆଇଟିସି ଲିମିଟେଡ ମତଦେଇ କହିଥିଲେ, 'ଶକ୍ତି, ସାମର୍ଥ୍ୟ ଓ ଜୀବନର ପ୍ରତୀକ ହୋଇଥିବା ସୂର୍ଯ୍ୟ ଆମ ବ୍ରାଣ୍ଡ୍‌ର କେନ୍ଦ୍ରବିନ୍ଦୁ ହୋଇ ରହିଛନ୍ତି। ସନଫିଷ୍ଟ ମାରୀ ଲାଇଟରେ ଆମର ବିସ୍କୁଟଗୁଡିକ ସୂର୍ଯ୍ୟସ୍ନାତ ଗହମରୁ ପ୍ରସ୍ତୁତ ହେଉଛି ଏବଂ ସେହି ଆତ୍ମୀୟତାର ଭାବ ଏବଂ ଯତ୍ନକୁ ଆମେ କରୁଥିବା ପ୍ରତ୍ୟେକ କାର୍ଯ୍ୟରେ ବ୍ୟବହାର କରୁଛୁ। ସୂର୍ଯ୍ୟ ବରଦାନ ଟୋପି ପରମ୍ପରାକୁ ସମ୍ମାନ ଜଣାଇବା ନିମନ୍ତେ ଆମର ପ୍ରୟାସ ଏବଂ ସେହି ସମୟରେ ଆମେ ପୁରୀ ରଥଯାତ୍ରା ଭକ୍ତମାନଙ୍କ ନିମନ୍ତେ ଚିନ୍ତନଶୀଳ ଆରାମ ଯୋଗାଇ ଦେଉଛୁ।' କ୍ଷେତ୍ର ସ୍ତରରେ ସ୍ଥାପନ କରାଯାଇଥିବା ଏକ୍ସପିରିଏନ୍ସ ଜୋନଗୁଡିକରୁ ରଥ ଯାତ୍ରା ଦିନ ହଜାର ହଜାର ସଂଖ୍ୟାରେ ଟୋପି ବଣ୍ଟନ କରାଯାଇଥିଲା। ଟୋପିର ବ୍ୟବହାରିତା ଦୃଷ୍ଟିରୁ କେବଳ ନୁହେଁ, ତାହାସହିତ ସେମାନେ ଯେଉଁ ଶକ୍ତି ତଳେ ଚାଲୁଛନ୍ତି ତାହାଦ୍ୱାରା ପରିପୋଷଣ ହେବାର ପ୍ରତୀକାତ୍ମକ ବାର୍ତ୍ତା ପାଇଁ ତୀର୍ଥଯାତ୍ରୀମାନେ ଏହାକୁ ଅତ୍ୟନ୍ତ ଆଗ୍ରହର ସହିତ ଗ୍ରହଣ କରିଥିଲେ। ଲୋକପ୍ରିୟ ଓଡ଼ିଆ ଅଭିନେତ୍ରୀ ଅର୍ଚିତା ସାହୁ ମଧ୍ୟ ଏହି ଯାତ୍ରାରେ ସନଫିଷ୍ଟ ମେରୀ ଲାଇଟ ସହିତ ସାମିଲ ହୋଇ ଏହି ପ୍ରୟାସ ପ୍ରତି ନିଜର ସମର୍ଥନ ଯୋଗାଇ ଦେଇଥିଲେ। ସେ କ୍ଷେତ୍ରସ୍ତରରେ ବିଭିନ୍ନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବା ସହିତ ସନଫିଷ୍ଟ ସୂର୍ଯ୍ୟ ବରଦାନ ଟୋପି ବଣ୍ଟନରେ ସହାୟତା କରିଥିଲେ। ପୁରୀ ରାସ୍ତାଗୁଡିକୁ ସୂର୍ଯ୍ୟ ନିଜ ଆଲୋକରେ ଉଦ୍‌ଭାସିତ କରିବା ସମୟରେ ସନଫିଷ୍ଟ ସୂର୍ଯ୍ୟ ବରଦାନ ଏକ ପ୍ରଶାନ୍ତି ଏବଂ ଚିନ୍ତନଶୀଳ ଉପସ୍ଥିତି ପାଲଟିଥିଲା, ଯାହା ଭକ୍ତମାନଙ୍କ ସହିତ ଚାଲିବା ସାଙ୍ଗକୁ ବଡଦାଣ୍ଡରେ ପ୍ରତ୍ୟେକଟି ପାଦରେ ସେମାନଙ୍କୁ ସମର୍ଥନ ପ୍ରଦାନ କରୁଥିଲା ଏବଂ ସେମାନଙ୍କୁ ସ୍ମରଣ କରାଇ ଦେଉଥିଲା ଯେ ଭଗବାନଙ୍କୁ କେବଳ ପୂଜା କରାଯାଏ ନାହିଁ। ତାହା ସହିତ ଯତ୍ନର ପ୍ରତ୍ୟେକ ଭାବରେ ମଧ୍ୟ ତାଙ୍କୁ ଅନୁଭବ କରିହୁଏ।

## ଝରକା ଗ୍ରିଲ ତାଡି ଘରୁ ଲୁଟ୍

କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ଏନଏସି ୱାର୍ଡ଼ ନଂ.୧ ସରୁବାଲି ଗ୍ରାମରୁ ଶନିବାର ରାତି ଜନୈକ ଭଡାଦାରଙ୍କ ଘରର ଝରକା ଗ୍ରିଲ ତାଡି ଚୋରି ହୋଇଥିବା ନେଇ ଆଜି ଥାନାରେ ଅଭିଯୋଗ ହୋଇଛି। ଶିମିଳିପାଳ ବନାଞ୍ଚଳରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିବା ଦେବାଶିଷ ସାହୁ କରଞ୍ଜିଆ କନଭେଣ୍ଟ ସ୍କୁଲରେ ଦୁଇ ଛୁଆଙ୍କୁ ପାଠ ପଢ଼ାଉଥିବା ହେତୁ ସରୁବାଲିରେ ଭଡା ଘର ନେଇ ସସ୍ତ୍ରୀକ ରହୁଥିଲେ। ପ୍ରତ୍ୟେହ ଦେବାଶିଷ ଶିମିଳିପାଳ ଅଞ୍ଚଳକୁ କାର୍ଯ୍ୟରେ ପଳାଉଥିବା ବେଳେ ଘରେ ସ୍ତ୍ରୀ ସଂଗୀତା ସାହୁ ଓ ପିଲାଦ୍ୱୟ ରହୁଥିଲେ। ଶନିବାର ରାତିରେ ପିଲାଦ୍ୱୟଙ୍କୁ ପାଠ ପଢ଼ାଉଥିବା ରୁମରେ ସଂଗୀତା ଶୋଇ ପଡ଼ିଥିଲେ। ବାହାର ମୁଖ୍ୟ ଦରଜା ବନ୍ଦ ଥିଲେ ମଧ୍ୟ ଚୋରମାନେ ଝରକା ଗ୍ରିଲ ତାଡି ବେଡ଼ରୁମରେ ପଶି ଗୋଟେ ସୁନାର ଲକେଟ, କାନଫୁଲ, ମଙ୍ଗଳସୂତ୍ର ଓ ନଗଦ ୧ଲକ୍ଷ ୩୦ ହଜାର ଟଙ୍କା ନେଇ ଯାଇଥିଲେ। ରବିବାର ସକାଳେ ଘଟଣା ଜାଣିବାପରେ ସଂଗୀତା ଥାନାରେ ମାମଲା ଦାୟର କରିଥିଲେ। ତଦନ୍ତକାରୀ ଅଧିକାରୀ ଉପ ଆରକ୍ଷୀ ନିରୀକ୍ଷକ ସୁଧାଂଶୁ ଶେଖର ସେଠୀ ଘଟଣାସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ କରିଛନ୍ତି। ସୋମବାର ବାରିପଦାରୁ ସାଇଣ୍ଟିଫିକ ଦଳ ଆସି ତଦନ୍ତ କରିବା ପରେ ଜଣାପଡିବ ବୋଲି ସେଠୀ ପ୍ରକାଶ କରିଛନ୍ତି।

## ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନାଗିରି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସ, ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନା, ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗୀୟ ମୁଖ୍ୟ ଡ. ରଞ୍ଜନ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ପ୍ରଧାନ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ, ପରିସଂଖ୍ୟାନ ଏକ ପ୍ରୟୋଗାତ୍ମକ ପରିଗଣନା। ଏହାର ଉପଯୁକ୍ତ ସଂଗ୍ରହଣ, ବିଶ୍ଳେଷଣ, ଦୃଢ଼ୀକରଣ ଦ୍ୱାରା ଯୋଜନା ପ୍ରଣୟନ ଓ କାର୍ଯ୍ୟକାରିତା ହୋଇଥାଏ। ଏହା ସମାଜର ମଙ୍ଗଳ ପାଇଁ ଅତ୍ୟନ୍ତ ଆବଶ୍ୟକ। ସୁତରାଂ ପରିସଂଖ୍ୟାନ ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱ ବହନ କରେ। ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗୋଲକ ଚନ୍ଦ୍ର ଦଳାଇ ତାଙ୍କ ସ୍ୱାଗତ ଅଭିଭାଷଣରେ କହିଥିଲେ ଯେ, ପରିସଂଖ୍ୟାନ ମଣିଷର ଦୈନନ୍ଦିନ ଜୀବନ ଚର୍ଯ୍ୟାରୁ ଆରମ୍ଭ କରି ଦେଶ ଓ ବିଶ୍ୱର ଯୋଜନା ପ୍ରଣୟନ, ଏହାର ରୂପାୟନ ଓ ପ୍ରଗତି ପର୍ଯ୍ୟନ୍ତ ପ୍ରଲମ୍ବିତ। ପରିସଂଖ୍ୟାନ ତଥ୍ୟ ଯେତେ ସ୍ୱଚ୍ଛ ଓ ନିର୍ଭୁଲ ହେବ, ତଦନୁସାରେ ଯୋଜନା ପ୍ରଣୟନ ହେବ ଓ ତାହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଇ ଆମେ ଈପ୍ସିତ ଲକ୍ଷ୍ୟ ଓ ପ୍ରଗତି ହାସଲ କରିପାରିବା। ପୁନଃ, ପରିସଂଖ୍ୟାନ ଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରି ଜାତୀୟ ନମୁନା ସର୍ବେକ୍ଷଣର ୩୫ତମ ପୂର୍ତ୍ତି ଓ ପରିସଂଖ୍ୟାନ ବ୍ୟବସ୍ଥାର ଦୃଢ଼ୀକରଣ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଶାନ୍ତ ଚନ୍ଦ୍ର ମହାଲନୋବିସଙ୍କୁ ପରିସଂଖ୍ୟାନର ଜନକ ଭାବେ ସ୍ମରଣ କରି, ଜିଲ୍ଲା ଖାଦ୍ୟ ଉପଭୋକ୍ତା କାର୍ଡର ପରିସଂଖ୍ୟାନ ତଥ୍ୟ ଉପସ୍ଥାପନ କରିଥିଲେ ଓ ଖାଦ୍ୟ ସୁରକ୍ଷା ଯୋଜନା ବିକଶିତ ଭାରତ ପାଇଁ ସହାୟକ ହେବ ବୋଲି ମତ ଉପସ୍ଥାପନ କରିଥିଲେ। ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଜେନା କହିଥିଲେ ଯେ, ପରିସଂଖ୍ୟାନ ଓ ବିକାଶ ପରସ୍ପର ପରିପୂରକ। ପରିସଂଖ୍ୟାନ ବିନା କୌଣସି ବିକାଶ ଅସମ୍ଭବ। ସେହିପରି ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଉପଯୁକ୍ତ ପରିସଂଖ୍ୟାନ ବ୍ୟବହାର ଦ୍ୱାରା ଆମେ ବିଭିନ୍ନ ପ୍ରକାର ରୋଗ ଓ ସଂକ୍ରାମକ ରୋଗକୁ ନିୟନ୍ତ୍ରଣ କରିପାରିଛୁ ଓ ଏହା ଦ୍ୱାରା ନିରନ୍ତର ବିକାଶର ସ୍ୱପ୍ନ ସାକାର ହେଉଛି। ସୁସ୍ଥ ଓ ନିରାମୟ ଜୀବନ ପାଇଁ ମାନସିକ, ଶାରୀରିକ ଓ ସାମାଜିକ ଚାପ ମୁକ୍ତ ଜୀବନ ବଞ୍ଚିବା ପାଇଁ ସେ ପରାମର୍ଶ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଜିଲ୍ଲା ଅଧିକାରୀଗଣ, ବିଭିନ୍ନ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦାନ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମାଲକାନଗିରିର ଛାତ୍ରଛାତ୍ରୀମାନେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ପରିଶେଷରେ, ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ମାଲକାନଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସଭା ସାଙ୍ଗ ଘୋଷଣା କରିଥିଲେ।

## ଶିଶୁ ଶ୍ରମିକ ନିରାକରଣ ଶୋଭାଯାତ୍ରା

ଆଳି, (ଭାସ୍କର ନ୍ୟୁଜ): ଶିଶୁ ଶ୍ରମିକ ନିରାକରଣ ସଚେତନତା ପକ୍ଷ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ରବିବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଇଥିଲା। ଶୋଭା ଯାତ୍ରାରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନରମା ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କାଉଁସିଲର କନକଲତା ବେହେରା, ଲିଗାଲ୍ କମ ପ୍ରୋବେସନ୍ ଅଫିସର ବିବେକାନନ୍ଦ ଅତୁବୁଢୀ ସମେତ କେନ୍ଦ୍ରାପଡା ଓ ମାର୍ଶାଘାଇର ଶ୍ରମ ବିଭାଗର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ଶୋଭାଯାତ୍ରା କେନ୍ଦ୍ରାପଡ଼ା ମୁନିସିପାଲିଟି ଅଞ୍ଚଳ ପରିକ୍ରମା କରିଥିଲା।

## ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

ଆଳି, (ଭାସ୍କର ନ୍ୟୁଜ୍): ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ କେନ୍ଦ୍ରାପଡ଼ା ଠାରେ ପାଳିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଏକକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗର ଉପନିର୍ଦ୍ଦେଶିକା ଆରତୀ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସ୍ତରୀୟ ଅଧିକାରୀ, ପରିସଂଖ୍ୟାନ ବିଭାଗର ଅବସରପ୍ରାପ୍ତ ପରିସଂଖ୍ୟାନ ଅଧିକାରୀ, କ୍ଷେତ୍ର ପରିଦର୍ଶକ, ଅନୁସନ୍ଧାନକାରୀ ତଥା ଡିପିଏମ୍‌ୟୁର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅତିଥିମାନେ ଜାତୀୟ ନମୂନା ସର୍ବେକ୍ଷଣ ତଥା ପରିସଂଖ୍ୟାନର ଜନକ ସ୍ୱର୍ଗତ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିଶଙ୍କ ଉପରେ ଆଲୋକ ପାତ କରିଥିଲେ। ସହକାରୀ ପରିସଂଖ୍ୟାନ ଅଧିକାରୀ ସୌମ୍ୟରଞ୍ଜନ ଦାଶ, ଜଗନ୍ନାଥ ରାଉତ ଏବଂ ଅଜୟ କୁମାର ଖୁଣ୍ଟିଆ ବୈଠକରେ ସହଯୋଗ କରିଥିବା ବେଳେ ପରିସଂଖ୍ୟାନ ଅଧିକାରୀ ପୁଷ୍ପାଞ୍ଜଳି ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, ସାମାଜିକ, ଅର୍ଥନୈତିକ ଢାଞ୍ଚା ନୂତନ ନୀତି ପ୍ରସ୍ତୁତ କରିବାରେ ପରିସଂଖ୍ୟାନର ମହତ୍ତ୍ୱ ସମ୍ପର୍କରେ ସଚେତନତା କରିବା ଉଦ୍ଦେଶ୍ୟ ନେଇ ପ୍ରତି ବର୍ଷ ଜୁନ ୨୯ତାରିଖକୁ 'ଜାତୀୟ ପରିସଂଖ୍ୟାନ ଦିବସ' ରୂପେ ପାଳନ କରାଯାଏ। ସ୍ୱାଧୀନ ଭାରତର ପ୍ରଥମ ଯୋଜନା ଆୟୋଗର ସଦସ୍ୟ ତଥା ଭାରତୀୟ ପରିସଂଖ୍ୟାନର ଜନକ ତଥା ଦେଶର ପରିସଂଖ୍ୟାନ ଓ ଅର୍ଥନୈତିକ ଯୋଜନା କ୍ଷେତ୍ରରେ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିଶଙ୍କ ଅବଦାନକୁ ସ୍ମରଣ କରିବାପାଇଁ ୨୦୦୭ ମସିହାରୁ ତାଙ୍କ ଜନ୍ମ ଦିବସକୁ ଜାତୀୟ ପରିସଂଖ୍ୟାନ ଦିବସ ରୂପେ ପାଳନ କରାଯାଉଛି।

## ଅର୍ବାନ୍ କୋପରେଟିଭ ବ୍ୟାଙ୍କ୍‌ର ୩୦ତମ ସାଧାରଣ ସଭା


କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଅର୍ବାନ କୋଅପରେଟିଭ ବ୍ୟାଙ୍କର ୩୦ ତମ ସାଧାରଣ ସଭା ଉଦୟନଗର ସ୍ଥିତ ସଂସ୍କୃତି ଭବନ ପରିସରରେ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜିଉ, ସମବାୟର ଆନ୍ଦୋଳନର ମୁଖ୍ୟ ପୁରଧା ମଧୁବାବୁ ଏବଂ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତି ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସଭା ଆରମ୍ଭ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ପ୍ରତିଷ୍ଠତା ନିର୍ଦ୍ଦେଶକ ଓ ପୂର୍ବତନ ନିର୍ଦ୍ଦେଶକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଙ୍କର ପ୍ରଥମ ୧୦ଜଣ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ବିଗତ ବର୍ଷର ବିବରଣୀ ପାଠ କରିଥିଲେ ଏବଂ ତାହା ଗୃହୀତ ହୋଇଥିଲା। ସଭାପତି ବ୍ୟାଙ୍କର ପ୍ରଗତି ଉପରେ ଆଲୋକପାତ କରି କହିଥିଲେ ଯେ ବ୍ୟାଙ୍କର ଆର୍ଥିକ ସ୍ଥିତି ଯଥା ଜମା ଗ୍ରହଣ, ଋଣ ଲଗାଣ ଓ ଅନାଦେୟ ଋଣ ଆଦାୟରେ ଯଥେଷ୍ଟ ଉନ୍ନତି ଘଟିଛି। ଜମା ପରିମାଣ ୧୮୬କୋଟିରୁ ୧୯୯କୋଟିରେ ପହଞ୍ଚିଥିବା ବେଳେ ଋଣ ଲଗାଣ ମଧ୍ୟ ୧୧୬ କୋଟିରୁ ୧୨୯କୋଟିରେ ପହଞ୍ଚିପାରିଛି। ବ୍ୟାଙ୍କର ନେଟ୍ ଲାଭ ଟଙ୍କା ୨୭ଲକ୍ଷରୁ ବୃଦ୍ଧି ପାଇ ଟଙ୍କା ୭୬ଲକ୍ଷ୍ୟରେ ପହଞ୍ଚିପାରିଛି। ସେହିଭଳି ଅନାଦାୟ ଋଣ ପରିମାଣ ୧୮.୪୨ କୋଟିରୁ ହ୍ରାସପାଇ ୧୬.୩୪ କୋଟିରେ ପହଞ୍ଚିପାରିଛି ଏବଂ ନେଟ ଏନପିଏ ମଧ୍ୟ ଶୁନ ପ୍ରତିଶତରେ ପହଞ୍ଚିପାରିଛି। ବ୍ୟାଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଘଟିଥିବାରୁ ନିକଟ ଅତୀତରେ ଆରବିଆଇ ବ୍ୟାଙ୍କ ଉପରେ ଦୀର୍ଘ ୧୦ବର୍ଷ ଧରି ଲଗାଇଥିବା ସମସ୍ତ କଟକଣାକୁ ପ୍ରତ୍ୟାହାର କରିନେଇଛନ୍ତି। ଯାହାଦ୍ୱାରା କି ବ୍ୟାଙ୍କ ୨୦୨୪-୨୫ଆର୍ଥିକ ବର୍ଷ ପାଇଁ ଶତକଡା ୬ ପ୍ରତିଶତ ଲାଭାଂଶ ବଣ୍ଟନ କରିବାକୁ ସମର୍ଥ ହୋଇଛି। ଏଥି ସହିତ ବ୍ୟାଙ୍କ ଆରବିଆଇର ଆଉ ଏକ ମାନଦଣ୍ଡକୁ ଛୁଇଁ ପାରିଛି। ତାହାହେଲା ବ୍ୟାଙ୍କ ବର୍ତ୍ତମାନ ଫାଇନାନସିଆଲ ସାଉଣ୍ଡ ଆଣ୍ଡ ୱେଲ ମ୍ୟାନେଜମେଣ୍ଟ (ଏଫଏସଡବ୍ଲୁଏମ)ବ୍ୟାଙ୍କ ହିସାବରେ ଆରବିଆଇଠାରୁ ସ୍ୱୀକୃତି ପାଇବାକୁ ଯାଉଛି। ଯାହାକି ସମଗ୍ର ଓଡିଶାରେ ଏ ଗୌରବ କେବଳ ଏହି ବ୍ୟାଙ୍କକୁ ମିଳିବାକୁ ଯାଉଛି। ଏହାକୁ ଉପସ୍ଥିତ ସମସ୍ତ ସଭ୍ୟ ସଭ୍ୟା କରତାଳି ଦେଇ ସ୍ୱାଗତ କରିଥିଲେ। ଏହାପରେ ଏ ବର୍ଷ କେନ୍ଦ୍ରାପଡା ଜିଲ୍ଲାରେ ମ୍ୟାଟ୍ରିକ ଟପ୍ପର ହୋଇଥିବା ଛାତ୍ର ଶୁଭମ ଜ୍ୟୋତି ରାଉତଙ୍କୁ ବ୍ୟାଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିୟମିତ ଋଣ ନେଇ ସଠିକ ସମୟରେ ପରିଶୋଧ କରିଥିବା ସେକ ଅବ୍ଦୁଲ କରିମଙ୍କୁ ବ୍ୟାଙ୍କ ସମ୍ବର୍ଦ୍ଧିତ କରିଥିଲା। ବ୍ୟାଙ୍କର ସଭ୍ୟସଭ୍ୟାମାନେ ବ୍ୟାଙ୍କ ଉନ୍ନତି ପାଇଁ ସୁଚିନ୍ତିତ ମତାମତ ଦେଇଥିଲେ। କେନ୍ଦ୍ରାପଡାର ବିଧାୟକ ଗଣେଶ୍ୱର ବେହେରା ବ୍ୟାଙ୍କର ଉନ୍ନତି ପାଇଁ ପରିଚାଳନା ପରିଷଦକୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ନୂତନ ଶାଖା ସମ୍ପ୍ରସାରଣ ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟାନ୍ୟ ସଭ୍ୟସଭ୍ୟାମାନେ ଯଥା ଡା. ବିଶ୍ୱପ୍ରକାଶ କାନୁନଗୋ, ଡ. ସିପ୍ରା ମଲ୍ଲିକ, ହଳଧର ସେଠୀ, ଆକବର ଅଲ୍ଲୀ, ପ୍ରଫୁଲ୍ଲକୁମାର ସାହୁ, ପ୍ରଦୀପ କୁମାର ମହାନ୍ତି, ଭାଗୀରଥି ଜେନା, ଫକିର ଚରଣ ଖଟୁଆ, ସୁଶିଲ କୁମାର ସାମଲ, ଶକ୍ତିକାନ୍ତ ପାତ୍ର, ବାବୁଲି ବେହୁରା, ମୁକ୍ତାର ଖାନ, ବିଧାନ ଚନ୍ଦ୍ର ସାମଲ, ପରେଶ ଚନ୍ଦ୍ର ଦାସ, ନାରାୟଣ ପତି ଅବଧୁତ ରାଉତ, ସର୍ବେଶ୍ୱର ସେଠୀ ଓ ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ବିଭିନ୍ନ ସୁଚିନ୍ତିତ ମତାମତ ଦେଇଥିଲେ। ଉକ୍ତ ସଭାରେ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ମଧ୍ୟରୁ ଉପସଭାପତି ଅପର୍ଣ୍ଣା ମହାନ୍ତି, ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ପ୍ରଫୁଲ୍ଲ କୁମାର ସାହୁ, ମହେନ୍ଦ୍ର ପରିଡା, ଶ୍ରୀକାନ୍ତ ନାୟକ, ଅମୁଲ୍ୟ ପ୍ରଧାନ, ଶ୍ରୀଦ୍ଧାର୍ଥ ଶଙ୍କର ଜେନା, ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ସୁଧାଂଶୁ ଶେଖର ପ୍ରତାପ, ସୁକାନ୍ତ କୁମାର ଦ୍ୱିବେଦୀ, ରଶ୍ମିରଞ୍ଜନ ଚୌଧୁରୀ, ଶ୍ରୀକାନ୍ତ ନାୟକ ଏବଂ କଳ୍ପତରୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ବ୍ୟାଙ୍କର କର୍ମଚାରୀ ରାଜୀବ ଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡା, ରବିନ୍ଦ୍ର ପାତ୍ର, ଅଜିତ ପତି, ଲଲାଟେନ୍ଦୁ ଦାସ, ହିମାଂଶୁ ଲେଙ୍କା, ଭଞ୍ଜ କିଶୋର ଜେନା ଆଦିତ୍ୟ ଶତପଥୀ ଏବଂ ମିନାକ୍ଷୀ ପାଣି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।




ମାଲକାନଗିରି (ଭାସ୍କର ନ୍ୟୁଜ୍): ଚଳିତବର୍ଷ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଜାତୀୟ ସେବା ଶିବିର ପୁରୀରେ ମାଲକାନଗିରି ଜିଲ୍ଲାର ଯୁବ ରେଡକ୍ରସର ଜିଲ୍ଲା ସାଙ୍ଗଠନିକ ସମ୍ପାଦକ ଡ଼. ରଞ୍ଜନ କୁମାର ସ୍ୱାଇଁ, ମାଲକାନଗିରି ଜିଲ୍ଲାର ଜୁନିୟର ରେଡକ୍ରସ ଅଫିସର ନିରଞ୍ଜନ ମହାରଣା, ସାଧନାକର୍ମୀ ମାର୍କଣ୍ଡ ଚରଣ ଦାସ ଓ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ, ଗୋବିନ୍ଦପାଲ୍ଲୀର ଛାତ୍ର ଗୌର ମାଝୀ ଉପସ୍ଥିତ ରହି ଅଗଣିତ ଭକ୍ତଙ୍କୁ ପାଣି ବଣ୍ଟନ, ପାଣି ସିଞ୍ଚନ, ପ୍ରାଥମିକ ଚିକିତ୍ସା, ଷ୍ଟ୍ରେଚର ସେବା ଓ ପୁରୀ ବଡଦାଣ୍ଡରେ ଝାଡୁକରିବା, ସଫେଇ କରିବା ଇତ୍ୟାଦି ମହତ କାର୍ଯ୍ୟରେ ଯୋଗଦେଇ ମାଲକାନଗିରି ଜିଲ୍ଲା ମାଟିର ମର୍ଯ୍ୟାଦା ବଢ଼ାଇଛନ୍ତି । ରଥଯାତ୍ରା ଜାତୀୟ ସେବା ଶିବିର ରେଡକ୍ରସର ଉଦଘାଟନୀ ଉତ୍ସବ ପୁରୀ ଟାଉନ ହଲରେ ଅନୁଷ୍ଠିତ ହୋଇଥିଲା। ଯାହାର ମୁଖ୍ୟଅତିଥି ଥିଲେ ଓଡିଶାର ମହାମହିମ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପତି, ସ୍ୱାସ୍ଥ୍ୟମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,, ରେଡକ୍ରସର ଅବୈତନିକ ସଚିବ ଗଣେଶ ପାତ୍ର, ରାଜ୍ୟ ଯୁଥ ରେଡକ୍ରସ ଅଫିସର ଡ଼. ରମେଶ ଚନ୍ଦ୍ର ବେହେରା, ରାଜ୍ୟ ଜୁନିୟର ରେଡକ୍ରସ ଅଫିସର ଲକ୍ଷ୍ମଣ ସ୍ୱାଇଁ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ପୀରଜାହାନିଆ ବେଳାଭୂମି ଅସୁରକ୍ଷିତ, ଚିନ୍ତାରେ ପର୍ଯ୍ୟଟକ

- ଗୋପାଳପୁର ଦୁଷ୍କର୍ମ ଘଟଣା ପରେ ବି ଚେତୁନି ପୋଲିସ
- ପୂର୍ବ ଗଣ୍ଡଗୋଳକୁ ନେଇ ବହୁଥର ହୋଇଛି  ଅଭିଯୋଗ
- ଆଲୋକ ବ୍ୟବସ୍ଥା ନାହିଁ, ପାଟ୍ରୋଲିଂ ବି ଢିଲା



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଗୋପାଳପୁର ବେଳାଭୂମିର ବଳାତ୍କାର ଘଟଣା ଏବେ ବି ମନରୁ ଲିଭି ନ ଥିବାବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ପୀରଜାହାନିଆ ବେଳାଭୂମିକୁ ନେଇ ଚିନ୍ତାରେ ପର୍ଯ୍ୟଟକ। କାରଣ ଏବେ ପୀରଜାହାନିଆ ବେଳାଭୂମି ଅସୁରକ୍ଷିତ ହୋଇପଡିଛି। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହୁଛି। ବିଶେଷ କରି ଅପରାହ୍ନ ଠାରୁ ରାତି ପର୍ଯ୍ୟନ୍ତ ଅନେକ ସମୟରେ ପୁରୁଷ ଓ ମହିଳା ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଭୁବନେଶ୍ୱର, କଟକ ସମେତ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକଙ୍କ ସହ ପ୍ରେମୀଯୁଗଳଙ୍କ ପାଇଁ ପୀରଜାହାନିଆ ବେଳା ଭୂମି ଅମରାବତି ପାଲଟିଛି। ପୀର ଜାହାନିଆ ବେଳାଭୂମି ନିକଟରେ ଥିବା ଝାଉଁବଣରେ ବହୁ ଆପତ୍ତିଜନକ ସାମଗ୍ରୀ ଦେଖିବାକୁ ମିଳୁଛି। ଅନେକ ସମୟରେ ଅସ୍ତରଙ୍ଗ ପୀରଜାହାନିଆ ସମୁଦ୍ରକୂଳ ହେଉ ଅବା ଝାଉଁ ଜଙ୍ଗଲ ମଧ୍ୟରେ ପ୍ରେମୀ ଯୁଗଳ ବୁଲୁଥିବା ବେଳେ କିଛି ଅସାମାଜିକ ବ୍ୟକ୍ତି ବିଶେଷ ସେମାନଙ୍କୁ ହଇରାଣ କରିବା ସହ ଜୋରଜବରଦସ୍ତ ଟଙ୍କା ମଧ୍ୟ ଆଦାୟ କରିବାର ନଜିର ରହିଛି। ପୀରଜାହାନିଆ ବେଳାଭୂମିଟି ଅସ୍ତରଙ୍ଗ ଥାନା ଅଧୀନରେ ଯାଉଥିବାରୁ ଅସ୍ତରଙ୍ଗ ଥାନାରେ କର୍ମଚାରୀ ଅଭାବରୁ ପାଟ୍ରୋଲିଂ ଧିମେଇ ଯାଉଛି। ସପ୍ତାହକ ମଧ୍ୟରେ ପୀରଜାହାନିଆରେ କେବଳ ନିର୍ଦ୍ଦିଷ୍ଟ ବାରରେ କାଁ ଭାଁ ପୋଲିସ ପାଟ୍ରୋଲିଂ ଦେଖିବାକୁ ମିଳୁଥିବା ବେଳେ ଅନେକ ସମୟରେ ପୋଲିସ ନଥାଏ, ଯାହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତି ବିଶେଷ ଲୋକଙ୍କୁ ହଇରାଣ କରିଥାନ୍ତି। ଏଠାରେ ଅଧିକାଂଶ ସମୟରେ ଅସାମାଜିକ ଦୌରାତ୍ମ୍ୟ ଯୋଗୁଁ ପର୍ଯ୍ୟଟକମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଅତୀତରେ ସେଠାରେ ଯୁବତୀ ହଇରାଣ କରିବା ସହ ପ୍ରେମୀ ଯୁଗଳଙ୍କ ଭିଡିଓ ଉତ୍ତୋଳନ ଭଳି ଜଘନ୍ୟ ଘଟଣାମାନ ଘଟିଯାଇଛି। ପୀରଜାହାନିଆରେ ଅପରାହ୍ନ ସମୟରୁ ସନ୍ଧ୍ୟା ଶୂନଶାନ ସୁଯୋଗ ନେଇ ଯାବତୀୟ ଘଟଣା ମାନ ଘଟିଯାଉଛି।ଏ ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ବିଜୟ ବେହେରା ଓ କିଛି ବୁଦ୍ଧିଜୀବୀ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏହା ସହ ପୀରଜାହାନିଆ ବେଳାଭୂମିରେ ଉଜ୍ୱଳ ଆଲୋକ ଲଗେଇବା ସଙ୍ଗେ ସଙ୍ଗେ ବାଲିରେ ଚାଲିବା ନିମନ୍ତେ ଏକ ସ୍ୱତନ୍ତ୍ର ଗାଡି ଯୋଗାଇ ଦେବା ସହ ପୋଲିସ ତରଫରୁ କଡାକଡି ପାଟ୍ରୋଲିଂ କରିବାକୁ ଦାବି କରିଛନ୍ତି।

# ନୂଆଗଡରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ କେବେ !



ଫୁଲନଖରା(ଭାସ୍କର ନ୍ୟୁଜ୍): କଟକ ସଦର ତହସିଲ ଅନ୍ତର୍ଗତ କଟକ ମହାନଗର ନିଗମ ୫୮ନମ୍ବର ୱାର୍ଡ ନୂଆଗଡ ଗ୍ରାମରେ ସରକାରୀ ଜମିକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ କରି ମାଲାମାଲ ହେଉଥିବା ବେଳେ ସେହି ନୂଆଗଡ ଅଂଚଳରେ କିଛି ଗରିବ ଅସହାୟ ବ୍ୟକ୍ତି ରହିବାପାଇଁ ସରକାରଙ୍କ ତରଫରୁ ଜାଗା ଖଣ୍ଡେ ପାଇପାରୁନଥିବା ବେଳେ କିଭଳି ଏହି ପ୍ରଭାବ ଶାଳୀ ବ୍ୟକ୍ତିମାନେ ସରକାରୀ ଜମିକୁ ଜବରଦଖଲ କରି ରଖିଛନ୍ତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିକରୁଛି। ଓଡିଶା ସରକାରଙ୍କର ରାଜସ୍ୱ ବିଭାଗ ଅଞ୍ଚଳରେ ଥିବା ଜାଗାକୁ ଚିହ୍ନଟ କରି ଜବରଦଖଲ ହଟାଇବା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ଥିବାସ୍ଥଳେ ବାରମ୍ବାର ଅଭିଯୋଗ ସ୍ଥଳେ ତହସିଲଦାର କାହିଁକି ଉଚ୍ଛେଦ କରୁନାହାନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ସରକାରୀ ଜାଗାରେ କାହା ଇଙ୍ଗିତରେ ବଡ଼ ବଡ଼ ଗ୍ୟାରେଜ, କଳ କାରଖାନା, କ୍ୟାବିନ୍ ଓ ବ୍ୟକ୍ତିଗତ ପାଚେରୀ ନିର୍ମାଣ କରିବାପାଇଁ ଅନୁମତି କିଏଦେଇଛି ଏହାକୁ ଆଇନଗତ ତଦନ୍ତକରି ଏହାର ଉଚ୍ଛେଦ କରିବା ପାଇଁ ସାଧାରଣ ଲୋକ ଦାବିକରୁଛନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ବୋଲଗଡ(ଭାସ୍କର ନ୍ୟୁଜ୍): ବେଗୁନିଆ ଥାନା ଅନ୍ତର୍ଗତ ଡଙ୍ଗରପଡ଼ା ଗ୍ରାମର ଭୁବନେଶ୍ୱର ରାଉତରାୟଙ୍କ କନିଷ୍ଠ ପୁଅ ଅଜୟ (୫୫) ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛନ୍ତି । ସୂଚନା ଅନୁଯାୟୀ ଅଜୟ ଭୁବନେଶ୍ୱରରେ ବ୍ୟବସାୟ କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ବେଳେ ଶନିବାର ଦିନ ପୂର୍ବାହ୍ନରେ ବିଦ୍ୟୁତ୍ ଆଘାତ ପାଇଥିଲେ। ତାଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରିଥିଲେ । ସେଠାରେ ଡ଼ାକ୍ତର ମୃତ୍ୟୁ ଘୋଷଣା କରିବାରୁ ପୋଲିସ ପକ୍ଷରୁ ଏକ କେସ ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ସଦସ୍ୟଙ୍କୁ ଶବ ହସ୍ତାନ୍ତର ପରେ ଖୋର୍ଦ୍ଧା ଠାରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା। ତାଙ୍କ ମୃତ୍ୟୁରେ ବିଧାୟକ ପ୍ରଦୀପ କୁମାର ସାହୁ ଓ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

# ୧୦ ପ୍ରତିଶତ ସରିନି ମେଗା ପାନୀୟ ଜଳ ପ୍ରକଳ୍ପ କାମ !

କୋରେଇ(ଭାସ୍କର ନ୍ୟୁଜ୍): କୋରେଇ ବ୍ଲକରେ ଗ୍ରୀଷ୍ମଋତୁରେ ହେଉଥିବା ପାନୀୟ ଜଳ କଷ୍ଟକୁ ଲାଘବ କରିବା ପାଇଁ ବିଗତ ସରକାର ୪ ବର୍ଷ ତଳେ ତିନୋଟି ମେଗା ପାନୀୟ ଜଳ ପ୍ରକଳ୍ପକୁ ଅନୁମୋଦନ କରିଥିଲେ। ଏହି ତିନୋଟି ପ୍ରକଳ୍ପକୁ ମେଗା ଇଞ୍ଜିନିୟରିଙ୍ଗ ୬ ଗୋଟି ପଞ୍ଚାୟତ ,କେଇସି ଇଣ୍ଟର ନ୍ୟାସନାଲ ଲିମିଟେଡ୍ ୩ଗୋଟି ପଞ୍ଚାୟତ କଳ୍ପତରୁ ଇଞ୍ଜିନିୟରିଙ୍ଗ ୧୯ ଗୋଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଇବା ନେଇ କାମ ଆରମ୍ଭ କରିଥିବା ବେଳେ ମେଗା ଇଞ୍ଜିନିୟରିଙ୍ଗ ବିଂଝାରପୁର ବ୍ଲକ ବ୍ରାହ୍ମଣୀ ନଦୀରୁ ପାଣି ଯୋଗାଇବାକୁ ଥିବାବେଳେ, କେଇ ସି ଦାନଗଦି ବ୍ଲକ, ଜୋକଡ଼ିଆ ବ୍ରାହ୍ମଣୀ ନଦୀରୁ ଯୋଗାଇବ। ଅନ୍ୟଟି ରୁଢ଼ିଆ ପାଖ ବୈତରଣୀ ନଦୀରୁ ପାଣି ଯୋଗାଇବାକୁ ସ୍ଥିର କରାଯାଇଛି। କଳ୍ପତରୁ ଇଞ୍ଜିନିୟରିଙ୍ଗ ପ୍ରକଳ୍ପକୁ ୧୨୭ କୋଟି ଟଙ୍କାରେ ଟେଣ୍ଡର ନେଇଥିବା ବେଳେ ବ୍ଲକର ସବୁଠାରୁ ବେଶୀ ୧୯ ଗୋଟି ପଞ୍ଚାୟତ, ୧୫୮ ଗାଁକୁ ଯୋଗାଇବା ପାଇଁ ସ୍ଥିର କରାଯାଇଛି। କାମ ସାରିବାର ଅବଧି ୧୪/୦୩/୨୦୨୫ ଥିବାବେଳେ କାମ ଏ ପର୍ଯ୍ୟନ୍ତ ୧୦ ପ୍ରତିଶତ ସରିନାହିଁ। କମ୍ପାନୀ ଆଉ ୧ ବର୍ଷ ଅବଧି ବଢେଇବାକୁ ଆବେଦନ କରିଛି। କିନ୍ତୁ ଦୁଃଖର ବିଷୟ ଏହି କମ୍ପାନୀର କାମ ଦେଖିଲେ କୋରେଇ ଲୋକ ପାଣି ପାଇବା ଭଳି ଲାଗୁନାହିଁ। ପ୍ରଥମେ ଆମେ ପାଇପ ଲାଇନ ଗୁଡ଼ିକ ୧ମିଟର ତଳେ ପୋତିବାର ନିୟମ ଥିଲେ ମଧ୍ୟ ତାହା ରାସ୍ତା କଡ଼ରେ ପ୍ରତି ପଞ୍ଚାୟତ ରେ ଫୁଟେ ମାଟି ତଳେ ପକାଉଛନ୍ତି। ଯାହା ଫଳରେ ଭାରୀଯାନ ଯାଇ ସେଗୁଡିକ ଫାଟି ଯାଉଥିବା ଦେଖଯାଉଛି। ପ୍ରତି ପଞ୍ଚାୟତରେ ନିର୍ମାଣ ହେଉଥିବା ଓଭର ହେଡ଼ ଟାଙ୍କି ସବୁ ଅତ୍ୟନ୍ତ ନିମ୍ନ ମାନର କାମ କରାଯାଉଥିବା ଅଭିଯୋଗ ହେଉଛି, ଯାହାକି ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସବୁଠାରୁ ବଡ଼ କଥା ଯେଉଁ ଜାଗାରୁ ପାଣି ଉଠିବାର ବ୍ୟବସ୍ଥା ହେଉଛି, ସେ ସବୁ ଜାଗାରେ ନଦୀରେ ଖରାଦିନେ ପାଣି ରହୁନଥିବା ଦେଖିବାକୁ ମିଳୁଛି। ଅନ୍ୟ ପଟେ ପ୍ରକଳ୍ପ ଚୟନ ମୂଳାପାଳ ପଞ୍ଚାୟତରେ ହୋଇଛି। କିନ୍ତୁ ପାଣି ପଟରଙ୍ଗା ଓ ଅନ୍ଧାରୀ ପଞ୍ଚାୟତକୁ ଯିବାକୁ ପ୍ରସ୍ତାବ ଅଛି।ମୂଳାପାଳ ପଞ୍ଚାୟତ ସମୁଦ୍ର ପଉନର ନିମ୍ନ ସ୍ଥାନରେ ହୋଇଥିବା ବେଳେ ପଟରଙ୍ଗା ପଞ୍ଚାୟତ ସମୁଦ୍ର ପତନ ଠାରୁ ପ୍ରାୟ ୧୫ ଫୁଟ ଉଚ୍ଚ। ଏହି ପ୍ରକଳ୍ପରୁ ଉପର ଲିଖିତ ପଞ୍ଚାୟତକୁ ଜଳ ଯୋଗାଇବା ଆକାଶ କଇଁଆ -ଚିଲିକା ମାଛ ସଦୃଶ। ଏହିସବୁ କାରଣ ପାଇଁ ପ୍ରକଳ୍ପ ଗୁଡ଼ିକର ସୁଫଳ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଚ୍ଚ କର୍ତ୍ତୃପକ୍ଷ, ସ୍ଥାନୀୟ ବିଧାୟକ ଏଥିପ୍ରତି ତୁରନ୍ତ ଦୃଷ୍ଟି ପ୍ରଦାନ କରି ପ୍ରକଳ୍ପ ଗୁଡିକର କାମ ତଦାରଖ କରିବା ସହିତ କାମର ଗୁଣବତ୍ତା ଠିକ ରଖିବା ସହିତ ଶୀଘ୍ର କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଲେ ବହୁ କୋଟି ଟଙ୍କାର ପ୍ରକଳ୍ପ ଲୋକଙ୍କ କାର୍ଯ୍ୟରେ ଆସିବା ସହିତ କୋରେଇରେ ଖରାଦିନେ ପାନୀୟଜଳ ସମସ୍ୟା ଦୂର ହେବ।

# ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳିତ



କୋରେଇ (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକରେ ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିର ଗୁଡିକରେ ମହା ସମାରୋହରେ ଶ୍ରୀଗୁଣ୍ଡିଚା ପାଳିତ ହୋଇଯାଇଛି। ଜହ୍ନାର ବଳଦେବଜୀଉ ମନ୍ଦିର, ପଚ୍ଛୀକୋଟ ଜଗନ୍ନାଥ ମନ୍ଦିର, ବରୁଣ୍ଡେଇ ଜଗନ୍ନାଥ ମନ୍ଦିର, ଉତ୍ତର ଖଜିରା ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ସ୍ଥାନରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ରଥଟଣା ମହାସମାରୋହରେ ଅନୁଷ୍ଠିତ ହୋଇଛି। ଜହ୍ନା ବଳଦେବ ଜିଉ ମନ୍ଦିରରେ ପ୍ରଥମେ ମହାପ୍ରଭୁଙ୍କ ନୀତିକାନ୍ତି ପରେ ରଥ ପ୍ରତିଷ୍ଠା କାର୍ଯ୍ୟ ସମାପନା କରାଯାଇଥିଲା। ଏହା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥକୁ ଅଣାଯାଇଥିଲା। ଘଣ୍ଟ, ଘଣ୍ଟା, କୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସଂଧ୍ୟା ସମୟରେ ରଥ ଟଣାଯାଇ ମାଉସୀ ମନ୍ଦିର ନିକଟକୁ ଶ୍ରଦ୍ଧାଳୁମାନେ ଆଣିଥିଲେ। ଟ୍ରଷ୍ଟ ବୋର୍ଡ଼ର ପ୍ରଧାନ ଟ୍ରଷ୍ଟି ଅଭିଳାଷ ବୋଇତାଇ ଛେରାପହଁରା କାର୍ଯ୍ୟ ସମାପନା କରିଥିବା ବେଳେ ପୂଜକ ଗୋପବନ୍ଧୁ ପାଢ଼ୀ, ମୃତ୍ୟୁଞ୍ଜୟ ପାଢ଼ୀ ଓ ପୁରୋହିତ ରାଜ କିଶୋର ପାଢ଼ୀ ପୂଜା କାର୍ଯ୍ୟ କରିଥିଲେ। ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତିଙ୍କ ନେତୃତ୍ୱର କର୍ମଚାରୀ ଉପସ୍ଥିତ ରହି ରଥ ଟଣା କାର୍ଯ୍ୟ ଶାନ୍ତି ଶୃଙ୍ଖଳାରେ ଶେଷ କରିଥିଲେ। ଟ୍ରଷ୍ଟ ବୋର୍ଡର ସମସ୍ତ ସଭ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଆଜି ମହାପ୍ରଭୁ ପହଣ୍ଡି କରାଯାଇ ମାଉସୀ ମନ୍ଦିରରେ ବିଜେ କରାଯାଇଛି।ଟ୍ରଷ୍ଟ ପକ୍ଷରୁ ଆଡ଼ପ ଦର୍ଶନ ପାଇଁ ସମସ୍ତ ଭକ୍ତଙ୍କୁ ନିବେଦନ କରାଯାଇଛି।

# ପଦାରେ ପଡ଼ିଲା ଅତିରିକ୍ତ ଶିକ୍ଷାଧିକାରୀଙ୍କ କାରନାମା



କଣାସ(ଭାସ୍କର ନ୍ୟୁଜ୍): ପଦାରେ ପଡ଼ିଲା ଅତିରିକ୍ତ ଶିକ୍ଷାଧିକାରୀଙ୍କ କାରନାମା । ସରକାରୀ ଶିକ୍ଷକଙ୍କୁ ଟ୍ୟୁସନ ମନା ଜାଣିବି ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ। କାର୍ଯ୍ୟାଳୟ ଭିତରର ଅଭିଯୋଗକାରୀଙ୍କ ଅଭିଯୋଗର ସମଗ୍ର ତଥ୍ୟ ଅଡିଓ - ଭିଡ଼ିଓ କରି ଟ୍ୟୁସନ କରୁଥିବା ସରକାରୀ ଶିକ୍ଷକଙ୍କ ନିକଟକୁ ପଠାଇ ଦିଆଯାଇଛି। ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନଙ୍କ ବିରୋଧରେ ଏପରି ଏକ ସଙ୍ଗୀନ ଅଭିଯୋଗ ଆଣିଛନ୍ତି କିଛି ଅଭିଯୋଗକାରୀ। ସୂଚନାଯୋଗ୍ୟ, ସରକାରୀ ଶିକ୍ଷକମାନେ ଟ୍ୟୁସନ କରିପାରିବେ ନାହିଁ ବୋଲି ୨୦୦୯ ମସିହାରୁ ନିୟମ ଲାଗୁ ହୋଇଛି। କିନ୍ତୁ କିଛି ସରକାରୀ ଶିକ୍ଷକ ଏହି ନିୟମକୁ ଉଲଙ୍ଘନ କରି ଟ୍ୟୁସନ କରୁଥିବା ଦେଖାଯାଇଛି। ବିଶେଷକରି କଣାସ ବ୍ଲକରେ ଏହାର ଅଧିକତ୍ୱ ରହିଛି । ଏ ନେଇ କିଛି ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇବା ସହ ତଳ ମହଲାରୁ ଉପର ମହଲା ଯାଏଁ ଅଭିଯୋଗ କରିଛନ୍ତି । ଅଭିଯୋଗର ବହୁଦିନ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଦେଖାଯାଇନାହିଁ । ଏପର୍ଯ୍ୟନ୍ତ ମଧ୍ୟ ଅଭିଯୋଗ ପରେ ଅଭିଯୋଗ ଦିଆଚାଲିଛି । ଏହାରି ଭିତରେ କିଛି ଅଭିଯୋଗକାରୀ ଅତିରିକ୍ତ ଶିକ୍ଷାଧିକାରି ନାରାୟଣ ପ୍ରଧାନଙ୍କ ବିରୋଧରେ ଆଣିଛନ୍ତି ସଙ୍ଗୀନ ଅଭିଯୋଗ। ଅଭିଯୋଗକାରୀଙ୍କର ସମସ୍ତ କଥାକାର୍ଯ୍ୟକୁ ଅଡ଼ିଓ ଭିଡ଼ିଓ କରି ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ ଟ୍ୟୁସନ କରୁଥିବା ସରକାରୀ ଶିକ୍ଷକଙ୍କ ପାଖରେ ପହଞ୍ଚାଇଛନ୍ତି । ଖାଲି ଏତିକି ନୁହେଁ, ମଗା ଯାଇଥିବା ଆରଟିଆଇ ତଥ୍ୟ ଲିକ୍ କରିଛନ୍ତି ବୋଲି ସେ ନିଜ ତୁଣ୍ଡରେ ସ୍ୱୀକାର କରିଛନ୍ତି । ଆର୍ଟିଆଇ ତଥ୍ୟ ଲିକ୍ କରିବା ଧର୍ତ୍ତବ୍ୟ ଅପରାଧ ଜାଣିବି କିପରି ଏହା କରିପାରିଲେ ତାହା ସମସ୍ତଙ୍କୁ ବିସ୍ମିତ କରୁଛି । ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର ବୋଲି ସାଧାରଣରେ ଦାବି କରାଯାଉଛି । ଘଟଣାରୁ ପ୍ରକାଶ ଯେ, କିଛିଦିନ ପୂର୍ବେ ସରକାରୀ ଶିକ୍ଷକଙ୍କ ଟ୍ୟୁସନ କଥାରେ ଅଭିଯୋଗ କରିଥିବା ତିନିଜଣ ଅଭିଯୋଗକାରୀ ଆଇନଜୀବୀ ତୁଷାର ଜ୍ଞାନ ମହାନ୍ତି, ବୁଦ୍ଧିଜୀବୀ ଦିବ୍ୟ ରଞ୍ଜନ ପ୍ରଧାନ ଓ ସାମ୍ବାଦିକ ମାନସ କୁମାର ମାର୍ଥା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରଦତ୍ତ ଅଭିଯୋଗ ବିଷୟରେ ଆଲୋଚନା କରିଥିଲେ । ଏହି ଆଲୋଚନାର ସମସ୍ତ ତଥ୍ୟ ଟ୍ୟୁସନ କରୁଥିବା ସରକାରୀ ଶିକ୍ଷକ ମାନଙ୍କ ପାଖରେ ପହଞ୍ଚି ସରିଛି । ଏମିତିକି ଆରଟିଆଇ ତଥ୍ୟ ମଧ୍ୟ ସେମାନଙ୍କୁ ପଠାଇଛନ୍ତି ବୋଲି ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ ସ୍ୱୀକାର କରିଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠୁଛି, କାର୍ଯ୍ୟାଳୟ ଭିତରର ସମସ୍ତ ଗୋପନ ତଥ୍ୟ ଲିକ୍ ହେଲା କେମିତି ? ଅତିରିକ୍ତ ଶିକ୍ଷାଧିକାରୀ ହାତଗୁଞ୍ଜା ପାଇ ସେମାନଙ୍କୁ ତଥ୍ୟ ଯୋଗାଇ ଦେଇନାହାଁନ୍ତି ତ ଆଉ? ସବୁ ଜାଣିଲା ପରେବି ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀ ଙ୍କ ନିରବତା କାହିଁକି ? ସେ ମଧ୍ୟ ସରକାରୀ ଶିକ୍ଷକ ମାନଙ୍କ ଟ୍ୟୁସନ କାରବାରର ସପକ୍ଷରେ ନାହାନ୍ତି ତ ? ସରକାରୀ ନିୟମ ଉଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଉଥିବା ସମୟରେ ଏଭଳି ଏକ ସଙ୍ଗୀନ ଅଭିଯୋଗ କଣାସ ଅଞ୍ଚଳରେ ଚର୍ଚ୍ଚା ର କେନ୍ଦ୍ରବିନ୍ଦୁ ପାଲଟିଛି। ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନଙ୍କର ଏଭଳି କାର୍ଯ୍ୟକୁ କଣାସ ଅଞ୍ଚଳରେ ଦୃଢ଼ ନିନ୍ଦା କରାଜିବାସହ ମଣ୍ଡଳ ଶିକ୍ଷାଧିକାରୀ ଓ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀଙ୍କ ବଦଳି ପାଇଁ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏମିତି ଯଦି ତଥ୍ୟ ଲିକ୍ ହୁଏ, ତେବେ ଜନସାଧାରଣଙ୍କର ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ତୁଟି ଯିବ ଏବଂ ଅନ୍ୟାୟ ଅନୀତି ଦିନ?କୁ ଦିନ ବଢ଼ି ଚାଲିବ ବୋଲି ଜନସାଧାରଣଙ୍କ ମଧ୍ୟରେ ଚାପା ଗୁଞ୍ଜରିତ ସୃଷ୍ଟି ହୋଇଛି । ଉପରିସ୍ଥ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲାପାଳ ମହୋଦୟ ଏହା ଉପରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ମାନେ ଆସା ରଖିଛନ୍ତି। ।

# ଅସରାଏ ବର୍ଷାରେ ସର୍ଭିସ ରୋଡ ଅବସ୍ଥା ବେହାଲ



ଫୁଲନଖରା:କଟକ ଭୁବନେଶ୍ୱର ଜାତୀୟ ରାଜପଥ କଟକ ମହାନଗର ନିଗମ ୫୯ନମ୍ବର ୱାର୍ଡ ଫୁଲନଖରାଛକ ସ୍ଥିତ ସର୍ଭିସ ରୋଡରେ ଅସରାଏ ବର୍ଷା ହେବା ମାତ୍ରକେ ରାସ୍ତା ଉପରେ ପାଣି ଜମିରହୁଥିବା ସ୍ଥଳରେ ଜଳ ନିଷ୍କାସନ ହୋଇପାରୁ,ନାହିଁ ଫଳରେ ଯାତାୟାତରେ ଘୋର ବାଧା ସୃଷ୍ଟି କରୁଛି।୫୯ନମ୍ବର ୱାର୍ଡ କର୍ପୋରେଟରଙ୍କ ଘର ସମ୍ମୁଖ ରାସ୍ତାରେ ଦୁଇ ତିନିଦିନ ଧରି ସୃଷ୍ଟିହୋଇଥିବା ଲଘୁଚାପରେ ସାମାନ୍ୟ ବର୍ଷା ହେବଫଳରେ ରାସ୍ତାରେ ପାଣି ଜମିବାସହ ଦହଲ ସୃଷ୍ଟିକରୁଛି ଯାହାଫଳରେ ସାଧାରଣ ସାଇକେଲ ଆରୋହୀଠୁ ଆରମ୍ଭ କରି ମଟର ସାଇକେଲ ଓ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ ମାନେ ଏହି କାଦୁଅ ରାସ୍ତାରେ ବାଧ ହୋଇ ଯାତାୟାତ କରୁଛନ୍ତି।ଏହି ରାସ୍ତା କଡରେ ଫୁଲନଖରା ଉପ ଡାକଘର, ବିଭିନ୍ନ ବ୍ୟାଙ୍କ, ଗାଡି ସୋରୁମ ସହିତ ନୂଆ କାଚରା ମାଳର ଶହେରୁ ଊର୍ଦ୍ଧ ପରିବାର ଓ ଜନ୍ମେଜୟପୁର, ବାଗଧାରାପୁର, ମୁଗଭଙ୍ଗା, ଶାସଳ ଓ ଆମଣ ଗ୍ରାମର ଜନସାଧାରଣଙ୍କ ସହିତ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ବ୍ୟବସାୟୀ ଦୈନିକ ଫୁଲନଖରା ବଜାରକୁ ଏହି ରାସ୍ତାଦେଇ ଆସିଥାନ୍ତି।ମହାନଗର ନିଗମ ପକ୍ଷରୁ ବର୍ଷା ଋତୁ ଆସିବାପୂର୍ବରୁ ଯୁଦ୍ଧ କାଳୀନ ଭିତ୍ତିରେ ରାସ୍ତା ନିର୍ମାଣ ଓ ଡ୍ରେନ ତିଆରି କରି ଜଳ ନିଷ୍କାସନ କରିବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ରହିଅଛି।ଅଥଚ ଦୁର୍ଭାଗ୍ୟର ବିଷୟ ମାତ୍ର ଅସରାଏ ବର୍ଷାହେଲେ ଏହି ରାସ୍ତାଟି ସମ୍ପୂର୍ଣ୍ଣ କାଦୁଅ ପଙ୍କରେ ଉବୁଟୁବୁ ହେଉଅଛି।ଏପରି ସ୍ଥଳେ କର୍ପୋରେଟର ଓ ସ୍ଥାନୀୟ ବିଧାୟକ ଜନସାଧାରଣଙ୍କ ମୌଳିକ ସୁବିଧାକୁ ଗୁରୁତ୍ୱ ନଦେଇ କାର୍ଯ୍ୟାଦେଶ ବଣ୍ଟନ କରିବା ଓ ଭିତ୍ତିପ୍ରସ୍ତର ଉନ୍ମୋଚନ କରିବା କାହା ସ୍ୱାର୍ଥରେ ହେଉଛି ବୋଲି ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ବିପଦସଙ୍କୁଳ ଅବସ୍ଥାରେ ସୁମଡା ପୋଲ

କୁଜଙ୍ଗ(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ପଲ୍ଲୀକଣ୍ଟା ପଞ୍ଚାୟତ ଅନ୍ତର୍ଗତ ସୁମଡା ପୋଲ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ବୁଦ୍ଧନଦୀ ଉପରେ ଅବସ୍ଥିତ ଏହି ପୋଲଟି ଦୀର୍ଘ ଦିନଧରି ଅସୁରକ୍ଷିତ ଅବସ୍ଥାରେ ଥିବାବେଳେ ତାହାର ମରାମତି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତିର୍ତ୍ତୋଲ କଣ୍ଟାପଡ଼ା ଠାରୁ ବାହାରିଥିବା ବୁଦ୍ଧ ନଦୀ ଉପରେ ସୁମଡା ଠାରେ,ଏହି ପୋଲଟି ୨୩ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ଏହି ପୋଲଟି ରକ୍ଷଣାବେକ୍ଷଣ ଅଭାବରୁ ଇତିମଧ୍ୟରେ ପୋଲର ଉଭୟ ପାର୍ଶ୍ୱ ବାଡା ସମ୍ପୁର୍ଣ୍ଣ ଭାଙ୍ଗିଗଲାଣି।ଏହାର ଖୁମ୍ବ ଗୁଡିକରୁ କଂକ୍ରିଟ ଛାଡି ତାହା କ୍ରମଶଃ ଦୁର୍ବଳ ହୋଇପଡିଲାଣି।ଦୀର୍ଘ ବର୍ଷ ପରେ ମଧ୍ୟ ପୋଲଟିର ମରାମତି କରାଯାଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।ରାହାମା ପଣ୍ଡୁଆ ଠାରୁ ଏରସମା ଅଞ୍ଚଳର ନିମୋଳ ପର୍ଯ୍ୟନ୍ତ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଉପରେ ଅବସ୍ଥିତ ଏହି ପୋଲଟିର ଏପରି ଅବସ୍ଥା ପଥଚାରୀ ମାନଙ୍କ ପାଇଁ ବିପଦ ସୃଷ୍ଟି କରୁଥିବାର କୁହାଯାଉଛି। ଏହି ପୋଲଟିକୁ ତୁରନ୍ତ ମରାମତି କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ପଲ୍ଲୀକଣ୍ଟା ପଞ୍ଚାୟତ ଅଞ୍ଚଳର ରମେଶ ଦାଶ,ସଂସୟ ସ୍ୱାଇଁ, ଭାସ୍କର ସ୍ୱାଇଁ, ଶ୍ରୀଧର ରାଉତ, ଶଙ୍କର ସ୍ୱାଇଁ, ଉମେଶ ରାଉତ, ନରେନ୍ଦ୍ର ମହାନ୍ତି ଓ ଭଗବାନ ସ୍ୱାଇଁ ପ୍ରମୁଖ ଦୃଢ଼ ଦାବି କରିଛନ୍ତି।



# ଚାରାରୋପଣ ଓ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଆହ୍ୱାନ



କେନ୍ଦୁଝର(ଭାସ୍କର ନ୍ୟୁଜ୍):କେନ୍ଦୁଝର ସଦର ବ୍ଲକ ମଇଦାନକେଲ ପଂଚାୟତର ହରିହରପୁର ଠାରେ ଗାନ୍ଧୀ କଥା ଅନୁଷ୍ଠିତ ହୋଇଯାଇଛି । ଓଡିଶା ଗାନ୍ଧୀ ବିଚାର ପରିଷଦ, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ଓ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟର ମିଳିତ ସହଯୋଗରେ ଆୟୋଜିତ ଗାନ୍ଧୀ କଥାରେ ନୂତନ ଜଙ୍ଗଲ ସୃଷ୍ଟି ଓ ଫଳନ୍ତି ବୃକ୍ଷରୋପଣ ପାଇଁ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର କାଞ୍ଚନପ୍ରଭା ମହାନ୍ତ ଓ ମଇଦାନକେଲ ଗ୍ରାମ ପଂଚାୟତର ନାଏବ ସରପଂଚ ଶକୁନ୍ତଳା ମହାନ୍ତ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଦରବାର ସାହିତ୍ୟ ସଂସଦ, ଭୁବନେଶ୍ୱରର ସଂପାଦକ କେଦାରଶ୍ୱର ଚୌଧୁରୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ କେନ୍ଦୁଝରରେ ମିଳୁଥିବା ସ୍ଥାନୀୟ ମଞ୍ଜିକୁ ମାଟିରେ ବଲ ତିଆରି କରି ଜଙ୍ଗଲରେ ପକାଇବାକୁ ପରାମର୍ଶ ଦେଇଥିଲେ । ଚାର, ଜାମୁ, ନିମ୍ବ, ଟୁଲ, ପଣସ, ପିଜୁଳି ଭଳି ମଞ୍ଜିକୁ ମାଟି ବଲରେ ପୁରାଇ ଛାଇରେ ଶୁଖାଇବା ପରେ ପାଖ ଜଙ୍ଗଲରେ ପକାଇବାର କୌଶଳ ଶିକ୍ଷା ଦେଇଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହାର ନେତୃତ୍ୱ ନେବାକୁ ସ୍ଥିର ହୋଇଥିଲା । ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟର ଯୁବଗୋଷ୍ଠୀମାନେ ହରିହରପୁର,ବାଘୁଆ ସାହି,କେରୀ,ଜଡିଖୁଣ୍ଟା ଗ୍ରାମରେ ପ୍ରତ୍ୟେକ ପରିବାରକୁ ୪ଟି କରି ଫଳନ୍ତି ଚାରା ପ୍ରଦାନ କରିବାକୁ ପରିବେଶବିତ ଡକ୍ଟର ବିମ୍ବାଧର ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଗାନ୍ଧୀ ତତ୍ତ୍ୱବିତ ଭକ୍ତବତ୍ସଳ ମହାନ୍ତି କହିଲେ ଆମେ ଜଙ୍ଗଲ ସୁରକ୍ଷା କମିଟିରେ ଜଙ୍ଗଲକୁ ପାଳି କରି ଜଗିଦେଲେ ଶାଳ ଜଙ୍ଗଲ ଆପଣା ଛାଏଁ ବୃଦ୍ଧି ପାଇବ । ଶାଳ ଗଛ ମୂଳରେ ପାଣି ରହିଥାଏ, କାରଣ ଶାଳ ଗଛର ଚେର ପାଣିକୁ ଧରି ରଖେ । ଜଳସ୍ତର ଧିରେ ଧିରେ ବଢିବା ସହିତ ବାୟୁ ମଣ୍ଡଳର ପରିବର୍ତ୍ତନକୁ ନିୟନ୍ତ୍ରଣ କରିବ । ଓଡିଶା ଗାନ୍ଧୀ ବିଚାର ପରିଷଦ ତରଫରୁ ମୁଖ୍ୟବକ୍ତା କେଦାରଶ୍ୱର ଚୌଧୁରୀଙ୍କୁ ଡକ୍ଟର ବିମ୍ବାଧର ବେହେରା ଗାନ୍ଧୀ ସାହିତ୍ୟ, ଉତ୍ତରୀୟ,ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରଗତି ଫାଉଣ୍ଡେସନର ଯୁବ ସ୍ୱେଚ୍ଛାସେବୀ, ହରିହରପୁର ଗ୍ରାମର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବୈଠକରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରଗତି ଫାଉଣ୍ଡେସନର ସଭାପତି ମନୋଜ କୁମାର ମହାନ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବନ ମହୋତ୍ସବ ପାଳନ ସପ୍ତାହରେ ଫଳନ୍ତି ଚାରା ବଂଟନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

# ଶ୍ରୀ ଶ୍ରୀ ବଳଦେବ ଜିଉଙ୍କ ରଥଯାତ୍ରା ପାଳିତ



ଜଗତସିଂହପୁର(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଅନ୍ତର୍ଗତ ପବିତ୍ର ସିଦ୍ଧାଳୟ ପୀଠ ସିଦ୍ଧଳ ଗ୍ରାମରେ ଥିବା ମହାପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଘୋଷଯାତ୍ରା ଅବସରରେ ପୂର୍ବରାତ୍ର ୪.୩୦ ମିନିଟ ସମୟରେ ମଙ୍ଗଳସ୍ତୁତି ପାଠ, ମଙ୍ଗଳ ଆଳତି, ୫.୩୦ ମିନିଟ୍ ସମୟରେ ସ୍ନାନାଦି ନିତ୍ୟକ୍ରିୟା ସଂପାଦନ, ୭.୩୦ ମିନିଟ ସମୟରେ ମଙ୍ଗଳାର୍ପଣ, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ପାକଶାଳା ପୂଜା, ବୈଷ୍ଣବାଗ୍ନି ସଂସ୍କାର,ଷୋଡଶ ଉପଚାର ପୂଜା, ମଧ୍ୟାହ୍ନ ୧୨ ଘଟିକା ସମୟରେ ମଧ୍ୟାହ୍ନ ଧୂପ, ୧୨.୩୦ ମିନିଟ ସମୟରେ ରଥପ୍ରତିଷ୍ଠା ଓ ପତାକାଲାଗି , ଅପରାହ୍ନ ୪ ଘଟିକା ସମୟରେ ପ୍ରଭୁଙ୍କ ପହଣ୍ଡି ବିଜେ, ଅପରାହ୍ନ ୪.୩୦ ମିନିଟ ସମୟରେ ଠାକୁର ରାଜା ଜଗତସିଂହପୁର ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ ଯୋଗଦେଇ ରଥମାର୍ଜନା ଓ ଛେରାପହଁରା କରି ସମସ୍ତ ରୀତିନୀତି କାର୍ଯ୍ୟ ସମାପନ ପରେ ସର୍ବସାଧାରଣଙ୍କ ଭୋଗଲାଗି ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ ରଥଯାତ୍ରା ଅବସରରେ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।ତେବେ ଏହି ରଥଯାତ୍ରା ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ଚତୁର୍ଦ୍ଧାମୂର୍ତ୍ତି ଙ୍କର ଦିବ୍ୟଦର୍ଶନ ଲାଭ କରିଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟି ଉପଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି , ତହସିଲଦାର ଅଜୟ କୁମାର ମହାନ୍ତି, ଆରକ୍ଷୀ ନିରୀକ୍ଷକ ପ୍ରଭାସ କୁମାର ସାହୁ, ଜଗତସିଂହପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ସୀମା ଜେନା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଗଣ, ଆରକ୍ଷୀ ବାହିନୀ, ସମ୍ପାଦକ ଜ୍ୟୋତିରଞ୍ଜନ ପରିଡା, କୋଷାଧ୍ୟକ୍ଷ ଅଭୟ କୁମାର ଦାଶ, ମନ୍ଦିରର ମୁଖ୍ୟ ପୂଜାପଣ୍ଡା ଅରୁଣ କୁମାର ପଣ୍ଡା, ମୁଖ୍ୟ ପୁରୋହିତ ସୁରେନ୍ଦ୍ରନାଥ ଦାଶଶର୍ମା, ରାମଚନ୍ଦ୍ର ଦାଶ, କାଳିକିଙ୍କର ଆଚାର୍ଯ୍ୟ, ଲକ୍ଷ୍ମୀନାରାୟଣ ସାମନ୍ତରାୟ, ପ୍ରଫୁଲ୍ଲ କୁମାର ସାହୁ, ଡାଃ ସୁରେନ୍ଦ୍ର ନାଥ ତ୍ରିପାଠୀ, ଚିତରଞ୍ଜନ ପଣ୍ଡା, ଜ୍ୟୋତିର୍ମୟୀ ମହାନ୍ତି, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା କେନ୍ଦ୍ର ଖୋଲାଯିବା ସହ ଉତ୍କଳ ପ୍ରସଙ୍ଗ ଓଡିଶା ରିଭ୍ୟୁ ବିକ୍ରୟ କରାଯାଇଥିଲା।

## 'ଯାଦବ ଦେଶଦ୍ରୋହୀ' ମନ୍ତବ୍ୟ ଦେବା ଘଟଣା

# ଟାଉନ୍ ଥାନାରେ ମାମଲା ରୁଜୁ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଭବାନୀପାଟଣା ସହର ଯାଦବ ସମାଜଙ୍କ ପକ୍ଷରୁ ସ୍ଥାନୀୟ ଟାଉନ ଥାନା ଠାରେ ଯାଦବ(ଗୌଡ଼) ସମ୍ପ୍ରଦାୟକୁ ଆକ୍ଷେପ କରି ଦେଇଥିବା ମନ୍ତବ୍ୟକୁ ନେଇ ଏକ ମାମଲା ରୁଜୁ ହୋଇଛି। ଗତ ୨୭ ତାରିଖରେ ନିତେଇ ପାଲ ଗ୍ରାମ-ଚିନାଜୁରୀ, ଥାନା-ଡୁଙ୍ଗୁରିପାଲି, ଜିଲ୍ଲା - ସୁବର୍ଣ୍ଣପୁରର ଜଣେ ଯୁବକ ଯାଦବ ସମାଜକୁ ଆକ୍ଷେପ କରି 'ଯାଦବ ଦେଶଦ୍ରୋହୀ' ବୋଲି ତାଙ୍କ ଫେସବୁକ ଏକାଉଣ୍ଟରୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ, ଯାହାକି ସମଗ୍ର ଯାଦବ ସମାଜ ପ୍ରତି ଗଭୀର ଆଘାତ ଦେଇ ସମ୍ବିଧାନିକ ଅଧିକାର ଓ ସମ୍ମାନନହାନୀ ହେଉଥିବା ଅଭିଯୋଗ କରି ଭବାନୀପାଟଣା ଟାଉନ ଥାନା ଠାରେ ଭାରତୀୟ ନ୍ୟାୟ ସଂହିତା, ୨୦୨୩ ଧାରା ୧୯୨,୨୯୯, ୩୫୬ ଏବଂ ୩୫୩ ସହ ଆଇଟି ଆକ୍ଟ ୨୦୦୦କୁ ଆଧାର କରି ଭିତ୍ତିହୀନ ଲେଖା ପୋଷ୍ଟ କରିଥିବାରୁ ଶ୍ରୀ ପାଲଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ସ୍ଥାନୀୟ ଟାଉନ ଥାନାର ଆଇଆଇସଙ୍କୁ ଯାଦବ ସମାଜ ପକ୍ଷରୁ ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ସମାଜର ପୀତବାସ ବେହେରା, ରାଜେଶ ଗୌଡ଼, ନଳିନୀ ରଞ୍ଜନ ରାଉତ, ସତ୍ୟ ନାରାୟଣ ବିଶି,ମନୋଜ କୁମାର ବାଗ, ଲକ୍ଷ୍ମୀ ରଞ୍ଜନ ବାଗ, ଅଶ୍ୱିନୀ ଚନ୍ଦନ, ସିଦ୍ଧାର୍ଥ ନାୟକ, ରାଧେ ରାଉତ, ଧର୍ମାନନ୍ଦ ବଗର୍ତି, ଅରୁଣ ବାଗ, କ୍ରିତିକାନ୍ତ କାଣ୍ଡ ଓ ଦୀପନ୍ତ ବଗର୍ତି ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଦୋଷୀ ବିରୁଦ୍ଧରେ ପ୍ରଶାସନ କି ଭଳି ପଦକ୍ଷେପ ଗ୍ରହଣ କରୁଛି ତାହା ଆଗାମୀ ଦିନରେ ଜଣା ପଡ଼ିବ।

# ବନ୍ଦ ହେଉନି ଦାଦନ ଶ୍ରମିକଙ୍କ ଯିବା ଆସିବା



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ-ଦଣ୍ଡପାଟ ଅଞ୍ଚଳରେ ରୀତିମତ ଦାଦନଙ୍କ ଯିବା ଆସିବା ଲାଗି ରହିଛି। ବର୍ଷମାନ ଖରିଫ ଚାଷର ସମୟ। ଚାଷ କାମ କରିବାକୁ ଏବେ ଶହ ଶହ ଦାଦନ ଶ୍ରମିକ ଘର ବାହୁଡ଼ା କରୁଥିବା ଦେଖିବାକୁ ମିଳିଛି। ଆମପାଣି, ଧର୍ମଗଡ଼, ବେହେରା, ପର୍ଲା ଦେଇ ହାଇଦ୍ରାବାଦ, ଜଗଦଲପୁର, ବିଶାଖାପାଟଣା ବିଭିନ୍ନ ସ୍ଥାନରୁ ବସ ମଧ୍ୟରେ ଲୋକମାନେ ଓଭର ଲୋଡ୍ ହୋଇ ଆସୁଥିବା ଜଣାପଡ଼େ। ସତେ ଯେମିତି କେବଳ ଦାଦନ ଚାଲାଣ କରିବା ଉଦ୍ଦେଶ୍ୟରେ ବସ୍ ଗୁଡିକ ଯାତାୟାତ କରୁଛି। ତାହା ଭିତରୁ ଅନେକ ବସ୍‌ର ପରମିଟ୍ ନ ଥିବା ବେଳେ ଅନେକ ଟୁରିଷ୍ଟ ପରମିଟ୍‌ରେ ଯାତ୍ରୀଙ୍କୁ ଦୈନନ୍ଦିନ ନେବା ଆଣିବା କରୁଥିବା ବି ଲୋକଙ୍କ ମଧ୍ୟରେ ଆଲୋଚନା ହୁଏ। ବର୍ତ୍ତମାନ ଚାଷ ପାଇଁ ଦାଦନ ଶ୍ରମିକଙ୍କ ଘର ବାହୁଡ଼ା ପର୍ବ ଲାଗି ରହିଛି। ଶହ ଶହ ଦାଦନ ଶ୍ରମିକ ନିଜ ପରିବାରକୁ ଧରି ବିଭିନ୍ନ ରାଜ୍ୟରୁ ଘରକୁ ଫେରୁଥିବା ଜଣାପଡ଼ିଛି। ପ୍ରାୟ ହାଇଦ୍ରାବାଦ, ଆନ୍ଧ୍ରପ୍ରଦେଶ, ଚେନ୍ନାଇ, ବିଶାଖାପାଟଣା ଆଦି ସ୍ଥାନରେ ବିଭିନ୍ନ ଘରୋଇ ଠିକାଦାର ନିକଟରେ ଇଟା ଭାଟିରେ କାମ କରୁଥିବା ଦାଦନ ସଂଖ୍ୟା ଅଧିକ ରହିଥିବା ଅନୁମାନ କରାଯାଏ। ସାଧରଣ ଭାବେ ଇଟା ଭାଟି କାମ ବର୍ଷା ଦିନେ ବନ୍ଦ ରୁହେ। ଏହି କାମରେ ନିୟୋଜିତ ଦାଦନ ମାନେ ଠିକ୍ ମେ, ଜୁନ ଜୁଲାଇ ସମୟରେ ଘର ବାହୁଡ଼ା କରିଥାନ୍ତି। ଦ୍ୱି ପଇସା ରୋଜଗାର କରି ନିଜ ଚାଷ କାମରେ ବିନିଯୋଗ କରିଥାନ୍ତି। ଏପରି ଦଲାଲ ଓ ମହାଜନ, ଠିକାଦାରଙ୍କ ଠାରୁ ଅଗ୍ରୀମ ଭାବେ ମଧ୍ୟ କିଛି ଟଙ୍କା ଆଣିଥାନ୍ତି। ଠିକ ଖରିଫ ଫସଲ ଅମଳ ସାରି ଫେର ବିଭିନ୍ନ ରାଜ୍ୟକୁ ଯାଇଥାନ୍ତି। ତେବେ ପର୍ଯ୍ୟାୟ ପର୍ଯ୍ୟାୟ କ୍ରମେ ଦାଦନଙ୍କ ଯିବା ଆସିବା ଲାଗି ରହିଥାଏ। ବିଶେଷ ଭାବେ ଜାନୁଆରୀ ଫେବୃଆରୀ ମାସ ମଧ୍ୟରେ ଅଧିକାଂଶ ଦାଦନ ଶ୍ରମିକ ବିଭିନ୍ନ ରାଜ୍ୟକୁ ଯାଇଥିବା ବେଳେ ଜୁନ ଜୁଲାଇରେ ଲେଉଟି ଥାଆନ୍ତି। ହେଲେ ନୂଆଁଖାଇ ପର୍ବ ମାନଙ୍କରେ ପ୍ରାୟ ସମସ୍ତ ଦାଦନ ଘର ବାହୁଡ଼ା କରିଥାନ୍ତି।

## ମତ୍ସ୍ୟ ଅବତାରରେ ଦର୍ଶନ ଦେଲେ ମହାପ୍ରଭୁ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ରିଷିଡା ମାଉସୀ ମାଁ ମନ୍ଦିରରେ ଶନିବାର ଶ୍ରୀ ଜଗନ୍ନାଥଙ୍କ ମତ୍ସ୍ୟ ଅବତାର ହୋଇଥିଲା। ଏହି ଅବତାରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖାଯାଇଥିଲା। ଏଥିରେ ମନ୍ଦିର କମିଟିର ସଭାପତି କରୁଣାକର ରଣା, ସଂପାଦକ ପାର୍ଥ ସାହୁ, ବାବୁଲା ସାହୁ, ସଂଜୟ ରଣା, ସୁଶାନ୍ତ ମଲ୍ଲିକ, କ୍ଷୀରସାଗର ରଣା, ପୁଜକ ମଧୁ ଦାସ, ମନୁଦାସ ପ୍ରମୁଖ ବିଭିନ୍ନ ନିତିକାନ୍ତିରେ ସହଯୋଗ କରୁଛନ୍ତି। ସଂଧ୍ୟାରେ ଭଜନ ସମାରୋହ ସହିତ ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ବାସ୍ମା ଧାନ ଚାଷ କରି ସମସ୍ୟାରେ ଚାଷୀ



### ଉଚିତ୍ ମୂଲ୍ୟ ନପାଇ ଅସନ୍ତୋଷ ଚାଷୀ

ଜୁନାଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବୁଢୀଦର ପଞ୍ଚାୟତର ଅନେକ ଚାଷୀ ବାସ୍ମା ଧାନ ଚାଷ କରି ଦୀର୍ଘ ଦିନରୁ ଲକ୍ଷ୍ୟାଧିକ ବକେୟା ଟଙ୍କା ପାଇ ପାରି ନ ଥିବା ଘଟଣାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସୂଚନା ମୁତାବକ ବୁଢୀଦର ପଞ୍ଚାୟତ କନ୍ଧ ସର୍ଗିଗୁଡାର ପ୍ରାୟ ୧୦ ରୁ ଉର୍ଦ୍ଧ୍ୱ ଚାଷୀ ପ୍ରାୟ ୧୦୦ହେକ୍ଟର ଜମିରେ ବାସ୍ମା ଧାନ ଚାଷ କରିଥିଲେ। ଏହି ବାସ୍ମା ଧାନ ବିହନ ଜୟ କୋକସରା ଅର୍ଗାନିକ ଫାର୍ମର ପ୍ରଡ୍ୟୁସର ଗ୍ରୁପ ଦେଇଥିଲେ। ଏଥିସହ ଧାର୍ଯ୍ୟ ମୂଲ୍ୟ ଖତ ସାର ଯୋଗାଇ ଦେବା ପାଇଁ ପ୍ରବର୍ତ୍ତାଇ ଥିଲେ। ଏହି ଚାଷ ସମୟରେ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଆସି ରିପୋର୍ଟ ପ୍ରଦାନ କରିଥିଲେ। ଏହି ସଂସ୍ଥା ଚାଷୀଙ୍କୁ ଅମଳ ପରେ କୁଇଣ୍ଟାଲ ପ୍ରତି ୪୧୦୦ ଟଙ୍କା ଦେବା ପାଇଁ ଧାର୍ଯ୍ୟ କରିଥିଲା। ହେଲେ ଧାର୍ଯ୍ୟ ମୁତାବକ ଟଙ୍କା ନ ଦେଇ ୩୨୦୦ଟଙ୍କା ପ୍ରଦାନ କରିଥିଲା। ପରେ ବକେୟା ପ୍ରାପ୍ୟ ପାଇବା ପାଇଁ କହିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ବକେୟା ପ୍ରାୟ ୧୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉକ୍ତ ଚାଷୀ ମାନେ ପାଇ ପାରି ନାହାନ୍ତି। ଏ ସଂକ୍ରାନ୍ତରେ ଜିଲ୍ଲା କୃଷି ଅଧିକାରୀ ଏବଂ ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ପାରି ନ ଥିବାରୁ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ କୋଠର ପଦକ୍ଷେପ ନେବୁ ବୋଲି ସେମାନେ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଆନନ୍ଦ ସାହୁ, ଗିରୀଶ ସାହୁ, ଜୟସିଂ ନାଏକ, ଗଜରକ୍ଷଜ ଛତ୍ରିଆ, ବିଦ୍ୟାଧର ନାଏକ, ଅକ୍ଷ ସାହୁ, ଶକୁନ୍ତଳା ବେସରାଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ।

## କୁନି ଶିଶୁଙ୍କ ରଥଯାତ୍ରା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ନର୍ଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାଟିକା ବିଭାଗର ଛାତ୍ରଛାତ୍ରୀ ମାନେ ଶନିବାର ରଥଯାତ୍ରା କରିଛନ୍ତି। ବିଦ୍ୟାଳୟ ଗୁରୁଜୀ ଗୁରୁମାଙ୍କ ନେତୃତ୍ୱରେ ଶିଶୁ ବିଦ୍ୟାମନ୍ଦିର ପରିସରରେ ଛାତ୍ରଛାତ୍ରୀମାନେ ଠାକୁର ରାଜା ଗଜପତି, ପଣ୍ଡା ଭୂମିକାରେ ବେଶ ପରିପାଟୀ ହୋଇ ଘଣ୍ଟ ଶଙ୍ଖ ବଜାଇ ତିନି ଠାକୁରଙ୍କୁ ପହଣ୍ଡି କରି ରଥରେ ବସାଇ ରଥ ଟାଣିଥିଲେ। ବାଟିକା ବିଭାଗର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ଦୋକାନ କରି ବିଭିନ୍ନ ଖେଳଣା ସାମଗ୍ରୀ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ଶେଷରେ ତିନି ଠାକୁରଙ୍କୁ ରଥରୁ ଓହ୍ଲାଇ ଅନ୍ୟ ଏକ ଶ୍ରେଣୀ କୋଠରୀରେ ମାଉସୀ ମା'ମନ୍ଦିର କରି ରଖିଥିଲେ। ଅଭିଭାବକ ଓ ଦର୍ଶକ ନର୍ଲା ଶିଶୁ ବିଦ୍ୟା ମନ୍ଦିରର ବାଟିକା ବିଭାଗ ତରଫରୁ କୁନି କୁନି ଛାତ୍ରଛାତ୍ରୀଙ୍କ ଏହି ଅଭିନବ ରଥଯାତ୍ରାକୁ ମନଭରି ଉପଭୋଗ କରିଥିଲେ।

## ବୟସ ୮୦ ଟପିଲାଣି: ଏଯାଏଁ ମିଳୁନି ଭତ୍ତା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସରକାର ବୃଦ୍ଧବୃଦ୍ଧା ବିଧବା ଭିନ୍ନକ୍ଷମମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ଯୋଗାଇ ଦେଉଛନ୍ତ। ହେଲେ ପ୍ରଶାସନିକ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ତଥା ଅବହେଳା ଯୋଗୁଁ ପ୍ରକୃତ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ଘଟଣା ବହୁବାର ନଜରକୁ ଆସୁଛି। ଏହାର ଆଉ ଏକ ଉଦାହରଣ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଖଲିଆପାଲି ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ବିଧବା ମହିଳା ରମା ଭୋଇଙ୍କ ସ୍ୱାମୀ ଗୌତମ ଭୋଇ ଚାଲିଯିବା ପରେ ବିଧବା ଭତ୍ତା ଖଣ୍ଡିଏ ମିଳିପାରି ନାହିଁ। ଫଳରେ ସ୍ୱାମୀଙ୍କ ମୃତ୍ୟୁପରେ ରମା ଅସହାୟ ହୋଇ ପଡ଼ିଛନ୍ତି। ଗରିବ ଶ୍ରେଣୀର ହୋଇଥିବାରୁ ପରିବାର ଚଳାଇବା ମଧ୍ୟ କଷ୍ଟକର ହୋଇପଡୁଛି। ଅନ୍ୟପଟେ ରମାଙ୍କୁ ୮୦ ବର୍ଷ ଅତିକ୍ରମ କଲାଣି। ବିଧବା ଭତ୍ତା ପାଇଁ ଅନ୍‌ଲାଇନ୍ ଆବେଦନ କଲେ ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଉଛି। ଅସହାୟ ମହିଳାଙ୍କୁ ବିଧବା ଭତ୍ତା ମିଳୁନି, ତେବେ ଯୋଜନା କାହା ପାଇଁ ବୋଲି ରମା ପ୍ରଶ୍ନ ଉଠାଇଛନ୍ତି। ସେ ଅନେକ ଥର ପଞ୍ଚାୟତ ଅଫିସକୁ ଗଲେ ମଧ୍ୟ ଅଧିକାରୀ ମାନଙ୍କୁ ଦେଖା କରିପାରୁନାହାନ୍ତି। ଜିଲ୍ଲାପ୍ରଶାସନ ରାମାକୁ ବିଧବା ଭତ୍ତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବର୍ଷା ସାଜିଛି କାଳ: ଧାନ ବିକ୍ରି ନହେବାରୁ ଚାଷୀ ହତାସ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାରେ ଗତ କିଛିଦିନ ଧରି ଲଗାଣ ବର୍ଷା ଜାରି ରହିଛି। ଏହା ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ରବି ଧାନ ଅମଳ କରି ବିକ୍ରି ପାଇଁ ଚାଷୀମାନେ ମଣ୍ଡିରେ ରଖିଛନ୍ତି। ହେଲେ ମଣ୍ଡିରୁ ଧାନ ଠିକ୍ ଭାବେ ଉଠୁନାହିଁ। ଫଳରେ ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନ ବର୍ଷା ପାଣିରେ ଭିଜି ନଷ୍ଟ ହେବାରେ ଲାଗିଛି। ବିଶେଷ କରି ଜିଲ୍ଲାର ଅନେକ ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବାରୁ ସେଠାରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳିଛି। ଆର୍‌ଏମ୍‌ସି ପକ୍ଷରୁ ତାରପୋଲିନ ଦିଆଯାଉଥିଲେ ମଧ୍ୟ ଲଗାଣ ବର୍ଷା ଯୋଗୁଁ ତଳ ପଟେ ପାଣି ପଶି ଧାନ ଭିଜିଯାଉଛି। ଏଥିଯୋଗୁଁ ଅନେକ ଚାଷୀଙ୍କ ଧାନ ଗଜା ହୋଇଯାଇଛି। ଧାନ କିଣା ମନ୍ଥର ଯୋଗୁଁ ଜିଲ୍ଲାର ୮୫ ମଣ୍ଡିରେ ୫ ହଜାର ଟୋକନର ୨ ଲକ୍ଷରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ବୁଧବାର ସୁଦ୍ଧା ୪୨ ହଜାର ୫୭୭ ଚାଷୀଙ୍କ ୩୦ ଲକ୍ଷ ୩ ହଜାର ୬୬୪ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ସେଥିରୁ ବୁଧବାର ଗୋଟିଏ ଦିନରେ ୭୫୮ ଜଣ ଚାଷୀଙ୍କ ୬୦ ହଜାର ୮୧୫ କୁଇଣ୍ଟାଲ ଧାନ ଉଠାଣ ହୋଇଛି। ଜିଲ୍ଲାରେ ରବି ଧାନ କିଣା ଟାର୍ଗେଟ ବର୍ତ୍ତମାନ ସୁଦ୍ଧା ୩୨ ଲକ୍ଷ ୨୨ ହଜାର ରହିଥିବାବେଳେ ଅବଶିଷ୍ଟ ଧାନ ଏବେ ବିକ୍ରି ନ ହୋଇ ମଣ୍ଡିରେ ପଡିଛି। ସେହିପରି ଚଳିତ ରବି ଧାନ ସଂଗ୍ରହ ପାଇଁ ଜିଲ୍ଲାରେ ୧୪୪ ଧାନ ମଣ୍ଡି ରହିଥିବାବେଳେ ସେଥିରୁ ବର୍ତ୍ତମାନ ୫୯ ମଣ୍ଡିରେ ଧାନ କିଣା ସରିଥିବା ଜଣାପଡିଛି। ପ୍ରକାଶ ଯେ, ଏହି ସମୟରେ ଚାଷୀ ମାନେ ରବି ଧାନ ଅମଳ ପ୍ରକ୍ରିୟା ସାରି ଖରିଫ ଚାଷ ପାଇଁ ସଜବାଜ ହେବା କଥା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ରବି ଧାନ ବିକ୍ରି ଶେଷ ହୋଇ ନାହିଁ। ଗତ ୩ବର୍ଷ ଧରି ଜୁନ ୨୦ ତାରିଖ ସୁଦ୍ଧା ରବି ଧାନ ପ୍ରକ୍ରିୟା ଶେଷ ହେଉଥିବାବେଳେ ଚଳିତ ବର୍ଷ କିନ୍ତୁ ଜୁନ ୨୬ ତାରିଖ ପହଞ୍ଚି ଥିବାବେଳେ ଏହା ଶେଷ ହୋଇ ନାହିଁ। ଫଳରେ ଖରିଫ ଧାନ ଚାଷ ବିଳମ୍ବିତ ହେବ ବୋଲି ଜଣାପଡିଛି। ଏ ନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ସାହୁଙ୍କୁ ପଚାରିବାରୁ ବର୍ଷା ଯୋଗୁ ଧାନ କିଣା ପ୍ରଭାବିତ ହେଉଛି। ଅନେକ ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବାରୁ ଧାନ ଭିଜିବା ସ୍ୱାଭାବିକ। ବର୍ଷା ସତ୍ତ୍ୱେ ଚାଷୀଙ୍କ ଧାନ ଉଠାଣ କରାଯାଉଛି। ବର୍ଷା କମିଲେ ଧାନ କିଣା ସ୍ୱାଭାବିକ ହେବ ବୋଲି କହିଥିଲେ।

## ସଫେଇ କର୍ମଚାରୀଙ୍କୁ ସହାୟତା

କେସିଙ୍ଗା, (ଭାସ୍କର ନ୍ୟୁଜ୍) : ଏସ୍‌ବିଆଇ ଫାଉଣ୍ଡେସନ୍ ଏବଂ ରାମକି ଫାଇଣ୍ଡେସନ୍ ତରଫରୁ କେସିଙ୍ଗା ନଗରପାଳିକା ଅଧୀନ ୮ନମ୍ବର ୱାର୍ଡ଼ର ସ୍ମାର୍ଟ କଲୋନୀରେ ସଫେଇ କର୍ମଚାରୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି। କେସିଙ୍ଗା ନଗରପାଳିକାର ସ୍ୱଚ୍ଛତା ନିରୀକ୍ଷକ ଆକୁଳ ନାୟକଙ୍କ ଦ୍ୱାରା ନଗରପାଳିକାର ସଫେଇ କର୍ମଚାରୀଙ୍କୁ ରେନକୋଟ୍, ସେଫ୍ଟିଜୋତା ଏବଂ ହ୍ୟାଣ୍ଡ ଗ୍ଲୋବ ପ୍ରଦାନ କରାଯାଇଛି। ରାମକି ଫାଉଣ୍ଡେସନର ଡାକ୍ତର ବିମଳ ଚରଣ ଷଡ଼ଙ୍ଗୀ, ଜ୍ୟୋସ୍ନାମୟୀ ବେହେରା, ପଙ୍କଜିନୀ ରଣା, ନିତୁ ନାୟକ, ନିରଞ୍ଜନ ହାତୀ, ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଫାଉଣ୍ଡେସନ୍ ଭବାନୀପାଟଣା ମୁନିସିପାଲଟିରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ମଧ୍ୟ ଜୋତା, ରେନ୍ କୋଟ ବଣ୍ଟନ କରାଯାଇଛି।

# ବର୍ଷାରେ ଭାଙ୍ଗିଲା ଘର: ଭଙ୍ଗା କୁଡ଼ିଆରେ ୭ ପ୍ରାଣୀ କୁଟୁମ୍ବଙ୍କ ଜୀବନ





କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ କାଶିବାହାଲ ଗ୍ରାମ ପଞ୍ଚାୟତ ଅଧୀନ ଧନସରା ଗ୍ରାମର ବଂଶିଲାଲ ସତନାମୀ, ତାଙ୍କ ପରିବାର ଦିର୍ଘ ବର୍ଷରୁ ମାଟି ଘରେ ଅସହାୟ ଅବସ୍ଥାରେ ରହି ଆସୁଛନ୍ତି। ହେଲେ ତାହା ବି ଗତ ଦୁଇଦିନ ତଳେ ହୋଇଥିବା ଲଗାଣ ବର୍ଷାରେ ଭାଙ୍ଗି ଯାଇଛି। ଏବେ ତାଙ୍କ ୭ ପ୍ରାଣୀ କୁଟୁମ୍ବ ସେହି ଭଙ୍ଗା କୁଡ଼ିଆରେ ବିପଦପୂର୍ଣ୍ଣ ଭାବେ ରହିଛନ୍ତି।

ସୂଚନା ଅନୁସାରେ, ବଂଶିଲାଲ ଦୀର୍ଘ ବର୍ଷ ହେବ ନିଜ ମା, ସ୍ତ୍ରୀ, ପୁଅ ବୋହୂ ଏବଂ ପିଲା ଛୁଆଙ୍କୁ ନେଇ ୭ଜଣ ସଦସ୍ୟ ଭଙ୍ଗା ଦଦରା ଜରି ପାଲ ଘୋଡ଼ା ଘରେ ରହି ଆସୁଛନ୍ତି। ତଥାପି ସରକାରଙ୍କ ପକ୍ଷରୁ ଅସହାୟ ଗରିବ ପରିବାରଙ୍କ ପାଇଁ ରହିଥିବା ଆବାସ ଯୋଜନାର ଘର ଖଣ୍ଡିଏ ତାଙ୍କୁ ମିଳିପାରି ନାହିଁ। ଯାହା ଫଳରେ ବଂଶିଲାଲଙ୍କ ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣେ ଯେଉଁ ମାଟି ଘର ଟିଏ ରହିଥିଲା ତାହା ବି ଦୁଇଦିନ ତଳେ ହୋଇଥିବା ଲଗାଣ ବର୍ଷାରେ ଭାଙ୍ଗି ଯାଇଛି। ତେଣୁ ସେମାନେ ବର୍ତ୍ତମାନ ବିପଦପୂର୍ଣ୍ଣ ଅବସ୍ଥାରେ ଭଙ୍ଗା ଘରେ ରହିଛନ୍ତି। ଏହି ପରିବାର ଦୈନିକ କୂଳି ମଜୁରୀ କଲେ ପରିବାର ପ୍ରତିପୋଷଣ ହୋଇଥାଏ। ନଚେତ୍ ପେଟକୁ ଦାନ ମୁଠେ ମିଳେ ନାହିଁ। ଏଣେ ଦିବ୍ୟାଙ୍ଗ ପୁଅର ଚିକିତ୍ସା ଚିନ୍ତା। ଏଭଳି ପରିସ୍ଥିତିରେ ପକ୍କାଘର ଖଣ୍ଡିଏ କରିବା ଏହି ପରିବାର ପକ୍ଷେ ସମ୍ଭବ ହେଉନାହିଁ। ତେଣୁ ବଂଶିଲାଲା ପୂର୍ବରୁ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ଅନେକ ଚେଷ୍ଟା କରିଛନ୍ତି। ଏମିତି କି ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡିଛନ୍ତି। ପୂର୍ବରୁ ତାଙ୍କ ନାଁରେ ଆବାସ ଯୋଜନାରେ ଘର ଆସିଥିବା ନେଇ ପଞ୍ଚାୟତ କାର୍ଯ୍ୟାଳୟ ସୂଚନା ବୋର୍ଡ଼ରେ ନାମ ତାଲିକା ରହିଥିଲା। ତଥାପି ବଂଶିଲାଲଙ୍କ ପାଖରେ ଆବାସ ଯୋଜନାରେ ଗୃହ ପହଞ୍ଚି ପାରିନାହିଁ। ସେ' ଘର ପାଇବା ପାଇଁ ଯୋଗ୍ୟ ହୋଇ ମଧ୍ୟ ବର୍ଷ ବର୍ଷ ଧରି ଗୃହ ନିମନ୍ତେ ପ୍ରଶାସନ ପାଖକୁ ଦୌଡୁଛନ୍ତି। ଏଣେ ଅନେକ ଅଯୋଗ୍ୟ ହିତାଧୀକାରୀ ବିଭିନ୍ନ କୌଶଳରେ ଘର ହାତେଇ ଥିବାବେଳେ ଲାଞ୍ଚ ନଦେଲେ ଯୋଗ୍ୟକୁ ମଧ୍ୟ ଆବାସ ଘର ମିଳୁ ନଥିବା ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ବର୍ଷା ଦିନ, ଆଗକୁ ଭଙ୍ଗା ଘରେ କେମିତି ଦିନ କଟିବ, ସେ ନେଇ ପୁରା ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି। ଏଣେ ଭଙ୍ଗା ଦଦରା ଘର ଯୋଗୁଁ ମୁଣ୍ଡ ଗୁଞ୍ଜିବା ପାଇଁ ତାଙ୍କ ପୁଅ ଓ ବୋହୂ ସମୁଦି ଘରେ ଆଶ୍ରୟ ନେଇଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଏହି ଅସହାୟ ବାସହିନ ପରିବାରର ଅସୁବିଧାକୁ ହୃଦୟଙ୍ଗମ କରି ତୁରନ୍ତ ଆବାସ ଯୋଜନାରେ ସାମିଲ କରି ଘର ଖଣ୍ଡିଏ ଯୋଗାଇ ଦେବାକୁ ଗ୍ରାମବାସୀ ମଧ୍ୟ ଦାବି କରିଛନ୍ତି। ଏନେଇ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କୁ ପଚାରିବାରୁ ବିଡ଼ିଓ ଏବଂ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ଉକ୍ତ ପରିବାରକୁ ତୁରନ୍ତ ଗୃହ ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ରାଶିଫଳ


ସୋମବାର, ୩୦ ଜୁନ୍ ୨୦୨୫




**ମେଷ:** ପରିବାର ସହ ଯାତ୍ରାରେ ସଫଳତା ହାସଲ କରିପାରିବେ। ଆପଣଙ୍କ ଉଦାର ସ୍ୱଭାବ ସମସ୍ତଙ୍କୁ ପ୍ରଭାବିତ କରିବ। ନୂଆ ବ୍ୟବସାୟ ନିର୍ମାଣରେ ଅଗ୍ରଗତି କରିବେ। ଗୁରୁତ୍ୱପୂର୍ଣ୍ଣ କାମଟିକୁ କରିନପାରି ଦୁଃଖ ଅନୁଭବ କରିପାରନ୍ତି। ଆପଣ ମନ ବୁଝିଲା ଭଳି କଥା କହି ଅନ୍ୟମାନଙ୍କୁ ଆପଣେଇ ନେବେ।




**ବୃଷ:** କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପରିବାରରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ରଖନ୍ତୁ ନଚେତ୍ ହଇରାଣ ହେବେ। ଶୁଣା କଥାକୁ ବିଶ୍ୱାସ କଲେ ବହୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆଇନ ଅଦାଲତରେ ସ୍ଥଗିତ କାମ ସମ୍ପୂର୍ଣ୍ଣ ହୋଇପାରିବ।



**ମିଥୁନ:** ବନ୍ଧୁଙ୍କ ସାହାଯ୍ୟ ସହେଯାଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କର୍ମ କ୍ଷେତ୍ରରେ ଏକାଧୀକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ଛାତ୍ରଛାତ୍ରି ମାନେ ପଢାରେ ପ୍ରଂଶସିତ ହେବେ। ସରକାରୀ କ୍ଷେତ୍ରରୁ ଉପକୃତ ହୋଇପାରିବେ।




**କର୍କଟ:** କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ଲାଭବାନ ହେବେ। ଅଟକି ଥିବା ସମସ୍ୟାର ସମାଧାନ ପାଇଁ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବିଦ୍ୟାର୍ଥୀ ମାନେ ପରୀକ୍ଷାରେ ସଫଳତା ପ୍ରାପ୍ତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।




**ସିଂହ:** ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବାର ଦେଖାଯିବ। ଭୁଲ୍ ବୁଝାମଣା ହେତୁ ଟିକିଏ ଟିକିଏ କଥାରେ ପରିବାରରେ କଳହ ଲାଗିପାରେ। ବୈବାହିକ ବନ୍ଧନରେ ବାନ୍ଧି ହୋଇପାରନ୍ତି। ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ଛାତ୍ର ଛାତ୍ରୀ ମାନେ ପଢାରେ ମନଯୋଗ ରଖି ପାରିବେ ନାହିଁ।




**କନ୍ୟା:** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟୀ ମାନେ ନଗଦ କାରବାରରେ ଅଧିକ ଲାଭପ୍ରଦ ହେବେ। ଧର୍ମ କାର୍ଯ୍ୟପ୍ରତି ମନବଳାଇ ବହୁତ ଶାନ୍ତି ଲାଭ କରିବେ। ପାରିବାରିକ ଜୀବନ ସୁଖ ମୟ ହେବ।



**ତୁଳା:** ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ବିଦେଶରେ ଥିବା ସମ୍ପର୍କୀୟଙ୍କ ଠାରୁ ଆର୍ଥିକ ସହାୟତା ପାଇବେ ସାହିତ୍ୟ, ସଙ୍ଗୀତ ଓ ଆନୁଷ୍ଠାନିକ କାମରେ ସମସ୍ୟା ସମାଧାନ ହେବ। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଙ୍ଗଠନ, ନିର୍ମାଣ, ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।




**ବିଛା:** ପରିବାରର ସଦସ୍ୟଙ୍କ ସହିତ ସୌହାଦ୍ୟ ପୂର୍ଣ୍ଣ ସମ୍ପର୍କ ରହିବ। ବହୁତ ଦିନରୁ ଭଲ ସମ୍ପର୍କ ନଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ। ପିତା ମାତାଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ରାଜନୈତିକ ସ୍ଥିତି ମଜଭୁତ ରହିବା ସାଙ୍ଗକୁ ସାମାଜିକ ପ୍ରତିଷ୍ଠା ବଢ଼ିବ। ଦୂରେଇ ଯାଇଥିବା ବନ୍ଧୁମାନେ ପୁଣି ନିକଟବର୍ତ୍ତୀ ହୋଇପାରନ୍ତି।



**ଧନୁ:** ବିଦେଶରେ କାମ କରି ଆପଣଙ୍କ ବୃତ୍ତିକୁ ଆଗକୁ ବଢାଇବେ। ଦାମ୍ପତ୍ୟ ସମ୍ବନ୍ଧରେ ମିଷ୍ଟତା ଭରି ରହିବ। ଆନୁଷ୍ଠାନିକ କ୍ଷେତ୍ର କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରୁ ଅର୍ଥ ଓ ସମ୍ମାନ ଲାଭ ଯୋଗ ରହିଛି। ସନ୍ତାନଙ୍କ ପାଇଁ ମନ ଉଦ୍ବେଗ ରହିବା ଫଳରେ ମାନସିକ ଅସ୍ଥିରତା ଭିତରେ ରହିବେ। ସ୍ୱଚ୍ଛାକୃତ ଭାବରେ ଏକ ମହତ୍ତ୍ୱପୂର୍ଣ୍ଣ କାମରେ ଅର୍ଥ ବ୍ୟୟ କରିପାରନ୍ତି।



**ମକର:** ବନ୍ଧୁଙ୍କ ସହଯାଗରେ କେତେକ ସମସ୍ୟାର ସମାଧାନ ହେବ। ଧନ ଆଦାନ ପ୍ରଦାନରେ ମନମୁତାବକ ଲାଭବାନ୍ ହେବାର ସମ୍ଭାବନା ଅଛି। ସବୁକଥାକୁ ଭଲରୂପେ ବିଚାରକରି ଆଗକୁ ବଢ଼ିବା ଉଚିତ। ଯାନବାହାନ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇ ପାରେ।



**କୁମ୍ଭ:** କିଛି ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଧୀରେ ଧୀରେ ଧନ ସଂଗ୍ରହରେ ବୃଦ୍ଧି ଘଟିବ। ପ୍ରତ୍ୟେକ କ୍ଷେତ୍ରରେ ଦେଖିଚାହିଁ କାମ ନ କଲେ ପରିସ୍ଥିତି ଜଟିଳତା ଆଡ଼କୁ ଗତି କରିପାରେ। ପିଲାମାନଙ୍କ ସକାଶେ ଥିବା ସମସ୍ୟାକୁ ଦୂରେଇବାରେ ସମର୍ଥ ହେବେ। କଳା କ୍ଷେତ୍ରରେ ଥିବା ଲୋକଙ୍କୁ ଉନ୍ନତିର ନୂଆ ମାର୍ଗ ମିଳିବ



**ମୀନ:** ବ୍ୟବସାୟ ପାଇଁ ଦୂରଯାତ୍ରାର ସୁଯୋଗ ପାଇ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତି ହେବ। ପାଖ ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇପାରନ୍ତି। ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠା ବୃଦ୍ଧି ପାଇବ। ବହୁ ଲୋକଙ୍କର ପ୍ରଶଂସା ପାଇବା ଫଳରେ ଉତ୍ସାହିତ ହେବେ। ଦୂର ଯାତ୍ରାର ସୁଯୋଗ ପାଇ ସଫଳତା ମିଳିବ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯